DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୩/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, September 13/2025 | Page 14 | ₹ 7.00 | BERHAMPUR
୫୧ଶ ଭାଗ ୨୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 289 | ମୂଲ୍ୟ ₹୭/-




# ୧୫ତମ ଉପରାଷ୍ଟ୍ରପତି ଭାବେ ଶପଥ ନେଲେ ରାଧାକ୍ରିଷ୍ଣନ୍


ସି.ପି. ରାଧାକ୍ରିଷ୍ଣନ

**ନୂଆଦିଲ୍ଲୀ,୧୨।୯(ପି.ଟି.)**

ଚନ୍ଦ୍ରପୁରମ୍ ପୋନ୍ନୁସାମୀ ରାଧାକ୍ରିଷ୍ଣନ ଭାରତର ୧୫ତମ ଉପରାଷ୍ଟ୍ରପତି ଭାବେ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ପରେ ସେ ପାର୍ଲାମେଣ୍ଟ ଯାଇ ତାଙ୍କ କାର୍ଯ୍ୟାଳୟରେ ରାଜ୍ୟ ସଭା ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଏକ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଧାକ୍ରିଷ୍ଣନଙ୍କୁ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ଥିଲେ। ଶପଥ ଗ୍ରହଣ ପରେ ଉପରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତି ମୁର୍ମୁ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଗତ ଜୁଲାଇ ୨୧ରେ ହଠାତ୍ ନିଜ ପଦରୁ ଇସ୍ତଫା ଦେବା ପରେ ନିର୍ବାଚନ ଆବଶ୍ୟକ ପଡ଼ିଥିଲା। ମଙ୍ଗଳବାର ହୋଇଥିବା ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ରାଧାକ୍ରିଷ୍ଣନ ବିରୋଧୀ ଦଳର ମିଳିତ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ।

ଶପଥ ଗ୍ରହଣ ଉତ୍ସବରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପରିବହନ ମନ୍ତ୍ରୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ପ୍ରତିଶୋଧାତ୍ମକ ରାଜନୀତି

**ଆଜିର ମନ୍ତବ୍ୟ**

"ମଣିପୁରରେ ଦୀର୍ଘଦିନ ଧରି ହିଂସା ଲାଗି ରହିଥିବାବେଳେ ପ୍ରଧାନମନ୍ତ୍ରୀ ଏବେ ସେଠାକୁ ଯିବା ବଡ଼ କଥା ନୁହେଁ। ଭୋଟ ଚୋରି ହେଉଛି ବର୍ତ୍ତମାନ ଦେଶର ମୁଖ୍ୟ ପ୍ରସଙ୍ଗ।
**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



୪ ଦଫା ଦାବିରେ ହାଇସ୍କୁଲ ଶିକ୍ଷକ ଆଶାୟୀ ସଂଘ (ଏଲ୍‌ଟିଆର୍) ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ। (ଫଟୋ: ମନୋରଞ୍ଜନ ମିଶ୍ର)

# ପ୍ରଦୂଷଣମୁକ୍ତ ବାୟୁ ଦେଶବାସୀଙ୍କ ଅଧିକାର

**ଆଗକୁ ଦୀପାବଳି। ଏହା ପୂର୍ବରୁ ସୁପ୍ରିମକୋର୍ଟ ପ୍ରଦୂଷଣମୁକ୍ତ ବାୟୁ ପାଇଁ ସମଗ୍ର ଦେଶବାସୀଙ୍କର ଅଧିକାର ଅଛି ବୋଲି କହିଛନ୍ତି। କେବଳ 'ସମ୍ଭ୍ରାନ୍ତ' ଦିଲ୍ଲୀରେ ଆତସବାଜି ଉପରେ କାହିଁକି ନିଷେଧାଜ୍ଞା ରହିବ ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ଏଥିସହିତ ସମଗ୍ର ଦେଶ ପାଇଁ ଏ ନେଇ ଏକ ନୀତି ଅଣାଯିବା ଉଚିତ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ କହିଛନ୍ତି। ଏହା ପ୍ରଣୟନ ବେଳେ ବାଣ ତିଆରି ଶିଳ୍ପ ଉପରେ ନିର୍ଭର କରୁଥିବା ଗରିବ ଲୋକଙ୍କ କଥା ବିଚାରକୁ ନିଆଯିବା ଦରକାର ବୋଲି କୋର୍ଟ କହିଛନ୍ତି। ବାୟୁ ପ୍ରଦୂଷଣ ଦେଶର ସମସ୍ୟା ଭାବେ ଉଭା ହୋଇଥିବାରୁ ସର୍ବୋଚ୍ଚ ଅଦାଲତଙ୍କ ଟିପ୍ପଣୀର ବ୍ୟପକ ପ୍ରାସଙ୍ଗିକତା ରହିଥିବା ମନେହେଉଛି।**

**ନୂଆଦିଲ୍ଲୀ,୧୨।୯(ପି.ଟି.)**

ଦେଶର ବିଭିନ୍ନ ସହରରେ ଶୀତଦିନେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣ କରୁଥିବାବେଳେ ଦୀପାବଳି ପରେ ସ୍ଥିତି ଗମ୍ଭୀର ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି କିଛିବର୍ଷ ହେଲା ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାଣ ଫୁଟାଇବା ଉପରେ କଟକଣା ଜାରି କରାଯାଇଛି। ତେବେ ଏହି କଟକଣା କେବଳ ଦିଲ୍ଲୀ-ଏନ୍‌ସିଆର୍ ପାଇଁ ସୀମିତ କାହିଁକି ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ପ୍ରଶ୍ନ କରିଛନ୍ତି। ଯଦି ସ୍ୱଚ୍ଛ ବାୟୁ ଜାତୀୟ ରାଜଧାନୀର ସମ୍ଭ୍ରାନ୍ତ ବାସିନ୍ଦାମାନଙ୍କ ଅଧିକାର, ତେବେ ତାହା ସାରା ଦେଶର ନାଗରିକଙ୍କ ପାଇଁ ଲାଗୁହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ଜାତୀୟ ରାଜଧାନୀ ଅଞ୍ଚଳରେ ବାଣ ନିୟନ୍ତ୍ରଣ ସମ୍ପର୍କିତ କେତେକ ପିଟିଶନ୍‌ର ଶୁଣାଣି କରି ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଥିଲେ, ଯଦି ଏନ୍‌ସିଆର୍ ଅନ୍ତର୍ଗତ କେତେକ ସହର ସ୍ୱଚ୍ଛ ବାୟୁ ପାଇବାକୁ ହକ୍‌ଦାର ତେବେ ଅନ୍ୟ ସହରର ଜନସାଧାରଣ ପାଇବେ ନାହିଁ କାହିଁକି? ଏଥିପାଇଁ ଯଦି କୌଣସି ନୀତି କାର୍ଯ୍ୟକାରୀ ହେଉଛି, ତେବେ ତାହା ସାରା ଦେଶ ଲାଗି ହେବା ଆବଶ୍ୟକ। ଦେଶର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ରହୁଥିବା କାରଣରୁ କେବଳ ଦିଲ୍ଲୀ ପାଇଁ ଏକ ନୀତି ପ୍ରଣୟନ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ସିଜେଆଇ କହିଥିଲେ, ସେ ଗତବର୍ଷ ଶୀତଦିନେ ଅମୃତସର ଯାଇଥିଲେ। ସେଠାରେ ପ୍ରଦୂଷଣ ଦିଲ୍ଲୀଠାରୁ ଆହୁରି ଖରାପ। ଯଦି ବାଣ ନିଷେଧ ହେଉଛି, ତେବେ ସାରା ଦେଶରେ ନିଷେଧ ହେଉ ବୋଲି ସିଜେଆଇ ଟିପ୍ପଣୀ ଦେଇଛନ୍ତି।

ବରିଷ୍ଠ ଆଇନଜୀବୀ ତଥା ଆମିକସ୍ କ୍ୟୁରି ଅପରାଜିତା ସିଂ କହିଥିଲେ, ସମ୍ଭ୍ରାନ୍ତମାନେ ସେମାନଙ୍କ ଯତ୍ନ ନେଉଛନ୍ତି। ପ୍ରଦୂଷଣ ବେଳେ ସେମାନେ ଦିଲ୍ଲୀ ବାହାରକୁ ଯାଆନ୍ତି। ଏହି ପ୍ରସଙ୍ଗରେ ବାୟୁ ମାନ ପରିଚାଳନା ଆୟୋଗରୁ ସବିଶେଷ ରିପୋର୍ଟ ସଂଗ୍ରହ କରିବାକୁ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ଥିବା ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟିଙ୍କୁ କହିଥିଲେ। ପ୍ରଦୂଷଣ ହ୍ରାସ ପାଇଁ 'ସବୁଜ ବାଣ'ର ବ୍ୟବହାର୍ଯ୍ୟତା ଉପରେ ନ୍ୟାଶନାଲ ଏନ୍‌ଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଇଇଆର୍‌ଆଇ) ପରୀକ୍ଷା କରୁଥିବା ଭଟି କହିଥିଲେ। ବାଣ ପ୍ରସ୍ତୁତି ପାଇଁ ଅନୁମତିଯୋଗ୍ୟ ରାସାୟନିକ ସଂରଚନା ସମ୍ପର୍କରେ ଏନ୍‌ଇଇଆର୍‌ଆଇ ଲେଖିଲେ, ତଦନୁଯାୟୀ ବାଣ ଡିଜାଇନ୍ କରାଯିବ ବୋଲି ବାଣ ଉତ୍ପାଦନକାରୀଙ୍କ ପକ୍ଷର ଓକିଲ କହିଥିଲେ। କଟକଣା ଥିବା ସତ୍ତ୍ୱେ କର୍ତ୍ତୃପକ୍ଷ ବାଣ ଉତ୍ପାଦନକାରୀଙ୍କ ଲାଇସେନ୍ସ ରଦ୍ଦ କରୁଥିବା ନେଇ ବରିଷ୍ଠ ଆଇନଜୀବୀ କେ. ପରମେଶ୍ୱର ଉଦ୍‌ବେଗ ପ୍ରକାଶ କରିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୨ ତାରିଖକୁ ଧାର୍ଯ୍ୟ କରାଯାଇଛି।

### ସାରା ଦେଶରେ ବାଣ ନିଷେଧ ହେବା ଆବଶ୍ୟକ



# ଆଜି ମଣିପୁର ଯିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୨।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ମଣିପୁର ଗସ୍ତରେ ଯିବେ। ସେ ଚୂରାଚାନ୍ଦପୁର ଓ ଇମ୍ଫାଲରେ ଆଭ୍ୟନ୍ତରୀଣ ବିସ୍ଥାପିତଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ଇମ୍ଫାଲ ଉପତ୍ୟକା ସମେତ ରାଜ୍ୟର ବିଭିନ୍ନ ଭାଗରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ୨୦୨୩ ମେ'ରୁ ମଣିପୁର ହିଂସାର କେନ୍ଦ୍ରସ୍ଥଳ ☞ପୃଷ୍ଠା-୪




# ସୁଶୀଳା ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ



**କାଠମାଣ୍ଡୁ,୧୨।୯**

ନେପାଳର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କି ଅନ୍ତରୀଣ ସରକାରର ନେତୃତ୍ୱ ନେଇଛନ୍ତି। ଶୁକ୍ରବାର ରାତି ୯ଟାରେ ସେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଫଳରେ ଜେନ୍ ଜେଡ୍‌ଙ୍କ ଆନ୍ଦୋଳନ ଯୋଗୁ ପ୍ରଧାନମନ୍ତ୍ରୀ ପଦରୁ କେ.ପି. ଶର୍ମା ଓଲିଙ୍କ ଇସ୍ତଫା ପରେ ଲାଗି ରହିଥିବା ରାଜନୈତିକ ଅନିଶ୍ଚିତତାର ଅନ୍ତ ଘଟିଛି। ନେପାଳର ପ୍ରଥମ ମହିଳା ପ୍ରଧାନ ବିଚାରପତି ଭାବେ ନିଜ କାର୍ଯ୍ୟକାଳ ପାଇଁ ସମ୍ମାନିତ ୭୩ ବର୍ଷୀୟା କାର୍କି ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେବାରେ ଇତିହାସ ରଚିଛନ୍ତି। ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ୍, ନେପାଳ ☞ପୃଷ୍ଠା-୪

# ଚଳିତବର୍ଷରୁ 'ଐତିହାସିକ ବାଲିଯାତ୍ରା କଟକ'

**କଟକ,୧୨।୯(ଶିଳ୍ପା ପ୍ରିୟଦର୍ଶିନୀ)**

### ବଦଳିଲା ନାମ
### ନଭେମ୍ବର ୫ରୁ ୧୨ ଯାଏ ବାଲିଯାତ୍ରା

ବଦଳିଲା କଟକ ବାଲିଯାତ୍ରାର ନାମ। ବାଲିଯାତ୍ରା କଟକ ଉତ୍ସବ ଭାବେ ପରିଚିତ ଥିବା ଏହି ମହୋତ୍ସବର ନାମ ଏବେ ହେଲା 'ଐତିହାସିକ ବାଲିଯାତ୍ରା କଟକ'। ତେବେ ବହୁ ପୂର୍ବରୁ ଏହାକୁ 'ଐତିହାସିକ ବାଲିଯାତ୍ରା କଟକ' ବୋଲି କୁହାଯାଉଥିଲା।

ଚଳିତବର୍ଷ ନଭେମ୍ବର ୫ରୁ ୧୨ ପର୍ଯ୍ୟନ୍ତ ୮ଦିନ ଧରି କଟକରେ ବାଲିଯାତ୍ରା ଚାଲିବ ଏବଂ ଚଳିତବର୍ଷ ଉପରପଡିଆ ନୁହେଁ, ବରଂ ତଳପଡିଆରେ ଷ୍ଟଲ ପାଇଁ ଅନୁମତି ଦିଆଯିବ। ପୂର୍ବରୁ ୩୪ ଏକର ପରିମିତ ସ୍ଥାନରେ ବାଲିଯାତ୍ରା ଆୟୋଜନ ହେଉଥିଲା। ଚଳିତବର୍ଷ ତଳପଡିଆରେ ୬୦ ଏକର ସ୍ଥାନରେ ବାଲିଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କଠାରୁ ଅନୁମତି ଅଣାଯାଇ ସାରିଛି। ଏହାସହ ଚଳିତବର୍ଷ ରାତି ୧୧ଟା ପର୍ଯ୍ୟନ୍ତ ବାଲିଯାତ୍ରା ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି କଟକ ଜିଲାପାଳଙ୍କ ସଭାବନା ସଭାଗୃହରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଐତିହାସିକ ବାଲିଯାତ୍ରା କଟକ-୨୦୨୫ର ପ୍ରସ୍ତୁତି ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ସୂଚନା ଦେଇଛନ୍ତି। ବୈଠକରେ ଚଳିତବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣ କରାଯିବା ସହ ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଏନ୍‌ଜିଟିର ଆଦେଶ ସହ ଉଚ୍ଚ ନ୍ୟାୟାଳୟ ନିୟମାବଳୀ ଅନୁଯାୟୀ ବାଲିଯାତ୍ରାକୁ ସୂଚାରୁ ରୂପେ ପରିଚାଳନା ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇଛି। ସେହିପରି ତୃତୀୟ ବର୍ଷ ପାଇଁ ୟୁନେସ୍କୋ ଐତିହ୍ୟ ତାଲିକାରେ ସାମିଲ ହେବା ନିମନ୍ତେ ଚଳିତଥର ବାଲିଯାତ୍ରା ସମ୍ପର୍କିତ ରିପୋର୍ଟ ୟୁନେସ୍କୋକୁ ପଠାଯିବ। ଜିଲାପାଳଙ୍କ ଅଧ୍ୟକ୍ଷତାରେ ବାଲିଯାତ୍ରା କୋର କମିଟି ଗଠନ କରାଯାଇଛି। ସେହିପରି ବାଲିଯାତ୍ରା ସମ୍ପର୍କିତ ସମସ୍ତ ତଥ୍ୟ ଇଣ୍ଟିଗ୍ରେଟେଡ ୱେବ୍‌ସାଇଟ ମାଧ୍ୟମରେ ଉପଲବ୍ଧ କରାଯିବ। ଆଇନଶୃଙ୍ଖଳା, ଗମନାଗମନ ବେଳେ ଯାନବାହନ ନିୟନ୍ତ୍ରଣ, ଗାଡି ରହଣି ସ୍ଥଳ, ସ୍ୱଚ୍ଛତା ଆଦି ଦିଗରେ ଉନ୍ନତ ମାନର ବ୍ୟବସ୍ଥା କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରସ୍ତୁତି ବୈଠକରେ ଜିଲା ☞ପୃଷ୍ଠା-୪

# ଓଏଏସ୍ ଟପ୍ପର ଲାଞ୍ଚ ନେଇ ଗିରଫ

### ଡ୍ରାଇଭରଙ୍କ ସହ ଜେଲ ଗଲେ ବାମରା ତହସିଲଦାର ଅଶ୍ୱିନୀ ପଣ୍ଡା

**କୁଚିଣ୍ଡା/ଭୁବନେଶ୍ୱର,୧୨।୯ (ବିରଞ୍ଚି ଦର୍ଜୀ/ସତ୍ୟଜିତ ରାଉତ)**

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା-୨୦୧୯ରେ ଟପ୍ପର ହୋଇଥିବା ଅଶ୍ୱିନୀ କୁମାର ପଣ୍ଡା ଶୁକ୍ରବାର ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଫସିଛନ୍ତି। ସେ ଏବେ ସମ୍ବଲପୁର ଜିଲା ବାମରା ତହସିଲଦାର ଭାବେ କାର୍ଯ୍ୟରତ ଅଛନ୍ତି। ଚାଷଜମିର କିସମ ପରିବର୍ତ୍ତନ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ଅଭିଯୋଗକାରୀଙ୍କଠାରୁ ଅଶ୍ୱିନୀଙ୍କ ପାଇଁ ଲାଞ୍ଚ ନେଉଥିବାବେଳେ ତାଙ୍କ ଅଫିସ ଡ୍ରାଇଭର ପି. ପ୍ରବୀନ କୁମାରଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରିଛି। ଅଭିଯୁକ୍ତଦ୍ୱୟଙ୍କୁ ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା (ନଂ.୧୭/୨୦୨୫) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅପରପକ୍ଷରେ ଅଶ୍ୱିନୀଙ୍କ ପରିବାର ସଦସ୍ୟ ରହୁଥିବା ଭୁବନେଶ୍ୱର ମେଫେୟାର ରୋଡ଼ସ୍ଥିତ ଆବାସିକ କୋଠାରେ ଭିଜିଲାନ୍ସ ଚଢ଼ାଉ କରି ୪ ଲକ୍ଷ ୭୩ ହଜାର ଟଙ୍କା ଜବତ କରିଛି।


ଅଶ୍ୱିନୀ କୁମାର ପଣ୍ଡା

ଭିଜିଲାନ୍ସର ସୂଚନା ଅନୁଯାୟୀ, ଅଭିଯୋଗକାରୀ ବାମରାର ଭିକି ନାୟକ ତାଙ୍କର ଏକ ଚାଷଜମିକୁ ଘରବାଡି କିସମରେ ପରିବର୍ତ୍ତନ ପାଇଁ ମାସେ ତଳେ ଆବେଦନ କରିଥିଲେ। ହେଲେ ଜମିର କିସମ ପରିବର୍ତ୍ତନ କରି ରେକର୍ଡ ଅଫ୍ ରାଇଟ୍ସ (ଆର୍‌ଓଆର୍) ଦେବା ପାଇଁ ତହସିଲ୍‌ଦାର ଅଶ୍ୱିନୀ ୨୦ ହଜାର ଟଙ୍କା ଦାବି କରିଥିଲେ। ଏତେ ଟଙ୍କା ଦେବାକୁ ଭିକି ଅକ୍ଷମତା ପ୍ରକାଶ କରିବାରୁ ଅଶ୍ୱିନୀ ଲାଞ୍ଚ ଟଙ୍କାକୁ କମାଇ ୧୫ ହଜାର କରିଦେଇଥିଲେ। ଟଙ୍କା ନ ଦେଲେ କାମ ଆଗେଇବ ନାହିଁ ବୋଲି ରୋକଠୋକ୍ କହିଦେଇଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଭିକି ଭିଜିଲାନ୍ସ ନିକଟରେ ଗୁରୁବାର ଅଭିଯୋଗ କରିଥିଲେ। ଏହାପରେ ଭିଜିଲାନ୍ସ ଅଶ୍ୱିନୀଙ୍କୁ ଧରିବାକୁ ଜାଲ ବିଛାଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଶ୍ୱିନୀଙ୍କ ପରାମର୍ଶକ୍ରମେ ଭିକି ଡ୍ରାଇଭର ପି. ପ୍ରବୀନଙ୍କୁ ଲାଞ୍ଚ ଟଙ୍କା ଦେବା ବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ସେମାନଙ୍କୁ କାବୁ କରିଥିଲା। ଏହାପରେ ଭିଜିଲାନ୍ସ ଟିମ୍ ଅଶ୍ୱିନୀଙ୍କୁ ପଚରାଉଚରା ☞ପୃଷ୍ଠା-୪

ଦିଲ୍ଲୀରେ ଆଜି



ରାଷ୍ଟ୍ରପତି ଭବନରେ ସି.ପି. ରାଧାକ୍ରିଷ୍ଣନ୍ ଉପରାଷ୍ଟ୍ରପତି ଭାବେ ଶପଥ ନେବା ପରେ ତାଙ୍କ ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। (ଫଟୋ– ଚମନ ଗୌତମ)

# ଜୈର ବୋଲ୍‌ସୋନାରୋଙ୍କୁ ୨୭ ବର୍ଷ ୩ ମାସ ଜେଲ

ବ୍ରାସିଲିଆ,୧୨।୯(ରଏଟର୍ସ)



୨୦୨୨ ନିର୍ବାଚନରେ ପରାଜିତ ହେବା ପରେ ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲ୍‌ସୋନାରୋ କ୍ଷମତାରେ ରହିବା ଲାଗି ଫଳାଫଳକୁ ପଲଟାଇବା ପାଇଁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ବ୍ରାଜିଲ ସୁପ୍ରିମକୋର୍ଟ ତାଙ୍କୁ ୨୭ ବର୍ଷ ୩ ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଫଳରେ ଏହି ୭୦ ବର୍ଷୀୟ ଦକ୍ଷିଣପନ୍ଥୀ ନେତାଙ୍କ ଅଡୁଆ ବଢ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୁପ୍ରିମକୋର୍ଟ ରାୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ବିସ୍ମିତ ହୋଇଥିବା କହିଛନ୍ତି।

ବୋଲ୍‌ସୋନାରୋ ୨୦୧୯ରୁ ୨୦୨୨ ମଧ୍ୟରେ ବ୍ରାଜିଲର ରାଷ୍ଟ୍ରପତି ଥିଲେ। ୨୦୨୨ରେ ଅନୁଷ୍ଠିତ ନିର୍ବାଚନରେ ସେ ହାରିଯାଇଥିଲେ। କିନ୍ତୁ ବୋଲ୍‌ସୋନାରୋ ଏହି ପରାଜୟକୁ ଗ୍ରହଣ କରି ନ ପାରି ନିଜ ସମର୍ଥକଙ୍କ ସହ ବିଦ୍ରୋହ ଉଦ୍ୟମ କରିଥିଲେ। ଉକ୍ତ ମାମଲାରେ ବ୍ରାଜିଲ ସୁପ୍ରିମକୋର୍ଟର ୫ ବିଚାରପତି ବିଶିଷ୍ଟ ଖଣ୍ଡପୀଠର ୩ ସଦସ୍ୟ ଗୁରୁବାର ବୋଲ୍‌ସୋନାରୋଙ୍କ ବିରୋଧରେ ରାୟ ଦେଇଛନ୍ତି। ତାଙ୍କୁ ବର୍ତ୍ତମାନ ଗୃହବନ୍ଦୀ ରଖାଯାଇଛି।

ପୂର୍ବରୁ ଏହି ଦକ୍ଷିଣପନ୍ଥୀ ଲୋକପ୍ରିୟ ନେତାଙ୍କୁ ଏକ ଭିନ୍ନ ମାମଲାରେ ୨୦୩୦ ପର୍ଯ୍ୟନ୍ତ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ବାରଣ କରାଯାଇଥିଲା। ତେଣୁ ଆସନ୍ତା ବର୍ଷ ହେବାକୁ ଥିବା ନିର୍ବାଚନରେ ବର୍ତ୍ତମାନର ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭାଙ୍କୁ ଚ୍ୟାଲେଞ୍ଜ କରିବା ପାଇଁ ବୋଲ୍‌ସୋନାରୋଙ୍କୁ ତାଙ୍କ ଉତ୍ତରାଧିକାରୀ ଚୟନ କରିବାକୁ ପଡ଼ିବ। ବୋଲ୍‌ସୋନାରୋଙ୍କ ପ୍ରତି ଦେଶର ପ୍ରଭାବଶାଳୀ 'ବାଇବେଲ୍ସ, ବୁଲେଟ୍ସ ଆଣ୍ଡ୍ ବିଫ୍' ମେଣ୍ଟର ସମର୍ଥନ ରହିଛି। ୨୦୧୬ରେ ପୂର୍ବତନ ରାଷ୍ଟ୍ରପତି ଡିଲ୍‌ମା ରୋଉସେଫ୍‌ଙ୍କ ବିରୋଧରେ ମହାଭିଯୋଗ ଆଣି ଚର୍ଚ୍ଚାକୁ ଆସିଥିବା ବୋଲ୍‌ସୋନାରୋଙ୍କ ରାଜନୈତିକ ଭବିଷ୍ୟତ ସୁପ୍ରିମକୋର୍ଟ ରାୟ ଅନିଶ୍ଚିତତା ଭିତରକୁ ଠେଲିଦେଇଥିବାବେଳେ ଏହା ବିରୋଧରେ ଅପିଲ କରାଯିବ ବୋଲି ତାଙ୍କ ଓକିଲ କହିଛନ୍ତି।

## ଆମେରିକାରେ ଭାରତୀୟ ମୋଟେଲ ମ୍ୟାନେଜରଙ୍କ ମୁଣ୍ଡକାଟ୍

ହ୍ୟୁଷ୍ଟନ,୧୨।୯(ପି.ଟି.)

ଆମେରିକାର ଟେକ୍ସାସ୍‌ରେ ୫୦ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ମୋଟେଲ୍ ମ୍ୟାନେଜରଙ୍କୁ ତାଙ୍କ ସ୍ତ୍ରୀ ଓ ପୁଅଙ୍କ ସମ୍ମୁଖରେ ମୁଣ୍ଡ କାଟି ହତ୍ୟା କରାଯାଇଛି। ହତ୍ୟାରେ ସମ୍ପୃକ୍ତ ସନ୍ଦିଗ୍ଧ ସହକର୍ମୀଙ୍କୁ ଗିରଫ କରାଯାଇଛି। ଡଲାସ୍ଥିତ ଡାଉନଟାଉନ ସୁଟ୍ସ ମୋଟେଲରେ ବୁଧବାର ସକାଳେ ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ଚନ୍ଦ୍ରମୌଳି ନାଗମଲ୍ଲାୟା କର୍ନାଟକର ମୂଳ ବାସିନ୍ଦା। ସେ ଡଲାସରେ ଏକ ମୋଟେଲର ପରିଚାଳନା ଦାୟିତ୍ୱରେ ଥିବାବେଳେ ଏକ ଭଙ୍ଗା ୱାଶିଂ ମେସିନ୍‌କୁ ନେଇ ସହକର୍ମୀ ୟୋର୍ଡାନିସ୍ କୋବୋସ୍-ମାର୍ଟିନେଜ୍‌ଙ୍କ ସହ ତାଙ୍କର ବିବାଦ ହୋଇଥିଲା। ମାର୍ଟିନେଜ୍ ଏକ ଧାରୁଆ ଅସ୍ତ୍ରରେ ନାଗମଲ୍ଲାୟାଙ୍କୁ ଆକ୍ରମଣ କରୁଥିବା ସର୍ଭିଲାନ୍ସ ଫୁଟେଜ୍‌ରୁ ଦେଖିବାକୁ ମିଳିଛି।


# ୨୦୨୭ରେ ପାକ୍ ଅଧ୍ୟକ୍ଷତାରେ ଏସ୍‌ସିଓ ସମ୍ମିଳନୀ

## ପ୍ରସ୍ତୁତି ଆରମ୍ଭ କରିବାକୁ ଶେହବାଜ୍‌ଙ୍କ ନିର୍ଦ୍ଦେଶ

ଇସ୍‌ଲାମାବାଦ,୧୨।୯(ଡନ୍)

୨୦୨୭ରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ର ପରବର୍ତ୍ତୀ ସମ୍ମିଳନୀରେ ପାକିସ୍ତାନ ଅଧ୍ୟକ୍ଷତା କରିବ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଶୁକ୍ରବାର ଏନେଇ ସୂଚନା ଦେଇଛନ୍ତି। ଏଥିସହ ରାଜଧାନୀ ଇସ୍‌ଲାମାବାଦରେ ଏସ୍‌ସିଓ ସମିଟ୍ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ପାଇଁ ଅଧିକାରୀମାନଙ୍କୁ ଶେହବାଜ୍ ପରାମର୍ଶ ଦେଇଛନ୍ତି।

ରାୱଲପିଣ୍ଡିର ରାୱତ୍ ଅଞ୍ଚଳରେ ଏକ ସଡ଼କ ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଶରିଫ୍ ଏହି ଘୋଷଣା କରିଛନ୍ତି। ଶରିଫ୍ କହିଛନ୍ତି, ଆମକୁ ବର୍ତ୍ତମାନଠାରୁ ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିବ। ଅତିଥିମାନଙ୍କ ରହିବା ବ୍ୟବସ୍ଥା ସହ ଇସ୍‌ଲାମାବାଦର ସୌନ୍ଦର୍ଯ୍ୟକରଣ ଉପରେ ଜୋର୍ ଦେବାକୁ ହେବ।



ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍




ତେବେ ଏସ୍‌ସିଓ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଆୟୋଜିତ ହେଉଥିବା ଏହି ସମିଟ୍ ନିର୍ଦ୍ଦିଷ୍ଟ ଭାବେ କେଉଁ ମାସ କେତେ ତାରିଖରେ ହେବ ସେନେଇ ଶେହବାଜ୍ କିଛି ସୂଚନା ଦେଇନାହାନ୍ତି।

ଗତ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଚାଇନାର ତିଆଞ୍ଜିନ୍‌ରେ ୨୫ତମ ଏସ୍‌ସିଓ ସମିଟ୍ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ପାକିସ୍ତାନ ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) ପ୍ରସଙ୍ଗ ଉଠାଇଥିଲା। ଉଲ୍ଲେଖଯୋଗ୍ୟ, ଏପ୍ରିଲ ୨୨ରେ ପହଲଗାମ୍ ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ହତ୍ୟା କରିବା ପରେ ଭାରତ ଆଇଡବ୍ଲ୍ୟୁଟିକୁ ରଦ୍ଦ କରିଦେଇଥିଲା। ଏସ୍‌ସିଓ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏକ ଘୋଷଣାନାମାରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ଆତଙ୍କବାଦ ନିରୋଧୀ ଲଢ଼େଇରେ 'ଦୋମୁହାଁ ନୀତି'କୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଭାରତର ଆଭିମୁଖ୍ୟକୁ ସମର୍ଥନ କରିଥିଲେ।

ପାକିସ୍ତାନ ୨୦୨୪ରେ ଶେଷ ଥର ଏସ୍‌ସିଓରେ ଅଧ୍ୟକ୍ଷତା କରିଥିଲା। ଏହି କାଉନ୍‌ସିଲ ଅଫ୍ ହେଡ୍ସ ଅଫ୍ ଗଭର୍ନମେଣ୍ଟ ସମିଟ୍‌ରେ ଶରିଫ୍ ଯୋଗାଯୋଗ ପାଇଁ ସାମୂହିକ ଦକ୍ଷତା ଲାଗି ସମ୍ପୃକ୍ତ ଅଞ୍ଚଳରେ ପୁଞ୍ଜିନିବେଶ ପାଇଁ ଆହ୍ୱାନ ଦେଇଥିଲେ। ୨୦୦୧ ଜୁନ୍‌ରେ ସାଂଘାଇରେ ଗଠିତ ଏସ୍‌ସିଓରେ ପ୍ରଥମେ ୬ ପ୍ରତିଷ୍ଠାତା ସଦସ୍ୟ ରାଷ୍ଟ୍ର ରହିଥିଲେ। ପରେ ଏହାର ସଦସ୍ୟ ସଂଖ୍ୟା ୧୦କୁ ବୃଦ୍ଧି ପାଇଥିବାବେଳେ ଏସ୍‌ସିଓ ପରିବାରରେ ୨୬ ରାଷ୍ଟ୍ରକୁ ସାମିଲ କରାଯାଇଛି। ଏସିଆ, ୟୁରୋପ ଓ ଆଫ୍ରିକାର ୨ ଅବ୍‌ଜର୍ଭର ଓ ୧୪ ଡାଇଲଗ୍ ପାର୍ଟନେର ମଧ୍ୟ ଏସ୍‌ସିଓରେ ସ୍ଥାନ ପାଇଛନ୍ତି। ଚାଇନା, ରୁଷିଆ ଓ ଭାରତ ଭଳି ଉଦୀୟମାନ ବଜାର ଓ ବିକାଶଶୀଳ ରାଷ୍ଟ୍ର ସଦସ୍ୟ ରହିଥିବା ଏସ୍‌ସିଓ ବିଶ୍ୱର ପ୍ରାୟ ଅଧା ଜନସଂଖ୍ୟାର ପ୍ରତିନିଧିତ୍ୱ କରିଥାଏ। ବିଶ୍ୱର ଏକଚତୁର୍ଥାଂଶ ଅର୍ଥନୀତି ଏହା ଅଧୀନରେ ଆସୁଛି।

## ୧୫ରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ

ନୂଆଦିଲ୍ଲୀ,୧୨।୯(ପି.ଟି.)

ଉତ୍ତରପଶ୍ଚିମ ଭାରତରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆସନ୍ତା ୧୫ ତାରିଖରୁ ଆରମ୍ଭ ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ଶୁକ୍ରବାର କହିଛି। ସେପ୍ଟେମ୍ବର ୧୭ ବେଳକୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇ ଅକ୍ଟୋବର ୧୫ ସୁଦ୍ଧା ସମ୍ପୂର୍ଣ୍ଣ ଅପସରି ଯାଇଥାଏ। ଚଳିତ ବର୍ଷ ସେପ୍ଟେମ୍ବର ୧୫ ବେଳକୁ ପଶ୍ଚିମ ରାଜସ୍ଥାନର କେତେକ ଅଞ୍ଚଳରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ହେବା ନେଇ ସ୍ଥିତି ଅନୁକୂଳ ରହିଥିବା ପାଣିପାଗ ବିଭାଗ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ମେ' ୨୪ରେ ମୌସୁମୀ କେରଳ ଛୁଇଁବା ସହ ଜୁନ୍ ୨୯ ବେଳକୁ ସାରା ଦେଶରେ ପହଞ୍ଚିଥିଲା। ବର୍ତ୍ତମାନ ସୁଦ୍ଧା ଦେଶରେ ୮୩୬.୨ ମିଲିମିଟର ମୌସୁମୀ ବର୍ଷା ହୋଇଛି, ଯାହାକି ସ୍ୱାଭାବିକଠାରୁ ୭ ପ୍ରତିଶତ ଅଧିକ।

## ଦିଲ୍ଲୀ, ବମ୍ବେ ହାଇକୋର୍ଟକୁ ବୋମା ଧମକ

ନୂଆଦିଲ୍ଲୀ/ମୁମ୍ବାଇ,୧୨।୯

ଦିଲ୍ଲୀ ଏବଂ ବମ୍ବେ ହାଇକୋର୍ଟରେ ବୋମା ବିସ୍ଫୋରଣ ହେବା ନେଇ ଶୁକ୍ରବାର ସକାଳେ ଇମେଲ୍ ଯୋଗେ ଧମକପୂର୍ଣ୍ଣ ବାର୍ତ୍ତା ମିଳିବା ପରେ ଆତଙ୍କ ଖେଳିଯାଇଥିଲା। ଉଭୟ ହାଇକୋର୍ଟର ପ୍ରଶାସନକୁ ଧମକପୂର୍ଣ୍ଣ ବାର୍ତ୍ତା ମିଳିଥିଲା। ଫଳରେ ବିଚାରପତିମାନେ କୋର୍ଟରୁମ୍‌ରୁ ବାହାରିଯାଇଥିବାବେଳେ ଆଇନଜୀବୀ ଓ ମହକିଲମାନଙ୍କୁ କୋର୍ଟ ପରିସରରୁ ବାହାରିଯିବାକୁ କୁହାଯାଇଥିଲା ଓ ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା। ପୋଲିସ ଓ ଅନ୍ୟ ସୁରକ୍ଷା କର୍ମଚାରୀମାନେ ତଲାସି କରିବା ପରେ କିଛି ନ ମିଳିବାରୁ ତାହା ମିଛ ଧମକ ବୋଲି ସ୍ପଷ୍ଟ ହୋଇଥିଲା।

## ଉଡ଼ାଣ ବେଳେ ଖସିପଡ଼ିଲା ବିମାନ ଚକ

ମୁମ୍ବାଇ,୧୨।୯




ମୁମ୍ବାଇ ଯିବାକୁ ଥିବା ସ୍ପାଇସ୍‌ଜେଟ୍ ବିମାନ ଗୁଜରାଟର କାଣ୍ଡଲା ବିମାନବନ୍ଦରରୁ ଶୁକ୍ରବାର ଅପରାହ୍ଣରେ ଉଡ଼ାଣ ଆରମ୍ଭ କରିବା ପରେ ଏହାର ଏକ ବାହ୍ୟ ଚକ ଖସିପଡ଼ିଥିଲା। ବିମାନରେ ୭୫ ଜଣ ଯାତ୍ରୀ ଥିଲେ। ପାଇଲଟ୍ ପୂର୍ଣ୍ଣ ଜରୁରୀ ସ୍ଥିତି ଘୋଷଣା କରିବା ସହ ମୁମ୍ବାଇରେ ନିରାପଦର ସହ ବିମାନ ଅବତରଣ କରାଇବାରେ ସଫଳ ହୋଇଛନ୍ତି। କାଣ୍ଡଲାର ୨୩ ନଂ ରନ୍‌ୱେରୁ ବୋମ୍ବାର୍ଡିଅର୍ ଡିଏଚ୍‌ସି–୪୦୦ ବିମାନଟି ଅପରାହ୍ଣ ୨.୩୯ରେ ଉଡ଼ାଣ ଭରିବା ପରେ ସେଥିରୁ ଏକ କଳାରଙ୍ଗର ବସ୍ତୁ ଖସିପଡ଼ିବା ଟାୱାର କଣ୍ଟ୍ରୋଲର ଦେଖିବାକୁ ପାଇଥିଲେ। ତାହା ଏକ ଟାୟାର ବୋଲି ସ୍ପଷ୍ଟ ହୋଇଥିଲା। ବୋମ୍ବାର୍ଡିଅର୍ ଡିଏଚ୍‌ସି–୪୦୦ ବିମାନର ଟ୍ରାଇସାଇକେଲ୍ ଲ୍ୟାଣ୍ଡିଂ ଗିଅର ସିଷ୍ଟମ ରହିଛି। ନୋଜ୍ ଗିଅରରେ ୨ଟି ଓ ପ୍ରତି ମେନ୍ ଲ୍ୟାଣ୍ଡିଂ ଗିଅରରେ ୨ଟି ଲେଖାଏ ଚକ ରହିଛି।

# ନେପାଳ ହିଂସା ମୃତ୍ୟୁସଂଖ୍ୟା ୫୧

କାଠମାଣ୍ଡୁ,୧୨।୯

- ମୃତକଙ୍କ ମଧ୍ୟରେ ଜଣେ ଭାରତୀୟ
- କାଠମାଣ୍ଡୁରେ ଭାରତୀୟ ତୀର୍ଥଯାତ୍ରୀ ବସ୍ ଉପରେ ଆକ୍ରମଣ

ନେପାଳରେ ଦୁର୍ନୀତି ଓ ସୋସିଆଲ ମିଡିଆ ବନ୍ଦ ବିରୋଧରେ ଚାଲିଥିବା ସରକାର ବିରୋଧୀ ବିକ୍ଷୋଭଜନିତ ମୃତ୍ୟୁସଂଖ୍ୟା ୫୧ରେ ପହଞ୍ଚିଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ଭାରତୀୟ ମହିଳା ରହିଛନ୍ତି। କାଠମାଣ୍ଡୁସ୍ଥିତ ଏକ ହୋଟେଲରେ ବିକ୍ଷୋଭକାରୀ ନିଆଁ ଲଗାଇଦେବା ପରେ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ଉତ୍ତରପ୍ରଦେଶ ଗାଜିଆବାଦର ଜଣେ ୫୭ ବର୍ଷୀୟା ମହିଳା ପୋଡ଼ିଯାଇ ପ୍ରାଣ ହରାଇଛନ୍ତି। ରାଜେଶ ଗୋଲା ନାମ୍ନୀ ଉକ୍ତ ମହିଳା ତାଙ୍କ ସ୍ୱାମୀ ରାମବୀର ସିଂ ଗୋଲାଙ୍କ ସହ ଗତ ୭ ତାରିଖରେ ନେପାଳ ଯାଇଥିଲେ। ସେମାନେ କାଠମାଣ୍ଡୁର ହୟାତ୍ ରେଜେନ୍ସି ହୋଟେଲରେ ରହୁଥିବାବେଳେ ୯ ତାରିଖରେ ବିକ୍ଷୋଭକାରୀ ସେଥିରେ ନିଆଁ ଲଗାଇ ଦେଇଥିଲେ। ତ୍ରିଭୁବନ ୟୁନିଭର୍ସିଟି ଟିଚିଂ ହସ୍ପିଟାଲରେ ଅନ୍ୟୁନ ୩୬ ମୃତଦେହ ପହଞ୍ଚିଥିବାବେଳେ ଶୁକ୍ରବାର ସେଗୁଡ଼ିକର ବ୍ୟବଚ୍ଛେଦ ଆରମ୍ଭ ହୋଇଛି। ଗୁରୁବାର ଓ ଶୁକ୍ରବାର ଦେଶର ବିଭିନ୍ନ ଭାଗରୁ ୧୭ ମୃତଦେହ ମିଳିଛି।


ସୋସିଆଲ ମିଡିଆ ବ୍ୟାନ୍ ବିରୋଧରେ ଗତ ସୋମବାର ଜେନ୍ ଜେଡ୍ ବିକ୍ଷୋଭ ଆରମ୍ଭ କରିଥିବାବେଳେ ପ୍ରଥମ ଦିନ ପୋଲିସ ଗୁଳିରେ ୧୯ ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଛାତ୍ର ଥିଲେ। ସୋସିଆଲ ମିଡିଆ ଉପରୁ ନିଷେଧାଦେଶ ଉଠାଯିବା ସତ୍ତ୍ୱେ ଆନ୍ଦୋଳନ ନିୟନ୍ତ୍ରଣ ବାହାରକୁ ଯିବାରୁ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଥିଲେ। ଆନ୍ଦୋଳନ ବେଳେ ୧,୭୦୦ ଲୋକ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୧,୦୦୦ ଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି।

ନେପାଳରେ ଉତ୍ତେଜନା ଲାଗିରହିଥିବାବେଳେ ଗୁରୁବାର ସକାଳେ କାଠମାଣ୍ଡୁ ନିକଟରେ ଭାରତୀୟ ତୀର୍ଥଯାତ୍ରୀମାନଙ୍କ ଏକ ବସ୍ ଉପରେ ଆକ୍ରମଣ ହୋଇଛି। ଉତ୍ତରପ୍ରଦେଶର ଉକ୍ତ ବସ୍‌ରେ ଆନ୍ଧ୍ରପ୍ରଦେଶର ତୀର୍ଥଯାତ୍ରୀ ଥିବାବେଳେ ଦୁର୍ବୃତ୍ତମାନେ ସେମାନଙ୍କ ଜିନିଷପତ୍ର ଲୁଟି ନେଇଛନ୍ତି।

# ପୁଟିନ୍ ଅମାନିଆ, ଟ୍ରମ୍ପ୍‌ଙ୍କ ଧୈର୍ଯ୍ୟଚ୍ୟୁତି

ମସ୍କୋ/ୱାଶିଂଟନ୍,୧୨।୯

ସାଢ଼େ ୩ ବର୍ଷ ଧରି ଚାଲିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଉଦ୍ୟମରୁ କୌଣସି ସୁଫଳ ନ ମିଳିବାରୁ ଶାନ୍ତି ଆଲୋଚନା ବନ୍ଦ କରିବାକୁ ଶୁକ୍ରବାର କ୍ରେମ୍‌ଲିନ ନିଷ୍ପତ୍ତି ନେଇଛି। ଅଚଳାବସ୍ଥା ଦୂରକରିବା ପାଇଁ ସାମ୍ନାସାମ୍ନି ଆଲୋଚନା ଜରୁରୀ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହୁଥିବାବେଳେ ରୁଷୀୟ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍ ତାଙ୍କ ସହ କୌଣସି ବୈଠକ କରିବାକୁ ମନା କରିଦେଇଛନ୍ତି। ଫଳରେ ପୁଟିନ୍‌ଙ୍କୁ ଆଲାସ୍କାକୁ ଡକାଇ ସମାଧାନ ପାଇଁ କୂଟନୈତିକ ପ୍ରୟାସ କରିଥିବା ଟ୍ରମ୍ପ୍‌ଙ୍କର ଏବେ ଧୈର୍ଯ୍ୟଚ୍ୟୁତି ଘଟିଛି। ପୁଟିନ୍‌ଙ୍କ ସହ ତାଙ୍କର ଦୀର୍ଘଦିନର ସୁସମ୍ପର୍କ ରହିଛି, କିନ୍ତୁ ରୁଷୀୟ ରାଷ୍ଟ୍ରପତିଙ୍କୁ ନେଇ ଯୁଦ୍ଧ ବନ୍ଦ କରିବା ଉପରେ ନିଜେ ଧୈର୍ଯ୍ୟହରା ହୋଇପଡ଼ିଥିବା ଟ୍ରମ୍ପ୍ ଏକ ସାକ୍ଷାତ୍କାରରେ କହିଛନ୍ତି। ତେବେ ୟୁକ୍ରେନ୍‌ରେ ୧,୨୯୬ ଦିନ ହେଲା ଲାଗି ରହିଥିବା ଯୁଦ୍ଧକୁ ନେଇ ଟ୍ରମ୍ପ୍ ରୁଷିଆ ଉପରେ କୌଣସି ନୂଆ କଟକଣା ଜାରି କରିନାହାନ୍ତି।



ଭ୍ଲାଡିମିର ପୁଟିନ୍



ଡୋନାଲ୍ଡ ଟ୍ରମ୍ପ୍

୨୦୨୨ ଫେବୃଆରୀରେ ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ରୁଷୀୟ ସେନା ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା। ଏଥିରେ ଉଭୟ ପକ୍ଷର ବହୁସଂଖ୍ୟକ ସୈନ୍ୟ ନିହତ ହୋଇଥିବାବେଳେ ୟୁକ୍ରେନ୍‌ର ନିରୀହ ଜନତା ପ୍ରାଣ ହରାଇଛନ୍ତି। ଯୁଦ୍ଧର ପ୍ରଭାବ କେବଳ ୟୁକ୍ରେନ୍ ଓ ରୁଷିଆରେ ସୀମିତ ନ ରହି ବିଶ୍ୱର ଅନେକ ଭାଗରେ ଏହା ଅନୁଭୂତ ହୋଇଛି। ବୈଶ୍ୱିକ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଥିବାରୁ ବହୁ ରାଷ୍ଟ୍ରର ଅର୍ଥନୀତି ମଧ୍ୟ ପ୍ରଭାବିତ ହୋଇଛି। ରିପବ୍ଲିକାନ୍ ଟ୍ରମ୍ପ୍ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେଲେ ୟୁକ୍ରେନ୍ ଯୁଦ୍ଧ ବନ୍ଦ କରାଇବେ ବୋଲି ପୂର୍ବରୁ ପ୍ରଚାରବେଳେ ଘୋଷଣା କରିଥିଲେ। ଏଥିସହ ୟୁକ୍ରେନ୍‌ରୁ ଆମେରିକାର ସାମରିକ ସହାୟତା ମଧ୍ୟ ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୨୦୨୫ ଜାନୁଆରୀ ୨୦ରେ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରେ ଟ୍ରମ୍ପ୍ ଏହି ଦିଗରେ କିଛି ପଦକ୍ଷେପ ମଧ୍ୟ ନେଇଛନ୍ତି। ଏହା ସତ୍ତ୍ୱେ ଯୁଦ୍ଧ ବନ୍ଦ ହୋଇପାରି ନାହିଁ। ଏନେଇ ଟ୍ରମ୍ପ୍ କହିଛନ୍ତି, ଜେଲେନ୍‌ସ୍କି ଆଲୋଚନା ପାଇ ପ୍ରସ୍ତୁତ। କିନ୍ତୁ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ ବନ୍ଦ କରୁନାହିଁ। ଶାନ୍ତି ଚୁକ୍ତି ଆଲୋଚନା ଚାଲିଥିବାବେଳେ ରୁଷିଆର ଘନ ଘନ ମିଶାଇଲ ମାଡ଼କୁ ନେଇ ଟ୍ରମ୍ପ୍ ନୈରାଶ୍ୟ ପ୍ରକାଶ କରିଛନ୍ତି।

# ଶୋ' ଛାଡ଼ିବେନି କିକୁ

ମୁମ୍ବାଇ



କିକୁ ଶାରଦା

କିକୁ ଶାରଦା କପିଲ ଶର୍ମାଙ୍କ ଲୋକପ୍ରିୟ ଶୋ 'ଦ ଗ୍ରେଟ ଇଣ୍ଡିଆନ କପିଲ ଶୋ' ଛାଡ଼ିବା ଚର୍ଚ୍ଚା ବଢ଼ିବାରେ ଲାଗିଛି। ଶୋ'ର ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ସେ ସର୍ବଦା ରହିଆସିଥିବାରୁ ଦର୍ଶକମାନଙ୍କୁ ଖବର ଆଘାତ ଦେଇଛି। ଏସବୁ ମଧ୍ୟରେ ଶୋ'ରେ ନଜର ଆସୁଥିବା ଅର୍ଚ୍ଚନା ପୁରନ ସିଂ ସତ ସାମ୍ନାକୁ ଆଣିଛନ୍ତି। କପିଲଙ୍କ ଟିମ୍‌ରେ ଥିବା କିକୁ ଓ କୃଷ୍ଣା ଅଭିଷେକ ଏହି ଶୋ'ର ଅନ୍ୟତମ ଆକର୍ଷଣ। କିନ୍ତୁ ନିକଟରେ ଉଭୟଙ୍କ ମଧ୍ୟରେ ସେଟ୍‌ରେ ଝଗଡା ହୋଇଥିଲା। ତେଣୁ କିକୁ ଶୋ' ଛାଡ଼ିବେ ବୋଲି କୁହାଯାଇଥିଲା। ଏବେ ଅର୍ଚ୍ଚନା ଏହି ଖବରକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, କିକୁ 'ଦ ଗ୍ରେଟ ଇଣ୍ଡିଆନ କପିଲ ଶୋ'ର ଅବିଚ୍ଛେଦ୍ୟ ଅଂଶ। ଦର୍ଶକ ତାଙ୍କୁ ଆଗାମୀ ଏପିସୋଡଗୁଡିକରେ ଦେଖିବେ। କିକୁ ନିଜର ଅନ୍ୟ ପ୍ରୋଜେକ୍ଟ ଆରମ୍ଭ କରିବା ପୂର୍ବରୁ ଶୋ'ର ସୁଟିଂ ସମାପ୍ତ କରିସାରିଛନ୍ତି। ଏହାଛଡ଼ା କୃଷ୍ଣାଙ୍କ ସହ ତାଙ୍କ ଝଗଡା ଶୋ'ର ଏକ ମଜାଦାର ଅଂଶ ବୋଲି କୁହାଯାଇଛି। କିକୁ ନିଜର ନୂଆ ପ୍ରୋଜେକ୍ଟ 'ରାଇଜ ଆଣ୍ଡ ଫଲ' ସହ 'ଦ ଗ୍ରେଟ ଇଣ୍ଡିଆନ କପିଲ ଶୋ'ରେ ମଧ୍ୟ ନିୟମିତ ଭାବେ ଦେଖାଦେବେ। ଏହା ଦର୍ଶକଙ୍କ ପାଇଁ ଏକ ଆଶ୍ୱାସନା ଖବର, ଯେଉଁମାନେ କିକୁଙ୍କ ହାସ୍ୟରସକୁ ଖୁବ ପସନ୍ଦ କରନ୍ତି।



ନୂଆଦିଲ୍ଲୀଠାରେ ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଲୋଚନା କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ।

# ଆଇଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୨।୯(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀସ୍ତରରେ ଛୋଟ ଅଦଳବଦଳ କରାଯାଇଛି। ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଓମ୍‌ଫେଡ ପରିଚାଳନା ନିର୍ଦ୍ଦେଶକ ତଥା ପ୍ରାଣୀ ସମ୍ପଦ ଓ ଚିକିତ୍ସା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ବିଜୟ ଅମୃତ କୁଲାଙ୍ଗେଙ୍କୁ ସେହି ବିଭାଗରେ ଅଦଳବଦଳ କରାଯାଇଛି। ସରକାରଙ୍କ ନୂତନ ନିଯୁକ୍ତି ଅନୁଯାୟୀ, ଅମୃତ କୁଲାଙ୍ଗେ ଏବେ ପ୍ରାଣୀ ସମ୍ପଦ ଓ ଚିକିତ୍ସା ନିର୍ଦ୍ଦେଶକ ଭାବେ କାର୍ଯ୍ୟ ନିର୍ବାହ କରିବେ, ମାତ୍ର ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ସେହିପରି ଆୟୁଷ ନିର୍ଦ୍ଦେଶକ ପ୍ରେମଜିତ୍ ନାୟକଙ୍କୁ ଅନୁସୂଚିତ ଜାତି, ଜନଜାତି ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଥିବା ବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ଅଞ୍ଜନା ପଣ୍ଡାଙ୍କୁ ଆୟୁଷ ନିର୍ଦ୍ଦେଶକ ଏବଂ ଅବକାରୀ ଆୟୁକ୍ତ ପି. ଅନ୍ୱେଷା ରେଡ୍ଡୀଙ୍କୁ ମୂଳ ପଦ ସହିତ ପଞ୍ଜୀକରଣ ମହାନିରୀକ୍ଷକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଦିଲ୍ଲୀ ଗସ୍ତ ସାରି ଫେରିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୯(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାରଠାରୁ ୨ ଦିନିଆ ନୂଆଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମରେ ଯାଇଥିଲେ। ଶୁକ୍ରବାର ରାଷ୍ଟ୍ରପତି ଭବନଠାରେ ଆୟୋଜିତ ୧୫ତମ ଉପରାଷ୍ଟ୍ରପତି ଭାବେ ସି.ପି. ରାଧାକ୍ରିଷ୍ଣନ୍‌ଙ୍କ ଶପଥ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ନୂଆ ଉପରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ସେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପରିଯୋଜନା ଓ ଭବିଷ୍ୟତ ରୂପରେଖ ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ତାଙ୍କ ନୂଆଦିଲ୍ଲୀ ଗସ୍ତ ଅବସରରେ ସରକାରୀ କାର୍ଯ୍ୟ ମଧ୍ୟ କରିଥିବା ଜଣାପଡ଼ିଛି। ଏହାପରେ ବିଳମ୍ବିତ ସନ୍ଧ୍ୟାରେ ସେ ଓଡ଼ିଶା ଫେରିଥିବା ଜଣାପଡ଼ିଛି।

# ବଜ୍ରପାତରେ ୪ ଜଣଙ୍କ ମୃତ୍ୟୁ

ରାୟଗଡ଼ା/ ମାଲକାନଗିରି,୧୨।୯(ଆଶିଷ ରଞ୍ଜନ ପଣ୍ଡା/ଗୌରୀଶଙ୍କର ପଣ୍ଡା)

ରାୟଗଡ଼ା ଏବଂ ମାଲକାନଗିରି ଜିଲାରେ ଶୁକ୍ରବାର ଅପରାହ୍ନରେ ବଜ୍ରପାତ ଘଟି ୪ଜଣଙ୍କ ମୃତ୍ୟୁ ଘଟିଛି। ରାୟଗଡ଼ା ସଦର ବ୍ଲକ୍ ପିତାମହଲ ପଞ୍ଚାୟତର ବିଷ୍ଣୁଗୁଡ଼ା ଗ୍ରାମରେ ଏକ କପାବାଡ଼ରେ ଶ୍ରମିକମାନେ କାମ କରୁଥିବାବେଳେ ବଜ୍ରପାତ ଘଟିବାରୁ ୩ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେହିପରି ମାଲକାନଗିରି ସଦର ବ୍ଲକ୍ ଚାଲାଣଗୁଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ତାଳପଦର ଗ୍ରାମରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବିଷ୍ଣୁଗୁଡ଼ା ଗ୍ରାମର ସମ୍ବାରୀ ପିଡ଼ିକା(୪୫)ଙ୍କ କୁଡେଶୁ ଗାଁ ପାହାଡ଼ ତଳେ ଥିବା କପାବାଡ଼ରେ ଶୁକ୍ରବାର ୫ ଜଣ ଶ୍ରମିକ କାମ କରୁଥିଲେ। ଅପରାହ୍ନରେ ଅଚାନକ ବଜ୍ରପାତ ଯୋଗୁ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ସମ୍ବାରୀ ପିଡିକା, ଲେଖପୁଟ ଗାଁର ଏମେଲ ମିଣିଆକା, ଝୁମୁକା ଗାଁର ଗିରିଆ ମିଣିଆକା। ଏଥିରେ ସମ୍ବାରୀଙ୍କ ବଡ଼ ଭଉଣୀ ପାଣ୍ଡେ ପିଡ଼ିକା ଓ ହରିପୁର ଗାଁର ତୁଳସୀ ପିଡିକା ଗୁରୁତର ହୋଇଛନ୍ତି। ୨ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ଶେଷଖାଲ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଶେଷଖାଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ କରୁଛି।

ସେହିପରି ମାଲକାନଗିରି ସଦର ବ୍ଲକ୍ ତାଳପଦର ଗ୍ରାମର ଉଙ୍ଗା କାର୍ତ୍ତମି (୪୫) ତାଙ୍କ ସ୍ତ୍ରୀ ଗାଙ୍ଗୀ ଓ ପୁଅ ଦେବା ସହ ଜମିକୁ ଯାଇଥିଲେ। ଏହି ସମୟରେ ବର୍ଷା ସହ ବଜ୍ରପାତ ହେବାରୁ ଉଙ୍ଗା ପରିବାର ସହ ଜମି ନିକଟରେ ଥିବା ଏକ କୁଡ଼ିଆକୁ ଚାଲିଯାଇଥିଲେ। ଏହି ସମୟରେ ଖୁବ୍ ଜୋରରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଉଙ୍ଗା ମୃତ୍ୟୁବରଣ କରିଛନ୍ତି। ପରିବାର ଲୋକେ ସାମାନ୍ୟ ଆହତ ହୋଇଛନ୍ତି। ଏ ନେଇ ମାଲକାନଗିରି ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୧୨।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର କେନ୍ଦୁଝର ଜିଲା ଗସ୍ତରେ ଆସୁଛନ୍ତି। ଗସ୍ତ ଅବସରରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ନେଇ ସୂଚନା ମିଳିଛି। ଶନିବାର ସକାଳ ୯ଟା ୫୫ରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଭୁବନେଶ୍ୱରରୁ ଆସି କେନ୍ଦୁଝର ଷ୍ଟାଡିୟମରେ ଅବତରଣ କରିବେ। ସର୍କିଟ ହାଉସରେ ବିଶ୍ରାମ ନେଇ ୧୦ଟା ୪୫ରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିରୋ ଆକ୍ସିଡେଣ୍ଟ ଡେ (ଜେଡ୍ଏଡି) କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ସେଠାରୁ ସର୍କିଟ ହାଉସ ଯାଇ ଅପରାହ୍ନ ୫ଟାରେ ହ୍ୟାଣ୍ଡବଲ ଷ୍ଟାଡିୟମକୁ ଯାଇ ରାଜ୍ୟ ପୋଲିସ ହ୍ୟାଣ୍ଡବଲ ଚାମ୍ପିୟନଶିପ୍‌ରେ ମୁଖ୍ୟ ଅତିଥିଭାବରେ ଯୋଗଦେବେ ଏବଂ ସର୍କିଟ ହାଉସରେ ରାତ୍ରିଯାପନ କରିବା କାର୍ଯ୍ୟକ୍ରମ ରହିଛି।




# ପ୍ରଫୁଲ୍ଲ ମଲ୍ଲିକ ବିଜେଡିରୁ ନିଲମ୍ବିତ

ଢେଙ୍କାନାଳ/ଭୁବନେଶ୍ୱର,୧୨।୯ (ରତନ ନାୟାର/ସୁନିତ୍ ମିଶ୍ର)

- ନିଲମ୍ବନ ପୂର୍ବରୁ ଇସ୍ତଫା ଦେଇଥିଲି: ପ୍ରଫୁଲ୍ଲ
- ଦଳର ନିଷ୍ପତ୍ତି ସ୍ୱାଗତଯୋଗ୍ୟ: ଧର୍ମାନନ୍ଦ

ବିଜେଡିରୁ ନିଲମ୍ବିତ ହୋଇଛନ୍ତି ପୂର୍ବତନ ମନ୍ତ୍ରୀ ତଥା କାମାକ୍ଷାନଗରର ପ୍ରାକ୍ତନ ବିଧାୟକ ପ୍ରଫୁଲ୍ଲ ମଲ୍ଲିକ। ଦଳବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ଗୁରୁବାର ନିଲମ୍ବନ କରାଯାଇଛି। ବିଜେଡି ସଭାପତିଙ୍କ ନିର୍ଦ୍ଦେଶରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଦଳର ଉପସଭାପତି ପ୍ରତାପ ଜେନା ଏକ ଚିଠି ଜରିଆରେ ସୂଚନା ଦେଇଛନ୍ତି। ଅପରପକ୍ଷରେ ଶୁକ୍ରବାର ମଲ୍ଲିକ ନିଜର ଇସ୍ତଫାପତ୍ର ଦଳର ସଭାପତିଙ୍କ ନିକଟକୁ ପଠାଇଦେଇଛନ୍ତି। ତେବେ ପ୍ରଫୁଲ୍ଲ କହିଛନ୍ତି, ନିଲମ୍ବନ ପୂର୍ବରୁ ସେ ପ୍ରଥମେ ଦଳର ବରିଷ୍ଠ ନେତା ଦେବୀ ମିଶ୍ର, ପ୍ରତାପ ଜେନା ଓ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଜଣାଇଥିଲେ। ଏହାପରେ ଇସ୍ତଫାପତ୍ର ପଠାଇଥିଲେ। ନବୀନ ପଟ୍ଟନାୟକଙ୍କୁ ମଧ୍ୟ ହ୍ୱାଟ୍ସ ଆପ୍‌ରେ ଇସ୍ତଫାପତ୍ର ଦେଇଥିଲେ। ପରେ ସେମାନେ ମୋତେ ନିଲମ୍ବନ କରିଥିବା ଗଣମାଧ୍ୟମକୁ ଜଣାଇଥିଲେ। କିନ୍ତୁ ମୋତେ ଜଣାଇ ନ ଥିଲେ। ମୁଁ କେବେ ଦଳ ବିରୋଧରେ କହିନାହିଁ। ଦଳରେ ଆଦର୍ଶ ରହୁନାହିଁ ବୋଲି ମତ ଦେଇଥିଲି। ସେମାନଙ୍କର ସିଧାସଳଖ



ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲିକ।

ମୋତେ ଜଣାଇବା ପାଇଁ ସତ୍‌ସାହସ ନାହିଁ ବୋଲି ଜଣାପଡିଲା। ବର୍ତ୍ତମାନ ଅନ୍ୟ କୌଣସି ଦଳ ସହିତ ମୋର ଯୋଗାଯୋଗ ନାହିଁ। ଶ୍ରମିକମାନଙ୍କ ପାଇଁ କାମ କରିବି। ରାଜ୍ୟ ସମେତ ଢେଙ୍କାନାଳ ଓ କାମାକ୍ଷାନଗର ଲୋକଙ୍କର ସେବା ପାଇଁ ସାମାଜିକ କାର୍ଯ୍ୟକ୍ରମରେ ନିୟୋଜିତ ହେବି। ଅନ୍ୟପକ୍ଷରେ ଏକଦା ତାଙ୍କର ଅତ୍ୟନ୍ତ ଅନୁଗତ ଥିବା କାମାକ୍ଷାନଗର ଏନ୍ଏସି ଅଧ୍ୟକ୍ଷ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଧର୍ମାନନ୍ଦ ପରିଡା କହିଛନ୍ତି, ଦଳର ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

ଗତ ସାଧାରଣ ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ପରେ ଉକ୍ତ ଅଞ୍ଚଳରେ ସାଂଗଠନିକ କାର୍ଯ୍ୟକ୍ରମଗୁଡିକ ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ାଙ୍କ ନେତୃତ୍ୱରେ ହେଉଥିଲା। ଏପରିକି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦବୀରୁ ପ୍ରଫୁଲ୍ଲଙ୍କୁ ହଟାଇ ଧର୍ମାନନ୍ଦଙ୍କୁ ସାମିଲ କରାଯାଇଥିଲା ବୋଲି ବିଜେଡି କର୍ମୀମାନେ କହିଛନ୍ତି। ଏହି ଘଟଣାକୁ ନେଇ ଢେଙ୍କାନାଳ ଓ କାମାକ୍ଷାନଗର ବିଜେଡିରେ ରାଜନୈତିକ ବାତାବରଣ ଚଳଚଞ୍ଚଳ ହୋଇଛି। ଆଗାମୀ ଦିନରେ କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ମଙ୍ଗ କିଏ ଧରିବ, ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ପ୍ରଫୁଲ୍ଲ କାମାକ୍ଷାନଗର ନିର୍ବାଚନମଣ୍ଡଳୀରୁ ୪ଥର ବିଧାୟକ ହୋଇଥିବା ବେଳେ ବିଭିନ୍ନ ସମୟରେ ଖଣି, ଇସ୍ପାତ, ଶକ୍ତି ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କ୍ୟାବିନେଟ୍ ମନ୍ତ୍ରୀ ରହିଥିଲେ। ପୂର୍ବରୁ ଜିଲା ବିଜେଡି ସଭାପତି ମଧ୍ୟ ଥିଲେ। ଗତ ସାଧାରଣ ନିର୍ବାଚନରେ କାମାକ୍ଷାନଗର ବିଧାନସଭା ଆସନରୁ ପ୍ରଫୁଲ୍ଲ କୁମାର ମଲ୍ଲିକ ଭାଜପା ପ୍ରାର୍ଥୀ ତଥା ବର୍ତ୍ତମାନର ବିଧାୟକ ଶତ୍ରୁଘ୍ନ ଜେନାଙ୍କଠାରୁ ୪୬୬୨ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ।



## ଆସନ୍ତା ସୋମବାର ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,(ସୁନିତ୍ ମିଶ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଖବରକାଗଜ ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପ୍ରତ୍ୟେକ ସପ୍ତାହର ସୋମବାର ୟୁନିଟ୍-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ରାଉତ ଭଉଣୀ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ସତସଙ୍ଗ ବିହାର ଆନୁକୂଲ୍ୟରେ ହଂସପାଳ-ବାଲିଅନ୍ତା ସତ୍‌ସଙ୍ଗ ଜୋନ ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ରବ ପରିକ୍ରମା, ସ୍ଥାନ: ମା'ଉତ୍ତରମୁଖୀ ମନ୍ଦିର ପରିସର, ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୧ଟା।

### କଟକ
- ଓଡ଼ିଶା ହାଇକୋର୍ଟ ଜୁଭେନାଇଲ ଜଷ୍ଟିସ କମିଟି ପକ୍ଷରୁ କନ୍ୟା ସନ୍ତାନ ନିରାପତ୍ତା ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳା, ସ୍ଥାନ: ଓଡ଼ିଶା ଜୁଡିସିଆଲ ଏକାଡେମୀ, ସମୟ: ସକାଳ ୯ଟା ୧୫।
- ହାଇକୋର୍ଟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ରାମକୃଷ୍ଣ କୁଟୀର, ବଙ୍ଗାଳିସାହି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀ ଅରବିନ୍ଦ ମେଡିକାଲ ଆସୋସିଏସନ୍‌ର ୩୬ତମ ବାର୍ଷିକ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ମଧ୍ୟାହ୍ନ ୧୨ଟା।
- ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଦ୍ୱାଦଶ ସମାବର୍ତ୍ତନ ସମାରୋହ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା ୧୫।
- ଇଣ୍ଡିଆନ ଆସୋସିଏଶନ୍ ଅଫ୍ ମେଡିକାଲ ମାଇକ୍ରୋ ବାୟୋଲୋଜିଷ୍ଟସ୍ ଓଡ଼ିଶା ଚାପ୍ଟର ପକ୍ଷରୁ ୧୬ତମ ବାର୍ଷିକ ସମ୍ମିଳନୀର ଉଦ୍‌ଘାଟନ, ସ୍ଥାନ: ନୂତନ ସମ୍ମିଳନୀ କକ୍ଷ, ଏସ୍‌ସିବି ମେଡିକାଲ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରିଣୀ ସଂଘ ଭକ୍ତିପସରାର ସପ୍ତବିଂଶତମ ବାର୍ଷିକ ଉତ୍ସବ ପ୍ରବଚନର ପ୍ରଥମ ଦିବସ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର ପରିସର, ରାଣୀହାଟ, ସମୟ: ସନ୍ଧ୍ୟା ୭ଟା।

### ବାଲେଶ୍ୱର
- ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ସୋଲପଟା ଉଚ୍ଚ ବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୮ଟା।
- ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଜିଲା ଜଜ୍ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସାମାଜିକ-ଆର୍ଥିକ ଓ ଜୀବିକା ସର୍ଭେ କାର୍ଯ୍ୟକ୍ରମର ପଞ୍ଚମ ଦିବସ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଭୋଗରାଇ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭୋଗରାଇ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଦିବସ, ସ୍ଥାନ: ପଦ୍ମାବତୀ ଜଳ ଉଦ୍ୟାନ ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଖ୍ରୀଷ୍ଟିଆନ ସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।

### ଭଦ୍ରକ
- ମା' କାଳିନ୍ଦ୍ରା ଟ୍ରକ୍ ମାଲିକ ସଂଘର ଧାରଣା, ସ୍ଥାନ: ଭାଗଡ଼ା ନାରାୟଣପୁର ଟୋଲ୍‌ଗେଟ୍, ଭଣ୍ଡାରିପୋଖରୀ, ସମୟ: ସକାଳ ୭ଟା।

### ମୟୂରଭଞ୍ଜ
- କାର୍ଯ୍ୟାଦେଶ ବଣ୍ଟନ ମେଳା,ସ୍ଥାନ:ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବରଙ୍ଗ ଆସାମ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଦ୍ରୋଣାଚାର୍ଯ୍ୟ ଶ୍ରୀଗୁରୁବେ ନମଃ', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ ସନ୍ଧ୍ୟା ୬ଟା ୩୦।
- ଆଦିତ୍ୟ ଭୁବନେଶ୍ୱର ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ନିଃସହାୟ', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ରାତି ୮ଟା ୩୦।

### ବ୍ରହ୍ମପୁର
- ଶିକ୍ଷା ବିଭାଗ ପକ୍ଷରୁ ବେସଲାଇନ ପରୀକ୍ଷା, ସ୍ଥାନ: ବିଭିନ୍ନ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ସିଭିଲ କୋର୍ଟ ପରିସର, ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦.୩୦।
- ବ୍ରହ୍ମପୁର କୁଇଜ ଆସୋସିଏସନର ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ଅପରାହ୍ନ ୪ଟା।

### ଗଞ୍ଜାମ
- ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ପିପୁଲ୍ଲି ହାଇସ୍କୁଲ ମିନି ଷ୍ଟାଡିୟମ ବୁଗୁଡ଼ା, ସମୟ: ସକାଳ ୯ ଟା।
- ଆଇନ ସଚେତନତା ଶିବିର, ସ୍ଥାନ: ନିରଞ୍ଜନ ସରକାରୀ ମହିଳା ବିଦ୍ୟାଳୟ ଆସିକା, ସମୟ: ସକାଳ ୯ଟା।
- ୩ୟ ରାଷ୍ଟ୍ରୀୟଲୋକ ଅଦାଲତ, ସ୍ଥାନ: ଆସିକା ବିଚାର ବିଭାଗୀୟ ଅଦାଲତ , ସମୟ: ପୂର୍ବାହ୍ନ ୧୦ଟା।

### ଢେଙ୍କାନାଳ
- ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ସିଭିଲ କୋର୍ଟ ପରିସର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥଙ୍କ ଦିବ୍ୟଲୀଳା ସମ୍ପର୍କିତ ଆଲୋଚନା, ସ୍ଥାନ: ଗୋପବନ୍ଧୁ ଟାଉନହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

### କେନ୍ଦ୍ରାପଡ଼ା
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: କୋର୍ଟ ପରିସର, କେନ୍ଦ୍ରାପଡ଼ା, ଆଳି, ପଟ୍ଟାମୁଣ୍ଡାଇ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା
- ମା' ପାଇଁ ଗଛଟିଏ, ସ୍ଥାନ: ବେଲତଳ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଯାଜପୁର ଜିଲ୍ଲାର ସମସ୍ତ ଅଦାଲତ ପରିସର,ସମୟ: ପୂର୍ବାହ୍ନ ୧୦ଟା।

### ନୟାଗଡ଼
- ତୃତୀୟ ଜାତୀୟ ଲୋକ ଅଦାଲତ, ସ୍ଥାନ:ନୟାଗଡ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

### ରାୟଗଡ଼ା
- ବ୍ଲକ୍‌ସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ, ସ୍ଥାନ: ରାମନାଗୁଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

### ନବରଙ୍ଗପୁର
- ଜୋନାଲସ୍ତରୀୟ ଦୌଡ଼ ଓ ଖେଳକୁଦ ପ୍ରତିଯୋଗୀତା, ସ୍ଥାନ: ଡାବୁଗାଁ ମେଦନା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ଟା।
- ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ସହ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପୂଜା ବିସର୍ଜନର ନିୟମ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଉମରକୋଟ ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସରକାରୀ ହାଇସ୍କୁଲ ଉତନ ପେନସନ ଯୋଜନା ଭୁକ୍ତ ଶିକ୍ଷକ ସଂଘର ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୨ଟା।

### କୋରାପୁଟ
- ଜିଲାପାଳଙ୍କ ପଟ୍ଟାଙ୍ଗି ବ୍ଲକ୍ ଗସ୍ତ, ସ୍ଥାନ: ନୂଆଗାଁ ପଞ୍ଚାୟତ, ପଟ୍ଟାଙ୍ଗି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଦଶହରା ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ପୌର ସଭାଗୃହ, ଜୟପୁର, ସମୟ: ଅପରାହ୍ନ ୪ଟା।ଣ୍

### ମାଲକାନଗିରି
- ବ୍ଲକ୍‌ସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ, ସ୍ଥାନ: ତାର୍ଲାକୋଟା ଉଚ୍ଚ ବିଦ୍ୟାଳୟ, କୋରୁକୋଣ୍ଡା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ ଟା।

### ସମ୍ବଲପୁର
- ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସମଲେଇ ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ସକାଳ ୯ଟା।
- ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୫ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ସକାଳ ୯ଟା ୫୦।
- ଭିସୁଟର ୧୬ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ : ବିଶ୍ୱେଶ୍ୱରାୟ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୨ଟା।
- ୨୪ତମ ସୈରେନ୍ଦ୍ରି ନାୟକ ଟ୍ରଫି ଫୁଟବଲ ମ୍ୟାଚ, ସ୍ଥାନ: ସିଂହପାଲି - କାଇଁଶିର ଫୁଟବଲ ପଡିଆ, ସମୟ: ପୂର୍ବାହ୍ନ ୩ଟା।

### ବଲାଙ୍ଗୀର
- ମାସିକ ରଚନା ସନ୍ଧ୍ୟା ଆଲୋଚନାଚକ୍ର 'ଆମ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ସମାଜର ବିକାଶ ପାଇଁ କେତେ ସହାୟକ ?', ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା

### ରାଉରକେଲା
- ରାଜ୍ୟସ୍ତରୀୟ କନିଷ୍ଠ ହକି ଚାମ୍ପିୟନଶିପ୍ ପ୍ରତିଯୋଗିତା, ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ଛେଣ୍ଡ, ସମୟ: ସକାଳ ୯ଟା।
- ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ନାରୀ କବି ସମ୍ମିଳନୀ, ସ୍ଥାନ: ସେକ୍ଟର-୭, ଅନୁଷ୍ଠାନ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଶାରଦୀୟ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୨ ଓ କୋଏଲନଗର, ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଳାବତୀ ମହିଳା ସରକାରୀ ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନା, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନେପାଳରେ ଶାନ୍ତି ପାଇଁ ସାମୂହିକ ପ୍ରାର୍ଥନା, ସ୍ଥାନ: ଯବାନ ଭାରତୀ ଫାଉଣ୍ଡେଶନ, ଗୋପବନ୍ଧୁପାଲୀ, ସମୟ: ସନ୍ଧ୍ୟା ୬ଟା ୩୦।

### ସୁନ୍ଦରଗଡ଼
- ରାଷ୍ଟ୍ରୀୟ ଲୋକ ଅଦାଲତ,ସ୍ଥାନ: ଜିଲା କୋର୍ଟ, ସୁନ୍ଦରଗଡ,ସମୟ: ପୂର୍ବାହ୍ନ୧୦ଟା।

### ବରଗଡ଼
- ବିଶ୍ୱ ଫାଷ୍ଟ ଏଡ୍‌ସ୍ ଦିବସ, ସ୍ଥାନ: ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତା, ଅମ୍ବାଭୋନା, ସମୟ:ପୂର୍ବାହ୍ନ ୧୧ଟା।

### କଳାହାଣ୍ଡି
- ଏନ୍‌ଏସ୍‌ଏସ୍‌ର ତିନିଦିନିଆ ଯୁବ ନେତୃତ୍ୱ ଶିବିର ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ
- ଜିଲା ନ୍ୟାୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଜିଲା ନ୍ୟାୟାଳୟ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା
- ଘଣ୍ଟାପଡା ଡିଗ୍ରୀ ମହାବିଦ୍ୟାଳୟର ପରିଚାଳନା କମିଟି ବୈଠକ, ସ୍ଥାନ:ଘଣ୍ଟାପଡା ଡିଗ୍ରୀ ମହାବିଦ୍ୟାଳୟ, କନ୍ଧମାଳ, ସମୟ: ପୂର୍ବାହ୍ନ ୧୦ଟା
- କୁଲୁଟାଯୋର ପଞ୍ଚାୟତ ଦେଉଳି ଗ୍ରାମରେ ସାପ୍ତାହିକ ଭାଗବତ ପାରାୟଣ, ସ୍ଥାନ: ଦେଉଳି ଗ୍ରାମ ଭାଗବତ ଟୁଙ୍ଗି, କନ୍ଧମାଳ, ସମୟ: ସନ୍ଧ୍ୟା ୬ଟା ।

### ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ତରଭା ଶନି ମନ୍ଦିରଠାରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

### ନୂଆପଡ଼ା
- ଶ୍ରୀ ସତ୍ୟସାଇ ସେବା ମହୋତ୍ସବ, ସ୍ଥାନ: ଅଗ୍ରେସନ ଭବନ ଖଡ଼ିଆଳ, ସମୟ: ସକାଳ ୮ଟା।
- ତୃତୀୟ ଜାତୀୟ ଲୋକ ଅଦାଲତ, ସ୍ଥାନ: ଜିଲା ଓ ବ୍ଲକ କୋର୍ଟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ରବ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ସତ୍‌ସଙ୍ଗ କେନ୍ଦ୍ର ଖରିଆର ରୋଡ, ସମୟ: ରାତ୍ର ୮ଟା ୩୦।

# ଧରିତ୍ରୀ କର୍ମଚାରୀଙ୍କ ଦେହାନ୍ତ

**ରାୟଗଡ଼ା,୧୨।୯ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ପିତାମହଲସ୍ଥିତ ଧରିତ୍ରୀ ପ୍ରେସ୍‌ରେ କାର୍ଯ୍ୟରତ କର୍ମଚାରୀ ଶୁଭେନ୍ଦୁ ଶତପଥୀ (୪୩)ଙ୍କ ବୁଧବାର ଦେହାନ୍ତ ହୋଇଛି । ଗତ କିଛି ମାସ ହେବ ତାଙ୍କ ଦେହ ଅସୁସ୍ଥ ରହିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶୁଭେନ୍ଦୁଙ୍କ ଘର ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଧୀନ କୁମ୍ଭାରପଡା ଗ୍ରାମରେ। ସେ ଦୀର୍ଘ ବର୍ଷ ଧରି ଧରିତ୍ରୀ ପରିବାର ସହ ଜଡ଼ିତ ରହି ପ୍ରଥମେ ଭୁବନେଶ୍ୱର ଓ ପରେ ରାୟଗଡ଼ା ପ୍ରେସ୍‌ରେ କାମ କରୁଥିଲେ। ଘରେ ଶୁଭେନ୍ଦୁଙ୍କ ମା' ବିନୋଦିନୀ, ବାପା ସୁରେନ୍ଦ୍ର, ସ୍ତ୍ରୀ ରିତାଞ୍ଜଳୀ, ପୁଅ ସ୍ୱୟଂଭୁ ଓ ଝିଅ ସାଇ ସ୍ୱରୂପା ଅଛନ୍ତି। ତାଙ୍କ ମୃତ୍ୟୁରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ସେହିଭଳି ଧରିତ୍ରୀ ରାୟଗଡ଼ା ପ୍ରେସ୍‌ର ସମସ୍ତ କର୍ମକର୍ତ୍ତା, ଖବରଦାତା ଶୋକାକୁଳ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଶୁଭେନ୍ଦୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।



ଶୁଭେନ୍ଦୁ ଶତପଥୀ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଭାତ ଲୁଗା ଦେଲି ସଉତୁଣୀ କି
ଟାକି ବସିଲି ମୁଁ ପେଜ ପାଣିକି !**

ନିଜର ଅଧିକାର ପରକୁ ଦେବା କୌଣସି ପରିସ୍ଥିତିରେ ଉଚିତ୍ ହୋଇ ନ ଥାଏ। କାରଣ ଏପରି କରିବା ଦ୍ୱାରା ବ୍ୟକ୍ତି ଅନ୍ୟର ଗୋଡ଼ାଣିଆ ହୋଇଯିବା ସହ ନିଜତ୍ୱ ହରାଇ ବସିବା ଆଶଙ୍କା ରହିଥାଏ। ପରୋକ୍ଷରେ ନିଜର ବ୍ୟକ୍ତିଗତ ସମ୍ପଦ ଅନ୍ୟ ହାତରେ ନ୍ୟସ୍ତ କରି ନିଜେ କଷ୍ଟ ଭୋଗିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭାଇବୋହୂ ଯିବେ ହାଟ
ପାଖେଇ ଯାଅ ବାଟ!**

ସ୍ୱାମୀଙ୍କ ବଡ଼ଭାଇ ମାନ୍ୟତାରେ ଦେଢ଼ଶୁର ହୋଇଥାନ୍ତି। ତାଙ୍କୁ ସମ୍ମାନ ଜଣାଇ ଭାଇବୋହୂ ମୁଣ୍ଡରେ ଓଢ଼ଣି ଦେଇଥାଏ। ଲଜ୍ଜାବଶତଃ ମୁହଁ ଉଠାଇ କଥା କହି ନ ଥାଏ। ଭାଇବୋହୂ ସାମ୍ନାକୁ ଦେଢ଼ଶୁର ଆସିବା ନେଇ ବାରଣ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଓଏଏସ୍ ଟପ୍ପର ଲାଞ୍ଚ...

କରିବା ସହ ତଦନ୍ତ ପରିସରଭୁକ୍ତ କରିଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ଅଶ୍ୱିନୀଙ୍କ ଭୁବନେଶ୍ୱର ମେଫେୟାର ରୋଡ୍‌ରେ ଥିବା ଆବାସିକ କୋଠା, ସେ ରହୁଥିବା ବାମରା ପିଡବ୍ଲୁଡି ଆଇବି ଓ ତାଙ୍କ ଅଫିସ ଚାମ୍ବରରେ ଚଢାଉ କରାଯାଉଥିବା ସୂଚନା ଦିଆଯାଇଛି। ୧୯୯୨ ଜୁଲାଇ ୧୩ରେ

- **ଜମି କିସମ ପରିବର୍ତ୍ତନ ପାଇଁ ୧୫ ହଜାର ନେଉଥିଲେ**
- **ଆବାସିକ କୋଠାରୁ ଜବତ ହେଲା ୪.୭୩ ଲକ୍ଷ**

ଜନ୍ମିତ ଅଶ୍ୱିନୀ ଓଏଏସ୍ ଟପ୍ପର ହେବା ପରେ ପ୍ରଥମେ ୨୦୨୧ ଡିସେମ୍ବର ୩୦ରେ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟରେ ଟ୍ରେନି ରିଜର୍ଭ ଅଫିସର (ଟିଆର୍‌ଓ) ଭାବେ କାମ ଆରମ୍ଭ କରିଥିଲେ। ୨୦୨୩ ଜୁନ୍ ୧ରେ ସେ ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ତହସିଲଦାର ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୨୫ ଜୁଲାଇ ୧ରେ ସେ ବାମରା ତହସିଲଦାର ଭାବେ ବଦଳି ହୋଇଥିଲେ।

## ଆଜି ମଣିପୁର ...

ପାଲଟିଥିବା ରାଜଧାନୀ ଇମ୍ଫାଲରେ ମେଇତି ସମୁଦାୟର ଲୋକ ଅଧିକ ବସବାସ କରୁଥିବାବେଳେ ଦ୍ୱିତୀୟ ସର୍ବାଧିକ ହିଂସା ପ୍ରଭାବିତ ଅଞ୍ଚଳ ଚୂରାଚାନ୍ଦପୁର କୁକି ଅଧ୍ୟୁଷିତ। ପ୍ରଧାନମନ୍ତ୍ରୀ ଶନିବାର ଏହି ଦୁଇ ଅଞ୍ଚଳକୁ ଗସ୍ତ କରିବେ। ଏହି ଅବସରରେ ସେ ଚୂରାଚାନ୍ଦପୁର ପିସ୍ ଗ୍ରାଉଣ୍ଡରେ ରାଜ୍ୟ ପାଇଁ ୭,୩୦୦ କୋଟି ଟଙ୍କାର ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି କାର୍ଯ୍ୟକ୍ରମକୁ ନେଇ ଅନେକ ଦିନରୁ କଳ୍ପନାଜଳ୍ପନା ପ୍ରକାଶ ପାଇଆସୁଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସରକାରୀ ଭାବେ ଶେଷ ପର୍ଯ୍ୟନ୍ତ ଘୋଷଣା କରାଯାଇ ନ ଥିଲା। ତେବେ ଉକ୍ତ କାର୍ଯ୍ୟକ୍ରମ ନେଇ ଶୁକ୍ରବାର ମୁଖ୍ୟ ଶାସନ ସଚିବ ପୁନିତ୍ କୁମାର ଗୋଏଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଚୂରାଚାନ୍ଦପୁରରୁ ଅପରାହ୍ନ ପ୍ରାୟ ୨ଟା ୩୦ରେ ଇମ୍ଫାଲ ଗସ୍ତକରି ସେଠାରେ ୧,୨୦୦ କୋଟି ଟଙ୍କାର କେତୋଟି ପ୍ରକଳ୍ପର ଲୋକାର୍ପଣ ସହ ଏକ ଜନସଭାକୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ମଣିପୁରକୁ ଶାନ୍ତି ଫେରାଇଆଣିବା ସହ ବିକାଶକୁ ତ୍ୱରାନ୍ୱିତ କରିବା ବାଟ ଫିଟାଇଦେବ ବୋଲି ପୁନିତ୍ ସୂଚନା ଦେଇଛନ୍ତି। ଏଥିରେ ବହୁସଂଖ୍ୟକ ଲୋକ ସାମିଲ ହୋଇ ମୋଦିଙ୍କୁ ସ୍ୱାଗତ ଏବଂ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରନ୍ତୁ ବୋଲି ମୁଖ୍ୟ ସଚିବ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ମଧ୍ୟ ମୋଦିଙ୍କ ଗସ୍ତ ନେଇ ସ୍ପଷ୍ଟ କରିଛି। ପାର୍ବତ୍ୟାଞ୍ଚଳର କୁକି-ଜୁ ଏବଂ ଉପତ୍ୟକାର ମେଇତିଙ୍କ ମଧ୍ୟରେ ସଂଘର୍ଷ ଲାଗିଥିବାରୁ ଦୁଇ ସମୁଦାୟକୁ ଶାନ୍ତ କରିବା ପାଇଁ ଏପରି ଗସ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ମତ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଣିପୁର ବିଧାନସଭା ନିର୍ବାଚନ ପୂର୍ବରୁ ୨୦୨୨ ଜାନୁଆରୀ ୪ରେ ଇମ୍ଫାଲ ଗସ୍ତ କରିଥିଲେ। ସେତେବେଳେ ସେ ସେଠାରେ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା ଓ ଗମନାଗମନ ସମ୍ପର୍କିତ କେତେକ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହା ପରେ ୨୦୨୩ ମେ' ୩ରୁ ମଣିପୁର କୁକି ଓ ମେଇତି ସମୁଦାୟର ଜାତିଆଣ ହିଂସା ଲାଗି ରହିଛି। ଇତିମଧ୍ୟରେ ଏହି ସଂଘର୍ଷରେ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଥିବାବେଳେ ୬୦,୦୦୦ରୁ ଅଧିକ ବିସ୍ଥାପିତ ହୋଇଛନ୍ତି। ଜାତିଆଣ ହିଂସାର ନିଆଁରେ ଅନେକ ହଜାର ଘର ଜଳିପୋଡ଼ି ପାଉଁଶ ହୋଇଯାଇଥିବାବେଳେ ବହୁ ଉପାସନାସ୍ଥଳ ମାଟିରେ ମିଶିଯାଇଛି। ଅନେକ ସମସ୍ୟା ଅମୀମାଂସିତ ହୋଇ ରହିଥିବାବେଳେ ହିଂସା ଆରମ୍ଭ ହେବାର ୨୮ ମାସ ପରେ ପ୍ରଧାନମନ୍ତ୍ରୀ ମୋଦି ଶନିବାର ପ୍ରଥମ ଥର ପାଇଁ ମଣିପୁର ଗସ୍ତ କରିବେ।

## ସୁଶୀଳା ନେପାଳର...

ସେନାର ଶୀର୍ଷ ଅଧିକାରୀ ଏବଂ ଯୁବ ବିକ୍ଷୋଭକାରୀଙ୍କ ପ୍ରତିନିଧିଙ୍କ ମଧ୍ୟରେ ବୈଠକ ପରେ କାର୍କିଙ୍କୁ ଅନ୍ତରୀଣ ସରକାରର ନେତୃତ୍ୱ ଦେବା ନିମନ୍ତେ ମନୋନୀତ କରାଯାଇଥିଲା। ରବିବାରଠାରୁ ନେପାଳରେ ବ୍ୟାପକ ଆନ୍ଦୋଳନ ଜାରି ରହିଥିବାରୁ ଏବେ ଦେଶରେ ଆଇନ ଶୃଙ୍ଖଳା ରକ୍ଷା କରିବା କାର୍କିଙ୍କ ପାଇଁ ପ୍ରଥମ ଚ୍ୟାଲେଞ୍ଜ ହେବ। ମିଳିଥିବା ସୂଚନା ଅନୁଯାୟୀ, କାର୍କି ଏକ ଛୋଟ କ୍ୟାବିନେଟ ଗଠନ କରିବେ। ଆନ୍ଦୋଳନକାରୀ ଓ ସେନା ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ, ପ୍ରଥମ କ୍ୟାବିନେଟ୍ ବୈଠକରେ ପ୍ରଧାନମନ୍ତ୍ରୀ କାର୍କି ପାର୍ଲାମେଣ୍ଟ ଭଙ୍ଗ ପାଇଁ ରାଷ୍ଟ୍ରପତିଙ୍କୁ ସୁପାରିସ କରିବେ ବୋଲି ଜଣେ ଅଧିକାରୀ କହିଛନ୍ତି। କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବା ପୂର୍ବରୁ ରାଷ୍ଟ୍ରପତି ପୌଡେଲ୍ ବୃହତ୍ ରାଜନୈତିକ ଦଳର ନେତା, ଆଇନ ବିଶେଷଜ୍ଞ ଏବଂ ସିଭିଲ୍ ସୋସାଇଟି ନେତାମାନଙ୍କ ସହ ପରାମର୍ଶ କରିଥିଲେ।

## ୧୫ତମ ଉପରାଷ୍ଟ୍ରପତି ...

ନିତୀନ ଗଡ଼କରୀ, ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରଥମ ଧାଡ଼ିରେ ବସିଥିଲେ। ସେହିପରି ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ, ପ୍ରଧାନ ବିଚାରପତି ବି.ଆର୍. ଗବଇ ପ୍ରମୁଖ ଉପସ୍ଥିତ ଥିଲେ। ଧନ୍‌କର ମଧ୍ୟ ଉତ୍ସବରେ ଉପସ୍ଥିତ ଥିଲେ। ଇସ୍ତଫା ଦେବା ପରେ ଏହା ତାଙ୍କର ପ୍ରଥମ ସର୍ବସାଧାରଣ ଉପସ୍ଥିତି। ସେ ପ୍ରଥମ ଧାଡ଼ିରେ ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କୟାନାଇଡୁ ଏବଂ ହମିଦ୍ ଅନ୍‌ସାରୀଙ୍କ ପାଖରେ ବସି କଥା ହେଉଥିବା ଦେଖାଯାଇଥିଲା।

## ଚଳିତବର୍ଷରୁ 'ଐତିହାସିକ ...

ପରିଷଦ କଟକ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲାପାଳ ଶିବ ଟପୋ, ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଉପଜିଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିବା ଲାଗି ନିଷ୍ପତ୍ତି ନେବେ। ଅବହେଳାରୁ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ଆଶା କରିଥିବା ଦିଗରୁ ଅର୍ଥ ପାଇବାରେ କୌଣସି ଅସୁବିଧା ହେବନାହିଁ। ପ୍ରଶାସନ, ଆଇନ ଅଦାଲତ, ସଭାସମିତି ଓ ବ୍ୟବସାୟରେ ଉପକୃତ ହେବେ।

**ବୃଷ** ଆଜି ଗୃହସୀମା, ଗାଡ଼ି ମୋଟର, ପ୍ରତିଦ୍ୱନ୍ଦ୍ୱିତା ମାନସିକ କ୍ଷେତ୍ରରେ ଆଶଙ୍କା ଓ ଉଦ୍‌ବେଗ ସୃଷ୍ଟି କରିପାରେ। ଆନୁଷ୍ଠାନିକ କ୍ଷେତ୍ର, ପ୍ରତିଯୋଗିତା, ବନ୍ଧୁମିଳନରେ ବ୍ୟସ୍ତତା ବୃଦ୍ଧି ପାଇପାରେ। ପାରିବାରିକ ସମସ୍ୟା ସୁଧାରିବାରେ ବନ୍ଧୁଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇବେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା କ୍ଷେତ୍ରରୁ ସୁଫଳ ପାଇବେ।

**ମିଥୁନ** ଆଶାନୁଯାୟୀ ସଫଳତା ହାସଲ କରି ଏକପ୍ରକାର ଆନନ୍ଦ ଅନୁଭବ କରିବେ। ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବେ। କର୍ମକ୍ଷେତ୍ରରେ ଉପର ଅଧିକାରୀମାନେ ଆପଣଙ୍କୁ ପ୍ରଶଂସା କରିପାରନ୍ତି। ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ ଓ କହିବା ପରେ ମନସ୍ତାପ କରିବେ।

**କର୍କଟ** ଅନ୍ୟମାନେ ଆପଣଙ୍କ ତ୍ୟାଗପୂତ ମନୋଭାବକୁ ବୁଝି ନ ପାରି ସମାଲୋଚନା କରିବେ। ଅଟକିଥିବା କାମ ସୁରୁଖୁରୁରେ ସମ୍ପନ୍ନ ହେବାରେ ଆପଣଙ୍କ ଭୂମିକା ସର୍ବାଗ୍ରେ ରହିବ। ଆନୁଷ୍ଠାନିକ କ୍ଷେତ୍ରରେ ନୂତନ ବସ୍ତ୍ରଭୂଷଣ ସହ ଉପଢୌକନାଦି ପାଇବେ। ସାଧାରଣ ସମସ୍ୟାକୁ ବୃହାଦାକାରରେ ଚିନ୍ତାକରି ଚିନ୍ତାଗ୍ରସ୍ତ ହେବେ।

**ସିଂହ** ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ହସଖୁସିରେ ଅତିବାହିତ ହେବ। ଆର୍ଥିକ ସ୍ୱଚ୍ଛଳତା ଉଣା ନ ହେଲେ ମଧ୍ୟ ବନ୍ଧୁବର୍ଗଙ୍କ କଟୂକ୍ତିରୁ ମାନସିକ ଶାନ୍ତି ବ୍ୟାହତ ହେବ। ସହକର୍ମୀ କର୍ମ କ୍ଷେତ୍ରରେ ସହଯୋଗ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ ନଚେତ୍ ପଶ୍ଚାତେ ଚିନ୍ତାକରିବାକୁ ସମୟ ପାଇବେ ନାହିଁ।

**କନ୍ୟା** ଆଜିର ପ୍ରତ୍ୟେକ କାମ ସାଧନରେ କିଛି ଅସୁବିଧା ହେବ ନାହିଁ। ଆପଣଙ୍କ ମିତ୍ରମାନେ ସୁପରାମର୍ଶ ନ ଦେଇ କିଛି ସମସ୍ୟାମୂଳକ କାମ ପ୍ରତି ପ୍ରଲୋଭିତ କରାଇପାରନ୍ତି। ପାରିବାରିକ ସ୍ତରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡ଼ିବେ। ଭାଇଙ୍କ ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପାଇଁ ଚିନ୍ତା କରିପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ବନ୍ଧୁମିଳନ ସହ ମନୋରଞ୍ଜନ କାମରୁ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ସହ ବିଭିନ୍ନ ସ୍ଥାନ ପରିଦର୍ଶନର ମଉକା ଜୁଟିବାର ସୂଚନା ରହିଛି। ସ୍ୱାସ୍ଥ୍ୟ, ପରିବାର, କର୍ମକ୍ଷେତ୍ର, ଅର୍ଥ ସମ୍ପର୍କୀୟ କଥା ଆଲୋଚନା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ। ପାରିବାରିକ କ୍ଷେତ୍ରକୁ ସଜାଡ଼ିବାର ପ୍ରଯତ୍ନ କଲେ ସଫଳତା ପାଇବେ।

**ବିଛା** କର୍ମକ୍ଷେତ୍ରରେ ଅଟକିଥିବା କାମଟି ଉପରିସ୍ଥଙ୍କ ସୌଜନ୍ୟରୁ ସମ୍ପନ୍ନ ହେବ। ବନ୍ଧୁଙ୍କ ସାହାଯ୍ୟ ଓ ସମର୍ଥନ ହାସଲ କରି ବକେୟା ଅର୍ଥ ପାଇବାର ସୂଚନା ରହିଛି। ବ୍ୟବସାୟୀଙ୍କ ଆର୍ଥିକ ସ୍ଥିତିରେ ଅବନତି ଆସିବା କାରଣରୁ ଉଦ୍‌ବେଗ ବୃଦ୍ଧି ପାଇବ। ଆଜିର ଆନୁଷ୍ଠାନିକ କାର୍ଯ୍ୟ ଯଥାବିଧି ସମ୍ପନ୍ନ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ଧନୁ** ସକାଳୁ ଜଣେ ବନ୍ଧୁ ଆସି କୌଣସି ଗୁରୁତ୍ୱପୂର୍ଣ୍ଣ କଥା କହିପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ୍ୟ ହେବେ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇପାରନ୍ତି। ପ୍ରିୟଜନଙ୍କର ପରୋକ୍ଷ ଶତ୍ରୁତା ଯୋଗୁ କର୍ମକ୍ଷେତ୍ର ବିବାଦୀୟ ହୋଇ ଉଠିବ।

**ମକର** କୌଣସି କାମ ନ ଅଟକିଲେ ମଧ୍ୟ ଆଜି ଯାହା କିଛି କରିବେ ସେଥିରେ ବ୍ୟତିକ୍ରମ ଦେଖା ଦେଇପାରେ। ମୁହଁ ଖୋଲିଲେ ପଡ଼ୋଶୀଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସାଧାରଣ ଘଟଣାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, କିନ୍ତୁ ସାଧାରଣ କଳହ ପରେ।

**କୁମ୍ଭ** ସାହାଯ୍ୟ, ସହଯୋଗରୁ ମନୋବଳ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, କଚେରି ମାମଲାରେ ଉନ୍ନତି ହେବ। ପରିବାର ଭିତରେ ବସନ ଭୂଷଣ ପ୍ରଭୃତି କ୍ରୟ କରିବା ନେଇ ସମସ୍ୟା ଦେଖା ଦେଇପାରେ। ସଭାସମିତି ଓ ଆନୁଷ୍ଠାନିକ କାମ ସକାଶେ ଅନ୍ୟମାନଙ୍କ ସାହାଯ୍ୟ ଲୋଡ଼ିବାକୁ ବାଧ୍ୟ ହୋଇପାରନ୍ତି।

**ମୀନ** ଆନୁଷ୍ଠାନିକ କାମରେ ଆପଣଙ୍କ ନେତୃତ୍ୱ ସାମାଜିକ କାର୍ଯ୍ୟରେ ସହାୟକ ହେବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତାରୁ ଯେତିକି ପ୍ରଶଂସିତ ହେବେ ସେହି ଅନୁପାତରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଗାତ୍ରଦାହ ବୃଦ୍ଧି ପାଇବ। କେତେକ ଫାଇଲ୍ କାମ ସକାଶେ ସମସ୍ୟାରେ ପଡ଼ିବେ। ଆନୁଷ୍ଠାନିକ କାମରେ ଖଟଣି ବଢ଼ି ସ୍ୱାସ୍ଥ୍ୟହାନି ଘଟିପାରେ।

ଆଜି ସେପ୍ଟେମ୍ବର ୧୩ ତାରିଖ, ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ, ଆଶ୍ୱିନ କୃଷ୍ଣପକ୍ଷର ଷଷ୍ଠୀ ଯୁକ୍ତ ସପ୍ତମୀ, ଶନିବାର, ରାଶିନକ୍ଷତ୍ର-ଦିବା ଘ.୧୦।୧୧ ମି. ପର୍ଯ୍ୟନ୍ତ, କୃତ୍ତିକା/ବୃଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ, ଦିବା ଘ.୧୦।୧୧ ଗତେ ଘ.୧୨।୫୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୦୧।୧୪ ଗତେ ଘ.୦୨।୪୫ ମଧ୍ୟେ ରାହୁକାଳ।

# ପୁରୁଷଙ୍କ ତୁଳନାରେ ମହିଳାଙ୍କ ନିଯୁକ୍ତି ପୂର୍ବାପେକ୍ଷା ବଢ଼ିଛି

## ଅନ୍ତର୍ଭୁକ୍ତୀକରଣ, ନିରାପଦ ଓ ନିରନ୍ତର ବିକାଶ ସମ୍ପର୍କିତ କର୍ମଶାଳା

ଭୁବନେଶ୍ୱର,୧୨ା୯(ସୁଚିସ୍ମିତା ସାହୁ)

ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ସହଯୋଗରେ ଓଡ଼ିଶା ସରକାରଙ୍କ ଯୋଜନା ଏବଂ ସଂଯୋଜନ ବିଭାଗ ପକ୍ଷରୁ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ରେ ରହିଥିବା ୫ମ ଲକ୍ଷ୍ୟ 'ଜେଣ୍ଡର ଇକ୍ୱାଲିଟି: ରିଇମାଜିନିଂ ଡେଭଲପ୍‌ମେଣ୍ଟ ଥ୍ରୁ ଏ ଜେଣ୍ଡର ଲେନ୍ସ- ଇନ୍‌କ୍ଲୁସିଭ, ସେଫ୍, ସଷ୍ଟେନେବଲ' ଶୀର୍ଷକ କର୍ମଶାଳା ଶୁକ୍ରବାର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ କହିଲେ, ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ, କର୍ମ ନିଯୁକ୍ତି ଓ ସେମାନଙ୍କ ନିରନ୍ତର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଓଡିଶାରେ ମହିଳା ଓ ଶିଶୁଙ୍କ ବିକାଶ, ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ଉନ୍ନତି, ଅପପୁଷ୍ଟି ହ୍ରାସ ଆଦି ବିଭିନ୍ନ କ୍ଷେତ୍ରରେ ସଫଳତା ମିଳିଛି। ମହିଳାଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ ସଚେତନ କରିବାକୁ ଅଦ୍ୱୈକା, କିଶୋରୀଙ୍କ ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା ଓ ବିକାଶ ପାଇଁ ସଖୀ ସହେଲୀ ଭଳି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିବା ବେଳେ ସୁଭଦ୍ରା ଯୋଜନାରେ ଆର୍ଥିକ ସଶକ୍ତୀକରଣ ପାଇଁ ପ୍ରୟାସ କରାଯାଉଛି। ସେହିପରି ପାଣି ପଞ୍ଚାୟତରେ ମହିଳାଙ୍କର ୫୦ ପ୍ରତିଶତ ସହଭାଗିତା ରହିଛି। ପୁରୁଷଙ୍କ ତୁଳନାରେ ମହିଳାଙ୍କ ନିଯୁକ୍ତି ପୂର୍ବାପେକ୍ଷା ବହୁଗୁଣ ବଢ଼ିଛି। ମହିଳାଙ୍କ ଦକ୍ଷତା ବୃଦ୍ଧି, ଶିକ୍ଷାନୁଷ୍ଠାନରେ ପରିମଳ ତଥା ସାନିଟାରୀ ବ୍ୟବସ୍ଥାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ଆମେ ବିକଶିତ ଓଡିଶା ଓ ବିକଶିତ ଭାରତ ୨୦୩୬ ଲକ୍ଷ୍ୟ ହାସଲ ଲାଗି କାର୍ଯ୍ୟ କରୁଥିବା ବେଳେ ଲିଙ୍ଗଗତ ସମାନତା କ୍ଷେତ୍ରରେ ସମନ୍ୱିତ ପ୍ରୟାସ କରିବାକୁ ସେ ପରାମର୍ଶ ଦେଇଛନ୍ତି। ୟୁଏନ୍‌ଡିପିର ଡେପୁଟି ରେସିଡେଣ୍ଟ ରିପ୍ରେଜେଣ୍ଟେଟିଭ୍ ଇସାବେଲ୍ ସ୍ଟାନ୍ ବିକାଶ କାର୍ଯ୍ୟକ୍ରମ ଏବଂ ନୀତି ଢାଞ୍ଚା କାର୍ଯ୍ୟକାରୀ କରିବାରେ ଲିଙ୍ଗଭିତ୍ତିକ ଦୃଷ୍ଟିକୋଣର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ଶାସନ ସଚିବ ମନୀଷ ଅଗ୍ରୱାଲ କର୍ମଶାଳାର ଉଦ୍ଦେଶ୍ୟ, ରୂପରେଖ ଏବଂ ଫଳାଫଳ ବିଷୟରେ କହିଥିଲେ।

'ଲିଙ୍ଗଗତ ସମାନତା ହାସଲ ପାଇଁ ଗୋଷ୍ଠୀ ନିୟୋଜନ ଓ ସମର୍ଥନ' ସମ୍ପର୍କିତ କର୍ମଶାଳାରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ ଜେଣ୍ଡର ସେନ୍‌ସିଟିଭ ରିପୋର୍ଟିଂ ସମ୍ପର୍କରେ ଉପସ୍ଥାପନା କରିଥିଲେ। ସେ କହିଲେ, ସମାଜରେ ସମସ୍ତ କ୍ଷେତ୍ରରେ ମହିଳାଙ୍କୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। କେବଳ ପାରିବାରିକ କ୍ଷେତ୍ରରେ ନୁହେଁ, ଅର୍ଥନୈତିକ, ରାଜନୈତିକ,




ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା(ବାମରୁ ତୃତୀୟ)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ୟାନେଲରେ ପିସିଆଇର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ବିରାଜଲକ୍ଷ୍ମୀ ଷଡ଼ଙ୍ଗୀ(ବାମରୁ ଚତୁର୍ଥ), ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶିକା ପାରୁଲ ପଟ୍ଟୱାରୀ(ବାମରୁ ଦ୍ୱିତୀୟ) ଏବଂ ଜିନ୍ଦଲ ଷ୍ଟିଲର ଶିକ୍ଷା ଓ ନିରନ୍ତରତା ମୁଖ୍ୟ ପ୍ରଶାନ୍ତ ହୋତା(ବାମରୁ ପ୍ରଥମ) ଉପସ୍ଥିତ ଅଛନ୍ତି।

### ମହିଳାଙ୍କ ପାଖରେ ସବୁ ସମସ୍ୟାର ସମାଧାନ ରହିଛି: ଆଦ୍ୟାଶା



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଉଦ୍‌ବୋଧନ ଦେଉଛନ୍ତି।

ଜରୁରିକାଳୀନ ପରିସ୍ଥିତିରେ ମଧ୍ୟ ମହିଳାଙ୍କୁ ପ୍ରାଧାନ୍ୟ ଦେବାର ଆବଶ୍ୟକତା ରହିଛି। ମହିଳାଙ୍କ ପାଖରେ ସବୁ ସମସ୍ୟାର ସମାଧାନ କରିପାରିଲା ଭଳି ଦକ୍ଷତା ରହିଛି। ଏବେବି ଗ୍ରାମାଞ୍ଚଳରେ ମହିଳାଙ୍କ ପ୍ରତିଭାକୁ ଅଣଦେଖା କରାଯାଉଛି। ଲୋକମାନେ ଏଭଳି ମାନସିକତାକୁ ଦୂର କରି ସେମାନଙ୍କ ପ୍ରତିଭାକୁ ପ୍ରୋତ୍ସାହିତ କରନ୍ତୁ। ଗଣମାଧ୍ୟମ ସମାଜର ଦର୍ପଣ ଭାବେ କାର୍ଯ୍ୟ କରେ। ବର୍ତ୍ତମାନ ଗଣମାଧ୍ୟମ କ୍ଷେତ୍ରରେ ମଧ୍ୟ ମହିଳାଙ୍କୁ ଆଗ୍ରାଧିକାର ଦିଆଯାଉଛି। 'ଧରିତ୍ରୀ' ଆରମ୍ଭରୁ ହିଁ ଲିଙ୍ଗଗତ ସମାନତାକୁ ବିଶ୍ୱାସ କରିଆସୁଛି। ମହିଳା ସାମ୍ବାଦିକମାନେ ବିଳମ୍ବିତ ରାତି ଯାଏ ସେମାନଙ୍କ ପୁରୁଷ ସହକର୍ମୀଙ୍କ ସହ କାର୍ଯ୍ୟ କରୁଛନ୍ତି। ମହିଳା ସାମ୍ବାଦିକଙ୍କୁ ଗ୍ରାମାଞ୍ଚଳରେ ମଧ୍ୟ ରିପୋର୍ଟର ଭାବେ କାମ କରିବାକୁ ଅନୁମତି ଦେଇଥିଲୁ। ଓଡ଼ିଶାର ପ୍ରିଣ୍ଟ ମିଡିଆଗୁଡିକ ଯେତେବେଳେ ପୁରୁଷଙ୍କୁ ପ୍ରାଧାନ୍ୟ ଦେଉଥିଲା, ସେତେବେଳେ ଧରିତ୍ରୀ ପୁରୁଷ ଓ ମହିଳାଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲା। ସେହିପରି ନ୍ୟୁଜ୍ ପ୍ରସ୍ତୁତିବେଳେ ଛାତ୍ରୀଛାତ୍ର, ମାଆବାପା ଏବଂ ଶିକ୍ଷୟିତ୍ରୀଶିକ୍ଷକ ଲେଖିବାକୁ ଗୁରୁତ୍ୱ ଦିଆଯାଉଛି। ପ୍ରତିଟି ଖବରକୁ ତଥ୍ୟଭିତ୍ତିକ ଓ ଠିକ୍ ଭାବେ ପ୍ରକାଶ କରିବା ପ୍ରତି ଧ୍ୟାନ ଦେବାର ଆବଶ୍ୟତା ରହିଛି ବୋଲି ଆଦ୍ୟାଶା କହିଛନ୍ତି।

କର୍ମଶାଳାର ପ୍ରଥମ ଅଧିବେଶନରେ 'ସମସ୍ତଙ୍କ ପାଇଁ ଯାତ୍ରୀ ପରିବହନ ଏବଂ ସୁବିଧା' ଶୀର୍ଷକ ଆଲୋଚନାରେ ଲିଙ୍ଗ-ସମ୍ବେଦନଶୀଳ ଆଭିମୁଖ୍ୟ ସହିତ ସମାଜର ସମସ୍ତ କ୍ଷେତ୍ରରେ ମହିଳାଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ରହିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦ୍ୱିତୀୟ ଅଧିବେଶନରେ 'ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ' ସମ୍ପର୍କରେ ଆଲୋଚନା ହୋଇଥିଲା। ତୃତୀୟ ଅଧିବେଶନରେ 'ଜେଣ୍ଡର-ସମାବେଶୀ ବିକାଶ' ଉପରେ ଆଲୋଚନା ହୋଇଥିଲା। ଶେଷ ଅଧିବେଶନରେ 'ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂସ୍ଥା ଓ ଲିଙ୍ଗଗତ ସମାନତା କ୍ଷେତ୍ରରେ ସେମାନଙ୍କୁ ସହାୟତା ଓ ସମର୍ଥନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। କର୍ମଶାଳାକୁ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଟି. ଆଓ ପରିଚାଳନା କରିଥିଲେ। ଏନ୍‌ଡିପି ଓଡ଼ିଶା ମୁଖ୍ୟ ଆଭା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜଙ୍ଗଲରେ ଦନ୍ତାହାତୀ ମୃତ

ଦେବଗଡ଼,୧୨ା୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ ପଲସମା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଚିରଗୁଣିକୁଦର ନିକଟ ଖସଡ଼ା ଜଙ୍ଗଲରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଶୁକ୍ରବାର ସକାଳେ ହାତୀର ମୃତଦେହ ପଡିଥିବା ସ୍ଥାନୀୟ ଜନସାଧାରଣ ଦେଖି ବନ ବିଭାଗକୁ ଜଣାଇଥିଲେ। ଖବରପାଇ ଦେବଗଡ଼ ବନଖଣ୍ଡ ଅଧିକାରିଣୀ ରଶ୍ମି ଜୀ, ଏସିଏଫ୍ ସ୍ୱାଧୀନତା ସାହାଣୀ, ଅରୁଣ ବେହେରା, ରିଆମାଳ ରେଞ୍ଜର ନିରଞ୍ଜନ ଧରୁଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି। ମୃତ ହାତୀର ବୟସ ପ୍ରାୟ ୧୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ହାତୀର ଦାନ୍ତ ସୁରକ୍ଷିତ ଥିବାବେଳେ ଶରୀରରେ କୌଣସି ଆଘାତ ନ ଥିବା ଜଣାପଡିଛି। ତେବେ ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ବେଆଇନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା



ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବ୍ୟବଚ୍ଛେଦ ପରେ ଦାନ୍ତ ଉଦ୍ଧାର କରାଯାଇ ମୃତ ହାତୀକୁ ପୋତି ଦିଆଯିବ ବୋଲି ଜଣାପଡିଛି।

# ଫାଷ୍ଟ ଏଡ୍‌ର ଆବଶ୍ୟକତା ବୁଝିବା ଦରକାର

**ଆଜି ବିଶ୍ୱ ଫାଷ୍ଟ ଏଡ୍ ଦିବସ**



ଆଜିକାଲିର ବ୍ୟସ୍ତମୟ ଜୀବନରେ ଆମେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ନିହାତି ଦରକାର। ଚିକିତ୍ସା ବିଜ୍ଞାନ ଦିନକୁ ଦିନ ଯେତିକି ଉନ୍ନତି କରୁଛି ସେତିକି ନୂଆ ନୂଆ ରୋଗର ସାମ୍ନା କରିବାକୁ ପଡୁଛି। ଏହାର ସଦ୍ୟତମ ଉଦାହରଣ ଭାବରେ କରୋନାକୁ ନିଆଯାଇପାରେ। ଆମେ ଯଦି କିଛି ରୋଗ ଦ୍ୱାରା ଆକ୍ରାନ୍ତ ହେଉଛେ ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ ଅନୁସାରେ ଔଷଧ ଖାଇବା ଆବଶ୍ୟକ। ଆଉ ଏକ କଥା ରହିଛି, ତାହା ହେଲା ଫାଷ୍ଟ ଏଡ୍। ଏହାର ଅର୍ଥ ହେଉଛି ପ୍ରାଥମିକ ଚିକିତ୍ସା। ଏଭଳି କେତେକ ସ୍ୱାସ୍ଥ୍ୟ ସମସ୍ୟା ରହିଛି, ଯାହାର ଘରେ ଆପଣ ପ୍ରାଥମିକ ଉପଚାର କରିପାରିବେ। ବିଶେଷଭାବରେ ଖଣ୍ଡିଆଖାବରା ହେଲେ ଏହାର ପ୍ରାଥମିକ ଚିକିତ୍ସା ପାଇଁ ଫାଷ୍ଟ ଏଡ୍ ବକ୍ସର ଆବଶ୍ୟକତା ପଡ଼ିଥାଏ। ଏଥିରେ ଆବଶ୍ୟକ ସାମଗ୍ରୀ ଠିକ୍ ଭାବରେ ରଖିବା ଦରକାର। କେବଳ ସେତିକି ନୁହେଁ, ଏହାକୁ ଏଭଳି ସ୍ଥାନରେ ରଖନ୍ତୁ ଯାହାକୁ ଖୋଜିବା ମାତ୍ରେ ପାଇପାରିବେ। ଫାଷ୍ଟ ଏଡ୍ ବିଷୟରେ ଯଦି କିଛି ମନରେ ସନ୍ଦେହ ଅଛି ତେବେ ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ତେବେ ଏ ନେଇ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ଦ୍ୱିତୀୟ ଶନିବାରକୁ 'ବିଶ୍ୱ ଫାଷ୍ଟ ଏଡ୍ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ୨୦୦୦ମସିହାରେ ଇଣ୍ଟରନାଶନାଲ ଫେଡେରେଶନ ଅଫ୍ ରେଡ୍‌କ୍ରସ ଆଣ୍ଡ ରେଡ୍ କ୍ରେସେଣ୍ଟ ସୋସାଇଟିଜ୍(ଆଇଏଫ୍‌ଆର୍‌ସି) ପକ୍ଷରୁ ବିଧିବଦ୍ଧ ଭାବେ ଏହି ଦିବସ ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ ଏହି ଦିବସରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଫାଷ୍ଟ ଏଡ୍ ବିଷୟରେ ବିଶଦ୍ ସୂଚନା ଦିଆଯାଇଥାଏ। ଯଦି ଫାଷ୍ଟ ଏଡ୍ ବକ୍ସରେ ଆପଣ ମେଡିସିନ୍ ରଖୁଛନ୍ତି ତେବେ ତାହାର ନାମ, କେଉଁ ରୋଗ ପାଇଁ ତାହା କାମ କରିବ ଏବଂ ତାହାର ଏକ୍ସପାୟରି ତାରିଖ ଡାଏରିରେ ଲେଖି ରଖନ୍ତୁ।

# ଫର୍ନେସ ତେଲରୁ ଏଲ୍‌ପିଜି



ଯାଜପୁର,୧୨ା୯(ହର୍ଷବର୍ଦ୍ଧନ ବେହେରା)

### ଫେକର-ଆଇଓସିଏଲ ମଧ୍ୟରେ ଚୁକ୍ତି

ଫର୍ନେସ ତେଲରୁ ସ୍ଥାୟୀ ଲିକ୍ୟୁଫାଏଡ ପେଟ୍ରୋଲିୟମ ଗ୍ୟାସ (ଏଲ୍‌ପିଜି) ପ୍ରସ୍ତୁତି ପାଇଁ ଫେରୋ ଆଲଏଜ କର୍ପୋରେଶନ ଲିମିଟେଡ(ଫେକର) ଏବଂ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ) ମଧ୍ୟରେ ଗୁରୁବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଫେକର ପକ୍ଷରୁ ଘୋଷଣା କରାଯାଇଛି ଯେ, ଉକ୍ତ ବୁଝାମଣା କାର୍ଯ୍ୟକାରୀ ହେବା ପରେ କାର୍ବନ ନିର୍ଗମନରେ ଯଥେଷ୍ଟ ହ୍ରାସ ଏବଂ ଭାରତର ସବୁଜ ଶକ୍ତି ପରିବର୍ତ୍ତନରେ ବେଶ୍ ସହାୟକ ହେବ। ସର୍ତ୍ତାବଳୀ ଅନୁଯାୟୀ ଆଇଓସିଏଲ ଏକ ବିକଳ୍ପ ଇନ୍ଧନ ଭାବରେ ଏଲ୍‌ପିଜି ଯୋଗାଣ କରିବ, ଫେକରର ଶିଳ୍ପ କାରଖାନା ପ୍ରକ୍ରିୟାରେ ସହଯୋଗ ହେବ। ଏହା କାର୍ବନ ନିର୍ଗମନକୁ ବାର୍ଷିକ ପ୍ରାୟ ୩,୦୨୦ ଟିସିଓ ହ୍ରାସ କରିବାରେ ସାହାଯ୍ୟ କରିବ। ଏହାବାଦ ୨୦୫୦ ସୁଦ୍ଧା ଶୂନ୍ୟ କାର୍ବନ ନିର୍ଗମନର ଲକ୍ଷ୍ୟ ପୂରଣ କରିବ। ଫେକର ସିଇଓ ପଙ୍କଜ ଶର୍ମା କହିଛନ୍ତି, ପାରମ୍ପରିକ ଫର୍ନେସ ତେଲ ବଦଳରେ ପରିବେଶଗତ ପ୍ରଭାବକୁ ହ୍ରାସ କରିବା ପାଇଁ ଏହା ଏକ ରଣନୈତିକ ପଦକ୍ଷେପ। ଆଗାମୀ ସପ୍ତାହ ମଧ୍ୟରେ ଏହା କାର୍ଯ୍ୟକାରୀ କରିବାକୁ ଯୋଜନା କରାଯାଉଛି ବୋଲି ଫେକର ପକ୍ଷରୁ ସୂଚନା ଦିଆଯାଇଛି।

# ସୁରକ୍ଷା କର୍ମୀଙ୍କ ଗୁଳିରେ ୨ ହାର୍ଡକୋର୍ ମାଓବାଦୀ ନିହତ

ମାଲକାନଗିରି,୧୨ା୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲା ନ୍ୟାଶନାଲ ପାର୍କ ଜଙ୍ଗଲରେ ଶୁକ୍ରବାର ସକାଳୁ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ସୁରକ୍ଷା କର୍ମୀଙ୍କ ଗୁଳିରେ ୨ ହାର୍ଡକୋର୍ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି।

ତଥ୍ୟ ଅନୁଯାୟୀ, ନ୍ୟାଶନାଲ ପାର୍କ ଜଙ୍ଗଲରେ ଶୁକ୍ରବାର ସକାଳୁ ଏସ୍‌ଟିଏଫ୍, ଡିଆର୍‌ଜି, ସିଆର୍‌ପିଏଫ୍ ଓ କୋବ୍ରା ବାହିନୀ ମିଳିତ ଭାବେ କୋମ୍ବିଂ ଅପରେଶନ କରୁଥିବା ସମୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ମାଓବାଦୀମାନେ ସୁରକ୍ଷା କର୍ମୀଙ୍କ ଗୁଳିର ସାମ୍ନାକରି ନ ପାରି ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ସର୍ଚ୍ଚ ଅପରେଶନ ସମୟରେ ଯବାନମାନେ ୨ ମାଓବାଦୀଙ୍କ ମୃତଦେହ ଜବତ କରିଛନ୍ତି। ମୃତ ମାଓବାଦୀଙ୍କ ସଂଖ୍ୟା ବଢ଼ିପାରେ ବୋଲି ପୋଲିସ ସନ୍ଦେହ କରିଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଛି। ଏବେ ସୁଦ୍ଧା ଉକ୍ତ ଅଞ୍ଚଳରୁ ଦୁଇଟି ବନ୍ଧୁକ ଓ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି।

# ୧୬ ମାଓବାଦୀଙ୍କ ଆତ୍ମସମର୍ପଣ



ନାରାୟଣପୁର ଜିଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

ମାଲକାନଗିରି,୧୨ା୯
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ନିକଟରେ ଶୁକ୍ରବାର ୧୬ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଜନତାନା ସରକାର ସଦସ୍ୟ, ପଞ୍ଚାୟତ ମିଲିସିଆ କମାଣ୍ଡରମାନେ ସାମିଲ ଅଛନ୍ତି। ଏବେ ମାଓବାଦୀ ସଂଗଠନ ଦିନକୁ ଦିନ ଭୁଶୁଡ଼ି ପଡୁଥିବା ବେଳେ ସଂଗଠନରେ ପୂର୍ବ ଆଦର୍ଶ ନ ଥିବାରୁ ସମାଜର ମୁଖ୍ୟସ୍ରୋତରେ ସାମିଲହେବା ନିମନ୍ତେ ସମସ୍ତେ ଆତ୍ମ ସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ୫ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏଥିସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ପିଏମ୍ କିଷାନ ଯୋଜନାରେ ଇ-କେୱାଇସି ଅବଧି ୬ ମାସ ବୃଦ୍ଧି

ଭୁବନେଶ୍ୱର,୧୨ା୯(ସୁନିତ୍ ମିଶ୍ର)

କେନ୍ଦ୍ର ସରକାରଙ୍କ ପିଏମ୍ କିଷାନ ଯୋଜନାରେ ଚାଲିଥିବା ଇ-କେୱାଇସି ଅପ୍‌ଡେଟ୍ କରିବାର ଅବଧିକୁ ସରକାର ବୃଦ୍ଧି କରିଛନ୍ତି। ରାଜ୍ୟ ସରକାର ମଧ୍ୟ ଇ-କେୱାଇସି ଅପ୍‌ଡେଟ୍ କରିବାର ଅବଧିକୁ ୬ ମାସ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସିଏମ୍ କିଷାନରେ ଥିବା ହିତାଧିକାରୀମାନେ ପିଏମ୍ କିଷାନରେ କେୱାଇସି ଅପ୍‌ଡେଟ୍ କରିପାରିବେ। ସିଏମ୍ କିଷାନ ଯୋଜନାରେ ରାଜ୍ୟର ୫୧ ଲକ୍ଷ ୫୪ ହଜାର ହିତାଧିକାରୀ ସାମିଲ୍ ଅଛନ୍ତି। ପିଏମ୍ କିଷାନ ଯୋଜନାରେ ରାଜ୍ୟର ୩୪ ଲକ୍ଷ ୮୫ ହଜାର ହିତାଧିକାରୀ ସାମିଲ ଅଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ପିଏମ୍ କିଷାନ ଯୋଜନାରେ ଇ-କେୱାଇସି ପାଇଁ ରାଜ୍ୟ ସରକାର ଏକାଧିକ ଥର ସମୟ ଗଡ଼ାଇ ସାରିଛନ୍ତି। ପୂର୍ବରୁ କେନ୍ଦ୍ର ସରକାର ଏଥିଲାଗି ଅଗଷ୍ଟ ୩୧ ପର୍ଯ୍ୟନ୍ତ ସମୟ ବୃଦ୍ଧି କରିଥିଲେ।

# ସାର ସମସ୍ୟା ନେଇ ୧୫ରେ ରାଜଭବନ ଘେରିବ ବିଜେଡି

ଭୁବନେଶ୍ୱର,୧୨ା୯(ସୁନିତ୍ ମିଶ୍ର)

ସାର ଅଭାବକୁ ନେଇ ରାଜ୍ୟର କୃଷକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରହିଛି ବୋଲି ସରକାର ବାରମ୍ବାର କରୁଥିବା ଦାବି ମିଥ୍ୟା କହି ବର୍ଷିଛି ବିଜେଡି। ସାର ସମସ୍ୟାର ତୁରନ୍ତ ସମାଧାନ ଦାବିରେ ଆସନ୍ତା ୧୫ରେ ବିଜେଡିରାଜଭବନ ସମ୍ମୁଖରେ ଧାରଣା ଦେବ ବୋଲି ଦଳର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ସୂଚନା ଦେଇଛନ୍ତି। ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଞ୍ଜୟ କହିଛନ୍ତି, ସାର ଯୋଗାଣକୁ ବ୍ୟବସ୍ଥିତ କରିବା ଓ କଳାବଜାର ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ସାର ନିଅଣ୍ଟ ସ୍ଥିତି ଯୋଗୁ କୃଷକମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ରାଜରାସ୍ତାକୁ ଓହ୍ଲାଉଛନ୍ତି। ଗତ ଗୁରୁବାର ମୁଖ୍ୟମନ୍ତ୍ରୀ ସମୀକ୍ଷା କରି ରାଜ୍ୟରେ ଆବଶ୍ୟକ ପରିମାଣର ସାର ମହଜୁଦ ରହିଛି ବୋଲି କହିଥିଲେ। ପୂର୍ବରୁ ମଧ୍ୟ ସେ ସମୀକ୍ଷାକରିବା ପରେ ସାର ମହଜୁଦ ଥିବା କଥା କହିଥିଲେ। କିନ୍ତୁ ସାର ନ ମିଳିବା କାରଣରୁ ରାଜ୍ୟର ବିଭିନ୍ନ ସ୍ଥାନରେ କୃଷକମାନେ ରାଜରାସ୍ତାରେ ଆନ୍ଦୋଳନ କରିବା ଖବର ନିୟମିତ ଭାବରେ ପ୍ରକାଶ ପାଉଛି। ସରକାର ସମସ୍ୟାର ସମାଧାନ ନ କରି କେବଳ ସମୀକ୍ଷା ନାଁରେ ସାରର ଅଭାବ ନାହିଁ ବୋଲି ମିଥ୍ୟା ଦାବି କରୁଛନ୍ତି। ତେଣୁ ସାର ସମସ୍ୟାର ତୁରନ୍ତ ସମାଧାନ ଦାବିରେ ଆସନ୍ତା ୧୫ରେ ବିଜେଡି ପକ୍ଷରୁ ରାଜଭବନ ସମ୍ମୁଖରେ ଧାରଣା ଦେବାପରେ ଯଦିସମସ୍ୟା ଲାଗି ରହେ ତେବେ ରାଜ୍ୟର ପ୍ରତି ବ୍ଲକ୍‌ରେ ବିଜେଡି ଆନ୍ଦୋଳନ କରିବ ବୋଲି ସଞ୍ଜୟ କହିଛନ୍ତି। ଏହି ଅବସରରେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ଜାଲରେ ନୟାଗଡ଼ ଜିଲା ଶ୍ରମ ଅଧିକାରୀ

ନୟାଗଡ଼,୧୨ା୯(ଲୋକନାଥ ମିଶ୍ର)

### ଶ୍ରମ କାର୍ଡ ପାଇଁ ୬ ହଜାର ଲାଞ୍ଚ ନେଉଥିଲେ



ଚିତ୍ତରଞ୍ଜନ ରାଉତ

ନୟାଗଡ଼ ଜିଲା ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଶ୍ରମ କାର୍ଡ କରିବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଶୁକ୍ରବାର ପୂର୍ବାହ୍ନରେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ପରେ ଶ୍ରମ ଅଧିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଶ୍ରମ ଅଧିକାରୀଙ୍କଠାରୁ ୬ ହଜାର ଲାଞ୍ଚ ଟଙ୍କା ଜବତ କରାଯାଇଛି।

ସୂଚନାଯୋଗ୍ୟ, ଶ୍ରମ କାର୍ଡ କରିବା ପାଇଁ ଖର୍ଚ୍ଚ ଦେବାକୁ ପଡିବ ବୋଲି ଶ୍ରମ ଅଧିକାରୀ ନୟାଗଡ଼ ବ୍ଲକ ବିରୁଡ଼ାଗାଁର ଶ୍ରମିକ ନେତା ତଥା କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ପରିଷଦ ସଦସ୍ୟ ଭୁବନ ଚାନ୍ଦ ହାତୀଙ୍କୁ କହିଥିଲେ। ଗୋଟିଏ ଶ୍ରମ କାର୍ଡ ପିଛା ୩୦୦ ଟଙ୍କା ଦେବାକୁ ପଡିବ ନ ହେଲେ କାର୍ଡ ହୋଇପାରିବ ନାହିଁ ବୋଲି କହିଥିଲେ । ଭୁବନ ଚାନ୍ଦ ୨୨ଟି ଶ୍ରମ କାର୍ଡ ପାଇଁ ଶ୍ରମ ଅଧିକାରୀ ରାଉତଙ୍କ ସହ ଯୋଗାଯୋଗ କରିବା ପରେ ୬ ହଜାର ୬୦୦ ଟଙ୍କା ଲାଞ୍ଚ ମାଗିଥିଲେ। ତେବେ ଶ୍ରମ ଅଧିକାରୀ ୨୧ଟି କାର୍ଡ କରିଥିବାରୁ ୬ ହଜାର ୩୦୦ ନେବାରଥିଲା। ମାତ୍ର ଭୁବନ ଚାନ୍ଦ ୬ ହଜାର ୩ ଶହ ଦେବା ପରିବର୍ତ୍ତେ ୬ ହଜାର ଟଙ୍କା ଦେଉଥିଲେ। ପୂର୍ବ ପ୍ରସ୍ତୁତି ମୁତାବକ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଲାଞ୍ଚ ଟଙ୍କା ଜବତ କରିଥିଲା। ପରେ ଭୁବନେଶ୍ୱର ଓ ନୟାଗଡ ଭିଜିଲାନ୍ସ ଟିମ୍ ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ନୟାଗଡ଼ରେ ଥିବା ଭଡା ଘର ଉପରେ ଚଢ଼ାଉ କରାଯାଇଥିଲା। ସେହିପରି କଟକ ଜିଲା କନ୍ଦରପୁର ଫକୀରପଡା ନିଜ ଘରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଏନେଇ ନଂ. ୧୯/୨୫ରେ ମାମଲା ରୁଜୁ ହୋଇଛି।

# ସହପାଠୀଙ୍କ ଆଖିରେ ଲଗେଇଲେ ଅଠା, ୭ ଗୁରୁତର

ଫୁଲବାଣୀ/ଗୋଚ୍ଛାପଡା,୧୨ା୯
(ରାକେଶ କୁମାର ରାଉତ/ରୋହିତ କହଁର)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ଗୋଚ୍ଛାପଡ଼ା ଥାନା ସଲାଗୁଡ଼ା ସେବାଶ୍ରମରେ ରହୁଥିବା ୪ର୍ଥ ଓ ୫ମ ଶ୍ରେଣୀର କେତେଜଣ ଛାତ୍ର ଗୁରୁବାର ରାତିରେ ନ ଶୋଇ ୮ ସହପାଠୀଙ୍କ ଆଖିରେ ଅଠା (ଫେଭିକୁଇକ) ଲଗାଇ ଦେଇଛନ୍ତି। ଶୁକ୍ରବାର ସକାଳେ ଛାତ୍ରମାନଙ୍କ ଆଖି ନ ଖୋଲିବାରୁ ସେମାନଙ୍କୁ ପ୍ରଥମେ ଗୋଚ୍ଛାପଡ଼ା ମେଡିକାଲ ଓ ପରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ଅବସ୍ଥା ଏବେ ସ୍ଥିର ରହିଛି। ବିଦ୍ୟାଳୟରେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ନ ରହିବା, ମାଟ୍ରନମାନଙ୍କ କାର୍ଯ୍ୟରେ ଅବହେଳାରୁ ଏଭଳି ଘଟିଛି।

ଜିଲା ମଙ୍ଗଳ ବିଭାଗ ଅଧୀନରେ ରହିଥିବା ସଲାଗୁଡ଼ା ସେବାଶ୍ରମ ବିଦ୍ୟାଳୟରେ ପ୍ରଥମରୁ ୭ମ ପର୍ଯ୍ୟନ୍ତ ଶ୍ରେଣୀ ରହିଛି। ହଷ୍ଟେଲରେ ୪୦ ଛାତ୍ର ଓ ୧୦୦ ଛାତ୍ରୀ ଅଛନ୍ତି। ଗତ ଗୁରୁବାର ରାତିରେ ପିଲାମାନେ ଖାଇପିଇ ଶୋଇବା କକ୍ଷକୁ ଯାଇଥିଲେ। ବହୁ ପିଲା ଶୋଇ ପଡ଼ିଥିଲେ। କେତେଜଣ ନ ଶୋଇ ୮ ଛାତ୍ରଙ୍କ ଆଖିପତାରେ ଫେଭିକୁଇକ ଲଗାଇ ଦେଇଥିଲେ। ଶୁକ୍ରବାର ଭୋର୍‌ରେ ସମସ୍ତେ ଉଠିଥିଲେ



ଚିକିତ୍ସା ହେବାକୁ ଆସିଥିବା ପିଲାମାନେ।

### ସଲାଗୁଡ଼ା ସେବାଶ୍ରମ

ମଧ୍ୟ ୮ ଛାତ୍ର ଆଖି ଖୋଲିପାରି ନ ଥିଲେ। ସେମାନେ କାନ୍ଦିବା ଆରମ୍ଭ କରିବାରୁ ଘଟଣା ପଦାକୁ ଆସିଥିଲା। ଶିକ୍ଷକ ଏବଂ ମାଟ୍ରନ ସକାଳ ୯ଟାରେ ସେମାନଙ୍କୁ ଗୋଚ୍ଛାପଡ଼ା ମେଡିକାଲକୁ ନେଇଥିଲେ। ସେଠାରେ ଜଣେ ଛାତ୍ରଙ୍କ ଆଖି ଫିଟି ଯାଇଥିଲା। ଅନ୍ୟ ୭ ଜଣ ଗୁରୁତର ହୋଇ ପଡ଼ିଥିଲେ। ସଲାଗୁଡ଼ା ସରପଞ୍ଚ ରୋହିତ କହଁର ଏହା ଜାଣିବା ପରେ ସେମାନଙ୍କୁ ନିଜ ଗାଡ଼ିରେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସା ପରେ ପିଲାମାନଙ୍କ ଆଖି ଖୋଲିଛି, ହେଲେ ପୀଡ଼ା ଓ ଫୁଲା ରହିଛି। ସରପଞ୍ଚ କହଁର କହିଛନ୍ତି, ବିଦ୍ୟାଳୟରେ ରାତିରେ ପ୍ରଧାନଶିକ୍ଷକ, ସହ ଶିକ୍ଷକମାନେ ରହୁନାହାନ୍ତି। ପଞ୍ଚାୟତ ସମିତି ବୈଠକରେ ଏହି କଥା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ଓ ପରେ ଜିଲା ମଙ୍ଗଳ ଅଧିକାରୀଙ୍କୁ ଅବଗତ କରାଇଥିଲେ। କିନ୍ତୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଶିକ୍ଷକମାନେ ରହୁ ନ ଥିବାରୁ ଏଭଳି ଘଟଣା ଘଟିଛି। ତୁରନ୍ତ ଶିକ୍ଷକମାନଙ୍କୁ ଏଠାରୁ ବଦଳି କରା ନ ଗଲେ ପଞ୍ଚାୟତବାସୀ ବିଦ୍ୟାଳୟରେ ତାଲା ପକାଇବୁ ବୋଲି ସରପଞ୍ଚ କହିଛନ୍ତି। ଅନ୍ୟପକ୍ଷରେ ଜିଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ପାଖକୁ ଫାଇଲ ପଠେଇ ଦେଇଛୁ। ଯେଉଁ ପିଲାମାନେ ଏପରି କରିଛନ୍ତି, ସେମାନଙ୍କ ଉପରେ ମଧ୍ୟ କଡ଼ା ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ଏପରି ଏକ ଦିନ ଆସିବ-ଯେତେବେଳେ କି ଏ ପୃଥିବୀର ସବୁ ଧନସଂପଦ ଭଗବତ୍ ବିରୋଧୀମାନଙ୍କ ଅଧିକାରରୁ ମୁକ୍ତ ହେବ। ଏବଂ ଭଗବାନଙ୍କ କାର୍ଯ୍ୟ ଏ ପୃଥିବୀରେ ଚାଲିବା ପାଇଁ ସେଗୁଡିକ ସ୍ୱଚ୍ଛନ୍ଦରେ ବ୍ୟୟିତ ହେବେ। -ଶ୍ରୀମା



# ପ୍ରତିଶୋଧାତ୍ମକ ରାଜନୀତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବେଆଇନ ବାଲି ଚାଲାଣକୁ ନେଇ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଓ ଆଇପିଏସ୍ ଅଧିକାରୀ ଅଞ୍ଜନା କ୍ରିଷ୍ଣାଙ୍କ ମଧ୍ୟରେ ବିବାଦ ଦେଖାଯାଇଛି। ରାଜନେତା ଓ ବାବୁଙ୍କ ମଧ୍ୟରେ ଏଭଳି ଟଣାଓଟରା ବହୁ ସମୟରେ ଦେଖାଯାଏ ଓ ଦୀର୍ଘଦିନ ଧରି ଲାଗିରହେ। ପାୱାରଙ୍କ ପାର୍ଟିର କର୍ମୀମାନେ ବେଆଇନ ବାଲି ଉଠାଣ ଉପରେ ଅଞ୍ଜନାଙ୍କ ପଦକ୍ଷେପ ସମ୍ପର୍କରେ ପାୱାରଙ୍କ ନିକଟରେ ଅଭିଯୋଗ କରିଥିଲେ। ସେ ଅଞ୍ଜନାଙ୍କୁ ଏ ସମ୍ପର୍କରେ କଲ୍ କରି ଧମକ ଦେଇଥିଲେ ଏବଂ ଅଞ୍ଜନା ସେଥିରେ ପରିବର୍ତ୍ତନ କରିବାକୁ ମନା କରିଦେଇଥିଲେ। ସେ ପଛଘୁଞ୍ଚା ନ ଦେବା କାରଣ ହେଉଛି ଖଣିମାଲିକମାନେ ବୈଧ କାଗଜପତ୍ର ଦେଖାଇପାରି ନ ଥିଲେ। ବ୍ୟବସ୍ଥା କିଭଳି ଚାଲିଛି ଏଥିରୁ ସ୍ପଷ୍ଟ ହେଉଛି। କିନ୍ତୁ ଆମ ରାଜନୈତିକ ସଂସ୍କୃତିରେ କାଗଜପତ୍ର କଥା କହିବା ମାନେ ବଡ଼ ବିପଦକୁ ଆମନ୍ତ୍ରଣ କରିବା। ଏଭଳି ପଦକ୍ଷେପ ଆମେ ପୂର୍ବରୁ ଦେଖିଛେ। ବାଲିମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉତ୍ତରପ୍ରଦେଶରେ ଦୁର୍ଗା ଶକ୍ତି ନାଗପାଲ ନିଲମ୍ବିତ ହୋଇଥିଲେ। ମଧ୍ୟପ୍ରଦେଶ ଓ କର୍ନାଟକରେ ଆଇଏଏସ୍ ଅଧିକାରୀମାନଙ୍କୁ ଗାଳି ଦିଆଯାଇଥିଲା, ଅପମାନିତ କରାଯାଇଥିଲା। ଏଭଳି ଘଟଣାରେ ରାଜନେତାମାନେ ସେମାନଙ୍କ ଶକ୍ତି ପ୍ରଦର୍ଶନ କରୁଥିବା ସମୟରେ ବାବୁଙ୍କ ମଧ୍ୟରୁ କେତେଜଣ ବିରୋଧ କରିଥାନ୍ତି। ଅଞ୍ଜନାଙ୍କୁ ବଦନାମ କରିବା ପାଇଁ ତାଙ୍କ ଜାତି ଓ ଶିକ୍ଷାଗତ ରେକର୍ଡଗୁଡ଼ିକର ଖୋଳତାଡ଼ କରାଯାଉଛି। ଏହା ଶାସନ ନୁହେଁ, ବରଂ ପ୍ରତିଶୋଧାତ୍ମକ ରାଜନୀତି। ଅଧିକାରୀମାନେ ସେମାନଙ୍କ କର୍ତ୍ତବ୍ୟ ଠିକ୍ ଭାବେ କଲାବେଳକୁ ସେମାନଙ୍କ ଉପରେ ଆକ୍ରମଣ କରାଯାଉଛି।

### ବିଶ୍ୱସନୀୟତା କମୁଛି

ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ(ସିଭିସି) ତା ରିପୋର୍ଟରେ ଦର୍ଶାଇଛି ଯେ, କାର୍ଯ୍ୟରେ ବିଳମ୍ବ, ଅନିୟମିତତା ଓ ହେରଫେର ଘଟଣାଗୁଡ଼ିକରେ ଅନ୍ୟମାନଙ୍କ ଉପରେ ଚଢାଉ କରୁଥିବା ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ (ସିବିଆଇ) ତାହାର ନିଜ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହିଁ । ଏବେସୁଦ୍ଧା ୬୦ଟି ମାମଲାର ବିଚାର ହୋଇପାରିନାହିଁ ଏବଂ ଏଥିରୁ ୨୨ଟି ମାମଲା ୪ ବର୍ଷରୁ ଅଧିକ ସମୟ ହେଲା ପଡ଼ିରହିଛି। ''ମୁଁ ଯାହା କହୁଛି ସେହି ଅନୁସାରେ କର, ଯାହା ମୁଁ କରୁଛି ତାହା କରନାହିଁ'' ନିୟମରେ ସିବିଆଇ ଚାଲେ କି? ଦେଶର ଏକ ପ୍ରମୁଖ ତଦନ୍ତକାରୀ ସଂସ୍ଥା ନିଜ ଗୋଡକୁ ଟାଣୁଛି ଏବଂ ବିଶ୍ୱସନୀୟତା ହରାଉଛି। ଏଭଳି ମାମଲା ପଡ଼ିରହିବା ସିବିଆଇର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରେ। ଯଦି ପୋଲିସ ଅଧିକାରୀମାନେ ଦୁର୍ନୀତିଗ୍ରସ୍ତ ହେବେ, ତେବେ ସେମାନେ ଠିକ ଭାବେ କାମ କରିବେ ବୋଲି ଆଶା କରାଯାଇ ପାରେ କି ? ସିବିଆଇରେ ଏବେ ୧୫୦୦ ପଦବୀ ଖାଲିରହିଛି। ଏଥି ମଧ୍ୟରେ ରହିଛି କାର୍ଯ୍ୟନିର୍ବାହୀ ର୍‍ୟାଙ୍କର ୯୦୦ ପଦବୀ। ଏହା ବିନା ଡାକ୍ତରରେ ଗୋଟିଏ ହସ୍ପିଟାଲ ଚଳାଇବା ଭଳି କଥା। ସିବିଆଇରେ ଫାଇଲ କାମ କରିବାକୁ ଲୋକ ନଥିବାବେଳେ ଏହା କିଭଳି ହାଇପ୍ରୋଫାଇଲ ଦୁର୍ନୀତି ମାମଲାଗୁଡ଼ିକର ତଦନ୍ତ କରିବ? ସିବିଆଇକୁ ' ପିଞ୍ଜରାବଦ୍ଧ ପାରା' ବୋଲି କୁହାଯାଉଛି। ତେବେ ଏହି ରିପୋର୍ଟକୁ ଯଦି ଦେଖାଯାଏ ତେବେ ସିବିଆଇ କେବଳ ପିଞ୍ଜରାବଦ୍ଧ ହୋଇନାହିଁ, ବରଂ ଏହାର ସ୍ୱର ମଧ୍ୟ ହରାଇସାରିଲାଣି ବୋଲଇ ବୁଝିବାକୁ ହେବ। ରାଜନୈତିକ ଭାବେ ଏହା ମୁକ୍ତ ହେଲେ ଏହା ସ୍ୱର ଉଚ୍ଚ କରିପାରେ, କିନ୍ତୁ ଯେତେବେଳେ ନିଜ ବସା ସଫା କରିବା କଥା ଆସେ ସେତେବେଳେ ନୀରବ ରହେ। ନିଜ ଘରକୁ ସଜାଡ଼ିବା ହେଉଛିଏହାର ପ୍ରଥମ କାମ। ଅନ୍ୟଥା, ସବୁ ଚଢାଉ, ସବୁ ସାମ୍ବାଦିକ ସମ୍ମିଳନୀ ଏବଂ 'ଆମେ ଅପାରାଧୀଙ୍କୁ ଧରିଲୁ' ଅଭିଯାନ ସବୁ ଫମ୍ପା ମନେହେବ।

### ନକଲି ବାବୁ

ନିକଟରେ ଉତ୍ତରପ୍ରଦେଶରେ ନକଲି ଆଇଏଏସ୍ ଅଧିକାରୀ ସୌରଭ ତ୍ରିପାଠୀଙ୍କୁ ଗିରଫ କରାଯାଇଛି। ସୌରଭ ନିଜକୁ ଜଣେ ଆଇଏଏସ୍ ଅଧିକାରୀ ପରିଚୟ ଦେଇ ଲକ୍ଷ୍ନୌରେ ବିନା ବାଧାରେ ବୁଲୁଥିଲେ। ତାଙ୍କ ପାଖରେ ସିଲ୍, ପାସ୍ ଓ ଜଣେ କର୍ମଚାରୀ ମଧ୍ୟ ଥିଲେ। ଦେଖିବାକୁ ଗଲେ ଏକ ଉଚ୍ଚସ୍ତରୀୟ ବୈଠକରେ ବରିଷ୍ଠ ଅଧିକାରୀଙ୍କ ସହ ବସିବା ଏବଂ ଅଧିକାରୀଙ୍କ ନିଯୁକ୍ତି ଉପରେ ବୁଝାମଣା କରିବା କେବଳ ଗୋଟିଏ ପ୍ଲାଷ୍ଟିକ ଆଇକାର୍ଡ ଦେଖାଇ କରିହେବ ନାହିଁ। ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ ଥିଲେ କିମ୍ବା ତା' ଭିତରେ ଥିବା ବ୍ୟକ୍ତିମାନେ ତାଙ୍କ ସହ ରହିଲେ ଏହା ସମ୍ଭବ ହେବ। ତ୍ରିପାଠୀଙ୍କ ଡାଏରୀ, କଲ୍ ରେକର୍ଡ ଏବଂ ଆର୍ଥିକ କାରବାର କେବଳ ତାଙ୍କ ଖୁସିକୁ ପ୍ରକାଶ କରିନାହିଁ, ବରଂ ଜଣେ ଠକଙ୍କୁ ଗାଡ଼ିରେ ବୁଲିବାକୁ ଅନୁମତି ଦେଇ ପୋଲିସ ଅଧିକାରୀମାନେ କେମିତି ଖୁସି ହୋଇପାରନ୍ତି, ତାହାକୁ ନେଇ ପ୍ରଶ୍ନ ଉଠୁଛି। ଆଉ ଗୋଟିଏ ବିଷୟକୁ ଏଠାରେ ଅଣଦେଖା କରିହେବ ନାହିଁ। କୌଣସି ସରକାରୀ କ୍ଷମତା ନ ଥିବା ବ୍ୟକ୍ତି ବଦଳି ଓ ପଦୋନ୍ନତିରେ ଦଲାଲ ପାଲଟିବା ଜଣାପଡ଼ିଛି। କେବଳ ଛଦ୍ମବେଶରେ ସେ ଧୁରନ୍ଧର ଥିବାରୁ ତାଙ୍କ ଠକେଇ ଠିକ୍ ଭାବେ କାମ କରିଛି ତାହା ନୁହେଁ, ବରଂ ପୋଲିସ ବ୍ୟବସ୍ଥାରେ ତାଙ୍କୁ ସମର୍ଥନ କରୁଥିବା ଅନେକଙ୍କ ପାଇଁ ଏହା ଘଟିଛି। ପୋଲିସ ଏବେ ଜବତ ହୋଇଥିବା କାର୍ ଓ ସିଲ୍‌ଗୁଡ଼ିକୁ ପ୍ରଦର୍ଶନ କରିପାରେ, କିନ୍ତୁ ଯେଉଁ ଅଧିକାରୀମାନଙ୍କ ସହଯୋଗରେ ଠକ ଏସବୁ କରିବାକୁ ସକ୍ଷମ ହେଲେ, ସେମାନଙ୍କ ନାମ ତଦନ୍ତରେ ପ୍ରକାଶ କରି ଲଜ୍ଜିତ ନ କରିବା ଯାଏ ଏହି ଘଟଣା କେବଳ ଜଣେ ଠକ ଦ୍ୱାରା ହୋଇଛି ବୋଲି କହିହେବ ନାହିଁ। ଏଥିରେ ଅମଲାତନ୍ତ୍ରର ବୁଝାମଣା ରହିଛି, ଯେଉଁଥିରେ ଜଣେ ଠକ ବାବୁ ତିଷ୍ଠିବାକୁ ସକ୍ଷମ ହୋଇପାରିଲେ।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | 7 | 2 | | | | | |
| | | | | 6 | 4 | 5 | | |
| | | 6 | | | | 8 | | 2 |
| | | | 8 | | 2 | | 3 | |
| | | | | | | 7 | | 1 |
| | 7 | 2 | | | | 6 | | 8 |
| | 9 | | | | | 1 | | |
| | 2 | | | | | | | |
| 6 | | | 1 | | 5 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 9 | 3 | 7 | 8 | 6 | 5 | 2 |
| 7 | 5 | 6 | 4 | 9 | 2 | 8 | 3 | 1 |
| 8 | 3 | 2 | 5 | 6 | 1 | 7 | 9 | 4 |
| 6 | 4 | 7 | 8 | 1 | 3 | 5 | 2 | 9 |
| 1 | 9 | 5 | 2 | 4 | 6 | 3 | 8 | 7 |
| 3 | 2 | 8 | 9 | 5 | 7 | 1 | 4 | 6 |
| 9 | 8 | 1 | 6 | 2 | 5 | 4 | 7 | 3 |
| 2 | 6 | 3 | 7 | 8 | 4 | 9 | 1 | 5 |
| 5 | 7 | 4 | 1 | 3 | 9 | 2 | 6 | 8 |

ଗତକାଲିର ଉତ୍ତର

# ଆଧାର: ଏକ ଅନାବଶ୍ୟକ ଯୋଜନା



ସୌଭାଗ୍ୟ ସୁନ୍ଦରରାୟ

ଗତ ଅଗଷ୍ଟ ୧୦ ତାରିଖରେ ଆଇଆଇଟି-ରୁର୍‌କିର ପ୍ରାୟ ୩୦ ହଜାର ଛାତ୍ରୀଛାତ୍ରଙ୍କ ବ୍ୟକ୍ତିଗତ ତଥ୍ୟ ସାର୍ବଜନୀନ ହୋଇଯାଇଛି। ଏହି ପ୍ରଘଟ ସମ୍ପର୍କରେ ଅନୁଧ୍ୟାନ ପାଇଁ ଏକ ଆଭ୍ୟନ୍ତରୀଣ କମିଟି ଗଠନ କରାଯାଇଛି। ଆଇଆଇଟି-ରୁର୍‌କି ହେଉଛି ଦେଶର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ। ଏଭଳି ଏକ ଶିକ୍ଷାନୁଷ୍ଠାନ ନିଜ ତଥ୍ୟକୁ ସୁରକ୍ଷା ଦେଇପାରୁ ନାହିଁ ବା ଗୋପନୀୟତା ବଜାୟ ରଖିପାରୁ ନାହିଁ। ଏପ୍ରକାର ପରିସ୍ଥିତିରେ ଆଧାର ତଥ୍ୟ ଗୋପନୀୟତା ଉପରେ ମଧ୍ୟ ପ୍ରଶ୍ନବାଚୀ ଉଠିବା ସ୍ୱାଭାବିକ। ଯଦି ଭାରତୀୟଙ୍କ ପରିଚୟର ଏକାଧିକ ପ୍ରମାଣପତ୍ର ରହିଛି, ତାହାହେଲେ ଆଧାରକୁ ଆଉ ଏକ ପରିଚୟପତ୍ର ଭାବେ ସଂଯୋଗ କରାଯିବାର କି ଆବଶ୍ୟକତା ପଡ଼ିଲା? ଆଧାରର ଡାଟା ଗୋପନୀୟତା ଅଦ୍ୟାବଧି ସ୍ୱଚ୍ଛ ନୁହେଁ। ଆଖି ଡୋଳାର ଫଟୋ ସହ ଦୁଇ ପାପୁଲିର ଦଶ ଆଙ୍ଗୁଠି ଛାପ ଆଧାରରେ ନିଆଯାଉଛି। ଏହାର ଆବଶ୍ୟକତା କ'ଣ? ବୃଦ୍ଧାଙ୍ଗୁଳି ଟିପ ଚିହ୍ନ ସବୁ ସମସ୍ୟାର ସମାଧାନ କରିପାରିବ ବୋଲି ଆମେ ଜାଣୁ, ଯାହା ଅତୀତରେ ହେଉଥିଲା। ଏହି ଛାପ ସର୍ବାଧିକ ଭରସା ଓ ବିଶ୍ୱାସଯୋଗ୍ୟ। ତେବେ କେଉଁ ବୈଷୟିକବିତ୍ ଦଶ ଅଙ୍ଗୁଳିଚିହ୍ନ ପରିକଳ୍ପନା କଲେ ତାହା ଅଦ୍ୟାବଧି ଅସ୍ପଷ୍ଟ। ଦଶ ଅଙ୍ଗୁଳି ଛାପ ରହିବ, ଫଟୋ ରହିବ, ସ୍ୱାକ୍ଷର ରହିବ ଏବଂ ଯେକୌଣସି ସମୟରେ ମଧ୍ୟ ସଂଶୋଧନ ହେବ। ଏହା ଅଜବ ବିଷୟ।

ସମ୍ପ୍ରତି ଆଧାର ପଞ୍ଜୀକରଣ ୟୁଆଇଡିଏଆଇ ଦ୍ୱାରା କରାଯାଉଛି। ୟୁଆଇଡିଏଆଇ କେନ୍ଦ୍ର ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଦ୍ୱାରା ପରିଚାଳିତ। ଆଧାର ପ୍ରକଳ୍ପର ପରିକଳ୍ପନା ୨୦୦୬ ମସିହାରେ କରାଯାଇଥିଲା। ଏହି ସମୟ ଥିଲା କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାରର ପ୍ରଥମ ପାଳି। ପ୍ରଧାନମନ୍ତ୍ରୀ ଥିଲେ ଡ. ମନମୋହନ ସିଂ। ସେ ସମୟରେ ଦେଶରେ ବିପିଏଲ୍ ପଞ୍ଜୀକରଣରେ ବହୁ ନକଲି ହିତାଧିକାରୀ ରହିଥିବା ଜଣାପଡ଼ିବା ପରେ ପ୍ରକୃତ ହିତାଧିକାରୀଙ୍କ ଏକ ତଥ୍ୟପୂର୍ଣ୍ଣ ତାଲିକା ପ୍ରସ୍ତୁତ କରିବାକୁ ଏହି ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ପରୀକ୍ଷାମୂଳକ ଭାବେ ଡିଜିଟାଲ ମାଧ୍ୟମରେ ତଥ୍ୟ ରଖିବା ନିମନ୍ତେ ଏହି ଚିନ୍ତା କରାଯାଇଥିଲା। ଏହାର ଲକ୍ଷ୍ୟ ସୀମିତ ଥିଲା। ପ୍ରକଳ୍ପକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ ସମ୍ପର୍କରେ ବିଶେଷ କିଛି ଚିନ୍ତା କରାଯାଇ ନ ଥିଲା। ଏହା ଉପରେ ତର୍ଜମା ଜାରି ରହିଥିଲା। ବିଭିନ୍ନ ସ୍ତରରେ ବିଚାର ଆଲୋଚନା ଚାଲିଥିଲା। କାରଣ ଦେଶରେ ଡିଜିଟାଲ ବା ଇଲେକ୍‌ଟ୍ରୋନିକ୍ସ ତଥ୍ୟ ସୁରକ୍ଷା କେତେ ଗୋପନୀୟ ତାହା ଜଣା ନ ଥିଲା କି ପରୀକ୍ଷିତ ହୋଇ ନ ଥିଲା। ୨୦୧୪ରେ ୟୁପିଏ ସରକାରର ପତନ ଘଟିଲା। କେନ୍ଦ୍ରରେ କ୍ଷମତାସୀନ ହେଲା ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ଏନ୍‌ଡିଏ



ସରକାର। ୨୦୧୬ ମସିହା ବଜେଟ ଅଧିବେଶନ ସମୟରେ ପାର୍ଲାମେଣ୍ଟରେ ଆଧାର ବିଲ୍ ଗୃହୀତ କରାଇ ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କଲେ ନୂଆ ସରକାର। ଆଧାର ଓ ଜିଏସ୍‌ଟି ପରିକଳ୍ପନା ୟୁପିଏ ସରକାର ଅମଳର। ସହମତି ଅଭାବରୁ ଏହା କାର୍ଯ୍ୟକାରୀ ହୋଇ ନ ଥିଲା। କାରଣ ଆଧାରରେ ବ୍ୟକ୍ତିଗତ ତଥ୍ୟ ସୁରକ୍ଷିତ ନୁହେଁ ବୋଲି ବିରୋଧୀ ଦଳ ଭାବେ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲା। କିଛି ମାମଲା ମଧ୍ୟ ଅଦାଲତକୁ ଯାଇଥିଲା। ତେବେ ଭାଜପା କ୍ଷମତାସୀନ ହେବା ପରେ ପୂର୍ବ ଆଧାରକୁ ପାର୍ଲାମେଣ୍ଟରେ 'ଅର୍ଥ ବିଲ୍' ଭାବେ ଗୃହୀତ କରାଇଲେ। ଏହା ଏକ ଅସଙ୍ଗତ ପ୍ରକ୍ରିୟା ଥିଲା। ରାଜ୍ୟ ସଭାକୁ ଏଡ଼ାଇବା ଉଦ୍ଦେଶ୍ୟରେ ଅର୍ଥ ବିଲ୍ ଭାବେ ଏହାକୁ ଗୃହୀତ କରାଗଲା। ଏପରି ବ୍ୟବସ୍ଥାରେ ମନମୋହନ ବିଶ୍ୱାସ କରୁ ନ ଥିଲେ। ଉଭୟ ସହଯୋଗୀ ଓ ବିରୋଧୀ ଦଳକୁ ବିଶ୍ୱାସକୁ ଏହି ପ୍ରକଳ୍ପ ଦେଶବ୍ୟାପୀ କରିବା ପାଇଁ ସେ ଚାହିଁଥିଲେ। କାରଣ ଦେଶରେ ଇଲେକ୍‌ଟ୍ରୋନିକ୍ସ ବ୍ୟବସ୍ଥାରେ ତଥ୍ୟ ଗୋପନୀୟତା ନେଇ ସେ ସନ୍ଦେହରେ ଥିଲେ। ପରିକଳ୍ପନାଟି ବାସ୍ତବ ରୂପ ନେଇପାରିବ କି ନାହିଁ ତାହା ଉପରେ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଆସିବା ପୂର୍ବରୁ ଭାଜପା ନେତୃତ୍ୱାଧୀନ ସରକାର ଏହାକୁ ପାର୍ଲାମେଣ୍ଟରେ ଗୃହୀତ କରାଇ ବାହାବା ନେବାକୁ ଚାହିଁଲେ। ଏହାର ମୁଖ୍ୟ ବିନ୍ଧାଣି ଥିଲେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ। ଏବେ ପରିଣାମ ଜଳଜଳ ହୋଇ ଦେଖାଯାଉଛି।

ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ସମୟରେ ଆଧାରକୁ କାହିଁକି ନିର୍ବାଚନ କମିଶନ ନାଗରିକ ପ୍ରମାଣପତ୍ର ଭାବେ ଗ୍ରହଣ କରିଲେ ନାହିଁ? ପ୍ରଥମେ ନିର୍ବାଚନ କମିଶନ କହିଲେ, ବହୁ ଆଧାର ନକଲି। ଆଧାର ନକଲି ହେଲା କିପରି? ଏଥିପାଇଁ କିଏ ଦାୟୀ ରହିବ? ତା'ପରେ କହିଲେ ଏହା ନାଗରିକ ପ୍ରମାଣପତ୍ର ନୁହେଁ, ପରିଚୟ ପ୍ରମାଣପତ୍ର। ଅର୍ଥାତ୍ ନାଗରିକ ପ୍ରମାଣପତ୍ର ନିର୍ବାଚନ କମିଶନ ଦେବେ, ପରିଚୟ ପ୍ରମାଣପତ୍ର ୟୁଆଇଡିଏଆଇ ଦେବ। ପରିଶେଷରେ ଆଧାରକୁ ପରିଚୟ ପ୍ରମାଣପତ୍ର ହେଉ ବା ନାଗରିକତା ପ୍ରମାଣପତ୍ର ହେଉ, ବିହାର ମତଦାନ ନିମନ୍ତେ ଏହା ଗ୍ରହଣ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଲେ। ଏହି ପରିପ୍ରେକ୍ଷୀରେ ଆଧାରର ବୈଧତା, ଏହାର କାର୍ଯ୍ୟଧାରା ଓ ସାମ୍ବିଧାନିକ ସ୍ଥିତି ନେଇ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଶିଶୁ ଜନ୍ମରୁ ଆଧାର କରିବା ପାଇଁ ବାଧ୍ୟ କରାଯାଉଛି। ପୁନର୍ବାର ୫ ବର୍ଷରେ ପୁଣିଥରେ ଆଧାର କରିବା ପାଇଁ ବାଧ୍ୟ କରାଯାଉଛି। ଆଧାର ନମ୍ବର ଜରିଆରେ ବିଭିନ୍ନ କଲ୍ୟାଣକାରୀ ଯୋଜନାର ପାଣ୍ଠି ହସ୍ତାନ୍ତର କରାଯାଉଛି। କୌଣସି ବ୍ୟକ୍ତିଙ୍କର ଆଧାର ନମ୍ବର ଥିଲେ ମଧ୍ୟ ପୁଣିଥରେ ୟୁଏଏନ୍ ନମ୍ବର ପାଇଁ କୁହାଯାଉଛି। ଇ-କେୱାଇସି ପାଇଁ କୁହାଯାଉଛି। ଏହାଦ୍ୱାରା ଆଧାର ସଂସ୍ଥା ଉପକୃତ ହେଉଛି, ଜନସାଧାରଣ ଆର୍ଥିକ, ମାନସିକ ଓ ଶାରୀରିକ ଦୃଷ୍ଟିରୁ ହନ୍ତସନ୍ତ ହେଉଛନ୍ତି। ୫ରୁ ୧୫ ବର୍ଷ ମଧ୍ୟରେ ଥିବା ସମସ୍ତ ପିଲାଙ୍କ ବାୟୋମେଟ୍ରିକ ପାଇଁ ୟୁଆଇଡିଏଆଇ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ତାହାହେଲେ ୟୁଆଇଡିଏଆଇ କ'ଣ ଦେଶରେ ଜାତୀୟ ଜନସଂଖ୍ୟା ତାଲିକା ବା ଏନ୍‌ପିଏ ପ୍ରସ୍ତୁତ କରୁଛି କି? ଭାରତରେ ଜନ୍ମମୃତ୍ୟୁ ପଞ୍ଜୀକରଣ ବ୍ୟବସ୍ଥା ରହିଛି। ଏହା ଜନ୍ମମୃତ୍ୟୁ ପଞ୍ଜୀକରଣ ଆଇନ- ୧୯୬୯ ଅନୁଯାୟୀ ହୋଇଥାଏ। ଏହା କିଛି ମାତ୍ରାରେ ଜନସଂଖ୍ୟା ବୃଦ୍ଧି ଓ ହ୍ରାସର ସୂଚନା ପ୍ରଦାନ କରିବାରେ ସମର୍ଥ।

ଦେଶରେ ପ୍ରତି ୧୦ ବର୍ଷରେ ଜନଗଣନାର ବ୍ୟବସ୍ଥା ରହିଛି। ଏହା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ରେଜିଷ୍ଟ୍ରାର ଜେନେରାଲ ଓ ସେନ୍‌ସସ୍ କମିଶନର କରିଥାନ୍ତି। ଏହାଦ୍ୱାରା ଦଶନ୍ଧି ଜନସଂଖ୍ୟାର ହିସାବ ସହ ଆର୍ଥିକ ଓ ସାମାଜିକ ତଥ୍ୟ ମିଳିଥାଏ। ଏଥିରେ ଜନ୍ମମୃତ୍ୟୁ ପଞ୍ଜୀକରଣକୁ ସଂଯୋଗ କରାଗଲେ ନିୟମିତ ଜନସଂଖ୍ୟାର ହିସାବ କେତେକାଂଶରେ ମିଳିପାରନ୍ତା। ଭାରତୀୟ ନିର୍ବାଚନ କମିଶନ ଦେଶରେ ନାଗରିକ ଗଣନା କରି ପରିଚୟପତ୍ର ପ୍ରଦାନ କରିଥାନ୍ତି। ଏହାପରେ ରାଶନ କାର୍ଡ, ପ୍ୟାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍‌ସ, ଜମି ପଟ୍ଟା ଆଦିକୁ ପରିଚୟ ପ୍ରମାଣପତ୍ର ଭାବେ ଗ୍ରହଣ କରାଯାଇ ଆସୁଛି। ଦେଶରେ ଏତେ ସାମ୍ବିଧାନିକ ସଂସ୍ଥା କାର୍ଯ୍ୟ କରୁଥିବାବେଳେ ୟୁଆଇଡିଏଆଇ ପ୍ରତିଷ୍ଠାର ଉଦ୍ଦେଶ୍ୟ ଅଦ୍ୟାବଧି ସ୍ପଷ୍ଟ ନୁହେଁ। ଏହା ବିପିଏଲ୍, ରାଶନ କାର୍ଡ ପରି ଅନ୍ୟ ଏକ ପରିଚୟପତ୍ର ଭାବେ ବିବେଚିତ ହେଉଛି। ତାହାହେଲେ ଆଧାରକୁ ଏତେ ଗୁରୁତ୍ୱ କାହିଁକି ପ୍ରଦାନ କରାଯାଉଛି? ଏଥିରେ ଏକ ୟୁନିକ୍ ବା ଅନନ୍ୟ ନମ୍ବର ରହିଛି ବୋଲି କୁହାଯାଉଛି। ୟୁଆଇଡିଏଆଇକୁ ଏକ ସମାନ୍ତରାଳ ଜନଗଣନା ସଂସ୍ଥା ଭାବେ ଆମେ ଧରିପାରିବା କି? ନା। କାରଣ ଜନଗଣନା କାର୍ଯ୍ୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ହୋଇଥାଏ। ୟୁଆଇଡିଏଆଇ ଭିନ୍ନ ଏକ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ। ଏହା କୁଆଡ଼େ ଜନସାଧାରଣଙ୍କ ସମ୍ପୂର୍ଣ୍ଣ ତଥ୍ୟ ରଖିଥାଏ ଏବଂ ନମ୍ବର ପ୍ରଦାନ କରିଥାଏ। ଏହା ତଥ୍ୟ ଗୋପନୀୟ ରଖିବାରେ କେତେ ସମର୍ଥ ସେ ସମ୍ପର୍କିତ ମାମଲା ସୁପ୍ରିମକୋର୍ଟରେ ବିଚାର ଅପେକ୍ଷାରେ ରହିଛି। ଦେଶର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ରୁର୍‌କି ଆଇଆଇଟିରୁ ତଥ୍ୟ ପ୍ରଘଟ ହେଉଛି ସେ ସମୟରେ ୟୁଆଇଡିଏଆଇ ତଥ୍ୟ ଗୋପନୀୟତାକୁ କିପରି ବିଶ୍ୱାସକୁ ନିଆଯାଇପାରିବ। ନାଗରିକ ପରିଚୟ ଓ ଜନସୁମାରି ପାଇଁ ଦେଶରେ ଏକାଧିକ ସଂସ୍ଥା କାର୍ଯ୍ୟ କରୁଥିବାବେଳେ ୟୁଆଇଡିଏଆଇର କିଛି ଆବଶ୍ୟକତା ନାହିଁ ବୋଲି ଜନତା ଅନୁଭବ କରୁଛନ୍ତି।

ମୋ: ୯୪୩୭୨୨୯୨୩୩

# ଗାଜାରେ ଭୋକର ସଂଜ୍ଞା



ଲଳିତେନ୍ଦୁ ପଲାଉରୀ

ହମାସ-ଇସ୍ରାଏଲ ଯୁଦ୍ଧରେ ୬୫ହଜାରରୁ ଅଧିକ ଗାଜାବାସୀଙ୍କ ମୃତ୍ୟୁ ହେଲାଣି। ଏମାନେ ବାରମ୍ବାର ବିସ୍ଥାପିତ ହେଉଛନ୍ତି। ଗାଜାରେ ପ୍ରମୁଖ ସମସ୍ୟା ପାଲଟିଛି ଖାଦ୍ୟ ସଙ୍କଟ। ମୁଠାଏ ଦାନା ପାଇଁ ଏମାନେ ଗାଜା ହ୍ୟୁମାନିଟାରିଆନ ଫାଉଣ୍ଡେଶନ ସହାୟତା କେନ୍ଦ୍ର ନିକଟରେ ଲମ୍ବା ଲାଇନ୍‌ରେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ବୁଭୁକ୍ଷୁଙ୍କୁ ଇସ୍ରାଏଲ ସେନା ଖାଦ୍ୟ ବଦଳରେ ଗୁଳିମାଡ଼ କରୁଛି। ଗତ ଜୁନ ମାସର ତଥ୍ୟ କହୁଛି ଖାଦ୍ୟ ବଣ୍ଟନ କେନ୍ଦ୍ର ନିକଟରେ ଆହାର ମୁଠାଏ ପାଇଁ ଚାତକ ଭଳି ଚାହିଁ ରହିଥିବା ଗାଜାର ୧୧ଶହରୁ ଅଧିକ ସାଧାରଣ ଲୋକଙ୍କୁ ଇସ୍ରାଏଲ ସେନା ଗୁଳିମାରି ହତ୍ୟା କରିଛି। ବିଶେଷ କରି ନାବାଳକ, ମହିଳା, କୋଳରେ ଛୁଆ ଧରିଥିବା ମା'ମାନଙ୍କୁ ଟାର୍ଗେଟ କରୁଛି ଇସ୍ରାଏଲ ସେନା।

ଜୁନ୍ ପ୍ରଥମ ସପ୍ତାହରେ ରାଫାର ଏକ ଖାଦ୍ୟ ବିତରଣ କେନ୍ଦ୍ର ନିକଟରେ ଇସ୍ରାଏଲ ଟ୍ୟାଙ୍କ ବର୍ବରୋଚିତ ଭାବେ ଆଖିବୁଜା ଗୁଳିମାଡ଼ କରିଥିଲା। ଘଟଣାସ୍ଥଳରେ ହିଁ ୩୦ ଜଣଙ୍କର ଜୀବନ ଯାଇଥିଲା। ୧୫୦ରୁ ଅଧିକ ଆହତ ହୋଇଥିଲେ। ଗତ ଜୁଲାଇ ଦ୍ୱିତୀୟ ସପ୍ତାହରେ ମଧ୍ୟ ଅନୁରୂପ ଘଟଣା ଘଟିଛି। ଭୋକ ସହି ନ ପାରି ପାଲେଷ୍ଟାଇନର ଏକ ଫୁଡ୍ ସେଣ୍ଟର ନିକଟରେ ଅପେକ୍ଷା କରିଥିବା ୪୩ଜଣଙ୍କ ମୃତ୍ୟୁ ହୋଇଛି। ତେବେ ଗାଜାବାସୀଙ୍କ ସ୍ଥିତି ନେଇ ଇସ୍ରାଏଲ ଓଲଟା ହମାସକୁ ଦୋଷ ଦେଇଛି। ଜାଣିଶୁଣି ହମାସ ସହ ଜଡ଼ିତ ଗାଜାର କିଛି ଲୋକ ଖାଦ୍ୟ ସେଣ୍ଟରଗୁଡ଼ିକରେ ଦଳାଚକଟା ସ୍ଥିତି ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବା ଇସ୍ରାଏଲ କହିଛି। ସାଧାରଣ ଲୋକଙ୍କୁ ଖାଦ୍ୟ ବଣ୍ଟନ ନାଁରେ ସେମାନଙ୍କୁ ମୃତ୍ୟୁର ଫାଶ ଭିତରକୁ ଜାଣିଶୁଣି ଇସ୍ରାଏଲ ଟାଣି ଆଣୁଛି ଓ ଗମ୍ଭୀର ମାନବୀୟ ସ୍ଥିତି ସୃଷ୍ଟି କରିଛି ବୋଲି ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି। ଗାଜାର ଏହି ଘଟଣା ଜାତିସଂଘରେ ବର୍ଣ୍ଣନା କରିବା ସମୟରେ କାନ୍ଦି ପକାଇଥିଲେ ପାଲେଷ୍ଟାଇନ ରାଷ୍ଟ୍ରଦୂତ ରିଆଦ ମନ୍‌ସୁର। ଗାଜାରେ କ୍ଷୁଧା ପୀଡ଼ିତ କୁନିକୁନି ପିଲା ସେମାନଙ୍କ ମା'ମାନଙ୍କ ମୁହଁକୁ ବିକଳ ଭାବେ ଚାହିଁ ଖାଦ୍ୟ ପାଇଁ କ୍ରନ୍ଦନ କରୁଥିବା ଦୃଶ୍ୟ ଅତ୍ୟନ୍ତ ମର୍ମସ୍ପର୍ଶୀ। କେବଳ ଶିଶୁମାନେ କାହିଁକି ଭୋକିଲା ପେଟରେ ଥିବା ମା'ମାନେ ସେମାନଙ୍କର ନିଷ୍ପ୍ରଭ ଶିଶୁମାନଙ୍କୁ କୁଣ୍ଢାଇ ଧରି କେବଳ କୋହଭରା କଣ୍ଠରେ ସାନ୍ତ୍ୱନା ଦେବା ଛଡ଼ା ସେମାନଙ୍କ ପାଖରେ କିଛି ନ ଥିବା ଜାତିସଂଘରେ ରିଆଦ ମନ୍‌ସୁର ବର୍ଣ୍ଣନା କରିଥିଲେ। ନିଜର ଭବିଷ୍ୟତ ପିଢ଼ିକୁ ଖାଦ୍ୟ ମୁଠାଏ ଦେଇପାରୁ ନ ଥିବା, ସେମାନଙ୍କ ଯନ୍ତ୍ରଣାଦାୟକ ସ୍ଥିତି କେବଳ ସେମାନଙ୍କ ସହ ଥିବା ଲୋକ ହିଁ କହିପାରିବ ବୋଲି କହିଥିଲେ ରିଆଦ। ତେଣୁ ଯୁଦ୍ଧ କ୍ଷୁଧାର୍ତ୍ତ ପାଲେଷ୍ଟିନୀୟଙ୍କ ଭବିଷ୍ୟତକୁ ବିକଳାଙ୍ଗ କରି ଦେଇଛି। ସେମାନେ ବାରମ୍ବାର ବିଶ୍ୱକୁ କହୁଛନ୍ତି ଆମେ ବି ମଣିଷ। ଆମର ବି ମାତୃଭୂମି ରହିଛି। ଆମକୁ ମଧ୍ୟ ଅନ୍ୟମାନଙ୍କ ପରି ଆତ୍ମସମ୍ମାନ ଓ ଅଧିକାର ମିଳିବା ଉଚିତ। ଆମର ଅସହ୍ୟ ଦୁଃଖ ଓ ଯନ୍ତ୍ରଣାରେ ବିଶ୍ୱ କାହିଁକି ନୀରବ ବୋଲି ସେମାନେ ପ୍ରଶ୍ନ କରୁଛନ୍ତି ।

ଗତ ମାର୍ଚ୍ଚ ମାସରେ ଇସ୍ରାଏଲ ଯୁଦ୍ଧ ବିରତି ଭଙ୍ଗ ପରଠାରୁ ଗାଜାର ସ୍ଥିତି ଅଧିକ ସଙ୍ଗିନ ହୋଇପଡ଼ିଛି। ଗତ ୪ ମାସ ମଧ୍ୟରେ ୫ହଜାରରୁ ଅଧିକ ପାଲେଷ୍ଟାଇନ ଶିଶୁ ଖାଦ୍ୟ ଅଭାବ, କୁପୋଷଣ ଆଉ ସ୍ୱାସ୍ଥ୍ୟସେବା ନ ପାଇ ମୃତ୍ୟୁବରଣ କରିଛନ୍ତି। ଦୀର୍ଘଦିନର ଯୁଦ୍ଧ ଭିତରେ ଗାଜାର ୭୦ପ୍ରତିଶତରୁ ଅଧିକ ଭିତ୍ତିଭୂମି ନଷ୍ଟ ହୋଇସାରିଛି। ୮୫ପ୍ରତିଶତ ଗାଜାବାସୀ ବାସହୀନ। କିନ୍ତୁ ଇସ୍ରାଏଲ ସେନା ହମାସ ବିରୋଧରେ 'ଟାର୍ଗେଟ ଅପରେଶନ' ଜାରି ରଖିବା ସହ ନିରୀହ ଗାଜାବାସୀଙ୍କୁ ହତ୍ୟା କରି ଚାଲିଛି। ନିକଟରେ ଗାଜାର କିଣ୍ଡରଗାର୍ଟେନ ସ୍କୁଲ, ଶରଣାର୍ଥୀ ଶିବିର ଓ ହସ୍ପିଟାଲଗୁଡ଼ିକ ଉପରେ ମଧ୍ୟ ବୋମାମାଡ଼ ଓ ରକେଟ ମାଡ଼ ଜୋରଦାର କରିଛି ଇସ୍ରାଏଲ। ହମାସ ଓ ଇସ୍ରାଏଲ ମଧ୍ୟରେ ସ୍ଥାୟୀ ଅସ୍ତ୍ରବିରତି ନେଇ ଆମେରିକା ଓ ଆରବ ଦେଶ ଦ୍ୱାରା ବାରମ୍ବାର ପ୍ରୟାସ ବିଫଳ ହୋଇ ଚାଲିଛି। ଗାଜାରୁ ଆତଙ୍କୀ ସଂଗଠନ ହମାସର ମୂଳୋତ୍ପାଟନ ନ ହେବା ଯାଏ ଯୁଦ୍ଧ ଏଭଳି ଜାରି ରହିବ ବୋଲି କହିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ। ଜାତିସଂଘ ଓ ମାନବାଧିକାର ସଂଗଠନ ଗାଜାରେ ମାନବୀୟ ସଙ୍କଟ ନେଇ ଉଦ୍‌ବେଗ ପ୍ରକାଶ କରୁଛି। କିନ୍ତୁ କୌଣସି ଆଖିଦୃଶିଆ ପଦକ୍ଷେପ ନେଇପାରୁନି। ଏଭଳି ସ୍ଥିତିରେ ହମାସକୁ ମୁକାବିଲା ପାଇଁ ଗାଜାରେ ଇସ୍ରାଏଲ ଛିଡ଼ା କରିଛି ନୂଆ ହମାସ ଗୋଷ୍ଠୀ। ଗାଜାରୁ ହମାସର ଚେର ଉପାଡ଼ିବାକୁ ପପୁଲାର ଫୋର୍ସେସ ନାମକ ଏକ ମିଲିସିଆ ସଂଗଠନକୁ ଦାୟିତ୍ୱ ଦେଇଛି ଇସ୍ରାଏଲ। ହମାସର ମୁକାବିଲା ପାଇଁ ଏହି ଉଗ୍ରବାଦୀ ସଂଗଠନକୁ ହତିଆର ବି ଯୋଗାଉଛି ଇସ୍ରାଏଲ। ଏହି ସଂଗଠନ ଦକ୍ଷିଣ ଗାଜାରେ ବେଶ୍ ସକ୍ରିୟ। ଗାଜାକୁ ଦୀର୍ଘ ୨ ଦଶନ୍ଧିରୁ ଅଧିକ ସମୟ ହେଲା ହମାସ କବ୍‌ଜା କରି ରଖିଛି। ହମାସ ଆତଙ୍କୀଙ୍କୁ ମୂଳପୋଛ ପାଇଁ ଇସ୍ରାଏଲର ପ୍ରୟାସ ସଫଳ ହୋଇପାରୁନି। ଏଭଳି ସ୍ଥିତିରେ ଇସ୍ରାଏଲକୁ ଅନେକ ମୁସଲମାନ ବହୁଳ ଦେଶ ଆଲଜେରିଆ, ବାଂଲାଦେଶ, ଇରାକ, ଇରାନ, କୁଏଟ, ଲେବାନନ, ଲିବିୟା, ମାଲେସିୟା, ଓମାନ ଓ ପାକିସ୍ତାନର ବାସନ୍ଦ ଜାରି ରହିଛି। ଶେଷରେ ଏତିକି କୁହାଯାଇ ପାରେ ଯୁଦ୍ଧ ହେଉ କି ଯୁଦ୍ଧ ବିରତି କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ସ୍ୱାର୍ଥସାଧାନ ଓ ସେମାନଙ୍କ ଆତ୍ମ ବଡ଼ିମା ପାଇଁ ଲକ୍ଷଲକ୍ଷ ନିରୀହ ଜନତାଙ୍କ ଜୀବନ ରସାତଳକୁ ଚାଲିଯାଇଛି। ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ଥିବା ବିଶ୍ୱର ନୀତି, ନୈତିକତା,ଆଇନ-କାନୁନ୍‌ର ଲିଖିତ ବ୍ୟବସ୍ଥା ଯେମିତି କେବଳ ଧୂଆଁବାଣ ସାବ୍ୟସ୍ତ ହୋଇଛି।

ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ:୯୭୭୮୬୯୭୦୩୬



## ଏଇ ଭାରତରେ

ଛତିଶଗଡ଼ ରାୟପୁରରୁ ବେଙ୍ଗାଲୁରୁକୁ ପଢ଼ିବାକୁ ଆସିଥିଲେ କପିଲ ଶର୍ମା। ସେଠାକାର ସବୁଜ ବଳୟ ଓ ସୌନ୍ଦର୍ଯ୍ୟ ତାଙ୍କୁ ଆକର୍ଷିତ କରିଥିଲା। ସେ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ରାୟପୁର ଫେରିଯାଇଥିଲେ। କିନ୍ତୁ ପରିବେଶ ପ୍ରତି ଥିବା ତାଙ୍କର ମୋହ ପୁନର୍ବାରୁ ତାଙ୍କୁ ବେଙ୍ଗାଲୁରୁକୁ ଟାଣି ଆଣିଥିଲା। ସେଠାରେ ରହି ବେଙ୍ଗାଲୁରୁର ପରିବେଶକୁ ଆହୁରି ଉନ୍ନତ କରିବା ଲାଗି ସେ ପ୍ରଥମେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରେ କୂଅ ଓ ହ୍ରଦ ପୁନରୁଦ୍ଧାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। କପିଲ 'ଶେ ଟ୍ରିଜ୍' ଏନ୍‌ଜିଓ ଗଠନ କରି ତା' ମାଧ୍ୟମରେ ବେଙ୍ଗାଲୁରୁ ସହର ଓ ତା'ଆଖପାଖ ଗ୍ରାମାଞ୍ଚଳରେ ଏହି କାର୍ଯ୍ୟ ତ୍ୱରାନ୍ୱିତ କରୁଛନ୍ତି। ଏବେସୁଦ୍ଧା ୪୦ କୂଅ ଓ ୬ଟି ହ୍ରଦ ପୁନରୁଦ୍ଧାର କରିସାରିଲେଣି। ଏବେ ଏହି କାର୍ଯ୍ୟ କରିବା ସକାଶେ ତାଙ୍କ ସହ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଯୋଡ଼ି ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ସେପ୍ଟେମ୍ବର ୧୯୭୬

- କୃଷି ସମ୍ପ୍ରସାରଣ କର୍ମୀମାନଙ୍କର ସୂଚାରୁ କର୍ମସମ୍ପାଦନ ନିମିତ୍ତ 'ବେଲବଟମ'ର ବ୍ୟବହାର ଅନୁକୂଳ ନୁହେଁ ବୋଲି ଦର୍ଶାଇ ପଞ୍ଜାବ ସରକାର ଏହାକୁ ନିଷିଦ୍ଧ କରିଛନ୍ତି।
- ପାକିସ୍ତାନ ସରକାରଙ୍କ ସହଯୋଗ ଫଳରେ ଅପହୃତ ଭାରତୀୟ ବିମାନ ଚଳାଚଳ ସଂସ୍ଥାର ବୋଇଂ-୭୩୭ ବିମାନ ଲାହୋରରୁ ଦିଲ୍ଲୀକୁ ଫେରିଆସିଛି।
- ବ୍ୟାଙ୍କ୍‌ରେ ଜନସାଧାରଣଙ୍କ ଆମୋଦ ପ୍ରମୋଦ ସ୍ଥାନରେ ଚୁମ୍ବନ ଦେବା ନେବାକୁ ନିଷିଦ୍ଧ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତି ଫେରାଇ ଅଣାଯାଉ

ମହାଶୟ,

ମହାପ୍ରଭୁଙ୍କ ନାମରେ ରାଜ୍ୟର ୨୪ଟି ଜିଲାରେ ୬୦,୪୨୭ ଏକର ଜମି ଥିବାବେଳେ ରାଜ୍ୟ ବାହାରେ ୬ଟି ପ୍ରଦେଶରେ ୩୯୫ ଏକର ଜମି ରହିଛି। ଶ୍ରୀମନ୍ଦିର ପ୍ରଶାସନ ଦଖଲରେ ୩୮,୦୬୧ ଏକର ଜମି ରହିଥିବା ବେଳେ ଅବଶିଷ୍ଟ ୨୨,୩୬୬ ଏକର ଜମିର ସ୍ୱତ୍ୱ ମନ୍ଦିର ପ୍ରଶାସନ ବାହାରେ, ଯାହା ଉଦ୍‌ବେଗଜନକ। ମହାପ୍ରଭୁଙ୍କର ସମସ୍ତ ସମ୍ପତ୍ତି ଛଅ ମାସ ଭିତରେ ନିଜ ଦଖଲକୁ ଆଣିବାକୁ ସୁପ୍ରିମକୋର୍ଟ ୨୦୧୯ ମସିହା ନଭେମ୍ବର ୪ ତାରିଖରେ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଏହା କାର୍ଯ୍ୟକାରୀ ହୋଇନାହିଁ। ଶହ ଶହ ଏକର ଜମି ବହୁ ପ୍ରଭାବଶାଳୀ ଲୋକ ଜବରଦଖଲ କରିଛନ୍ତି। ରାଜ୍ୟର ବିଭିନ୍ନ ଅଦାଲତରେ ବର୍ଷ ବର୍ଷ ଧରି ଏ ସମ୍ପର୍କିତ ଚାଲିଥିବା ମକଦ୍ଦମାର ତ୍ୱରିତ ଫଇସଲା ହେଉ। ଶ୍ରୀମନ୍ଦିର ପ୍ରଶାସନ ବେଦାନ୍ତକୁ ବିକ୍ରି କରିଥିବା ୬୦୭ ଏକର ଅମୃତମଣୋହି ଜମିକୁ ୨୦୨୩ ରେ ସୁପ୍ରିମକୋର୍ଟ ବେଆଇନ ଘୋଷଣା କରିବା ସହିତ ତୁରନ୍ତ ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହାର ଅନୁପାଳନ ଏବେ ସୁଦ୍ଧା ବାକି ଅଛି। ରାଜ୍ୟର ୨୪ ଜିଲାରେ ଥିବା ମହାପ୍ରଭୁଙ୍କ ଜମିରୁ ୧୦ଟି ଜିଲାରୁ ରାଜଭାଗ ଆଦାୟ ହେଉଥିବା ବେଳେ ବାକି ୧୪ ଜିଲାରୁ ରାଜଭାଗ ଆଦାୟ ହେଉନାହିଁ। ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ରେକର୍ଡ ହୋଇନଥିବା ଓ ଜବରଦଖଲରେ ଥିବା ମହାପ୍ରଭୁଙ୍କ ଜମି ନିଜ ଦଖଲକୁ ଆଣିବାକୁ ପଦକ୍ଷେପ ନେବା ସହ ଶ୍ରୀମନ୍ଦିରର ଆୟ ବୃଦ୍ଧି ଲାଗି ବିଶେଷ ବ୍ୟବସ୍ଥା ଗ୍ରହଣ କରନ୍ତୁ।

-ପ୍ରତାପ କୁମାର ନାୟକ, କନପୁର, କୟାଁଗୋଲା, ମଙ୍ଗଳପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚକିତ ଆତଙ୍କେ ଚାହିଁ ଅସ୍ତଗାମୀ ପ୍ରତୀଚୀ ମିହିରେ ।
ନିରେଖଇ ପୁଣି ଆର ତୀରେ-
କବିର କରୁଣ ଛନ୍ଦ ସମ !
ଚଉଦିଗେ ଘୋଟି ଆସେ ଧୀରେ ଧୀରେ ତମ ।
ଯୁଗ୍ମ ପକ୍ଷୀ ରବି ପାଶେ କରେ କି ମିନତି
ଆଉ କ୍ଷଣେ ବିଳମ୍ବିତ ହେବା ଲାଗି ଦ୍ରୁତ ଅସ୍ତଗତି ?
-(ଚକ୍ରବାକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଥାନାର ଦ୍ୱାରସ୍ଥ ହେଲେ ବାସନ୍ଦ ପରିବାର

ପୋଲସରା,୧୨।୯(ସୁବ୍ରତ ବେହେରା)



ଅଭିଯୋଗକାରୀ।

ପୋଲସରା ଥାନା କଳୟ ଗ୍ରାମରେ ଏକ ମିଛାବାନୀୟ ଘଟଣା ଦେଖିବାକୁ ମିଳିଛି। ସଭ୍ୟ ସମାଜରେ ଅସଭ୍ୟ ଘଟଣା ଆଲୋଡନ ସୃଷ୍ଟି କରିଛି କଳୟ ଗ୍ରାମର ଅଚ୍ୟୁତ ପ୍ରଧାନ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଆମ ପରିବାରର ଦୋଷ ନ ଥାଇ ଆମ ପରିବାରକୁ ରାଜଶ୍ରୀ ବଳାସୀ ସମାଜ ପକ୍ଷରୁ ବାସନ୍ଦ କରାଯିବା ସହ ଦେଢ଼ ବାବଦକୁ ୩ ହଜାର ୮ ଶହ ଏକ ଟଙ୍କା ଅର୍ଥ ରାଶି ଦିଅ ବୋଲି ସମାଜ ପକ୍ଷରୁ ମଗାଯାଇଛି। ସମାଜ ପକ୍ଷରୁ କୌଣସି ସୁଫଳ ନ ମିଳିବାରୁ ବାଧହୋଇ ଥାନାର ଦ୍ୱାରସ୍ଥ ହେଲୁ ବୋଲି ଅଭିଯୋଗ କରି ଅଚ୍ୟୁତ କହିଛନ୍ତି। ସୂଚନାଯୋଗ୍ୟ ଅଚ୍ୟୁତଙ୍କ ମା' ସଂଜିତ ସାହୁ ଶିକ୍ଷକତା କରୁଥିଲେ। ସେ ଟ୍ରେନ୍ ଯାତ୍ରା କରୁଥିବା ସମୟରେ ଏକ ଷ୍ଟେସନରେ ପାଣିପାଇଁ ତଳକୁ ଓହ୍ଲାଇ ପୁଣି ଚଢିବା ସମୟରେ ଗୋଡ଼ ଖସିଯାଇ ମୃତ୍ୟୁ ଘଟିଥିଲା। ଏହି ସମୟରେ ଅଚ୍ୟୁତଙ୍କ ମାଉସୀ ପାଖରେ ରହି ସହଯୋଗ କରିବା ସହ ଶୁଦ୍ଧିଘର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମାଉସୀ କାହିଁକି ଯୋଗଦେଲେ ବୋଲି କହି ବାସନ୍ଦର ନିଷ୍ପତି ନେଇଥିଲେ। ସମାଜରୁ ଅଚ୍ୟୁତଙ୍କ ପରିବାରକୁ ବାସନ୍ଦ ପରେ ଗାଁ ରେ ତାଙ୍କୁ ଭିନ ଏକ ନଜରରେ ଦେଖୁଥିବା ବେଳେ ସାର୍ବଜନୀନ ଅପମାନ ଏବଂ ସାମାଜିକ ବର୍ଜନ ଘୋଷଣା ଆମକୁ ଗୁରୁତର ମାନସିକ ଆଘାତ, ସାମାଜିକ ଅପମାନ ଏଂ ଅସୁରକ୍ଷିତ କାରଣ ମନେ ହେଉଛି ବୋଲି ଅଚ୍ୟୁତ ଉଲ୍ଲେଖ କରିଛନ୍ତି। ସମାଜର ୩ ଜଣଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ଏନେଇ ୬୬୨/୨୫ ରେ ମାମଲା ରୁଜୁ ହୋଇଛି। ପୋଲସରା ଥାନାଧିକାରୀ କୌଶିକ ମାଝୀ ଘଟଣାର ତଦନ୍ତ କରୁଛନ୍ତି।

# ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କୁ ଭେଟିଲେ ଅଞ୍ଚଳବାସୀ



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ପର୍ଶୁରାମପୁରବାସୀ।

ପାରଳାଖେମୁଣ୍ଡି,୧୨।୯(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋସାଣୀ ବ୍ଲକ ଅନ୍ତର୍ଗତ କତଲକଇଠାଠାରୁ ପର୍ଶୁରାମପୁର ଗ୍ରାମର ଶିବ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଛି । ପକ୍କା ସଡକ ନିର୍ମାଣ ପାଇଁ ପର୍ଶୁରାମପୁରବାସୀ ଶୁକ୍ରବାର ଜିଲାପାଳ ମଧୁମିତାଙ୍କୁ ଭେଟିଛନ୍ତି। କତଲକଇଠାଠାରୁ ପର୍ଶୁରାମପୁରୁ ପର୍ଯ୍ୟନ୍ତ ପ୍ରାୟ ୧୨ କି.ମି. ରାସ୍ତା ଖରାପ ହୋଇ ଖାଲଖମାରେ ପରିପୂର୍ଣ୍ଣ ହୋଇପଡଛି। ବର୍ଷା ଦିନେ ରାସ୍ତା ଧୋଇ ହୋଇଯାଉଥିବାରୁ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସ୍କୁଲ ଛାତ୍ରୀଛାତ୍ରମାନେ ସ୍କୁଲ ଯିବା, ଗର୍ଭବତୀ ମହିଳାଙ୍କୁ ଗାଡିରେ ନେବା ଆଣିବା କରିବା କଷ୍ଟକର ହେଉଥିବା ଗ୍ରାମବାସୀ ଜିଲାପାଳଙ୍କୁ ଅବଗତ କରାଇଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ, ୧୨।୯(ରାକେଶ କୁମାର ରାଉତ)

ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ମାମଲାର ବିଚାର କରି ଶୁକ୍ରବାର ଫୁଲବାଣୀ ଫାଷ୍ଟଟ୍ରାକ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୬ ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅଧିକ ୧ ବର୍ଷ ୯ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେ ହେଲେ ଦାରିଙ୍ଗିବାଡ଼ି ଥାନା ପାଙ୍ଗାଲି ଗ୍ରାମର ହର୍ମି ମଲ୍ଲିକ। ୨୦୨୪ ସେପ୍ଟେମ୍ବର ୧ରେ ନାବାଳିକା(୧୭) ଜଣକ ଡ୍ରେସ୍ କିଣିବାକୁ ଦାରିଙ୍ଗିବାଡ଼ି ବଜାର ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ହର୍ମି ଅଟୋରିକ୍ସା ନେଇ ବଜାରରେ ଛାଡ଼ି ଦେବାକୁ କହି ଜବରଦସ୍ତ ଅଟୋରେ ବସାଇ ପାଙ୍ଗାଲି ଜଙ୍ଗଲ ଆଡ଼କୁ ନେଇ ବଳାତ୍କାର କରିଥିଲେ। ଏ କଥା କାହାକୁ ନ କହିବାକୁ ଧମକ ଦେଇ ନାବାଳିକାଙ୍କୁ ଆଣି ଗାଁ ପାଖରେ ଛାଡ଼ି ଚାଲିଯାଇଥିଲେ। ନାବାଳିକା ଘରେ ସବୁ କଥା କହିଥିଲେ। ପରିବାର ଲୋକେ ଝିଅକୁ ନେଇ ଥାନାରେ ଏତଲା ଦେଇଥିଲେ। ପୋଲିସ ୧୪୪/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତ ହର୍ମିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୭ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ଡାକ୍ତରୀ ରିପୋର୍ଟକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ବାବଦରେ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

# ବିଭିନ୍ନ ସ୍ଥାନରୁ ପୋଚ ,ମଦ ଜବତ

ପାତ୍ରପୁର,୧୨।୯(ଉମା ଚରଣ ନେପାକ): ଜରଡା ଥାନା ଅନ୍ତର୍ଗତ ଜାମସାହି, ଯୁବା ସାହି, ବେଙ୍ଗେଇସାହି, ସିନ୍ଦୂରପୁର, ଗୁଜୁଲିଂ ଅଞ୍ଚଳରେ ଶୁକ୍ରବାର ଚଢ଼ାଉ କରାଯାଇ ବ୍ୟାପକ ପରିମାଣର ପୋଚ ଓ ମଦ ଜବତ ହୋଇଛି। ମଦ ଭାଟିଗୁଡିକୁ ନଷ୍ଟ କରାଯାଇଛି। ପୋଚ ଓ ୮୪୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଚଢ଼ାଉରେ ପାତ୍ରପୁର ତହସିଲଦାର ଅଶୋକ ପଟ୍ଟନାୟକ, ଚିକିଟି ଅବକାରୀ ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ ପଣ୍ଡା, ବ୍ରହ୍ମପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ଅର୍ଜୁନ ମଲ୍ଲିକ, ଖାରିଆଗୁଡ଼ା ଫାଣ୍ଡି ଅଧିକାରୀ ସମୀର ଜୟସିଂହ, ଦିଗପହଣ୍ଡି ଅବକାରୀ ଥାନା ଅଧିକାରିଣୀ ଅନିତା ପ୍ରଧାନ, ଚିକିଟି ଅବକାରୀ ଥାନା ଅଧିକାରୀ ସଞ୍ଜୟ ଭୁକ୍ତଓ ଅନ୍ୟମାନେ ସାମିଲ ଥିଲେ ।

# ବେତାରସିଂ ଗୁଳିକାଣ୍ଡ ଘଟଣା , ୩ ଗିରଫ

ବୁଗୁଡା, ୧୨।୯
(କାଳିଚରଣ ଦାଶ)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମର ଏକ ଭୋଜିରେ ଗଣ୍ଡଗୋଳ ଏବଂ ଗୁଳିକାଣ୍ଡ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବେତାରସିଂ ଗ୍ରାମର ସିଲୁ ଭୂୟାଁ(୩୦), ରାଜା ଜେନା (୨୮) ଏବଂ ବୁଗୁଡା ରଘୁନାଥ ସାହିର ରାଜା ସାହୁ (୩୦)। ଏହି ସମୟରେ ବ୍ୟବହୃତ ଗୋଟିଏ ପିସ୍ତଲ ଏବଂ ଦୁଇଟି ବାଇକ୍ ଜବତ କରାଯାଇଛି। ନଂ. ୫୭୨/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି।

ପ୍ରକାଶ ଯେ, ଗତ ସେପ୍ଟେମ୍ବର ୧୦ ତାରିଖ ରାତିରେ ବେତାରସିଂ ଗାଁ ନୂଆଁସାହିର ଗଣେଶ ମେଢ ବିସର୍ଜନ ପରେ ଏକ ଭୋଜିର ଆୟୋଜନ ହୋଇଥିଲା। ସେହି ଭୋଜିରେ ବେତାରସିଂ ଗ୍ରାମର ପାଣ୍ଡବ ଚରଣ ସ୍ୱାଇଁ ଯୋଗ ଦେଇଥିଲେ। ଉପରୋକ୍ତ ତିନି ଜଣ ମଦ ପିଇ ସେଠାରେ ଗଣ୍ଡଗୋଳ କରି ଫେରିଥିଲେ। ପରେ ରାଜା ଓ ସିଲୁ ପିସ୍ତଲ ସହ ବୁଲେଟରେ ଏବଂ ରାଜା ଜେନା ପଲସର ଗାଡିରେ ଯାଇ ପାଣ୍ଡବଙ୍କ ଘରେ ପହଞ୍ଚିଥିଲେ। ସେଠାରେ ସେମାନେ ପାଣ୍ଡବଙ୍କୁ ଗାଳିଗୁଲଜ କରିବା ସହ ସିଲୁ ତାଙ୍କ ଉପରକୁ ଗୁଳିମାଡ କରିଥିଲେ। ଗୁଳିଟି ଲକ୍ଷ୍ୟଚ୍ୟୁତ ହୋଇ ସେ ବସିଥିବା ଚେୟାରରେ ବାଜିବାରୁ ତାହା କଣା ହୋଇ କାନ୍ଥରେ ବାଜିଥିଲା। ଗୁଳି ଫୁଟିବା ଶବ୍ଦ ଶୁଣି ଆଖପାଖ ଲୋକେ ସେଠାରେ ପହଞ୍ଚିଯିବାରୁ ଏହି ୩ ଜଣ ଧମକଚମକ ଦେଇ ସେଠାରୁ ପଳାଇଥିଲେ। ଏ ନେଇ ପାଣ୍ଡବ ଥାନାରେ ଅଭିଯୋଗ କରିବା ପରେ ଏସ୍‌ଆଇ ଜ୍ୟୋତିଶ୍ରୀ ସାହୁ ଘଟଣାର ତଦନ୍ତ କରିଥିଲେ। ତଦନ୍ତରୁ ଏମାନଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବାରୁ ସିଲୁ,ରାଜା ଏବଂ ରାଜା ସାହୁଙ୍କୁ ଗିରଫ କରାଯାଇଥିଲା।

## ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଗଣିତ ପାଠଚକ୍ର

ବେଲଗୁଣ୍ଠା,୧୨।୯(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁର ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଗଣିତ ବିଭାଗର ଏକ ପାଠଚକ୍ର ଅନୁଷ୍ଠିତ ହୋଇଛି। ଅଧକ୍ଷ ଡା.ଗିରିଧର ନାୟକଙ୍କ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଡ. ରବି ନାରାୟଣ ପାତ୍ର ଯୋଗଦେଇ ସାମ୍ପ୍ରତିକ ସମୟରେ ଗଣିତର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଅଧାପକ ରଞ୍ଜିତ ଦାସ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗଣିତ ବିଭାଗ ଅଧାପିକା କେ.ସ୍ୱାତୀ ରାଓ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଗଣିତ ବିଭାଗର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କର୍ମଚାରୀମାନେ ସହଯୋଗ କରିଥିଲେ।

# ପାଠ ପଢ଼ାରେ ଆଧାର କାର୍ଡ ବାଧକ

## ଷଷ୍ଠ ଶ୍ରେଣୀରେ ନାମ ଲେଖାଇପାରୁନାହାନ୍ତି ସୁଜିତ



ଗୁମ୍ମା,୧୨।୯
(ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ବଡ କଳାକୋଟ ପଞ୍ଚାୟତ ଜଙ୍ଗଜଙ୍ଗଲ ଗ୍ରାମର ଜଣେ ଛାତ୍ରଙ୍କ ପାଠପଢାରେ ଆଧାର କାର୍ଡ ବାଧକ ସାଜିଛି। ଫଳରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢି ପରେ ପାଠରେ ଡୋରି ବାନ୍ଧିଛନ୍ତି ଗ୍ରାମର ବାଜନ୍ତି ଗମାଙ୍ଗଙ୍କ ପୁଅ ସୁଜିତ (୧୨)। ପାଠ ପଢିବାକୁ ଆଗ୍ରହୀ ଥିବା ସୁଜିତଙ୍କ ଆଧାର କାର୍ଡ ହଜିଯାଇଥିବାରୁ ସ୍ଥାନୀୟ ବିଦ୍ୟାଳୟରୁ ପଞ୍ଚମ ଶ୍ରେଣୀ ପଢିବା ପରେ ଆଉ ଉଚ୍ଚ ଶ୍ରେଣୀରେ ନାମ ଲେଖାଇ ପଢି ପାରୁନାହାନ୍ତି ସେ। ଅନେକ ଥର ଏଥିପାଇଁ ଆବେଦନ କରି ମଧ ତାଙ୍କୁ ଆଧାର କାର୍ଡ ମିଳୁନାହିଁ। ଯାହାଦ୍ୱାରା ସେ ଉଚ୍ଚ ଶ୍ରେଣୀରେ ନାମ ଲେଖାଇ ପାରୁନାହାନ୍ତି ବୋଲି ସୁଜିତ ଓ ଗ୍ରାମବାସୀ କହିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ସୁଜିତ୍‌ଙ୍କୁ ତୁରନ୍ତ ଆଧାର କାର୍ଡ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

MAA TARATARINI
MULTI GYM REQUIRED
Only Boy Candidate for FRONT OFFICE EXECUTIVE & GYM TRAINER
Interested Candidate may apply:
sagarparida29@gmail.com
Qualification: 12th above, Age: 20-35 Yrs.
Salary: Negotiable for Experience Candidate
Contact: 9937542268/9337542268

REQUIRED
ରୋହନ ଅଟୋରାଇଡର୍ସ ନିଯୁକ୍ତି
(ଅଧିକୃତ Hero MotoCorp ଡିଲର)
ଖାଲିଥିବା ପଦବୀଗୁଡ଼ିକ:
- ସିନିଅର ସେଲ୍ସ ଏକ୍‌ଜିକ୍ୟୁଟିଭ୍
- ସେଲ୍ସ ଏକ୍‌ଜିକ୍ୟୁଟିଭ୍
- PDI/ମେକାନିକ୍/ଟେକ୍ନିସିଆନ୍
- ପିଅନ • ସାଇଟ୍ ସୁପରଭାଇଜର

ଆମେ ସେମାନଙ୍କୁ ପସନ୍ଦ କରିବୁ, ଯେଉଁମାନେ ଦୁଇ–ଚକିଆ ସେଗ୍‌ମେଣ୍ଟରେ ଅନୁଭବୀ ଓ ପାତ୍ରପଡ଼ା/ତମାଣ୍ଡୋ/ବରମୁଣ୍ଡା ଅଞ୍ଚଳରେ ରହୁଥିବେ।
ADDRESS:
Near Fire Station Crossing, Baramunda, Bhubaneswar
Come to showroom for Interview with CV or Send CV at:
rohandubey231@gmail.com
Call: +91 9437065592

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-257
କାର୍ଯ୍ୟର ନାମ : କୋଚିଙ୍ଗ ଡିପୋ, ସମ୍ବଲପୁର ଠାରେ PIT ଲାଇଟିଙ୍ଗ, ବ୍ୟାଟେରୀ ଚାର୍ଜିଙ୍ଗ, ପ୍ରିକୁଲିଙ୍ଗ (Precooling) ବ୍ୟବସ୍ଥାର ବନ୍ଦୋବସ୍ତ / ଉନ୍ନତୀକରଣ ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1,96,81,911.90, EMD : ₹ 2,48,400/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 06 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.03.10.2025ରିଖ 1530 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କେରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-588/Q/25-26

# ଅତିରିକ୍ତ ଜିଲାପାଳଙ୍କୁ ଏସ୍‌ଏଚ୍‌ଜିର ସ୍ମାରକପତ୍ର ପ୍ରଦାନ



କବିସୂର୍ଯ୍ୟନଗର,୧୨।୯(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗରର ୨୧ଟି ପଞ୍ଚାୟତର ଶତାଧିକ ଏସ୍‌ଏଚ୍‌ଜି ମହିଳା ଶୁକ୍ରବାର ଅତିରିକ୍ତ ଜିଲାପାଳ ଦେବଦତ୍ତ ପଣ୍ଡାଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆଇନର ଆଶ୍ରୟ ନେବା ସହ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ଶୁକ୍ରବାର ସକାଳେ ଏସ୍‌ଏଚ୍‌ଜି ସଭ୍ୟମାନେ ସଭାନେତ୍ରୀ କେ. କମଳା କୁମାରୀ ରେଡ୍ଡୀଙ୍କ ନେତୃତ୍ୱରେ ବ୍ଲକଠାରେ ଏକାଠି ହୋଇଥିଲେ । ସଭାନେତ୍ରୀ, ସମ୍ପାଦିକା ପରିବର୍ତ୍ତନକୁ ବିରୋଧ କରି ବ୍ଲକ ପରିସରରେ ବିଡ଼ିଓ, ବିପିଏମଙ୍କ ବିରୋଧରେ ଗର୍ଜିଥିଲେ । ମୋଟ ୧୭ଟି ଜିଲାରେ ନୂତନ ଏସଏଚଜି ଗଠନ ଉପରେ ହାଇକୋର୍ଟ ରୋକ ଲଗାଇଛନ୍ତି । ସେଥିମଧରେ ଗଞ୍ଜାମ ଜିଲା ରହିଛି। ଏହାସତ୍ତ୍ୱେ ବି ଏଠାରେ କାହିଁକି ବ୍ୟତିକ୍ରମ ହେଉଛି ବୋଲି ଏସଏଚଜି କର୍ମକର୍ତ୍ତା ଅଭିଯୋଗ ଆଣିଛନ୍ତି । ସଭାନେତ୍ରୀ, ସମ୍ପାଦିକା ହଟାଇବାକୁ ବିରୋଧ ହୋଇଛି । ଶୁକ୍ରବାର ବ୍ଲକ ବୈଠକ ଗୃହରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଚାଲିଥିଲା । ଅତିରିକ୍ତ ଜିଲାପାଳ ବାହାରକୁ ଆସିବା ବେଳେ ଏସଏଚଜିର ଶତାଧିକ ମହିଳା ଘେରି ଯାଇ ତାଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ବିଡ଼ିଓ, ବିପିଏମଙ୍କ ଚାପରେ ଏସହେଚଜିର ସଭାନେତ୍ରୀ ଓ ସମ୍ପାଦିକା ବାହାର କରିବାକୁ ଚକ୍ରାନ୍ତ ଚାଲିଥିବା ଅଭିଯୋଗ କରିଛନ୍ତି । ସଭାନେତ୍ରୀ କେ. କମଳା କୁମାରୀ ରେଡ୍ଡୀ, ସମ୍ପାଦିକା ଜୟନ୍ତୀ ରେଡ୍ଡୀ, ନନ୍ଦିନୀ ସ୍ୱାଇଁ, ବିଷ୍ଣୁପ୍ରିୟା ସାହୁ, ତପସ୍ୱିନୀ ଭୂୟାଁ, ସୁକାନ୍ତି ସାହୁ ଓ ନନ୍ଦିନୀ ଜେନା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

THE BERHAMPORE CO-OPERATIVE CENTRAL BANK LTD.
Head Office: At/P.O.: Town Hall Road, Brahmapur - 760001, District: Ganjam, Odisha
Phone No.: 0680-2222028, Bank Mail Id: cocenbank@rediffmail.com
Ref. No. BCCB/Stock Sec./2471/2025-26 Date: 12.09.2025
ବିଶେଷ ସୂଚନା
(ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିମିଟେଡ, ବ୍ରହ୍ମପୁର)
୧. ଏତଦ୍ୱାରା ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିମିଟେଡ, ବ୍ରହ୍ମପୁରର ସମସ୍ତ ଗ୍ରାହକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ସମସ୍ତଙ୍କ ଖାତା (ଜମା ଖାତା/ଚାଲୁ ଖାତା)ରୁ ବାର୍ଷିକ ୪୦ଟଙ୍କା ହିସାବରେ ସେବା ଶୁଳ୍କ ବାବଦକୁ ଦୁଇ କିସ୍ତିରେ କଟାଯିବ।
୨. ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କର ସମସ୍ତ ଖାତାକୁ K.Y.C. ଅପଡେଟ୍ କରାଯାଉଅଛି। ଏଥି ସକାଶେ ବ୍ୟାଙ୍କର ସମସ୍ତ ଗ୍ରାହକମାନଙ୍କୁ ନିବେଦନ କରାଯାଉଅଛି ଯେ, ନିଜର ପରିଚୟ ପତ୍ର, ଠିକଣା ପ୍ରମାଣ ପତ୍ର ଏବଂ ଏବେକାର ପାସ୍‌ପୋର୍ଟ ଫଟୋ ସହ ବ୍ୟାଙ୍କର ନିକଟସ୍ଥ ଶାଖାକୁ ଯାଇ ତା ୩୧ ଡିସେମ୍ବର ୨୦୨୫ରିଖ ସୁଦ୍ଧା K.Y.C. ଅପଡେଟ୍ କରାଇନିଅନ୍ତୁ।
ସୂଚନାଯୋଗ୍ୟ: ଯଦି ସେଭିଙ୍ଗସ୍ ବା କରେଣ୍ଟ ଏକାଉଣ୍ଟ ଗତ ୨୪ ମାସ ଧରି ବ୍ୟବହୃତ ହୋଇ ନ ଥାଏ ଅଥବା K.Y.C. ଅପଡେଟ୍ ହୋଇ ନ ଥାଏ, ବ୍ୟାଙ୍କ ତରଫରୁ କୌଣସି ସୂଚନା ଦିଆ ନ ଯାଇ ସେହି ଏକାଉଣ୍ଟକୁ ଅଚଳ କରିଦିଆଯିବ।
ସ୍ୱା./– ସମ୍ପାଦକ

UNIVERSITY DEPARTMENT OF TEACHER EDUCATION
UTKAL UNIVERSITY
VANI VIHAR, BHUBANESWAR-751007, ODISHA
UTKAL UNIVERSITY NAAC A+ Accredited
RECRUITMENT
The undersigned invites application in prescribed format for engagement of nine Faculties in different subjects. The posts are purely temporary and on consolidated basis.
Last date of receiving application form is up to 23/09/2025 through speed post only.
For all details, please refer to the official website of Utkal University https://utkaluniversity.ac.in
Sd/- Chairperson
PGC, Utkal University

## ବ୍ଲକସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ ବୈଠକ

ଆର.ଉଦୟଗିରି,୧୨।୯
(ମନୋଜ କୁମାର ପାଢୀ)

ଆର. ଉଦୟଗିରି ବ୍ଲକରେ ବ୍ଲକସ୍ତରୀୟ ଆଦିକର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ବୈଠକ ସ୍ଥାନୀୟ ଏକ କଲ୍ୟାଣମଣ୍ଡପଠାରେ ହୋଇଥିଲା। ଆଗକୁ ଏହି କାର୍ଯ୍ୟକ୍ରମର ୨ ଦିନିଆ କର୍ମଶାଳା ହେବ। ବ୍ଲକର ୧୧୬ଟି ଜନଯାତୀୟ ଗ୍ରାମଗୁଡ଼ିକର କିପରି ବିକାଶ ହୋଇପାରିବ ଏବଂ ଏନେଇ କିପରି ପ୍ରଶିକ୍ଷଣ ପ୍ରଦାନ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଡିଓ ଲରିମନ ଖର୍ସେଲ, ବିଇଓ ବୀରେନ୍ଦ୍ର ମଣ୍ଡଳ, ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ ଉଦୟଭାନୁ, ସିଡିପିଓ ଲଳିତା ପୂଜାରୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପବିତ୍ର ପଣ୍ଡା ଉପସ୍ଥିତ ରହି ଆଲୋଚନା କରିଥିଲେ। ଆଦିବାସୀ କଲ୍ୟାଣ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ କଲ୍ୟାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାର ଉଦ୍ଦେଶ୍ୟ ଓ ପରିକଳ୍ପନା ସମ୍ପର୍କରେ ଉପସ୍ଥିତ ଅଧିକାରୀମାନେ ସଦସ୍ୟମାନଙ୍କୁ ବୁଝାଇଥିଲେ । ସମସ୍ତ ଲାଇନ ବିଭାଗ ଅଧିକାରୀ, ୧୭ଟି ପଞ୍ଚାୟତର ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ପ୍ରଶିକ୍ଷଣ ପାଇଥିବା ବ୍ୟକ୍ତିମାନେ ପରବର୍ତ୍ତୀ ସମୟରେ ଗ୍ରାମକୁ ଯାଇ ଗ୍ରାମୋନ୍ନତି ପାଇଁ କାର୍ଯ୍ୟ କରିବେ।

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमंडल,रामगढ़
अति अल्पकालीन ई–निविदा आमंत्रण सूचना
अति अल्पकालीन ई–निविदा संख्या:- 03R1/2024-25/RWD/RAMGARH दिनांक :- 11.09.2025
कार्यपालक अभियंता, ग्रामीण कार्य विभाग, कार्य प्रमण्डल, रामगढ़ द्वारा मुख्यमंत्री ग्राम सड़क योजनान्तर्गत निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या | प्रखण्ड | कार्य का नाम | प्राक्कलित राशि (लाख में) | कार्य समाप्ति की अवधि |
|---|---|---|---|---|---|
| 1 | RWD/RAMGARH/ 10/2024-25/ MMGSY | गोला | संग्रामपुर पंचायत ग्राम सरलाकलां में रूपलाल महतो के घर से बेदिया जारा तक पथ निर्माण कार्य। (3.260 कि0मी0) | 243.155 | 12 माह |

2. वेबसाईट में निविदा प्रकाशन की तिथि:– 13.09.2025
3. ई–निविदा प्राप्ति की अंतिम तिथि एवं समय:– 20.09.2025 अपराह्न 5.00 बजे तक।
4. निविदा खोलने की तिथि एवं समय:– 23.09.2025 अपराह्न 11.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, रामगढ़, नयानगर, घुटुवा, बरकाकाना, रामगढ़ झारखण्ड, पिन– 829103
6. ई–निविदा प्रकोष्ठ का दूरभाष सं0– 06553254005

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
कार्यपालक अभियंता
ग्रामीण कार्य विभाग
कार्य प्रमण्डल, रामगढ़
PR 361687 District (25-26)_D

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ଼ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
ସର୍ବସାଧାରଣ ବିଜ୍ଞପ୍ତି
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ–ଧାରା (୨) ଏବଂ ଉପ–ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]
ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୧୧୩ ତାରିଖ:- ୦୨।୦୯।୨୦୨୫
ସନ୍ଦର୍ଭ:
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୭)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବିଃ୯୩୬୧୫୪ | ୟୁ୫୧୯୦୯ଓଆର୍‌୨୦୨୨ପିଟିସି୦୪୦୭୮୯ | ସୁପରସିଓପାର ଟ୍ରେଡିଂ ପ୍ରାଇଭେଟ ଲିମିଟେଡ୍ |
| ୨ | ଏବିଃ୬୮୯୮୫୧ | ୟୁ୬୨୦୯୯ଓଡି୨୦୨୩ପିଟିସି୦୪୨୫୩୩ | ନିତକାଲ ଡିଜିଟ୍ରାନ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ୍ |
| ୩ | ଏବିଃ୭୦୬୪୨୫ | ୟୁ୦୧୫୦୦ଓଡି୨୦୨୩ପିଟିସି୦୪୪୨୪୮ | କୃଷିପ୍ରଦାହ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ |
| ୪ | ଏବିଃ୭୦୩୭୦୦ | ୟୁ୪୫୨୦୯ଓଆର୍‌୨୦୨୨ପିଟିସି୦୩୯୯୮୧ | ବେଣୁଧର ପ୍ରଧାନ କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍ |
| ୫ | ଏବି୬୦୨୯୯୮୬ | ୟୁ୯୬୦୯୦ଓଡି୨୦୨୪ପିଟିସି୦୪୪୭୪୮ | କିନସ୍ ଇନ୍‌ଭେଷ୍ଟିଗେସନ୍ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ୍ |
| ୬ | ଏବିଃ୩୭୯୪୨୧ | ୟୁ୫୨୫୯୦ଓଆର୍‌୨୦୧୪ପିଟିସି୦୧୭୭୫୫ | ଶ୍ରେଶାଙ୍କ ଇମ୍ପେକ୍ସ ପ୍ରାଇଭେଟ ଲିମିଟେଡ୍ |
| ୭ | ଏବିଃ୮୮୬୦୪୬ | ୟୁ୪୩୧୨୧ଓଡି୨୦୨୪ପିଟିସି୦୪୬୮୯୪ | କେଶରୀ ମାଇନିଂ ୱାର୍କସ୍ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍‌ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ–ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।
ଇର୍ଜନ ତିର୍କୀ, ସହକାରୀ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0378/2526

ଦ.ପୂ. ରେଳପଥ – ଇ-ଟେଣ୍ଡର
ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୩୪, ତାରିଖ: ୧୧।୦୯।୨୦୨୫।
"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି (ଟଙ୍କାରେ) |
|---|---|---|---|---|---|
| ୧. | ୭୫୨୫୩୦୪୫ | ୦୭।୧୦।୨୫ | ଥର୍ମୋସେଟିଂ ସିନ୍ଥେଟିକ୍ ରେଜିନ୍ ଶିଟ୍‌ର ଯୋଗାଣ । ଆକାର– ୨.୪୪ ମିଟର | ୧୧୦୦୦ ଗୋଟି | ୨,୮୧,୪୧୦/- |
| ୨. | ୭୬୨୫୩୦୨୭ | ୦୭।୧୦।୨୫ | ମାନୁଆଲ ମେଟାଲ ଆର୍କ ୱେଲଡିଂ ଇଲେକ୍ଟ୍ରୋଡ଼ର ଯୋଗାଣ, ଆକାର– ୪ମିମି x ୩୫୦ ମିମି, କ୍ଲାସ୍– ଏମ୍୨ | ୩୩୧୯୯୧ ମିଟର | ୨,୧୭,୪୫୦/- |
| ୩. | ୭୭୨୫୦୦୧୨ | ୦୩।୧୦।୨୫ | ଆଣ୍ଟି କରୋସିଭ୍ ଇପକ୍ସି ପେଣ୍ଟ ଆଦି ପାଇଁ ସାମଗ୍ରୀଗୁଡ଼ିକର ସେଟ୍ ଯୋଗାଣ | ୨୮୪୦ ସେଟ୍ | ୨,୩୪,୫୮୦/- |
| ୪. | ୧୭୨୫୫୦୦୯ | ୨୫।୦୯।୨୫ | ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ପ୍ରଣାଳୀର ପରୀକ୍ଷଣ ଓ କମିଶନିଂ | ୧୪୦ ସେଟ୍ | ୧,୨୬,୦୦୦୦/- |
| ୫. | ୨୧୨୫୩୭୮ | ୧୩।୧୦।୨୫ | ଏଲ୍‌ଆର୍‌ୟୁ, କଣ୍ଟ୍ରୋଲ ପୋର୍ସନ୍ ପାଇଁ ଓଭରହଲିଂ କିଟ୍ | ୧୧୪ ସେଟ୍ | ୩,୨୦,୧୬୦/- |
| ୬. | ୨୧୨୫୪୭୩୯ | ୧୪।୧୦।୨୫ | ଏଲ୍‌ଆର୍‌ୟୁ, କଣ୍ଟ୍ରୋଲ ପୋର୍ସନ୍ ପାଇଁ ଓଭରହଲିଂ କିଟ୍ | ୯୪ ସେଟ୍ | ୨,୫୭,୩୩୦/- |
| ୭. | ୨୧୨୫୩୭୯୧ | ୧୫।୧୦।୨୫ | ଏଲ୍‌ଆର୍‌ୟୁ, କଣ୍ଟ୍ରୋଲର ଆସେମ୍ବ୍ଲି (ଇଭିଭିବି) ପାଇଁ ଓଭରହଲିଂ କିଟ୍ | ୯୬ ସେଟ୍ | ୨,୫୭,୧୫୦/- |
| ୮. | ୨୫୨୫୩୮୬ | ୧୫।୧୦।୨୫ | ବ୍ରେକ୍ ଶୁ (କ୍ଷେପ୍ ଆକାର), ମିଡିୟମ୍ ଫସ୍‌ଫରସ୍ | ୭୫୮୮ ଗୋଟି | ୧,୮୮,୫୭୦/- |
| ୯. | ୨୧୨୫୦୦୧୮ବି | ୧୬।୧୦।୨୫ | ଡବ୍ଲ୍ୟୁଏଜି–୯ ଲୋକୋ ପାଇଁ ହାଇ କାପାସିଟି ଡ୍ରାଫ୍ଟ ଗିୟର୍ | ୨୩୫ ଗୋଟି | ୨,୨୩,୫୦୦/- |
| ୧୦. | ୨୫୨୫୧୧୮୧ | ୧୭।୧୦।୨୫ | ଏକ୍ସିଲ ବକ୍ସ ଆସେମ୍ବ୍ଲି କମ୍ପ୍ଲିଟ୍ ଆଦି | ୧୪୬ ଗୋଟି | ୨,୧୨,୯୪୦/- |
| ୧୧. | ୭୭୨୫୧୭୫୧ | ୦୩।୧୧।୨୫ | ସାଧାରଣ ଉଦ୍ଦେଶ୍ୟ ପାଇଁ ପେଣ୍ଟ ଆଲୁମିନିୟମ୍‌ର ଯୋଗାଣ | ୩୮୩୨୦ ଲିଟର | ୧,୦୯,୪୩୦/- |
| ୧୨. | ୭୯୨୫୧୭୭୯ | ୦୭।୧୦।୨୫ | ସମସ୍ତ ଏସି କୋଚ୍ ପାଇଁ ଅଗ୍ନି ନିରୋଧୀ କଟନ୍ ଫାବ୍ରିକ୍ । | ୧୫୩୨୦ ମିଟର | ୧,୧୮,୩୯୦/- |
| ୧୩. | ୬୫୨୫୫୦୧୦ଏ | ୩୦।୦୯।୨୫ | ଡ୍ରାଇ–କ୍ଲିନିଂ ମେଶିନ୍ ଆଦିର ଯୋଗାଣ, ସ୍ଥାପନା, କମିଶନିଂ ଓ ପରୀକ୍ଷଣ ଇତ୍ୟାଦି | ୦୨ ଗୋଟି | ୯୨,୮୩,୬୫୦/- |
| ୧୪. | ୩୦୨୫୫୦୦୫ | ୦୮।୧୦।୨୫ | ଆଇସିଏଫ୍ ଏସି କୋଚ୍‌ଗୁଡ଼ିକରେ ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ସିଷ୍ଟମ୍ (ଭିଏସ୍‌ଏସ୍)ର ରେଟ୍ରୋ ଫିଟ୍‌ମେଣ୍ଟ | ୧୦୮ ସେଟ୍ | ୧୨,୯୩,୩୦୦/- |
| ୧୫. | ୩୦୨୫୫୦୦୬ | ୦୮।୧୦।୨୫ | ଆଇସିଏଫ୍ ଜିଏସ୍ କୋଚ୍‌ଗୁଡ଼ିକରେ ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ସିଷ୍ଟମ୍ (ଭିଏସ୍‌ଏସ୍)ର ଯୋଗାଣ, ସ୍ଥାପନା ଓ କମିଶନିଂ | ୧୪୨ ସେଟ୍ | ୧୮,୭୫,୯୭୦/- |
| ୧୬. | ୩୦୨୫୫୦୦୪ | ୦୯।୧୦।୨୫ | ଆଇସିଏଫ୍ ନନ୍–ଏସି କୋଚ୍‌ଗୁଡ଼ିକରେ ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ସିଷ୍ଟମ୍ (ଭିଏସ୍‌ଏସ୍)ର ଯୋଗାଣ, ସ୍ଥାପନା ଓ କମିଶନିଂ | ୨୭୦ ସେଟ୍ | ୨୦,୦୦,୦୦୦/- |
| ୧୭. | ୩୩୨୫୩୦୪୨ | ୧୬।୧୦।୨୫ | ସେକେଣ୍ଡାରୀ ସ୍ପ୍ରିଙ୍ଗ ଜେନେରେଟର କାର୍ ସାଇଡ୍ । | ୧୪୧ ଗୋଟି | ୧,୯୬,୩୧୦/- |
| ୧୮. | ୩୩୨୫୩୧୮୭ | ୧୫।୧୦।୨୫ | ଏଲ୍‌ଏଚ୍‌ବି ନନ୍–ଏସି କୋଚ୍ ପାଇଁ ସେକେଣ୍ଡାରୀ ସ୍ପ୍ରିଙ୍ଗ (ଆଉଟର୍) | ୧୪୧ ଗୋଟି | ୧,୫୪,୫୭୦/- |
| ୧୯. | ୩୩୨୫୧୪୮୭ | ୦୯।୧୦।୨୫ | ଏଲ୍‌ଏଚ୍‌ବି କୋଚ୍ (ଆଉଟର୍)ଗୁଡ଼ିକ ପାଇଁ ସେକେଣ୍ଡାରୀ ସ୍ପ୍ରିଙ୍ଗ | ୧୧୬ ଗୋଟି | ୧,୧୫,୧୨୦/- |
| ୨୦. | ୬୦୨୫୦୧୨୩ | ୦୭।୧୦।୨୫ | ୬୪୦୦ ମିମି ଓଭର ରାଇଡିଂ ଡିରେଲିଂ ସୁଇଚେସ୍ ଆଦିର ବିନିର୍ମାଣ ଓ ଯୋଗାଣ । | ୩୦୦ ସେଟ୍ | ୧୬,୯୫,୬୬୦/- |
| ୨୧. | ୪୬୨୫୩୧୧୯ | ୦୪।୧୧।୨୫ | ସଲିଡ୍ କୋର୍ ପୋର୍ସିଲେନ୍ ବ୍ରାକେଟ୍ ଇନ୍‌ସୁଲେଟର୍ (୧୦୫୦ ମିମି ସିଡି) ଆଦି । | ୨୦୩୧ ଗୋଟି | ୧,୦୨,୪୩୦/- |
| ୨୨. | ୭୭୨୫୩୦୪୨ | ୧୭।୧୧।୨୫ | ପେଣ୍ଟ, ବ୍ଲାକ୍, ଏନାମେଲ, ସିନ୍ଥେଟିକ୍ ଏକ୍ସଟେରିୟର୍ ଆଦିର ଯୋଗାଣ । | ୭୨୩୫୦ ଲିଟର | ୧,୦୫,୮୬୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି ।
(PR-621)

ହୋମି ଭାବା ବିଜ୍ଞାନ ଶିକ୍ଷା କେନ୍ଦ୍ର
ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ
ରାଷ୍ଟ୍ରୀୟ ଅଲିମ୍ପିଆଡ୍ କାର୍ଯ୍ୟକ୍ରମ 2025-2026
ଜ୍ୟୋତିର୍ବିଜ୍ଞାନ, ଜୀବବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, କନିଷ୍ଠ ବିଜ୍ଞାନ
କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ସମସ୍ତ ବିଦ୍ୟାର୍ଥୀଙ୍କୁ ଭାରତୀୟ ପଦାର୍ଥ ବିଜ୍ଞାନ ଶିକ୍ଷକ ସଂଘ (ଆଇଏପିଟି) ଦ୍ୱାରା ନଭେମ୍ବର ୨୨ ଓ ୨୩, ୨୦୨୫ ଦିନ ସଞ୍ଚାଳିତ ହେବାକୁଥିବା ସମ୍ପୃକ୍ତ ରାଷ୍ଟ୍ରୀୟ ମାନକ ପରୀକ୍ଷା (ଏନ୍‌ଏସ୍‌ଇ) (ବିଜ୍ଞାନ ବିଷୟଗୁଡ଼ିକ ପାଇଁ) ଦେବାକୁ ପଡ଼ିବ ।
୨୦୨୬ ମସିହାର ସମ୍ପୃକ୍ତ ଅନ୍ତର୍ଜାତୀୟ ଅଲିମ୍ପିଆଡ୍‌ରେ ଅଂଶଗ୍ରହଣର ପ୍ରଥମ ପଦକ୍ଷେପ ସ୍ୱରୂପ ଏନ୍‌ଏସ୍‌ଇରେ ଯୋଗ୍ୟତା ଅର୍ଜନ କରିବାକୁ ପଡ଼ିଥାଏ ।
ନାମ ପଞ୍ଜୀକରଣ ପାଇଁ:
ଏନ୍‌ଏସ୍‌ଇ: https://www.iapt.org.in (ଅଗଷ୍ଟ ୨୧ - ସେପ୍ଟେମ୍ବର ୧୪, ୨୦୨୫)
ଅଧିକ ବିବରଣୀ ପାଇଁ: https://olympiads.hbcse.tifr.res.in
https://www.iapt.org.in
cbc 48143/12/0008/2526

Office of the Additional Director, Subsidiary Intelligence Bureau
(Ministry of Home Affairs)
Auction Notice
Condemned Technical Equipments of SIB Bhubaneswar are to be disposed off.
Interested parties may inspect during office hours from 1000hrs to 1300hrs & 1500hrs to 1800hrs on any working day before 22.09.2025 and submit the sealed quotations by 1700 hrs on 22.09.2025 along with a demand draft (not A/c Payee) of Rs. 2000/- as EMD in favour of DDO, SIB Bhubaneswar payable at SBI Main Branch, Bhubaneswar. Quotation should be submitted either by hand or by DAK in a sealed cover superscribed as "Quotation for auction of Technical Store" and addressed to Assistant Director, SIB (MHA), Bidyut Marg, Unit-V, Bhubaneswar-751001, Telephone No. 0674-2395680. Quotations will be opened in presence of supervising officers and parties present on 23.09.2025 at 1130hrs.
Quotations of the highest bidder will be accepted as a whole to the best advantage of Govt. and decision of the supervising officers will be final. The highest bidder has to deposit 25% of the bid value on the spot and the remaining 75% of the total bid value will be deposited within seven days before lifting of auctioned articles, failing of which the offer will be rejected and the amount deposited is to be seized. GST of 5% is to be deposited in government account by the highest bidder, having NGT certificate and GST of 18% is to be deposited in government account by the highest bidder, not having NGT certificate. GST deposit receipt is to be submitted before lifting of articles. The prospective bidder has to deal with the hazardous waste/ scrap batteries/e-waste as per NGT guidelines with their responsibility. The Head of the office reserves the right to cancel any bid without assigning any reason thereof.
Office Address: SIB Office (MHA), Govt. Of India, Bidyut Marg, Unit-V, Bhubaneswar.
Sd./- Assistant Director

**ସଂକ୍ଷେପରେ**

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଚିକିଟି, ୧୨।୯(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ କଲବାଡ ଗ୍ରାମର ଜଣେ ଶ୍ରମିକଙ୍କ ଗୁରୁବାର ସୁରଟରେ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ଆଇନଜୀବୀ ପ୍ରଫୁଲ୍ଲ ପ୍ରଧାନଙ୍କ ବଡ଼ ଭାଇ ରଘୁନାଥ ପ୍ରଧାନ(୬୨) ଦୀର୍ଘ ବର୍ଷ ଧରି ଗୁଜରାଟର ସୁରତ ସହରର ଗୋଟିଏ ସୂତା କଲରେ କାମ କରିଆସୁଥିଲେ। ଗତକାଲି ଗୁରୁବାର ସନ୍ଧ୍ୟା ୭. ୩୦ ରେ ବିଦ୍ୟୁତ ସଂସ୍ପର୍ଶରେ ମୃତ୍ୟୁବରଣ କରିଛନ୍ତି। ରଘୁନାଥ ଦୀର୍ଘ ୪୦ ବର୍ଷ ହେଲା ସୁରତରେ ପରିବାର ସହ ରହୁଥିଲେ।

## ଗୋଲିଆରେ ଦୁର୍ଗାପୂଜା ଶୁଭଖୁଣ୍ଟି ସ୍ଥାପନ

ବୁଗୁଡା, ୧୨।୯(କାଳିଚରଣ ଦାଶ)

ବୁଗୁଡା ବ୍ଲକ ଗୋଲିଆ ଗ୍ରାମର ବଡସାହିରେ ମା' ଦୁର୍ଗାଙ୍କ ପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏହି ଅବସରରେ ଗ୍ରାମବାସୀଙ୍କ ଦ୍ୱାରା ବାଦ୍ୟ ବାଜଣା ସହ ଶୁଭଖୁଣ୍ଟିକୁ ଗ୍ରାମ ପରିକ୍ରମା ପରେ ଦୁର୍ଗା ମଣ୍ଡପଠାରେ ସ୍ଥାପନ କରାଯାଇଛି। ପୁରୋହିତ ବିଭୂତି ଭୂଷଣ ହୋତା ଯଥାରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବେ ନବୀନ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ଦୁର୍ଗାପୂଜା କମିଟି ସଭାପତି ସୁନୀଲ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

## ସ୍କୁଲରେ ୨ ଛାତ୍ର ଗଣ୍ଡଗୋଳ, ଜଣେ ଗୁରୁତର

ହିଞ୍ଜିଳିକାଟୁ, ୧୨।୯( ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳିକାଟୁ ବ୍ଲକ ବେଲଗାଁ ଥାନା ଅଧୀନ ଗଣ୍ଡଳା ଗଣେଶ ବିଦ୍ୟାପୀଠରେ ୧୦ମ ଶ୍ରେଣୀରେ ପଢୁଥିବା ୨ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଜଣେ ଛାତ୍ର କୌଣସି ଧାରୁଆ ଜିନିଷରେ ଆକ୍ରମଣ କରିବାରୁ ଅନ୍ୟ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ଆହତ ଛାତ୍ର ସୁମନ ବେହେରାଙ୍କୁ ପ୍ରଥମେ ବେଲଗାଁ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ସେ ଚିକିତ୍ସିତ ହୋଇ ଫେରିଛନ୍ତି। ଗଣେଶ ବିଦ୍ୟାପୀଠ ଶ୍ରେଣୀ ଗୃହରେ ବେଞ୍ଚରେ ବସିବାକୁ ନେଇ ଛାତ୍ରଦ୍ୱୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ତେବେ ସ୍କୁଲ କର୍ତ୍ତୃପକ୍ଷ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି। ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳୀ ପ୍ରଧାନ ଖବର ପାଇ ସ୍କୁଲରେ ପହଞ୍ଚି ପଚରାଉଚରା କରିଛନ୍ତି। ଘଟଣା ନେଇ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ପ୍ରଭାତି ମହାପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଘଟଣା ନେଇ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ପରେ ଏହାର ତଦନ୍ତ କରାଯିବ।

## ପୋଖରୀରେ ବୁଡ଼ି ଯୁବକ ମୃତ

ହିଞ୍ଜିଳିକାଟୁ, ୧୨।୯(ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳି ଥାନା ଗୋପିନାଥପୁର ଗ୍ରାମ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସେହି ଗ୍ରାମର ଦେବାନନ୍ଦ ବେହେରା (୩୩)। ଶୁକ୍ରବାର ସକାଳେ ଦେବାନନ୍ଦ ଜମିରେ କାମ ସାରି ଗାଧୋଇବା ପାଇଁ ନିକଟସ୍ଥ ରାଜଘାଇ ପୋଖରୀକୁ ଯାଇଥିଲେ। ଅସାବଧାନତାରୁ ସେ ବୁଡି ଯାଇଥିଲେ। ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ଭାଇ ହୀନ ବେହେରାଙ୍କ ଅଭିଯୋଗକ୍ରମେ ହିଞ୍ଜିଳି ପୋଲିସ ନଂ.୨୪/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହକୁ ଜବତ ପରେ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଇଛି।

# ବାସନ୍ଦ ପରିବାର ଭିଟାମାଟିକୁ ଫେରିବାକୁ ପ୍ରଶାସନର ବୈଠକ ବିଫଳ

- ଆକ୍ରମଣ ପ୍ରତିଆକ୍ରମଣରେ ୩ ମୃତ୍ୟୁ ଘଟଣା
- ଆଇନ ଅନୁଯାୟୀ କାର୍ଯ୍ୟ କରି ପଦକ୍ଷେପ ନେବୁ: ଉପ ଜିଲାପାଳ

ଧରାକୋଟ, ୧୨।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ବଡଗଡ ଥାନା ଅନ୍ତର୍ଗତ ବାହାରପୁର ପଞ୍ଚାୟତର ଖାରିପଲି ଗ୍ରାମରେ ଆକ୍ରମଣରୁ ହୋଇଥିବା ହତ୍ୟା ଘଟଣାରେ ଗ୍ରାମରୁ ବାସନ୍ଦ ହୋଇଥିବା ପରିବାର ଗ୍ରାମକୁ ଫେରିବା ନେଇ ଶୁକ୍ରବାର ପ୍ରଶାସନ ପକ୍ଷରୁ ହୋଇଥିବା ବୈଠକ ବିଫଳ ହୋଇଛି। ଉଭୟ ପକ୍ଷ ନିଜ ନିଜ ଜିଦ୍‌ରେ ଅଟଳ ରହିବାରୁ ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରିପାରିନାହିଁ। ଫଳରେ ୬ମାସ ତଳେ ଘଟିଥିବା ଏହି ଘଟଣା ପୁଣି ତାଜା ହୋଇଛି। ଏହାକୁ ନେଇ ପ୍ରଶାସନର ମୁଣ୍ଡବିନ୍ଧା ଆରମ୍ଭ ହୋଇଛି।

ଖବରରୁ ଜଣାପଡିଛି, ଖାରିପଲି ଗ୍ରାମରେ ଗୁଣିଗାରେଡ଼ିକୁ ନେଇ ୧୮।୩।୨୫ରିଖ ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ପ୍ରତି ଆକ୍ରମଣ ହୋଇଥିଲା। ଏଥିରେ ଗ୍ରାମର ଗୋଟିଏ ଗୋଷ୍ଠୀର ଖାଦଳ ବେହେରା (୬୫), ରତ୍ନାକର ବେହେରା (୪୫) ଓ ପ୍ରତିପକ୍ଷ ଗୋଷ୍ଠୀର ରମେଶ ବେହେରା (୪୫)ଙ୍କ ମୃତ୍ୟୁ ଘଟିଥିଲା।


ବୈଠକରେ ଉଭୟ ଗୋଷ୍ଠୀ ସହ ପ୍ରଶାସନର ଚାଲିଥିବା ଆଲୋଚନା।

ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ବଡଗଡ ଥାନାରେ ନଂ. ୧୫୪/୨୫ ଓ ୧୫୫/୨୫ରେ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ପୋଲିସ ଖାରିପଲି ଗ୍ରାମର ୧୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

ଘଟଣା ପରେ ଗ୍ରାମରୁ ଗୋଟିଏ ଗୋଷ୍ଠୀର ମିଥୁନ ବେହେରା, ଈଶ୍ୱର ବେହେରା, ଅଶୋକ ବେହେରା, ନିବାସୀ ବେହେରା ଓ ବନବାସୀ ବେହେରା ବାସନ୍ଦ ହୋଇଥିଲେ। ସେମାନେ ଗ୍ରାମଠାରୁ ଦୂରରେ ଥିଲେ। ତେବେ ନିଜ ଭିଟାମାଟିକୁ ଫେରିବାକୁ ଏହି ବାସନ୍ଦ ପରିବାର ପ୍ରଶାସନ ନିକଟରେ ଜଣାଇଥିଲେ। ଶୁକ୍ରବାର ଏନେଇ ଧରାକୋଟ ତହସିଲରେ ଉଭୟ ପକ୍ଷଙ୍କୁ ନେଇ ଏକ ବୈଠକ ହୋଇଥିଲା । ଆଲୋଚନା ବେଳେ ଗ୍ରାମବାସୀ କହିଥିଲେ ଯେ, ଆମ ଲୋକମାନେ ବର୍ତ୍ତମାନ ସୁଦ୍ଧା ଜେଲରୁ ମୁକୁଳି ନାହାନ୍ତି। ସେମାନେ ଜେଲରୁ ଗ୍ରାମକୁ ନ ଫେରିବା ପର୍ଯ୍ୟନ୍ତ ଅନ୍ୟ ଗୋଷ୍ଠୀର ଲୋକେ ଭିଟାମାଟିକୁ ଫେରିପାରିବେ ନାହିଁ। ଏ ସମ୍ପର୍କରେ ପ୍ରଶାସନର କୌଣସି କଥା ଆମେ ଶୁଣିବୁ ନାହିଁ। ପ୍ରଶାସନ ଆମ ଲୋକଙ୍କୁ ନିର୍ଦ୍ଦୋଷ ପ୍ରମାଣିତ କରି ସେମାନଙ୍କୁ ଗ୍ରାମକୁ ଆଣି ଛାଡ଼ନ୍ତୁ ବୋଲି କହିଥିଲେ। ଅନ୍ୟପକ୍ଷରେ ଗ୍ରାମ ଛାଡିଥିବା ବାସନ୍ଦ ଲୋକେ ନିଜ ମତ ରଖି କହିଥିଲେ, ପରିସ୍ଥିତି ଯାହା ହେଉ ଆମେ ଗ୍ରାମକୁ ଫେରିବୁ, ଏଥିପାଇଁ ଯାହା ପରିସ୍ଥିତି ସୃଷ୍ଟି ହେବ ଆମେ ସାମ୍ନା କରିବାକୁ ପ୍ରସ୍ତୁତ ଅଛୁ। ଆମକୁ ପ୍ରଶାସନ ସୁରକ୍ଷା ଦେଉ ବୋଲି ସେମାନେ ଦାବି କରିଥିଲେ। ଉଭୟ ପକ୍ଷର ଜିଦ୍ ଆଗରେ ପ୍ରଶାସନକୁ ବୈଠକରେ ନାକେଦମ ହେବାକୁ ପଡ଼ିଥିଲା। ଏଥିରୁ କୌଣସି ନିର୍ଯ୍ୟାସ ବାହାରି ନ ପାରିବାରୁ ବୈଠକ ବିଫଳ ହୋଇଥିଲା। ବୈଠକରେ ଭଞ୍ଜନଗର ଉପଜିଲାପାଳ ଉମା ଶଙ୍କର ବେହେରା, ତହସିଲଦାର ଲମ୍ବୋଦର ମାର୍ଣ୍ଡି, ଶିକ୍ଷା ନବୀଶ ପ୍ରଶାସନିକ ଅଧିକାରୀ ଦେବାଶିଷ ରାଉଳ, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ ଜେନା, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ଭାରପ୍ରାପ୍ତ ବିଡିଓ ସୁଶୀଲ ପଟ୍ଟନାୟକ, ବଡଗଡ ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟ ଉପସ୍ଥିତ ଥିଲେ। ଖାରିପଲି ଗ୍ରାମର ଗୋଟିଏ ଗୋଷ୍ଠୀର ବାଇନାଥ ବେହେରା, ଭାସ୍କର ବେହେରା, ଅନ୍ତେଇ ବେହେରା, ଶୁକ୍ରୁ ବେହେରା, ପଞ୍ଚୁ ବେହେରାଙ୍କ ସମେତ ବହୁ ମହିଳାଙ୍କ ସମେତ ୫୦ ଜଣ ଉପସ୍ଥିତ ଥିଲେ। ସେହିପରି ଭିଟାମାଟି ଛାଡିଥିବା ଗୋଷ୍ଠୀର ମିଥୁନ ବେହେରା, ଈଶ୍ୱର ବେହେରା, ଅଶୋକ ବେହେରା, ନିବାସୀ ବେହେରା ଓ ବନବାସୀ ବେହେରା ଉପସ୍ଥିତ ଥିଲେ। ଏନେଇ ଭଞ୍ଜନଗର ଉପ ଜିଲାପାଳ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଏଥିପାଇଁ ୭ ଦିନ ସମୟ ପ୍ରଶାସନ ଗ୍ରାମବାସୀଙ୍କୁ ଦେଇଛି। ଆଇନ ଅନୁଯାୟୀ ସମସ୍ତ କାର୍ଯ୍ୟ କରି ଗ୍ରାମ ଛାଡ଼ିଥିବା ଲୋକଙ୍କୁ ସେମାନଙ୍କ ଭିଟାମାଟିକୁ ଫେରାଇ ନେବାକୁ ପଦକ୍ଷେପ ଗ୍ରହଣ କରାଯିବ।

## ଭାଜପାର ମଣ୍ଡଳସ୍ତରୀୟ କର୍ମଶାଳା

କ.ନୂଆଗାଁ, ୧୨।୯ (କାଳି ପ୍ରସାଦ ତ୍ରିପାଠୀ)

କ.ନୂଆଗାଁର ଜଗନ୍ନାଥ ମନ୍ଦିର ପରିସରରେ ମଣ୍ଡଳ ସଭାପତି ନିଗମାନନ୍ଦ ପୁଜାରୀଙ୍କ ସଭାପତିତ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ନିମନ୍ତେ ମଣ୍ଡଳସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ସେବାପକ୍ଷ ପାଳନ ଅବସରରେ ଏହି କର୍ମଶାଳା ହୋଇଥିବା ଜଣାପଡିଛି। ଏଥିରେ ଜିଲା ଭାଜପା ସଭାପତି ପଣ୍ଡିତ ବିଶିମାଝୀ ଯୋଗଦେଇ ସେବା ପକ୍ଷ ଅବସରରେ ମା' ପାଇଁ ଗଛଟିଏ, ରକ୍ତଦାନ ଶିବିର, ପ୍ଲାଷ୍ଟିକ ବର୍ଜନ, ସ୍ୱଚ୍ଛତା, ସ୍ୱାସ୍ଥ୍ୟସେବା ଶିବିର ପରି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିବା କହିଛନ୍ତି। କର୍ମଶାଳାରେ ମଣ୍ଡଳ ପ୍ରଭାରୀ ଘନଶ୍ୟାମ ପାତ୍ର, ବରିଷ୍ଠ କାର୍ଯ୍ୟକର୍ତ୍ତା ଗୁରୁରାମ ପାତ୍ର, କୁଡୁତୁଲି ସରପଞ୍ଚ ଚନ୍ଦ୍ର ମଲ୍ଲିକ, ମଣ୍ଡଳ ସମ୍ପାଦକ ଫିଲପ ମଲ୍ଲିକ, ବରିଷ୍ଠ କାର୍ଯ୍ୟକର୍ତ୍ତା କାର୍ତ୍ତିକ ପ୍ରଧାନ, ଉଦ୍ଧବ ଦିଗାଲ, ସନାତନ ବେହେରଦଳାଇଙ୍କ ସମେତ ଶତାଧିକ ଭାଜପା କାର୍ଯକର୍ତ୍ତା ଉପସ୍ଥିତ ଥିଲେ।

# ବିଲାମାଳ ସରପଞ୍ଚଙ୍କ ବିରୋଧରେ ଏତଲା

**ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଧମକ ଘଟଣା**

ତୁମୁଡିବନ୍ଧ, ୧୨।୯(ଦୀପକ କୁମାର ପରାସେଠ):

ତୁମୁଡିବନ୍ଧ ବ୍ଲକ ବିଲାମାଳ ସରପଞ୍ଚ ଧମକ ଦେଇଥିବା ନେଇ ତାଙ୍କ ବିରୋଧରେ ପଞ୍ଚାୟତସ୍ତରୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚ୍‌ଜି)ତରଫରୁ ବେଲଘର ଥାନାରେ ଏତଲା ଦିଆଯାଇଛି। ପୋଲିସ ଏକ ମାମଲା (୮୨/୨୫)ରୁଜୁ କରି ତଦନ୍ତ ଚଳାଇଛି। ବିଲାମାଳ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଏମ୍‌ଜିଏନଆରଇଜିଏସ୍‌ରେ ମୋ ଉପକାରୀ ବଗିଚା କାର୍ଯ୍ୟ ମଞ୍ଜୁର ହୋଇଥିଲା। ସେହି କାର୍ଯ୍ୟ ବାବଦରେ ମହିଳା ଗୋଷ୍ଠୀମାନଙ୍କୁ ସୂଚନା ନ ଦେଇ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କାମ ନ କରି ଅର୍ଥ ଆତ୍ମସାତ କରିଥିଲେ। ଏହା ଜାଣିପାରି ଗତଦିନରେ ଏସ୍ଏଚ୍‌ଜି ସଭ୍ୟାମାନେ ବ୍ଲକ କାର୍ଯ୍ୟାଳୟକୁ ଯାଇ ପ୍ରତିବାଦ କରିବା ସହିତ ଲିଖିତ ଅଭିଯୋଗ କରିଥିଲେ, ଯାହାର ତଦନ୍ତ



ବେଲଘର ଥାନାକୁ ଆସିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା।

ଜାରି ରହିଛି। ଏହି ଘଟଣାକୁ ନେଇ ସରପଞ୍ଚ ଓ ତାଙ୍କ ସହଯୋଗୀ ମାନେ ବିଭିନ୍ନ ସ୍ଥାନରେ ମହିଳାମାନଙ୍କୁ ଧମକ ଦେଉଛନ୍ତି। ଏଥିରେ ଅତିଷ୍ଠ ହୋଇ ମହିଳାମାନେ ଥାନାରେ ଅଭିଯୋଗ କରିଛନ୍ତି। ଏ ବାବଦରେ ମହିଳା ନେତ୍ରୀ ଶୁଭଶ୍ରୀ ମଝିଆସେଠ କହିଛନ୍ତି, ଏମ୍‌ଜିଏନଆରଇଜିଏସର ମୋ ଉପକାରୀ ବଗିଚା କାର୍ଯ୍ୟ ଏସ୍ଏଚଜି କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ସେହି କାର୍ଯ୍ୟର ଅର୍ଥ ଆତ୍ମସାତ ହୋଇଛି। ସରପଞ୍ଚ ମହିଳା ମାନଙ୍କୁ ଧମକ ଦେବାରୁ ବାଧ ହୋଇ ଥାନାରେ ଅଭିଯୋଗ କରିଛୁ। ଏ ବାବଦରେ ସରପଞ୍ଚ ବବିତା ମାଝିଙ୍କୁ ପଚାରିବାରୁ ସେ କାହାକୁ ଧମକ ଦେଇ ନ ଥିବା କହିଛନ୍ତି। ଅଭିଯୋଗ ମିଛ ବୋଲି କହିଛନ୍ତି।

## ଅବକାରୀ ଚଢାଉ, ଭାଙ୍ଗିଲେ ଚୋରା ମଦ ଭାଟି

ଦିଗପହଣ୍ଡି, ୧୨।୯(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ବ୍ରହ୍ମପୁର ଅବକାରୀ ଅଧିକ୍ଷକ ପ୍ରବୀଣ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଚିକିଟି ଅବକାରୀ ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଅଞ୍ଚଳରେ ଚଢ଼ାଉ କରାଯାଇ ଚୋରା ମଦ ଭାଟି ନଷ୍ଟ କରାଯାଇଛି। ମଦ ଭାଟିରେ ପ୍ରସ୍ତୁତି ପାଇଁ ବ୍ୟବହୃତ ପ୍ରାୟ ୩୬୦୦ ଲିଟର ଗୁଡ଼ ପିଡ଼ିଆ ପୋଚ ଓ ୧୨୦ ଲିଟର ଅପମିଶ୍ରିତ ଦେଶୀମଦ ସହ ପ୍ଲାଷ୍ଟିକ ଡ୍ରମ ଇତ୍ୟାଦିକୁ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ୨୦ ହଜାର ଟଙ୍କା ହେବ। ଏହି ଚଢ଼ାଉରେ ଦିଗପହଣ୍ଡି ଅବକାରୀ ଓଆଇସି ଅନିତା ପ୍ରଧାନ, ଏଏସଆଇ ଏନ. ତ୍ରିପତି, ଥାନା ଏଏସଆଇ ଝୁନୁ ମଲ୍ଲିକ, ଅବକାରୀ କନେଷ୍ଟବଳ ବଳରାମ ପାତ୍ର, ରାଜେଶ ଜେନା ଓ ଥାନା ପୋଲିସ କର୍ମଚାରୀ ସାମିଲ ଥିଲେ।

# ଅନାବନା ଗଛରେ ପରିପୂର୍ଣ୍ଣ ଶିଶୁ ପାର୍କ


ବ୍ୟବହାରରେ ଲାଗୁ ନ ଥିବା ଶିଶୁ ପାର୍କ।

ଗଞ୍ଜାମ, ୧୨।୯(ବିଦ୍ୟାଧର ସାହୁ)

ଗଞ୍ଜାମ ଏନଏସି ପ୍ରଶାସନ ପକ୍ଷରୁ ସହର ବିଭିନ୍ନ ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ଶିଶୁ ପାର୍କ ନିର୍ମାଣ କରାଯାଇଛି। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ କିଛି ସ୍ଥାନରେ ପାର୍କର ଉପକରଣ ଭାଙ୍ଗି ରୁଜି ଗଲାଣି। ଆଉ କେତେକ ପାର୍କରେ ଲଟାବୁଦା ଓ ଅନାବନା ଗଛ ଭର୍ତ୍ତି ହୋଇଛି। ଏନଏସି ଅନ୍ତର୍ଗତ ୮ ନଂୱାର୍ଡ ନଂ ଆଠ ପୁଇଁତୋଳା ବଡ଼ ବନ୍ଧ ନିକଟରେ ଥିବା ଶିଶୁ ପାର୍କ ଅନାବନା ଗଛରେ ପୂର୍ଣ୍ଣ ହୋଇଛି। ଏଭଳି ଅବସ୍ଥା ଯୋଗୁଁ ପିଲାମାନେ ଖେଳିବାକୁ ଆସୁ ନାହାନ୍ତି। ପୂର୍ବରୁ ପ୍ରତ୍ୟେକ ଦିନ ସେଠାରେ ଛୋଟ ଛୋଟ ପିଲାଙ୍କ ଭିଡ଼ ଜମୁଥିଲା।

# ଇତିହାସ ବିଭାଗର ଜାତୀୟ ପାଠଚକ୍ର

**ରମ୍ଭା ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ**

ରମ୍ଭା, ୧୨।୯(ବନବାସୀ ସେଠୀ)

ରମ୍ଭା ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଇତିହାସ ବିଭାଗର ସ୍ୱାଗତ ସମାରୋହ ଓ ଆଲୋଚନା ପାଠଚକ୍ର ଅଧକ୍ଷ ଅଭିମନ୍ୟୁ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡା. ପ୍ରମୋଦ ରଞ୍ଜନ ପଣ୍ଡା ଓ ଖଣ୍ଡଦେଉଳି ଶହୀଦ ଭଗତ ସିଂ ମହାବିଦ୍ୟାଳୟର ଇତିହାସ ବିଭାଗର ପ୍ରାଧ୍ୟାପକ ଅଭିମନ୍ୟୁ ସାହୁ ପ୍ରମୁଖ ସାଧନ ବ୍ୟକ୍ତିତ୍ୱ ରୂପେ ଯୋଗ ଦେଇ ପାଠଚକ୍ର ବିଷୟ ସମ୍ପର୍କିତ ବିଷଦ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ଖୁଆଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ପୂର୍ବ ବର୍ଷର କୃତୀ ଛାତ୍ରୀ ସ୍ମୃତିପ୍ରଭା ନାହାକ ଓ ଶ୍ରାବଣୀ ନାହାକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମାରୋହରେ ଇତିହାସ ବିଭାଗୀୟ ମୁଖ୍ୟ ହେମନ୍ତ କୁମାର ଦାଶ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଇଂରାଜୀ ଅଧ୍ୟାପକ ରଞ୍ଜିତ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘାଟନୀ ସଂଗୀତ ସ୍ମୃତିନାହାକ ଓ ଉଦଯାପନୀ ସଂଗୀତ ଅଲିଶା ନାହାକ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଡା. ଭାସ୍କର ଚନ୍ଦ୍ର ମୁଦୁଲି, ଅଧ୍ୟାପକ ନିରଞ୍ଜନ ମହାନ୍ତି, ବ୍ରଜମୋହନ ପଣ୍ଡା, ଅଧ୍ୟାପିକା ଟି. ଅଲିଶ୍ରୀ ଆଚାରୀ, ଡା. ସାଗରକା ମହାପାତ୍ର, ଗୌରୀ ବଳବନ୍ତରାୟ, ଟି.ସ୍ୱାତି ଦେବୀ, ଯୋଗୀନ୍ଦ୍ର କୁମାର ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ଗଣେଷ ବେହେରାଙ୍କ ସହ କର୍ମଚାରୀ ସହଯୋଗ କରିଥିଲେ।


## ବାଇକ୍-ବୁଲେଟ ମୁହାଁମୁହିଁ, ୩ ଗୁରୁତର

ଖଜୁରିପଡ଼ା, ୧୨।୯ (ବିଦୁର ବେହେରା)

ଖଜୁରିପଡ଼ା ଥାନା ଅନ୍ତର୍ଗତ ଆର୍.ନୂଆଁଗାଁ ପୋଲ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ବାଇକ୍ ବୁଲେଟ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୩ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ କଳିଙ୍ଗ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଆଶିଷ କୁମାର ସାହୁ ସ୍କୁଲ ସାରି ବୁଲେଟ ନଂ. (ଓଡି ୦୫ ବିଇ ୭୭୨୦) ଯୋଗେ ଲାଇନ୍‌ପଡା ଘରକୁ ଫେରୁଥିବା ବେଳେ ଆର୍.ନୂଆଁଗାଁ ପୋଲ ନିକଟରେ ବିପରୀତ ଦିଗରୁ ଆସୁଥିବା ବାଇକ ନଂ. (ଓଡି ୧୨ ସି ୩୩୫୨) ମୁହାଁମୁହିଁ ଧକ୍କା ହୋଇଛି। ବୁଲେଟ ଆରୋହୀ ଆଶିଷ ସମେତ ବାଇକ୍‌ରେ ବସିଥିବା ୨ ଜଣ ଗୁରୁତର ଅଛନ୍ତି। ସେହି ବାଟଦେଇ ଯାଉଥିବା ଖଜୁରିପଡ଼ା ଆର୍‌ଆଇ ଜୟନ୍ତ ସାହୁ ସେମାନଙ୍କୁ ଉଦ୍ଧାର କରି ଫୁଲବାଣୀ ମେଡିକାଲ ପଠାଇଛନ୍ତି। ଘଟଣା ସ୍ଥଳରେ ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ ସମେତ ପୋଲିସ ବାହିନୀ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବର ଲେଖା ବେଳକୁ ଥାନାରେ ମାମଲା ରୁଜୁ କରାଯାଇ ନାହିଁ । ୨ ବାଇକ ଆରୋହୀଙ୍କ ପରିଚୟ ମିଳିନାହିଁ।

# କଲମି ବାଇଗଣ ଚାଷ କରି ଲାଭବାନ ହେଲେ ମହିଳାଚାଷୀ

## ଦାରିଙ୍ଗବାଡ଼ି ଅଞ୍ଚଳରେ ପ୍ରଥମ


ମହିଳା ଚାଷୀ ଚାଷ କରିଥିବା କଲମି ବାଇଗଣ।

ଦାରିଙ୍ଗବାଡ଼ି, ୧୨।୯ (ଅରୁଣ ସାହୁ):

ଦାରିଙ୍ଗବାଡି ବ୍ଲକ୍ ଶ୍ରୀନିକେତା ପଞ୍ଚାୟତ ଦଣ୍ଡିମା ଗ୍ରାମର ବନିତା ସାହୁ ଏକ ନୂଆ କିସମ ଓ କଲମୀ ପ୍ରସ୍ତୁତିରେ ବାଇଗଣ ବିହନ ଚାଷ କରି ଭଲ ଲାଭବାନ ହୋଇଛନ୍ତି। ବନିତା ପ୍ରଥମଥର ପାଇଁ କଲମୀ କରାଯାଇଥିବା ବାଇଗଣ ଚାରା ରୋପଣ କରିଥିଲେ। ଏଥିପାଇଁ ସେ ବ୍ଲକ୍ ପ୍ରଶାସନ ଏବଂ ଜିଲାପ୍ରଶାସନର ସହାୟତରେ ରିହାତି ଦରରେ ୨ହଜାର ବାଇଗଣ ଚାରା ମାତ୍ର ୮ ଟଙ୍କା ଲେଖାଏଁ ୧୬ ହଜାର ଟଙ୍କାରେ କିଣିଥିଲେ। ତାକୁ ସେ ଗୋଟିଏ ଏକର ଜମିରେ ରୋପଣ କରିଥିଲେ। ସାର ଓ ଅନ୍ୟାନ୍ୟ ଖର୍ଚ୍ଚ ପ୍ରାୟ ୬୫ ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ଏବେ ସୁଦ୍ଧା ସେ ମୋଟ ଦେଢ଼ ଲକ୍ଷ ଟଙ୍କା ପାଇଥିବା ବେଳେ ଖର୍ଚ୍ଚ ଯାଇ ୮୫ ହଜାର ଲାଭ କରିଥିବା ସେ କହିଛନ୍ତି। ବ୍ଲକ୍ ପ୍ରଶାସନ ପକ୍ଷରୁ ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଜୀବିକା ମିଶନର କାର୍ଯ୍ୟକ୍ରମ ଅଧିକାରୀ ପିଣ୍ଟୁ ନାୟକ ଏହି ଚାଷର ତଦାରଖ କରିଥିଲେ। ଏନେଇ ବିଡ଼ିଓ କହିଛନ୍ତି ଯେ ୨ ପ୍ରକାର ବାଇଗଣ ଚାରାକୁ କଲମୀ କରାଯାଇଛି। ଯାହାକି ଉନ୍ନତ ଓ ସୁସ୍ୱାଦ ବାଇଗଣ ଅମଳ ହୋଇଛି ତେଣୁ ଏହାର ଚାହିଦା ଅଧିକା ରହିଛି ଓ ପ୍ରତିଦିନ ସେ ପ୍ରାୟ ୨ ଶହ କେଜି ପର୍ଯ୍ୟନ୍ତ ବାଇଗଣ ବିକ୍ରୀ କରୁଥିବା କୁହାଯାଇଛି। ଏହି ମହିଳା ଚାଷୀଙ୍କ ସଫଳତା ଦେଖି ଏବେ ଅଞ୍ଚଳରେ ଅନ୍ୟ ମହିଳା ମାନେ ମଧ୍ୟ ଚାଷ କରିବାକୁ ମନ ବଳେଇଥିବା ଜଣାପଡିଛି।

# ବିନା ଜନପ୍ରତିନିଧିରେ ସରିଲା ଜନଶୁଣାଣି

କବିସୂର୍ଯ୍ୟନଗର, ୧୨।୯(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ବୈଠକ ଗୃହରେ ଶୁକ୍ରବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଏବଂ ସମଗ୍ର ଶିକ୍ଷାର ବ୍ଲକ ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ବିଡ଼ିଓ ରାଜେନ୍ଦ୍ର ନାୟକ, ଏବିଡ଼ିଓ ନାରାୟଣ ବେହେରା, ଅତିରିକ୍ତ ଜିଲ୍ଲପାଳ ଦେବଦତ୍ତ ପଣ୍ଡା, ଏପିଓ ରଶ୍ମିପ୍ରିୟା ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ । ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକରେ ବହୁତ ଦୁର୍ନୀତି ହୋଇଛି। ଲୋକଙ୍କ ଭୟରେ କାହାକୁ ନ ଜଣାଇ ଜନଶୁଣାଣି କରାଯାଉଥିଲା ବୋଲି ଆମ୍ବପୁଆ ସରପଞ୍ଚ ଅମିୟ କୁମାର ମାହୁନ୍ତ ଓ ଆଠଗଡ ସରପଞ୍ଚ ପ୍ରତିନିଧି ଆଦିତ୍ୟ କୁମାର ତ୍ରିପାଠୀ ଅଭିଯୋଗ କରିଛନ୍ତି । ଜନଶୁଣାଣିକୁ କୌଣସି ଜନପ୍ରତିନିଧିଙ୍କୁ ଡକା ଯାଇନାହିଁ କି ଗ୍ରୁପରେ ମେସେଜ ହୋଇନାହିଁ ବୋଲି ଉଭୟେ ପ୍ରତିକ୍ରିୟା ରଖିଛନ୍ତି । ୨ଜଣ ଜନ ପ୍ରତିନିଧି ବ୍ଲକକୁ କୌଣସି କାର୍ଯ୍ୟରେ ଆସିଥିବା ବେଳେ ଜଣାଶୁଣାଣି ହେଉଥିବା ଜଣାଇ ସେଠାରେ ଯୋଗ ଦେଇଥିଲେ । ଦୁର୍ନୀତି ପଦାରେ ପଡିଯିବା ଭୟରେ ଏପରି କରାଯାଇଥିବା ଆମ୍ବପୁଆ ସରପଞ୍ଚ କହିଛନ୍ତି । ବିଭିନ୍ନ ପଞ୍ଚାୟତରେ ଏମ୍‌ଜିଏନଆର୍‌ଇଜିଏସ୍ କାର୍ଯ୍ୟ ଜନପ୍ରତିନିଧି, ଲୋକଙ୍କୁ ଆଡୁଆଳରେ ରଖି ଚାଲୁଛି । ଏହି ଅଭିଯୋଗର ତଦନ୍ତ କରାଯିବ ବୋଲି ଅତିରିକ୍ତ ଜିଲ୍ଲପାଳ ପଣ୍ଡା କହିଛନ୍ତି ।

# ଅପପୁଷ୍ଟି ରୋକିବା, ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଗଞ୍ଜାମ, ୧୨।୯(ବିଦ୍ୟାଧର ସାହୁ/ ଅଖିଳ ତରାଇ)

ଗଞ୍ଜାମ ବ୍ଲକ୍ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ପୋଷଣ ମାସ କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ଭାରତୀ ବିଦ୍ୟାପୀଠ ଠାରେ ଅପପୁଷ୍ଟି ରୋକିବା, ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହ ହାଇସ୍କୁଲ ପରିସରରେ ଔଷଧୀୟ ଗଛ ଲଗାଇଥିଲେ। ବିଡ଼ିଓ ଅଚ୍ୟୁତ୍ୟାନନ୍ଦ ଜାନୀ, ସିଡିପିଓ ସଲୀଳା ପ୍ରଧାନ, ବିଇଓ ପ୍ରଶନ୍ନ ବେହେରା, ଆୟୁଷ ଡାକ୍ତର ବନଜକାନ୍ତ କର ଉପସ୍ଥିତ ଥିଲେ। ପ୍ରସୂତି ମା' ଓ ଗର୍ଭବତୀ ମା'ମାନଙ୍କୁ ପୋଷଣ ଉପରେ ଅଧିକାରୀମାନେ ବୁଝାଇଥିଲେ। ଆଗକୁ ସେକ୍ଟରସ୍ତରୀୟ ପୋଷଣ କାର୍ଯ୍ୟକ୍ରମ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଶିଶୁବିକାଶ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଗୁରୁବାର ରଚନା ଓ ପତ୍ରଲିଖନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ୱାର୍ଡ ନଂ. ୬ ଅଙ୍ଗନ୍‌ୱାଡି କର୍ମୀ ମିନାକ୍ଷୀ ବେହେରା, ଛାତ୍ରୀ ପୂଜା ଗୌଡ଼ ଏବଂ ଅସ୍ମିତା ପାଢ଼ୀଙ୍କ ସମେତ ଅନ୍ୟାନ୍ୟ ଛାତ୍ରୀଙ୍କୁ ବିଧାୟକ ପୁରସ୍କୃତ କରିଥିଲେ।



# ରାସ୍ତା ଅବରୋଧ କଲେ ଗ୍ରାମବାସୀ

**ରାସ୍ତା ନିର୍ମାଣରେ ବିଳମ୍ବରୁ ଦୁର୍ଘଟଣା**

ଦିଗପହଣ୍ଡି, ୧୨।୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି – ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହାର ପ୍ରତିବାଦରେ ଶୁକ୍ରବାର ସକାଳେ ମଳାଭଞ୍ଜା ଗ୍ରାମ ମା' ସାତଭଉଣୀ ମନ୍ଦିର ନିକଟରେ ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏଥିଯୋଗୁ ବ୍ରହ୍ମପୁର ଠାରୁ ଭାୟା ଦିଗପହଣ୍ଡି ଦେଇ ଗଜପତି, ରାୟଗଡ଼ା, କୋରାପୁଟ, କଳାହାଣ୍ଡି, ମାଲକାନଗିରି ସମେତ ପଡୋଶୀ ମଧ୍ୟପ୍ରଦେଶ, ଛତିଶଗଡ଼କୁ ଗାଡ଼ି ମଟର ଚଳାଚଳ ବନ୍ଦ ରହିଥିଲା। ରାସ୍ତାର ଉଭୟ କଡରେ ଶତାଧିକ ସଂଖ୍ୟାରେ ଗାଡ଼ି ମୋଟର ଅଟକି ରହିଥିଲା। ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଯୋଗୁ ଗତ ୧ ବର୍ଷ ମଧ୍ୟରେ ଅନେକ ମୃତାହତ ହେଲେଣି। ପ୍ରାୟ ୧୨୦ କୋଟି ଟଙ୍କା ବ୍ୟୟରେ ୪୦ କିମି ରାସ୍ତା ନିର୍ମାଣ ନାଁରେ ଠିକାଦାର ଜଣକ ସାନଖେମୁଣ୍ଡି ବ୍ଲକ ମଳାଭଞ୍ଜା ଠାରୁ ଡେଙ୍ଗାଓସ୍ତା ଗ୍ରାମ ମଧ୍ୟରେ ଅନେକ ସ୍ଥାନରେ ରାସ୍ତାକୁ ଦୀର୍ଘଦିନ ହେଲା ସମ୍ପୂର୍ଣ୍ଣ ଖୋଳି ଛାଡି ଦେଇଛନ୍ତି। ଲୋକେ ଯା ଆସ ପାଇଁ ଅସୁବିଧା ଭୋଗୁଛନ୍ତି। ଖବରପାଇ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ଯନ୍ତ୍ରୀ ବୃନ୍ଦ, ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ସଦଳବଳ ଆନ୍ଦୋଳନସ୍ଥଳରେ ପହଞ୍ଚି ଉତ୍ତେଜିତ ଗ୍ରାମବାସୀଙ୍କ ସହ ଆଲୋଚନା କରି ଖୁବଶୀଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ସାରିବାକୁ ପ୍ରତିଶ୍ରୁତି ଦେବାପରେ ପୂର୍ବାହ୍ନ ପ୍ରାୟ ୧୦ ଟାରେ ରାସ୍ତା ଅବରୋଧ ହଟିଥିଲା।


ରାସ୍ତା ଅବରୋଧ କରିଛନ୍ତି ଲୋକେ।

# ଘୁମୁସର ଜିଲ୍ଲା ଦାବିରେ ତହସିଲଦାରଙ୍କୁ ଦାବିପତ୍ର

ଭଞ୍ଜନଗର/ବେଲଗୁଣ୍ଠା,୧୨।୯ (ବାବୁଲା ପ୍ରଧାନ/କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ରାଜ୍ୟ ସରକାର ନୂଆ ମ୍ୟୁନିସିପାଲଟି ଓ ଏନଏସି ଘୋଷଣା କରିଛନ୍ତି। ଅନ୍ୟପଟେ ଡିସେମ୍ବର ଶେଷ ସୁଦ୍ଧା ନୂଆ ପଞ୍ଚାୟତ, ବ୍ଲକ, ସବ୍‌ଡିଭିଜନ ଗଠନ ପାଇଁ ପୁନଃ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ମଧ ହେବ। ଆଗକୁ ନୂଆ ଜିଲା ଘୋଷଣା ହେବା ସମ୍ଭାବନା ରହିଛି। ତେଣୁ ବିଭିନ୍ନ ଅଞ୍ଚଳରେ ବ୍ଲକ, ଉପଖଣ୍ଡ, ଜିଲା ମାନ୍ୟତା ଦାବି ଉଠୁଛି। ଭଞ୍ଜନଗର ଉପଖଣ୍ଡର ସମସ୍ତ ଯୋଗ୍ୟତା ଥିଲେ ମଧ ଜିଲା ମାନ୍ୟତା ପାଇବାରୁ ବଞ୍ଚିତ ଅଛି। ଆଗକୁ ଏହି ସୁଯୋଗ ଯେଭଳି ହାତଛଡା ନ ହେବ ସେଥିପାଇଁ ଅଞ୍ଚଳର ବିଭିନ୍ନ ସଙ୍ଗଠନ ଆନ୍ଦୋଳନ ଆରମ୍ଭ କରିଦେଲେଣି। ଶୁକ୍ରବାର ଘୁମୁସର ବାହିନୀ ବିଭିନ୍ନ ସଂଗଠନକୁ ସାମିଲ କରି ଜିଲା ଦାବି ସମ୍ପର୍କିତ ଯଥାର୍ଥତା ନେଇ ଏକ ତଥ୍ୟ ସମ୍ବଳିତ ଦାବିପତ୍ର ଅତିରିକ୍ତ ତହସିଲଦାର ଅବିନାଶ ମହାରଙ୍କୁ ପ୍ରଦାନ କରିଛନ୍ତି। ସଂଗଠନ ପକ୍ଷରୁ ପୂର୍ବରୁ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଅର୍ଥ ମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ସଚିବ, ଦକ୍ଷିଣାଞ୍ଚଳ ଆୟୁକ୍ତ, ଜିଲାପାଳ ଓ ଉପଜିଲାପାଳଙ୍କୁ ଦାବିପତ୍ର ପଠାଯାଇଛି। ଶୁକ୍ରବାର ଦାବିପତ୍ର ପ୍ରଦାନ ବେଳେ ବିପଦର ବନ୍ଧୁ, ରାଧାକୃଷ୍ଣ ପାଠାଗାର, କବି ସମ୍ରାଟ ମିଡିଆ କ୍ଲବ, ଘୁମୁସର ଲେଖିକା ସଂସଦ, ରାଧାକୃଷ୍ଣ ନଦିଆ ସଂଘ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଭାରତ ଲୀଳା ସଂଘ, ରୋଟାରି କ୍ଲବ, ଓଡ୍ର କାଳଞ୍ଜି ସମାଜ, ସାମ୍ବାଦିକ ସଂଘ, ବେଲଗୁଣ୍ଠା ବଣିକ ସଂଘ, ମିଡିଆ କ୍ଲବ, ଅଟୋ ଆସୋସିଏଶନ, ଗୋପବନ୍ଧୁ ଚାରିଟେବଲ ଟ୍ରଷ୍ଟ ସମେତ ଅନ୍ୟାନ୍ୟ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଭଞ୍ଜନଗରରେ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୂଚନାଯୋଗ୍ୟ, ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗଞ୍ଜାମ ଜିଲ୍ଲାର ବଡ଼ ଭୂଖଣ୍ଡ ଭାବେ ପରିଚିତ ଭଞ୍ଜନଗର ଉପଖଣ୍ଡକୁ ସ୍ୱତନ୍ତ୍ର ଘୁମୁସର ଜିଲା ମାନ୍ୟତା ଦେବା ପାଇଁ ଦାବି ହୋଇ ଆସୁଛି। ସାମାଜିକ,ସାଂସ୍କୃତିକ,ରାଜନୈତିକ ଓ ଭୌଗଳିକ ଦୃଷ୍ଟି କୋଣରୁ ଭଞ୍ଜନଗର ଉପଖଣ୍ଡ ଅଧୀନ ୮ଟି ବ୍ଲକ ଓ ୫ଟି ଏନଏସିକୁ ନେଇ ସ୍ୱତନ୍ତ୍ର ଘୁମୁସର ଜିଲ୍ଲା ପାଇଁ ଯୋଗ୍ୟ ଅଟେ। ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରୁ ଜିଲ୍ଲା ମୁଖ୍ୟାଳୟ ଛତ୍ରପୁର ୧୫୦ କି.ମି। ଜିଲ୍ଲାପାଳଙ୍କ କାଯ୍ୟାଳୟକୁ କୌଣସି କାର୍ଯ୍ୟରେ ଯାଇ ପୁଣି ସେହି ଦିନ ଫେରିବା ସମ୍ଭବ ନୁହେଁ। ଜିଲ୍ଲା ଗଠନ ନିମନ୍ତେ ଜନସାଧାରଣଙ୍କ ଆନ୍ତରିକତା ଓ ସମସ୍ୟାଙ୍କୁ ହୃଦୟଙ୍ଗମ କରି ସରକାର ଜିଲ୍ଲା ଘୋଷଣା କରିବା ସମୟରେ ଘୁମୁସର ଜିଲ୍ଲା ଗଠନକୁ ପ୍ରାଥମିକତା ଦେଇ ପ୍ରଶାସନିକ ସ୍ତରରେ ପଦକ୍ଷେପ ନେବା ପାଇଁ ତହସିଲଦାରମାନଙ୍କୁ ଅବଗତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଶୁକ୍ରବାର ଭଞ୍ଜନଗର, ବେଲଗୁଣ୍ଠା ଓ ଜଗନ୍ନାଥପ୍ରସାଦ ତହସିଲଦାରଙ୍କୁ ଅବଗତ କରାଯାଇଥିବା ବେଳେ ଅନ୍ୟ ତହସିଲଦାରମାନଙ୍କୁ ମଧ ଅବଗତ କରାଯିବ ବୋଲି ଘୁମୁସର ବାହିନୀ ପକ୍ଷରୁ କୁହାଯାଇଛି।

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା

ଶେରଗଡ଼,୧୨।୯ (ସୂର୍ଯ୍ୟ ନାରାୟଣ ଦାଶ) କିଡନୀ ଓ ହୃଦରୋଗରେ ପିଡୀତ ହୋଇ ଶେରଗଡ ପଞ୍ଚାୟତ ରାମଗିରି ଗ୍ରାମର ରାମକୃଷ୍ଣ ମଲ୍ଲିକ(୩୫)ଙ୍କ ବିଶାଖାପାଟଣା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଗଞ୍ଜାମ ଜିଲାପାଳ ଭି. କିର୍ତ୍ତୀଭାସନଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। ରାମକୃଷ୍ଣଙ୍କ ପରିବାର ଅତି ଗରିବ ଥିବା ମଧ ଜିଲାପାଳଙ୍କୁ କୁହାଯାଇଥିଲା। ଜିଲାପାଳ ଏହାକୁ ବିଚାରକୁ ନେଇ ତୁରନ୍ତ ତାଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ଦେବାକୁ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ତହସିଲଦାର ତ୍ରିଦେବ ରଥ ରାମଗିରି ଗ୍ରାମରେ ପହଞ୍ଚି ତାଙ୍କ ବାପା ସତ୍ୟ ମଲ୍ଲିକଙ୍କୁ ୩୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଏହି ସମୟରେ ସୁପରଭାଇଜର ପି ପଞ୍ଚମା, ଶେରଗଡ଼ ଆରଆଇ ପ୍ରଭାତ ରାଉଳ ଉପସ୍ଥିତ ଥିଲେ।

# ସନ୍ଦେହଘେରରେ ନାବାଳକଙ୍କ ମୃତ୍ୟୁ

ପାତ୍ରପୁର,୧୨।୯(ଉମା ଚରଣ ନେପାକ)ଗଞ୍ଜାମ ଜିଲା ଜରଡା ଥାନା ବୁରାତାଳ ପଞ୍ଚାୟତ ଅନ୍ତର୍ଗତ ଅଣ୍ଡଅଣ୍ଡା ଗ୍ରାମର ଜଣେ ନାବାଳକ(୧୩)ଙ୍କ ଶୁକ୍ରବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ଗ୍ରାମର ବୀର ଶବରଙ୍କ ପୁଅ ସରୋଜ ବୋଲି ଜଣାପଡିଛି। ସକାଳେ ସରୋଜ ଗ୍ରାମ ନିକଟରେ ଥିବା ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ତାଙ୍କୁ କୌଣସି ବିଷାକ୍ତ ସରୀସୃପ କାମୁଡ଼ି ଦେବା ଏବଂ ଦେହସାରା ପ୍ରବଳ ଯନ୍ତ୍ରଣା ହେଉଥିବା ସରୋଜ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁପାତ୍ରପୁର ମେଡ଼ିକାଲ ନେଇଥିଲେ। ସେଠାରେ ସରୋଜଙ୍କ ମୃତ୍ୟୁ ଘଟିଥିଲା। ଜରଡା ପୋଲିସ ମେଡ଼ିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଥିବା ଏସ୍‌ଆଇ ଦୁର୍ଯ୍ୟୋଧନ ନାୟକ କହିଛନ୍ତି।


## କେନ୍ଦୁଝରର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଘୋଷଣା

ନଥି ସଂ.- IX(C)-30/2025-247, ତା 13.06.2025

No.V-20:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୯(୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ବଡ଼ବିଲ, ୟୁନିଟ ନଂ.-୮, ଥାନା- ବଡ଼ବିଲ, ତହସିଲ- ବଡ଼ବିଲ, ଜିଲ୍ଲା- କେନ୍ଦୁଝରରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- ବଡ଼ଜାମଦା ଓ ବଡ଼ବିଲ ଷ୍ଟେସନ ମଧରେ ରେଲୱେ ଓଭରବ୍ରିଜ୍ (ଏଲ୍.ସି.ନଂ.- ଆର୍.ବି.କେ.୬୦) ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୨୩୦ ତା୧୩।୦୬।୨୦୨୪ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ବଡ଼ବିଲ ୟୁନିଟ ନଂ.-୮, ଥାନା-ବଡ଼ବିଲ, ତହସିଲ-ବଡ଼ବିଲ, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ www.kendujhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ www.revenueodisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- କେନ୍ଦୁଝର ତହସିଲ- ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବଡ଼ବିଲ ୟୁନିଟ ନଂ.-୮ | ସହରାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ୦.୧୨୫ | ଏ୦.୦୨୮ | ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା- କେନ୍ଦୁଝର ତହସିଲ- ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୩।୦୬।୨୦୨୪

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କେନ୍ଦୁଝର

ଭୂମି ଅନୁସୂଚୀ

ପ୍ରକଳ୍ପର ନାମ: ବଡ଼ଜାମଦା-ବଡ଼ବିଲ ଷ୍ଟେସନ ମଧରେ ରେଲୱେ ଓଭରବ୍ରିଜ୍ (ଏଲ୍.ସି.ନଂ.- ଆର୍.ବି.କେ. ୬୦) ନିର୍ମାଣ

ମୌଜା- ବଡ଼ବିଲ ୟୁ: ନଂ.:୮, ଥାନା- ବଡ଼ବିଲ, ତହସିଲ- ବଡ଼ବିଲ, ଜିଲ୍ଲା- କେନ୍ଦୁଝର

| କ୍ରମିକ ନଂ. | ଖତିୟାନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା |
|---|---|---|---|---|---|---|
| ୧ | ୩୭/୫ | କମଳଜିତ ସିଂହ, ପି. ବଳଦେବ ସିଂହ, ବା- ନିଜଗାଁ | ୩୬୮ | ଘରବାରି ଏକ | ୦.୦୩ | ୦.୦୧୧ |
| | | | ୩୬୩/୮୪୭ | ଘରବାରି ଏକ | ୦.୦୧୫ | ୦.୦୧୦ |
| ୨ | ୩୭/୭ | କରତାର ସିଂହ, ପି.- ଜଗତ ସିଂହ, ବା- ବଡ଼ବିଲ, ଥାନା- ବଡ଼ବିଲ, ଜିଲ୍ଲା- କେନ୍ଦୁଝର | ୩୬୩ | ଘରବାରି ଏକ | ୦.୦୮ | ୦.୦୦୭ |
| | | | | ମୋଟ | ୦.୧୨୫ | ୦.୦୨୮ |

Sd./- AMIN
L.A. (Gen.) Section
Collectorate, Keonjhar

Sd./- Land Acquisition Inspector
L.A. (Gen.) Section
Collectorate, Keonjhar

ସ୍ୱା./- ଭୂଅର୍ଜନ ଅଧିକାରୀ
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

OIPR-24045/14/0045/2526



## କେନ୍ଦୁଝରର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଘୋଷଣା

ନଥି ସଂ. IX(C)-30/2025-241 ତା: ୧୩।୦୬।୨୦୨୫

No. V-19: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯(୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବଡ଼ବିଲ ୟୁନିଟ୍ ନଂ. ୭, ଥାନା: ବଡ଼ବିଲ, ତହସିଲ: ବଡ଼ବିଲ, ଜିଲ୍ଲା: କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବଡ଼ଜାମଦା ଓ ବଡ଼ବିଲ ଷ୍ଟେସନ ମଧରେ ରେଲୱେ ଓଭରବ୍ରିଜ (ଏଲ୍.ସି. ନଂ. - ଆର୍.ବି.କେ. ୬୦) ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୭ ତା୧୩।୦୬।୨୦୨୪ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବଡ଼ବିଲ ୟୁନିଟ୍ ନଂ. ୭, ଥାନା: ବଡ଼ବିଲ, ତହସିଲ: ବଡ଼ବିଲ, ଜିଲ୍ଲା: କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବସାଇଟ୍ **www.kendujhar.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **www.revenueodisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର ତହସିଲ: ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବଡ଼ବିଲ ୟୁନିଟ୍ ନଂ. ୭ | ସହରାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ୨.୮୬୫ | ଏ୧.୨୩୯ | ସଂଲଗ୍ନ |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର ତହସିଲ: ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୧୩।୦୬।୨୦୨୪।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./ – ଜିଲ୍ଲାପାଳ, କେନ୍ଦୁଝର

ଭୂମି ଅନୁସୂଚୀ

ପ୍ରକଳ୍ପର ନାମ: ବଡ଼ଜାମଦା–ବଡ଼ବିଲ ଷ୍ଟେସନ ମଧରେ ରେଲୱେ ଓଭରବ୍ରିଜ୍ (ଏଲ୍.ସି. ନଂ. – ଆର୍.ବି.କେ ୬୦) ନିର୍ମାଣ

ମୌଜା: ବଡ଼ବିଲ ୟୁ.ନଂ. ୭, ଥାନା: ବଡ଼ବିଲ, ତହସିଲ: ବଡ଼ବିଲ, ଜିଲ୍ଲା: କେନ୍ଦୁଝର

| କ୍ରମିକ ନଂ. | ଖତିଆନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା |
|---|---|---|---|---|---|---|
| ୧ | ୧୬୪ | ଦୁର୍ଗା ଦାସ କର୍ମକାର, ପି.: ପରେଶ କର୍ମକାର, ସୁଭାସ କର୍ମକାର, ପି.: ରହିପଦ କର୍ମକାର, ଜା: ଲୋହାର, ବା: ନିଜଗାଁ | ୨୮୫ | ଘରବାରି ଏକ | ୦.୧୦ | ୦.୦୩୯ |
| ୨ | ୨୦୦ | ପରମଜିତ ସିଂହ, ପି.: କୁନ୍ଦନ ସିଂହ, ଜା: ଶିଖ୍, ବା: ନିଜଗାଁ | ୨୮୫/୧୪୩୦ | ଘରବାରି ଏକ | ୦.୦୮୦ | ୦.୦୦୩ |
| | | | ୨୯୧/୧୪୩୪ | ଘରବାରି ଏକ | ୦.୦୮୦ | ୦.୦୧୬ |
| | | | ୨୯୧/୧୪୩୫ | ଘରବାରି ଏକ | ୦.୧୦୦ | ୦.୦୧୫ |
| | | | ୨୯୧/୧୪୩୬ | ଘରବାରି ଏକ | ୦.୧୦୦ | ୦.୦୧୭ |
| | | | ୨୯୧/୧୪୩୮ | ଘରବାରି ଏକ | ୦.୦୬୦ | ୦.୦୧୯ |
| ୩ | ୨୦୮ | ବିମଳା ଦେବୀ ବିଗ, ସ୍ୱା.: ପ୍ରକାଶ ନାଥ ବିଗ, ରେନୁ ମାକିନ, ଅନିତା ବିଗ, ମୀନା ସାହୁ, ନରେଶ ପ୍ରତାପ ବିଗ, ପି.: ପ୍ରକାଶ ନାଥ ବିଗ, ଜା: ଛତ୍ରୀ, ବା: ନିଜଗାଁ | ୨୭୯/୧୪୨୪ | ଘରବାରି ଏକ | ୦.୧୩୦ | ୦.୧୨୪ |
| ୪ | ୩୩୯ | ରାଜ କୁମାର କଲରା, ପି.: ତପନ ଦାସ କଲରା, ଜା: କ୍ଷତ୍ରୀୟ, ବା: ନିଜଗାଁ | ୨୯୧/୧୪୩୭ | ଘରବାରି ଏକ | ୦.୧୦ | ୦.୦୨୪ |
| ୫ | ୩୭ | ଏରିଆନ ମାଇନିଂ ଏଣ୍ଡ ଟ୍ରେଡ଼ିଂ କର୍ପୋରେସନ ପ୍ରାଇଭେଟ ଲିମିଟେଡ, ବଡ଼ବିଲ | ୨୮୦ | ଘରବାରି ଏକ | ୦.୩୨୫ | ୦.୨୪୩ |
| ୬ | ୪୦ | ଓଁକାର ଦାସ ୟୁଗ, ପି.: ବିଶୁନ୍ ଦାସ ୟୁଗ, ବିମଳା ଦେବୀ ୟୁଗ, ସ୍ୱା.: ପ୍ରକାଶ ନାଥ ୟୁଗ, ରେଣୁ ମାକିନ, ଅନିତା ୟୁଗ, ମିନା ସାହୁ, ନରେଶ ପ୍ରସାଦ ୟୁଗ, ପି.: ପ୍ରକାଶ ନାଥ ୟୁଗ, ଜା: ଛତ୍ରୀ, ବା: ନିଜଗାଁ | ୨୭୯ | ଘରବାରି ଏକ | ୦.୨୬୫ | ୦.୨୧୨ |
| ୭ | ୪୧ | ଓଁମ ପ୍ରକାଶ କାନୋଡ଼ିଆ, ରତନ ଲାଲ କାନୋଡ଼ିଆ, ପି.: ଶ୍ରୀଲାଲ କାନୋଡ଼ିଆ, ଜା: ମାରବାଡ଼ି, ବା: ନିଜଗାଁ | ୨୮୩ | ଘରବାରି ଏକ | ୦.୧୧ | ୦.୦୩୧ |
| | | | ୨୮୩/୧୪୨୯ | କାରଖାନା | ୦.୦୨ | ୦.୦୧୯ |
| | | | ୨୮୪ | ଘରବାରି ଏକ | ୦.୫୦୦ | ୦.୧୦୭ |
| ୮ | ୪୩୬ | ସୁସିଲ କୁମାର କେଣ୍ଡା, ପି.: ସୋହନ ଲାଲ କେଣ୍ଡା, ଜା: ଛତ୍ରୀ, ବା: ନିଜଗାଁ | ୨୮୧ | ଘରବାରି ଏକ | ୦.୩୯ | ୦.୨୧୭ |
| ୯ | ୪୪୬ | ହରଦୟାଲ ସିଂହ, ପି.: କୁନ୍ଦନ ସିଂହ, ଜା: ଶିଖ, ବା: ନିଜଗାଁ | ୨୯୧ | ଘରବାରି ଏକ | ୦.୧୦୦ | ୦.୦୨୪ |
| ୧୦ | ୪୫୮/୧୫୨ | ଶ୍ରୀ ହରଜିତ୍ ସିଂହ, ପି.: କୁନ୍ଦନ ସିଂହ, ବା: ନିଜଗାଁ, ଥାନା: ବଡ଼ବିଲ, ଜିଲ୍ଲା: କେନ୍ଦୁଝର | ୨୯୧/୨୨୦୨ | ଘରବାରି ଏକ | ୦.୧୦୦ | ୦.୦୨୩ |
| ୧୧ | ୪୫୮/୨୩୨ | ଚନ୍ଦ୍ର ପ୍ରକାଶ କୋହଲି, ପି.: ଜାଗରୀ ଲାଲ କୋହଲି, ବା: ବଡ଼ବିଲ | ୨୭୯/୨୨୭୨ | ଘରବାରି ଏକ | ୦.୧୩୦ | ୦.୦୮୧ |
| ୧୨ | ୭୫ | ମେସର୍ସ ଖଟାଉ ନର୍ଭେରାମ, ବଡ଼ବିଲ | ୧୭୧ | ଘରବାରି ଏକ | ୦.୨୩୫ | ୦.୦୨୫ |
| | | | | ମୋଟ | ୨.୮୬୫ | ୧.୨୩୯ |

Sd./- AMIN
L.A. (Gen.) Section
Collectorate, Keonjhar

Sd./- Land Acquisition Inspector
L.A. (Gen.) Section
Collectorate, Keonjhar

ସ୍ୱା./ – ଭୂ–ଅର୍ଜନ ଅଧିକାରୀ
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

OIPR-24045/14/0043/2526



## କେନ୍ଦୁଝରର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଘୋଷଣା

ନଥି ସଂ. IX(C)-20/2025-253 ତା: ୧୩।୦୬।୨୦୨୫

No. V-22: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯(୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବଡବିଲ ୟୁନିଟ ନଂ. ୭, ଥାନା: ବଡ଼ବିଲ, ତହସିଲ: ବଡ଼ବିଲ, ଜିଲ୍ଲା: କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବଡ଼ଜାମଦା ଓ ବଡ଼ବିଲ ଷ୍ଟେସନ ମଧରେ ରେଲୱେ ଓଭରବ୍ରିଜ୍ (ଏଲ୍.ସି. ନଂ.– ଆର୍.ବି.କେ. ୬୧) ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୫୯ ତା୧୩।୦୬।୨୦୨୪ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବଡ଼ବିଲ ୟୁନିଟ୍ ନଂ. ୭, ଥାନା: ବଡ଼ବିଲ, ତହସିଲ: ବଡ଼ବିଲ, ଜିଲ୍ଲା: କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବସାଇଟ୍ **www.kendujhar.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **www.revenueodisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର ତହସିଲ: ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୌଜା: ବଡ଼ବିଲ ୟୁନିଟ୍ ନଂ. ୭ | ସହରାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ୦.୮୭୬ | ଏ୦.୨୭୪ | ସଂଲଗ୍ନ |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର ତହସିଲ: ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୧୩।୦୬।୨୦୨୪।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./ – ଜିଲ୍ଲାପାଳ, କେନ୍ଦୁଝର

ଭୂମି ଅନୁସୂଚୀ

ପ୍ରକଳ୍ପର ନାମ: ବଡ଼ଜାମଦା–ବଡ଼ବିଲ ଷ୍ଟେସନ ମଧରେ ରେଲୱେ ଓଭରବ୍ରିଜ୍ (ଏଲ୍.ସି. ନଂ. – ଆର୍.ବି.କେ ୬୧) ନିର୍ମାଣ

ମୌଜା: ବଡ଼ବିଲ ୟୁ.ନଂ. ୭, ଥାନା: ବଡ଼ବିଲ, ତହସିଲ: ବଡ଼ବିଲ, ଜିଲ୍ଲା: କେନ୍ଦୁଝର

| କ୍ରମିକ ନଂ. | ଖତିଆନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା |
|---|---|---|---|---|---|---|
| ୧ | ୧୭୨ | ଦେବୀ ପ୍ରସାଦ ଭଟ୍ଟାଚାର୍ଯ୍ୟ, ସୁକୁମାର ଭଟ୍ଟାଚାର୍ଯ୍ୟ, ବାଦଲ କୁମାର ଭଟ୍ଟାଚାର୍ଯ୍ୟ, ଗୀତାରାଣୀ ଭଟ୍ଟାଚାର୍ଯ୍ୟ, ବାସସ୍ଥାନ: ନିଉ ବାରିକପୁର, ସବିତା ମୁଖାର୍ଜୀ, ବାସସ୍ଥାନ: ବାଲିଗଞ୍ଜ, ନମିତାରାଣୀ ଚାଟାର୍ଜୀ, ବାସସ୍ଥାନ: ଚକୁଲ ପୁକୁରୁ, କଲିକତା, ଭାରତୀରାଣୀ ପାକଲାସୀ, ବାସସ୍ଥାନ: ବୈଦ୍ୟବାଟି, ହୁଗୁଳି, ରିତା ଭଟ୍ଟାଚାର୍ଯ୍ୟ, ପିତା: ସିଦ୍ଧେଶ୍ୱର ଭଟ୍ଟାଚାର୍ଯ୍ୟ, ଲିଳାବତୀ ଭଟ୍ଟାଚାର୍ଯ୍ୟ, ସ୍ୱାମୀ: ସିଦ୍ଧେଶ୍ୱର ଭଟ୍ଟାଚାର୍ଯ୍ୟ, ଜାତି: ବ୍ରାହ୍ମଣ, ବାସସ୍ଥାନ: ନିଜଗାଁ | ୬୦୪ | ଘରବାରି ଏକ | ୦.୦୩ | ୦.୦୦୬ |
| ୨ | ୪୫୮/୧୫୪୫ | ମାଙ୍ଗିଲାଲ ରୁଙ୍ଗଟା, ପି.: ହରକରଣ ଦାସ ରୁଙ୍ଗଟା, ଜା: ଅଗ୍ରୱାଲା, ବା: ଚାଇଁବସା, ଜିଲ୍ଲା: ସିଂହଭୂମ ବିହାର | ୬୧୩ | ଘରବାରି ଏକ | ୦.୨୧୮ | ୦.୦୪୯ |
| ୩ | ୪୫୮/୧୦୦୦ | ଗୁରୁଦୟାଲ ସିଂହ, ପି.: ବଚନ ସିଂହ, ଜା: ଶିଖ୍, ବା: ବଡ଼ବିଲ | ୬୦୫ | ଘରବାରି ଏକ | ୦.୦୩୦ | ୦.୦୩୦ |
| ୪ | ୪୫୮/୧୦୦୨ | ମହମ୍ମଦ ଆଲାମ, ପି.: ମଲ୍ଲିକ ଅବଦୁଲ ରହମାନ, ଜା: ମୁସଲମାନ, ବା: ନିଜଗାଁ | ୬୦୬ | ଘରବାରି ଏକ | ୦.୦୪୦ | ୦.୦୪୦ |
| ୫ | ୪୮୩ | ଭାରତ ପ୍ରୋସେସ ଏଣ୍ଡ ମେକାନିକାଲ ଇଞ୍ଜିନିୟର୍ସ ଲିମିଟେଡ, ଠାକୁରାଣୀ | ୬୧୪ | ଘରବାରି ଏକ | ୦.୧୧୩ | ୦.୦୦୯ |
| | | | ୬୧୨/୨୦୫୭ | ଘରବାରି ଏକ | ୦.୦୯୭ | ୦.୦୪୬ |
| | | | ୬୧୧ | ପତିତ | ୦.୩୩୩ | ୦.୦୮୨ |
| | | | ୬୧୦ | ଘରବାରି ଏକ | ୦.୦୦୫ | ୦.୦୦୫ |
| | | | ୬୦୯ | ଘରବାରି ଏକ | ୦.୦୧୦ | ୦.୦୦୭ |
| | | | | ମୋଟ | ୦.୮୭୬ | ୦.୨୭୪ |

Sd./- AMIN
L.A. (Gen.) Section
Collectorate, Keonjhar

Sd./- Land Acquisition Inspector
L.A. (Gen.) Section
Collectorate, Keonjhar

ସ୍ୱା./ – ଭୂ–ଅର୍ଜନ ଅଧିକାରୀ
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

OIPR-24045/14/0041/2526

# ତାଳଚେର-ଗୋପାଳପୁର ରେଳପଥ ପାଇଁ ବାଟ ଫିଟିଲା

## ଚୂଡ଼ାନ୍ତ ସର୍ଭେ ପାଇଁ ଅନୁମୋଦନ

ବ୍ରହ୍ମପୁର,୧୨।୯(ଅଶୋକ କୁମାର ସାହୁ) ତାଳଚେର-ଗୋପାଳପୁର ରେଳପଥ ପାଇଁ ବାଟ ଫିଟିଛି। ଚୂଡ଼ାନ୍ତ ସର୍ଭେ ପାଇଁ ଅନୁମୋଦନ ମିଳିଛି। ଏନେଇ ନୂଆଦିଲ୍ଲୀରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏକ ବୈଠକରେ ଏନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ୧୯୯୦ରେ ଏହି ରେଳପଥର ପରିକଳ୍ପନା କରାଯାଇଥିଲା। ପୂର୍ବତଟ ରେଳୱେ ଅଧୀନରେ ଥିବା ଏହି ରେଳପଥର ଦୈର୍ଘ୍ୟ ୨୯୩ କିମି ରହିଛି। ଏହି ବ୍ରଡଗଜ ରେଳପଥ ଅନୁଗୁଳ ଜିଲାର ଟାକୁଆ, ମହିଧରପୁର, ରାସୋଳ, ନୂଆପାଟଣା, ବଡମ୍ବା, କଣ୍ଟିଲୋ, ଖଣ୍ଡପଡା, ନୟାଗଡ, କରଚୁଲି, ବୁଗୁଡ଼ା, ବାଲିପଦର, ସୁବଳିଆ, ଆସିକା, ଧବଳପୁର, ହିଞ୍ଜିଳିକାଟୁ, କୁକୁଡାଖଣ୍ଡି, ବ୍ରହ୍ମପୁର ଦେଇ ଗୋପାଳପୁରକୁ ଛୁଇଁବ। ଏହି ରେଳପଥ ହେଲେ ଅନୁଗୁଳ, ଢେଙ୍କାନାଳ, କଟକ, ନୟାଗଡ ଓ ଗଞ୍ଜାମ ଏହି ୫ ଜିଲାର ଶିଳ୍ପ ଭିତ୍ତିଭୂମି ସୁଦୃଢ଼ ହେବ। ଏଥି ସହିତ ଏହି ଜିଲାଗୁଡ଼ିକର ଆର୍ଥିକ, ସାମାଜିକ, ଗମନାଗମନ ଓ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହେବ। ତାଳଚେରରୁ କୋଇଲା ପରିବହନ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ପହଞ୍ଚି ପାରିବ। ଏହି ରେଳପଥ ପାଇଁ ମହାନଦୀରେ ଏକ ବ୍ରିଜ ନିର୍ମାଣ ହେବା ଯୋଜନା ରହିଛି। ତେବେ ୩୦ବର୍ଷ ହେଲା ଏନେଇ ବହୁ ଦାବି ହୋଇ ଆସୁଥିଲା। ବିଭିନ୍ନ କାରଣରୁ ଏହି ରେଳପଥ ନିର୍ମାଣ ହୋଇପାରୁନଥିଲା। ଏତେ ଦିନ ଭିତରେ ୩ ଥର ସର୍ଭେ ବି ହୋଇଥିବା ରେଳୱେ ରିପୋର୍ଟରୁ ଜଣାପଡ଼ିଛି। ଏଥିରେ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଛି। କିନ୍ତୁ ଚୂଡାନ୍ତ ସର୍ଭେ ପାଇଁ ଅନୁମୋଦନ ମିଳିବା ପରେ ଡିପିଆର ପ୍ରସ୍ତୁତ କରିବା ପାଇଁ ପୂର୍ବତଟ ରେଳୱେକୁ କୁହାଯାଇଥିବା ବୈଠକରୁ ଜଣାପଡ଼ିଛି। ଉକ୍ତ ବୈଠକରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ଓ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ସହିତ ଅନ୍ୟ ଏମପିମାନେ ଉପସ୍ଥିତ ଥିଲେ। ଏହି ଆଲୋଚନାରୁ ତାଳଚେର-ଗୋପାଳପୁର ରେଳପଥ ନିର୍ମାଣର ବାଟ ଫିଟିଛି ବୋଲି ଦକ୍ଷିଣ ଓଡିଶା ରେଳପଥ ବିକାଶ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ସରୋଜ ରଂଜନ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି ଯେ, ଏହି ରେଳପଥ ହେଲେ ଓଡ଼ିଶାର ଶିଳ୍ପ ଭିତ୍ତିଭୂମି ସୁଦୃଢ଼ ହେବା ସହିତ ୫ ଜିଲାର ପର୍ଯ୍ୟଟନ କ୍ଷେତ୍ର ଯୋଡି ହୋଇପାରିବ। ଗଂଜାମ ଜିଲ୍ଲା ବିକାଶ ମଞ୍ଚର ଆବାହକ ରାଜେନ୍ଦ୍ର ପଣ୍ଡା କହିଛନ୍ତି ଯେ, ଉକ୍ତ ରେଳପଥ ପାଇଁ ବହୁ ଦାବି ପରେ କେନ୍ଦ୍ର ସରକାର ଏହାର ବିଚାର କରିଛନ୍ତି। ଏହି ରେଳପଥ ହେଲେ ଗମନାଗମନ କ୍ଷେତ୍ରରେ ଲୋକଙ୍କୁ ବହୁ ସୁବିଧା ମିଳିବ। ୫ ଜିଲାର ଆର୍ଥିକ କାରବାର ବି ସୁଦୃଢ଼ ହେବ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ବ୍ରହ୍ମପୁରର ଷ୍ଟେଶନ ମ୍ୟାନେଜର ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କୁ ପଚାରିବାରୁ ସେ କହିଲେ ଯେ, କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ। ଏହି ରେଳପଥ ହେଲେ ୫ ଜିଲାର ଲୋକେ ଗମାନଗମନ କ୍ଷେତ୍ରରେ ସୁବିଧା ପାଇବେ। କୋଇଲା ପରିବହନ ସହଜ ହେବ ବୋଲି ସେ କହିଛନ୍ତି।

# ଏମ୍‌କେସିଜି: ମୋବାଇଲ ଫ୍ଲାସ୍‌ରେ ରୋଗୀ ଚିକିତ୍ସା



ବ୍ରହ୍ମପୁର, ୧୨।୯(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡ଼ିକାଲ ପରିସରରେ ଥିବା ସୁପର ସ୍ପେସାଲିଟି (ଏସଏସ) କୋଠାରେ ବିଦ୍ୟୁତକୁ ସଂଯୋଗ ହୋଇଥିବା ପ୍ୟାନେଲ ବୋର୍ଡ଼ ଅଚଳରୁ ପ୍ରାୟ ୩ଘଣ୍ଟା ଧରି କୋଠା ଅନ୍ଧାର ହୋଇଥିଲା। ଫଳରେ ରୋଗୀଙ୍କ ଚିକିତ୍ସା ଓ ସେବାରେ ବିଭିନ୍ନ ସମସ୍ୟା ଦେଖିବାକୁ ମିଳିଥିଲା। ଖବରପାଇ ସାଧାରଣ ବିଦ୍ୟୁତ ବିଭାଗର ଅଧିକାରୀ ଓ ଟାଟା ପାୱାରର କର୍ମଚାରୀମାନେ ପହଞ୍ଚି କୋଠକୁ ବିଦ୍ୟୁତ ସଂଯୋଗ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏସଏସ କୋଠାରେ ଇଏନଟି, ଅସ୍ଥିଶଲ୍ୟ, ସର୍ଜରୀ, ନିଶ୍ଚେତକ ବିଭାଗ ଓ ଜରୁରୀକାଳୀନ ଅସ୍ତ୍ରୋପଚାର ଗୃହ ରହିଥିବା ବେଳେ ବିଭିନ୍ନ ବିଭାଗର ଶତାଧିକ ରୋଗୀ ଚିକିତ୍ସା ହେଉଛନ୍ତି। ଶୁକ୍ରବାର ସନ୍ଧ୍ୟା ୬ଟାଠାରୁ କୋଠାକୁ ହଠାତ୍ ବିଦ୍ୟୁତ୍ ସଂଯୋଗ ବନ୍ଦ ହୋଇଯାଇଥିଲା। ଏହାଦ୍ୱାରା କୋଠାର ବିଭିନ୍ନ ବିଭାଗରେ ଚିକିତ୍ସିତ ରୋଗୀ, ଡ଼ାକ୍ତର ଓ କର୍ମଚାରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ କରିଥିଲେ। ଡାକ୍ତର ଓ ନର୍ସିଂ ଅଫିସରମାନେ ମୋବାଇଲ ଫ୍ଲାସରେ ରୋଗୀଙ୍କୁ ଚିକିତ୍ସା କରିଥିବା ଦେଖିବାକୁ ମିଳିଥିଲା। ଅସ୍ତ୍ରୋପଚାର ନିମନ୍ତେ ଥିବା ରୋଗୀଙ୍କ ଅସ୍ତ୍ରୋପଚାର ହୋଇ ନଥିଲା। କୋଠାରେ ପାଣି, ଲିଫ୍ଟ ଓ ଏସି ବନ୍ଦ ରହିଥିଲା। ଅନ୍ୟପକ୍ଷରେ ଜିଇଡିର ଅଧିକାରୀମାନେ ଯାଞ୍ଚ ପରେ ଟ୍ରାନ୍ସଫର୍ମର ନିକଟରେ ଥିବା ପ୍ୟାନେଲ ବୋର୍ଡ଼ରେ ତ୍ରୁଟି ରହିଥିବା ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଏହା ପରେ ଏହାକୁ ମରାମତି କରିବା ସହ କୋଠାକୁ ବିଦ୍ୟୁ ସଂଯୋଗ କରିବାକୁ ବ୍ୟବସ୍ଥା କରାଯାଇଥିଲା।

# ବିନାୟକ ଆଚାର୍ଯ୍ୟ କଲେଜରେ ଅଭିବିନ୍ୟାସ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ସ୍ୱାଗତ କରାଯାଉଛି।

ବ୍ରହ୍ମପୁର,୧୨।୯(ସୁବାସ ଚନ୍ଦ୍ର ପାଢ଼ୀ) ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ପୁରୁଷ ଓ ମହିଳା ୟୁନିଟ ଆନୁକୂଲ୍ୟରେ ଶୁକ୍ରବାର ଏକ ଅଭିବିନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। କଲେଜ ଅଧକ୍ଷା ଡ. ପ୍ରମିଳା ଖାଡ଼ଙ୍ଗା ଏହାର ଶୁଭାରମ୍ଭ କରି ଜାତୀୟ ସେବା ଯୋଜନାର ଲକ୍ଷ୍ୟ ସଂପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ମୁଖ୍ୟବକ୍ତା ରୂପେ ଯୋଗଦେଇ ସେବାର ମହତ୍ତ୍ୱ କହିଥିଲେ। କଲେଜର ପ୍ରାଶାସନିକ ଅଧିକାରୀ ଡ. ଆନନ୍ଦ ସେଠୀ ଓ ୟୁଥ ରେଡକ୍ରସ ଅଧିକାରୀ ଡ. ଚିତ୍ତରଞ୍ଜନ ମହାନ୍ତି ଜାତୀୟ ସେବା ଯୋଜନା ଅନ୍ତର୍ଗତ ନାନା ସେବାମୂଳକ କାର୍ଯ୍ୟକ୍ରମ ବିଷୟରେ ବୁଝାଇଥିଲେ। ମହାବିଦ୍ୟାଳୟ ମହିଳା ବର୍ଗ ଜାତୀୟ ସେବା ଯୋଜନା ଅଧିକାରୀ ଡ. ଶୁଭଶ୍ରୀ ଅପରାଜିତା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପୁରୁଷ ବର୍ଗ ଜାତୀୟ ସେବା ଯୋଜନା ଅଧିକାରୀ ଡ. ରବୀନ୍ଦ୍ର କୁମାର ପଣ୍ଡା ବ୍ୟକ୍ତିତ୍ୱ ବିକାଶ ଦିଗରେ ମତ ରଖିଥିଲେ। ୧୫୦ରୁ ଉର୍ଦ୍ଧ୍ୱ ଏନଏନଏସ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।

# ବ୍ରହ୍ମପୁର ସିଟି କଲେଜରେ ଆଲୋଚନାଚକ୍ର

ବ୍ରହ୍ମପୁର,୧୨।୯(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ସିଟି କଲେଜ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ରଜନୀ କୋଠାରିଙ୍କ ସ୍ମୃତିରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଗଣତାନ୍ତ୍ରିକ ଭାବନା ଓ ଗଣତନ୍ତ୍ରରେ ଥିବା ବିବିଧ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ବର୍ତ୍ତମାନ ସମୟରେ ପୃଥିବୀରେ ଗଣତନ୍ତ୍ର ଏକ ଘଡିସନ୍ଧି ମୁହୂର୍ତ୍ତରେ ପହଞ୍ଚିଛି। ଅନେକ ସମସ୍ୟା ରହିଛି। ତାହା କିଭଳି ଦୂର ହେବ ସେଥିନେଇ ଆଲୋଚନା ହୋଇଥିଲା। କଲେଜର ଅଧକ୍ଷ ଡ. ଜୟନ୍ତ ବାନାର୍ଜୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ପ୍ରତାପ ଚନ୍ଦ୍ର ନାୟକ ଗଣତନ୍ତ୍ରର ସମସ୍ୟା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ କଳିଙ୍ଗ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧାପକ ଡ. ରାଜେଶ ବାଗ, ନିମନ୍ତ୍ରିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ସଂଜୟ ମେହେର ଯୋଗଦେଇ ନିଜ ମତ ପ୍ରଦାନ କରିଥିଲେ। ଅଧାପିକା ମମତା ପଣ୍ଡା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସହାୟତା ଆଳରେ ଲୁଟିଲେ ଦଲାଲ

ବ୍ରହ୍ମପୁର,୧୨।୯(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲରେ ଦଲାଲ ସକ୍ରିୟ ରହିଛନ୍ତି। ଚିକିତ୍ସା ପାଇଁ ଯାଇଥିବା ଜଣେ ମହିଳାଙ୍କଠାରୁ ସହାୟତା ଆଳରେ ଲୁଟିଛନ୍ତି। ଦଲାଲ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ନେଇଯାଇଥିବା ମହିଳାଙ୍କ ସ୍ୱାମୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୪୬୫/୨୫ ରେ ଏକ ମାମଲା ରୁଜୁ କରିଛି। ଏମକେସିଜିରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ସଂପୃକ୍ତ ଯୁବକଙ୍କୁ ଠାବ କରିବାକୁ ଉଦ୍ୟମ ଜାରି ରଖିଛି । ଧରାକୋଟ ବ୍ଲକ ଅନ୍ତର୍ଗତ ସୁନାମୁଇଁ ଗ୍ରାମର କେଶବ ସ୍ୱାଇଁ ନିଜ ସ୍ତ୍ରୀ' ମଞ୍ଜୁ ସ୍ୱାଇଁଙ୍କୁ ଧରି ଗୁରୁବାର ଏମକେସିଜି ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ । ମେଡିକାଲରେ ଜଣେ ଯୁବକ ତାଙ୍କ ନିକଟକୁ ଆସି ମାଗଣାରେ ରକ୍ତ ପରୀକ୍ଷା ଓ ଏକ୍ସ-ରେ କରାଇଦେବେ ବୋଲି କହିଥିଲେ । ସଂପୃକ୍ତ ଯୁବକଙ୍କ କଥାରେ ପଡି ମଞ୍ଜୁ ଏକ୍ସ-ରେ କରାଇବାକୁ ବିଭାଗକୁ ଯାଇଥିଲେ । ତେବେ ଏହା ପୂର୍ବରୁ ଯୁବକ ଜଣଙ୍କ ମଞ୍ଜୁଙ୍କୁ ସମସ୍ତ ସୁନା ଅଳଙ୍କାର ବାହାର କରି ଦେଇଦେବାକୁ କହିଥିଲେ। ଏକ୍ସରେ କରିବା ବେଳେ ସୁନା ଅଳଙ୍କାର ପିନ୍ଧିଲେ ସମସ୍ୟା ହେବ ବୋଲି ଯୁବକ ଜଣଙ୍କ କହିବା ସହ ସମସ୍ତ ସୁନା ଅଳଙ୍କାର ଓ ଟଙ୍କା ମୋବାଇଲ ତାଙ୍କୁ ଦେଇଦେଲେ ସେ ସୁରକ୍ଷିତ ଭାବେ ରଖିଥିବେ ବୋଲି ଯୁବକ ଜଣଙ୍କ କହିଥିଲେ। ସେହିକ୍ରମରେ ମଞ୍ଜୁ ନିଜ ଶରୀରରେ ପିନ୍ଧିଥିବା ଏକ ସୁନା ହାର, ସୁନା କାନଫୁଲ, ସୁନା ନାକଫୁଲ ସହ ନଗଦ ୧୦୦ ଟଙ୍କା ଓ ମୋବାଇଲ ଫୋନଟି ସଂପୃକ୍ତ ଯୁବକଙ୍କୁ ଦେଇଥିଲେ । ମଞ୍ଜୁଙ୍କ କାମ ସରିବା ପରେ ସେ ବାହାରକୁ ଆସିବାରେ ସଂପୃକ୍ତ ଯୁବକ ଜଣଙ୍କ ସେଠାରୁ କୁଆଡେ ଚାଲିଯାଇଥିବା ଜାଣିବାକୁ ପାଇଥିଲେ । ଏ ବିଷୟରେ ମଞ୍ଜୁ ନିଜ ସ୍ୱାମୀ କେଶବଙ୍କୁ ଜଣାଇଥିଲେ । ଉଭୟ ସ୍ୱାମୀ-ସ୍ତ୍ରୀ ମିଶି ସଂପୃକ୍ତ ଯୁବକଙ୍କୁ ଏମକେସିଜିରେ ବିଭିନ୍ନ ବିଭାଗ ବୁଲିବୁଲି ଖୋଜିଥିଲେ । ହେଲେ ତାଙ୍କର ପତ୍ତା ମିଳିନଥିଲା । ଫଳରେ ସେମାନେ ଦଲାଲଙ୍କ ଦ୍ୱାରା ଲୁଟର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏହାପରେ ଥାନାକୁ ଯାଇ ଏତଲା ଦେଇଥିଲେ ।

# ସ୍କୁଟି ପଛକୁ ପିଟିଲା ଟ୍ରକ୍, ସ୍ୱାମୀଙ୍କ ଆଗରେ ସ୍ତ୍ରୀ ମୃତ

ବ୍ରହ୍ମପୁର, ୧୨।୯(ସୁବାସ ଚନ୍ଦ୍ର ପାଢ଼ୀ) ବଡବଜାର ଥାନା ଅନ୍ତର୍ଗତ ଉତ୍କଳମା କଲୋନୀ ଛକରେ ଶୁକ୍ରବାର ସ୍କୁଟି ପଛକୁ ଏକ ଟ୍ରକ ଧକ୍କା ଦେବାରୁ ସ୍ୱାମୀ ଆଗରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ଖୋଡ଼ାସିଂ ରାଜୀବ ନଗରର ସବିତା ପଣ୍ଡା(୫୮)। ସ୍ୱାମୀ ବିଘ୍ନେଶ୍ୱର ପଣ୍ଡା ଚିକିତ୍ସିତ ଅଛନ୍ତି। ପୋଲିସ ଟ୍ରକ ଓ ସ୍କୁଟି ଜବତ କରିଛି। ଟ୍ରକ ଚାଳକ ଜଗନ୍ନାଥପ୍ରସାଦର ଦିଲୀପ ବେହେରା (୫୨)ଙ୍କୁ ଥାନାରେ ଅଟକ ରଖିଛି। ସବିତାଙ୍କ ଭାଇ ସନ୍ତୋଷ ପାଣିଗ୍ରାହୀଙ୍କ ଅଭିଯୋଗ ପ୍ରକାରେ ନଂ.୫୫୦/୨୫ରେ ମାମଲା ରୁଜୁ ହୋଇଛି। ବିଘ୍ନେଶ୍ୱର ସ୍ତ୍ରୀ ସବିତାଙ୍କୁ ନେଇ ଆମ୍ବଗଡ ଶ୍ୱଶୁର ଘରକୁ ଯାଇ ଅପରାହ୍ନରେ ନିଜ ସ୍କୁଟିରେ ବ୍ରହ୍ମପୁରକୁ ଫେରୁଥିଲେ। ଆମ୍ବଗଡ ଛକରେ ସେମାନଙ୍କୁ ଓଡି ୦୭ ଏଜି- ୫୯୪୧ ନଂ ବିଶିଷ୍ଟ ଟ୍ରକ ପଛପଟୁ ଧକ୍କା ଦେଇଥିଲା। ଉଭୟେ ରାସ୍ତାରେ ପଡିଥିବା ବେଳେ ଟ୍ରକଟି ସବିତାଙ୍କ ଉପରେ ମାଡ଼ିଯାଇଥିଲା। ଗତ ୪୮ ଘଣ୍ଟା ମଧ୍ୟରେ ସହର ଉପକଣ୍ଠରେ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟି ସାରିଲାଣି।

# ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଥିବା ଯୁବକ ମୃତ

ବ୍ରହ୍ମପୁର,୧୨।୯(ସୁବାସ ଚନ୍ଦ୍ର ପାଢ଼ୀ)

ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ପୁରୁଣା ବ୍ରହ୍ମପୁର ରାଧାକାନ୍ତସାହିର ସୁରଜ ସାହୁ(୨୧)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ସୁରଜ କୌଣସି କାରଣକୁ ନେଇ ବୁଧବାର ରାତି ସାଢେ ୮ଟାରେ ତଳ ମେଣ୍ଟୁଛକରେ ଥିବା ନିଜ ମିଠା ଦୋକାନ ନିକଟରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ଉନ୍ନତ ଚିକିତ୍ସା ପାଇଁ ପରିବାର ଲୋକେ ଭୁବନେଶ୍ୱର ନେଇଥିଲେ। ୨ଦିନ ଧରି ଜୀବନ ସହ ସଂଘର୍ଷ କରିବା ପରେ ଶୁକ୍ରବାର ରାତିରେ ସୁରଜ ଆଖି ବୁଜିଛନ୍ତି।


ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**ODISHA SCHOOL EDUCATION PROGRAMME AUTHORITY**

"SHIKSHA SOUDHA", UNIT-V, BHUBANESWAR-751001
Website - osepa.odisha.gov.in

No. 9760 / Lib./2025 — Date 11/ 09/2025

**NOTICE INVITING EXPRESSION OF INTEREST**

**No.n-** : Odisha School Education Programme Authority (OSEPA) invites Expression of Interest (EoI) from reputed local book Publishers / Publishing houses of Odisha towards procurement of class / age appropriate library books for Class I to XII published in Odia language under Samagra Shiksha & PM SHRI Scheme. The EoI document with all information, instructions, eligibility criteria, terms & conditions etc are available in the website of OSEPA i.e **osepa.odisha.gov.in**. The interested Local book publishers / publishing houses may refer the above web site, read the EoI document carefully & furnish the EoI proposal to the O/o State Project Director, Odisha School Education Programme Authority, Shiksha Soudha, Unit-V, Bhubaneswar, 751001 **by 5 PM of 16/10/2025**. The EoI proposal may be submitted in sealed envelope superscripted as **"Expression of Interest for Supply of Library Books" 2025-26 by Registered Post/ Speed Post/ Courier only**.

Corrigendum / addendum, if required, will be uploaded in the above website. Hence, potential regional / local book publishers / publishing houses of Odisha are requested to be in continuous touch with the above web site. The EoI Inviting Authority i.e. OSEPA reserves the right to accept or reject any / all bids, also can cancel the entire selection process at any stage without assigning any reason thereof. No claim, whatsoever, shall be admissible for the alleged loss/damage suffered by the applicants on account of such rejections.

OIPR-27068/11/0058/2526 — Sd./- State Project Director



**OFFICE OF THE SUPERINTENDING ENGINEER HYDROLOGY & INTERSTATE MATTER, BURLA**

AT/PO-BURLA, DIST.SAMBALPUR (ODISHA) 768017
Email Id: sehydrologyismburla@gmail.com

**QUOTATION CALL NOTICE No. SE (H&ISM)-08/2025-26 dated 09.09.2025**

**No.A-613** : Sealed quotation in conformity with the terms & conditions are invited from reputed Travel Agencies/ Tour operators/ Private Individuals for hiring of one private vehicle with commercial registration & having valid contract carriage permit for official use of Superintending Engineer, Hydrology & Interstate Matter, Burla for the year 2025-26 (from 1.10.2025 to 31.03.2026).

Please visit website https://dowrodisha.gov.in or https://sambalpur.nic.in for details.

Date & time of availability of quotation documents from 15.09.2025 (10.00 AM) to 22.09.2025 (5.00 PM).

The last date & time of sale and receipt of Quotation is 22.09.2025 up to 5.00 PM & 23.09.2025 up to 5.00 PM respectively and to be opened on 24.09.2025 at 11:30 AM in the office of the Superintending Engineer, Hydrology & Interstate Matter, Burla.

Sd./- Superintending Engineer, Hydrology & Interstate Matter, Burla

OIPR-32452/11/0001/2526



GOVERNMENT OF ODISHA — No.b-15

**OFFICE OF THE CHIEF CONSTRUCTION ENGINEER SOUTHERN N.H CIRCLE, BERHAMPUR**

Email - senhsouthbam@gmail.com

**INVITATION FOR BIDS**

**Bid Identification No. 06 / CCE NH, South of 2025-26**
[e-Procurement]

Bid Identification No.06/CCE NH, South of 2025-26 No. 3349 / Dated : 10.09.2025

1) The **Chief Construction Engineer, Southern N.H. Circle, Berhampur** on behalf of Governor of Odisha invites **percentage rate bid** in double cover system in **ONLINE MODE** from eligible contractors for construction of Road works as detailed in the table below.
2) Nature of work : Road
3) No. of work : 1 No.
4) Tender Cost : Rs.10,000/-
5) Class of Contractor : 'A' Class & 'B' Class
6) Availability of Bid document in the Website : From 18.09.2025 11.00 AM to 08.10.2025 5.30 PM
7) Date of Opening of Bid : 09.10.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any Corrigendum/Addendum/Cancellation will be displayed in the e-tender website only.

Sd./- Chief Construction Engineer, Southern NH Circle, Berhampur

OIPR-34148/11/0018/2526



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ପତ୍ର ସଂଖ୍ୟା: 17467/ଭୁ.ଉ.କ., ଭୁବନେଶ୍ୱର — ତା: 08.09.2025ରିଖ
CPM-II(S)-185/93

**ସୂଚନା।**

No. CAD-1736: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୨ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ MIG-II ଗୃହ ନଂ. S-2/122କୁ ଶ୍ରୀ ଅମୀୟ ମୋହନ ଦାସ, ପିତା: ସ୍ୱର୍ଗତ କ୍ଷେତ୍ରମୋହନ ଦାସ, ଗ୍ରାମ: ବାଗଲପୁର, ପୋ: ଅଠାନ୍ତର, ଥାନା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଅମୀୟ ମୋହନ ଦାସ ଗତ ତା୨୮।୦୩।୨୦୧୫ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death Certificate Issue No. 15176 dated 11.05.2015).

Legal heir Certificate No. E-LHC/2024/154867 Dated: 21.08.2024 ଅନୁଯାୟୀ ଅମୀୟ ମୋହନ ଦାସଙ୍କର ଉତ୍ତରାଧିକାରୀ (୧) ଗୀତାଞ୍ଜଳୀ ଦାସ (ସ୍ତ୍ରୀ), (୨) ଅମିତାଭ ଦାସ (ପୁତ୍ର) ଓ ଅମ୍ରିତା ଦାସ (ବିବାହିତା କନ୍ୟା) ଅଟନ୍ତି।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0371/2526



No.M-28

**Fisheries & ARD Department Government of Odisha**

**Expression of Interest (EOI) for the design, construction, exhibit development and operation of a State-of-the-Art Marine Aquarium and Underwater Zoo at/near Puri Sea Beach**

1. The Fisheries & ARD Department, Government of Odisha, invites **Expression of Interest (EOI)** from reputed developers/ companies for the **design, construction, exhibit development, and operation of a State-of-the-Art Marine Aquarium and Underwater Zoo at/near Puri Sea Beach** under the PPP model. The project is envisioned to be of international standard, positioning Puri as a global marine tourism hub while promoting education, conservation and sustainable development.
2. Interested firms may submit their proposals in PDF format to **pmufard@gmail.com** by **5:00 P.M. of 10th October 2025**. Clarifications may be sought through the same email by **30th September 2025, 5:00 P.M.** Detailed EOI document is available in the F& ARD Department, Government of Odisha website https://fard.odisha.gov.in/sites/default/files/2025-09/EOI%2011%209%2025%20FP-2-3.pdf

Date : 12.09.2025 — Sd./- Principal Secretary

Fisheries & ARD Department, Lok Seva Bhawan, Sachivalaya Marg, Bhubaneswar, Odisha

OIPR-52014/11/0001/2526



ପୌରପରିଷଦ କାର୍ଯ୍ୟାଳୟ, ଜୟପୁର

**OFFICE OF THE MUNICIPAL COUNCIL : JEYPORE**

Phone No. : 06854-231098, e-Mail : ulbjeypore@gmail.com
Letter No. : 4046 — Date : 08.09.2025

**Quotation call notice**

**No.C-1054** : Sealed quotation in plain paper / letter pad is invited from the interested registered firm/agency for Annual repair & maintenance of wealth center. The individual agency may submit the price of spare parts as including service charges detail in Annexure-A. This will be received by the undersigned up to 11.00A.M. on dt-16 .09.2025 and will be opened at 4.00 P.M. on the same day, if the last date of receipt and date of opening of quotation happens to be holiday, the next working day will be treated as last date of receipt and date of opening at the same time in presence of the quotation or their authorized agents. The authority reserves the right to accept or cancel any or all quotation without assigning any reason thereof.

Terms and Condition: -
1. The contract would normally be for a period of one year, extendable by one year at a time based upon mutual agreement.
2. The contractor will supply the original parts as per the approved rates of AMC submitted by the agency.
3. No advance payment will be made the approved contract or shall submit his bill (in triplicate) on completion of repairs.
4. Copies of valid GST registration Certificate and PAN card should also accompany the technical Bid.
5. Work should be done based on work order only.

Sd./- Executive Officer, Jeypore Municipality

OIPR-13079/11/0064/2526



**ODISHA POLICE STATE HEADQUARTERS Cuttack**

Odisha Police

Office of the D.G. & I.G. of Police, Odisha, Cuttack

Tel. : 0671-2304001, Website : www.odishapolice.gov.in,
Email : aig-prov.odpol@od.gov.in & dcpprov.cphq@odishapolice.gov.in

**No.D-207** : Online Bids through e-Tender Portal https://tendersodisha.gov.in are invited from the eligible bidders for purchase of New Video Wall display to be integrated with I&UCCC of Commissionerate Police, Bhubaneswar-Cuttack during the current financial year, 2025-26 as per the particulars mentioned below.

| Sl. No. | Name of Item | RFP No. & Date | Quantity |
|---|---|---|---|
| 1. | New Video Wall display to be integrated with I&UCCC of Commissionerate Police, Bhuabneswar-Cuttack | 09-RFP-Video Wall display to be integrated with I and UCCC-2025-26 dtd.11.09.2025 | 01 |

| Sl. No. | Parameter | Name |
|---|---|---|
| 1 | Date of publication of NIT T0 | Date : 11/09/2025 |
| 2 | Availability of tender documents on the e-tendering portal of Government of Odisha | Date : 11/09/2025 |
| 3 | Last date for sending queries (T0+5) | Date : 18/09/2025 ; Time : 05.00 PM; queries may be sent by email to dcpprov.cphq@odishapolice.gov.in |
| 4 | Issue of responses to pre-bid queries, addendum/ corrigendum, if required (T0+7) | Date : After completion of Query Meeting |
| 5 | Bid Due Date | Date : 03/10/2025; Time : 05.00 PM |
| 6 | Opening of Techno-Commercial Bid | Date : 04/10/2025; Time : 05.00 PM |
| 7 | Opening of Price Bid | To be informed to the Technically Qualified Bidders by appropriate means |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.**

Sd./- A.I.G. of Police (Provisioning,) Odisha, Cuttack (Tender Calling Authority)

OIPR-12029/11/0103/2526

# ଅର୍ଚ୍ଚନାଙ୍କ ଆଲିଶାନ୍ ଘର ସିଲ୍ କଲା ଇଡି

**ହନିଟ୍ରାପ୍‌ରୁ ବେଆଇନ ଅର୍ଥ କାରବାର ମାମଲା**

■ ପୂର୍ବରୁ ଘର ଆଟାଚ୍ ହୋଇଥିଲା

■ ନୋଟିସ୍ ପାଇ ମଧ୍ୟ ଘର ଖାଲି କରୁ ନ ଥିଲେ

ଭୁବନେଶ୍ୱର,୧୨।୯(ସତ୍ୟଜିତ ରାଉତ)


ସିଲ୍ ହୋଇଥିବା ଅର୍ଚ୍ଚନାଙ୍କ ଆଲିଶାନ ଘର।

ବହୁଚର୍ଚ୍ଚିତ ହନିଟ୍ରାପ୍ ମାମଲାରେ ଜେଲ ଯାଇଥିବା ଅର୍ଚ୍ଚନା ନାଗଙ୍କ ବେଆଇନ ଅର୍ଥ କାରବାରକୁ ନେଇ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଭୁବନେଶ୍ୱର ସତ୍ୟବିହାରସ୍ଥିତ ପ୍ଲଟ୍ ନଂ. ୧୩୩୮/୧୫୧୦୫ରେ ଥିବା ଅର୍ଚ୍ଚନାଙ୍କ ଆଲିଶାନ୍ ଘର (ଜିପ୍ଲସ୍୨)କୁ ଇଡି ସିଲ୍ କରିଛି। ୨୦୨୩ ଜାନୁଆରୀରେ ଏହି କୋଠାକୁ ଇଡି ଆଟାଚ୍ କରିଥିବା ବେଳେ ଆଡ୍‌ଜୁଡିକେଟିଂ କର୍ତ୍ତୃପକ୍ଷ ପ୍ରିଭେନଶନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ ୨୦୦୨ ସେକ୍ସନ୍ ୮(୪) ଅନୁଯାୟୀ ଏହି ସମ୍ପତ୍ତିକୁ ନିଜ ଅକ୍ତିଆରକୁ ନେଇଥିଲେ। ହେଲେ ଏହି ଘର ଛାଡିବାକୁ ୨ବର୍ଷ ହେବ ବାରମ୍ବାର ନୋଟିସ୍ କରାଯାଉଥିବା ବେଳେ ଅର୍ଚ୍ଚନା ଘର ଖାଲି କରୁ ନ ଥିଲେ। କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଅର୍ଚ୍ଚନା ନିଜ ପରିବାର ସହ ଏହି ଆଲିଶାନ୍ କୋଠାରେ ରହୁଥିଲେ। ତେବେ ଇଡି ଅଧିକାରୀମାନେ ଶୁକ୍ରବାର ଅପରାହ୍ଣରେ ପହଞ୍ଚି ଘର ଯାଞ୍ଚ କରିବା ସହ ଫାଟକରେ ତାଲା ପକାଇ ସିଲ୍ କରିଛନ୍ତି। ଏହି ସମୟରେ ଅର୍ଚ୍ଚନା ଘରେ ନ ଥିବା ବେଳେ ତାଙ୍କ ବାପା, ଭଉଣୀ, ପୁଅ ପ୍ରମୁଖ ଥିଲେ। ସେମାନେ ଘର ଛାଡିବା ଲାଗି ଆଉକିଛି ଦିନ ଦେବାକୁ ଇଡି ଟିମ୍‌କୁ ଅନୁରୋଧ କରିଥିଲେ। ଇଡି ଟିମ୍ ଘର ଯାଞ୍ଚ କରି ପ୍ରଥମେ କପଡା, ଆସବାବପତ୍ର, ଖାଦ୍ୟ ସାମଗ୍ରୀ ଆଦି ବାହାର କରାଯାଇଥିଲା। ପରେ ଅର୍ଚ୍ଚନାଙ୍କ ପରିବାର ସଦସ୍ୟଙ୍କୁ ବାହାର କରିଦିଆଯାଇ ଘରକୁ ତାଲା ପକାଯାଇଥିଲା। ଉକ୍ତ ଘରେ ବୈଦ୍ୟୁତିକ ଓ ଫର୍ନିଚର ସାମଗ୍ରୀ ଆଦି ରହିଥିବା ଜଣାପଡିଛି। ତେବେ ସମ୍ଭାବ୍ୟ ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ମଞ୍ଚେଶ୍ୱର ଥାନା ପୋଲିସ ମଧ୍ୟ ସେଠାରେ ଉପସ୍ଥିତ ଥିଲା। ତେବେ ଇଡି ବଳପୂର୍ବକ ସେମାନଙ୍କୁ ବାହାର କରିଥିଲା ବୋଲି ଅର୍ଚ୍ଚନାଙ୍କ ଭଉଣୀ କହିଛନ୍ତି। ଅର୍ଚ୍ଚନାଙ୍କ ଏହି ଆଲିଶାନ୍ ଘର ୩.୬୪ କୋଟି ଟଙ୍କା ହେବ ବୋଲି ଇଡି ପୂର୍ବରୁ ସୂଚନା ଦେଇଥିଲା। ସୂଚନାଯୋଗ୍ୟ, କମିଶନରେଟ୍ ପୋଲିସ ପକ୍ଷରୁ ହୋଇଥିବା ୨ଟି ଏଫ୍‌ଆଇଆର୍‌କୁ ଆଧାର କରି ଇଡି ତଦନ୍ତ ଆରମ୍ଭ କରିଥିଲା। ଏହାପୂର୍ବରୁ ଇଡି ଅର୍ଚ୍ଚନାଙ୍କ ୫୬.୫ ଲକ୍ଷ ଟଙ୍କାର ଦୁଇଟି କାର୍ ମଧ୍ୟ ଜବତ କରିଥିଲା। ଇତିମଧ୍ୟରେ ଅର୍ଚ୍ଚନା ଓ ସ୍ୱାମୀ ଜଗବନ୍ଧୁଙ୍କ ମଧ୍ୟରେ ବିବାଦ ଲାଗିରହିଛି। ଏଥିପାଇଁ ଜଗବନ୍ଧୁ ପରିବାରଠାରୁ ଅଲଗା ରହୁଛନ୍ତି। ଏପରିକି ଅର୍ଚ୍ଚନାଙ୍କ ଘରେ ଗଣ୍ଡଗୋଳ କରିବା ଘଟଣାରେ କିଛିଦିନ ତଳେ ଜଗବନ୍ଧୁ ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ସେମାନଙ୍କ ଛାଡପତ୍ର ନେଇ ମଧ୍ୟ କୋର୍ଟରେ ଆବେଦନ ହୋଇଥିବା ସୂଚନା ରହିଛି।

# ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ୩ ବର୍ଷ ଜେଲ

**ଅର୍ଥ ହେରଫେର୍ ମାମଲା**

ପାରଳାଖେମୁଣ୍ଡି,୧୨।୯(ଗିରିଧାରୀ ପରିଚ୍ଛା)

ପଞ୍ଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ନ କରି ସରକାରୀ ଅର୍ଥ ହରିଲୁଟ୍ କରିବା ଅଭିଯୋଗର ବିଚାର କରି ପାରଳାଖେମୁଣ୍ଡି ସିଜିଏମ୍ ତଥା ଆସିଷ୍ଟାଣ୍ଟ ସେସନ ଜଜ୍ ନରୋତ୍ତମ ସେଠୀ ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏସ. ରାବଣମ୍ମାଙ୍କୁ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୦ ଲକ୍ଷ ଟଙ୍କା ଜରିମାନା ଦେବାକୁ ରାୟରେ ଶୁଣାଇଛନ୍ତି। ଜରିମାନା ଅନାଦାୟ ସ୍ଥଳେ ଆଉ ଏକବର୍ଷ ସଶ୍ରମ କାରାଦଣ୍ଡ ଭୋଗ କରିବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଏହି ଆଦାୟ ଅର୍ଥ ଗୁମ୍ମା ପଞ୍ଚାୟତର ଜନସାଧାରଣଙ୍କ ଉନ୍ନୟନମୂଳକ କାର୍ଯ୍ୟରେ ବିନିଯୋଗ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଗଜପତି ଜିଲା ଗୁମ୍ମା ବ୍ଲକରେ ୨୦୨୦ରେ ଥିବା ଗୁମ୍ମା ପଞ୍ଚାୟତର ତତ୍କାଳୀନ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏସ. ରାବଣମ୍ମା ପଞ୍ଚାୟତର ଉନ୍ନୟନ ପାଇଁ ଆସୁଥିବା ସରକାରୀ ଅନୁଦାନକୁ ନିଜ ପଦବୀର ଅପ ବ୍ୟବହାର କରି ଅର୍ଥ ହେରଫେର କରି ଆସୁଥିଲେ। ଏହା ଜାଣିବା ପରେ ତତ୍କାଳୀନ ବିଡିଓ ନଟବର ଗରଡ଼ ୪।୬।୨୦୨୦ରେ ନିର୍ବାହୀ ଅଧିକାରୀ ରାବଣମ୍ମାଙ୍କ ବିରୋଧରେ ସେରଙ୍ଗ ଥାନାରେ ଅଭିଯୋଗ କରିଥିଲେ। କ୍ଷମତାର ଅପବ୍ୟବହାର କରି ସେ ସରକାରୀ ଅର୍ଥ ୪୦, ୦୫,୭୦୦ ଟଙ୍କା ଆତ୍ମସାତ କରିଥିବା ତତ୍କାଳୀନ ବିଡିଓ ଗରଡ଼ ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା।

# ଗବୋନରେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା ଅଭିଯୋଗ

କେନ୍ଦ୍ରାପଡା, ୧୨।୯ (ଜଗନ୍ନାଥ ଧଳ)


ନିଶିଦେବ

ଆଫ୍ରିକୀୟ ଦେଶ ଗବୋନରେ କେନ୍ଦ୍ରାପଡ଼ା ଜିଲା ତାଳଚୁଆ ସାମୁଦ୍ରିକ ଥାନା ଡାଙ୍ଗମାଳ ଗ୍ରାମର ଶ୍ରମିକ ବାସୁଦେବ ବେହେରାଙ୍କ ବଡ଼ପୁଅ ନିଶିଦେବ(୨୮)ଙ୍କ ମୃତଦେହ ପଡ଼ିରହିଛି। ତାଙ୍କୁ ସେଠାରେ ହତ୍ୟା କରାଯାଇଥିବା ମା’ ପ୍ରମିଳା ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ଜିଲାପାଳଙ୍କୁ ନିଶିଦେବଙ୍କ ମୃତଦେହ ଆଣିବା ପାଇଁ ସ୍ତ୍ରୀ ଗାୟତ୍ରୀ ଶୁକ୍ରବାର ଏକ ଆବେଦନ ପତ୍ର ଦେଇଛନ୍ତି। ଗାୟତ୍ରୀ କହିଛନ୍ତି, ୨୦୨୪ ଏପ୍ରିଲରେ ଗବୋନର ଲିବ୍ରେଭିଲେ ସହରରେ କାମ ଦେବା ପାଇଁ ରାଜକନିକା ଓ ଚାନ୍ଦବାଲି ଥାନା ଅଞ୍ଚଳର ଦୁଇଜଣ ବ୍ୟକ୍ତି ନିଶିଦେବଙ୍କୁ ନେଇଥିଲେ। ସେ ସେଠାକାର ସଲିଡ୍ ଉଡ୍ ଇଣ୍ଟରନ୍ୟାଶନାଲ ପ୍ରାଇଭେଟ୍ କମ୍ପାନୀରେ ଗତ ୧୭ ମାସ ଧରି କାର୍ଯ୍ୟ କରୁଥିଲେ। ଏହି ଅବଧି ମଧ୍ୟରେ ସେ କମ୍ପାନୀ ପକ୍ଷରୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିବା ସମ୍ପର୍କରେ ପରିବାରକୁ ଜଣାଉଥିଲେ। ଏପରିକି ଓଭର ଟାଇମ୍ ଡ୍ୟୁଟି କରିବାକୁ ବାଧ୍ୟ କରାଯାଉଥିଲା। ଗତ ୯ ତାରିଖରୁ ତାଙ୍କର ଫୋନ୍ ସୁଇଚ୍ ଅଫ୍ ରହୁଛି। ଏ ସମ୍ପର୍କରେ ତାଙ୍କ ସହ ଥିବା ଅନ୍ୟ ଜଣେ କର୍ମଚାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ୍ ସଂଯୋଗ କାଟି ଦିଆଯାଇଥିଲା। ତେବେ ସେହିଦିନ କମ୍ପାନୀର ଜଣେ ବ୍ୟକ୍ତିଙ୍କ ନିକଟରୁ ନିଶିଦେବଙ୍କ ମୃତଦେହ ଫଟୋ ଆସିଥିଲା। ଫଳରେ ହତ୍ୟା ସନ୍ଦେହ ହେଉଛି। ଅପରପକ୍ଷରେ ନିଶିଦେବଙ୍କ ମୃତଦେହ ଗ୍ରାମକୁ ଆଣିବାକୁ ଜିଲାପାଳଙ୍କୁ ଗାୟତ୍ରୀ ଆକୁଳ ଅନୁରୋଧ କରିଛନ୍ତି।

# ଅବସରପ୍ରାପ୍ତ ଭୂବିଜ୍ଞାନୀଙ୍କ ସମ୍ପତ୍ତି ବାଜ୍ୟାପ୍ତ ନିର୍ଦ୍ଦେଶ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ଭୁବନେଶ୍ୱର,୧୨।୯(ସତ୍ୟଜିତ ରାଉତ)

ଭୁବନେଶ୍ୱର ଭୂତଳ ଜଳ ଅନୁସନ୍ଧାନ ଡିଭିଜନ (ରିମୋଟ୍ ସେନ୍‌ସିଂ ଡିଭିଜନ)ର ପୂର୍ବତନ ବରିଷ୍ଠ ଭୂବିଜ୍ଞାନୀ ନିରାକାର ରାଉତଙ୍କ ସମ୍ପତ୍ତି ବାଜ୍ୟାପ୍ତି ହେବ। ଏନେଇ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ଅଧିକୃତ ଅଧିକାରୀ ଆଶାପୂର୍ଣ୍ଣା ମହାପାତ୍ର ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ବାଜ୍ୟାପ୍ତି ହେବାକୁ ଥିବା ସମ୍ପତ୍ତିରେ ନିରାକାରଙ୍କ ଯାଜପୁର ରୋଡ୍‌ସ୍ଥିତ ଗୋଟିଏ କୋଠା ଓ ପ୍ଲଟ୍ ଏବଂ ତାଙ୍କ ବ୍ୟାଙ୍କ ଡିପୋଜିଟ୍ ଅନ୍ତର୍ଭୁକ୍ତ ରହିଛି। ୧୯୯୬ରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ନିରାକାରଙ୍କ ଘରେ ଚଢାଉ କରାଯାଇ ଗିରଫ କରାଯାଇଥିଲା। ୨୦୧୮ ଫେବୃଆରୀ ୫ରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ନିରାକାରଙ୍କୁ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ।

# ବନ୍ଧୁକ ସହ ୩ ଜୀବନ୍ତ ଗୁଳି ଜବତ

**ଥାନାରେ ଜିମା ଦେଲେ ସରପଞ୍ଚ**

ସିମୁଳିଆ, ୧୨।୯(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନା ବାଉରିପଦା ପଞ୍ଚାୟତ ଅଧୀନ ରାମ୍ପୋ ରାସ୍ତା ପାର୍ଶ୍ୱସ୍ଥ ଆମ୍ବଗଛ ନିକଟରୁ ଏକ ଦେଶୀ ବନ୍ଧୁକ ଉଦ୍ଧାର ହୋଇଛି। ସ୍ଥାନୀୟ ସରପଞ୍ଚ ଧରଣୀଧର ନାୟକ ପ୍ରତ୍ୟେକ ଦିନ ପରି ଶୁକ୍ରବାର ସକାଳେ ନିଜ ଗାଁ ରାସ୍ତାରେ ମର୍ଣ୍ଣିଂୱାକ୍ କରୁଥିବା ବେଳେ ବନ୍ଧୁକ ଗଛମୂଳେ ପଡ଼ିଥିବା ଦେଖିଥିଲେ। ପ୍ରଥମେ ସେ ଏହାକୁ ଖେଳନା ବନ୍ଧୁକ ଭାବି ଉଠାଇବା ପରେ ବନ୍ଧୁକ ଓଜନିଆ ଲାଗିବାରୁ ସେ ସ୍ଥାନୀୟ ଲୋକଙ୍କୁ ଦେଖାଇଥିଲେ। ପରେ ଭୁଲ୍‌ବଶତଃ ଗୁଳି ଫୁଟିଯିବାର ଆଶଙ୍କା କରି ବନ୍ଧୁକରୁ ଗୁଳିଟିକୁ ବାହାର କରି ସିମୁଳିଆ ଥାନାକୁ ଯାଇ ପୋଲିସକୁ ହସ୍ତାନ୍ତର କରିଥିଲେ। ପରେ ପୂର୍ବାହ୍ନ ୧୦ଟାରେ ପୋଲିସ ସନ୍ଧାନୀ କୁକୁର ସହିତ ଯାଇ ବନ୍ଧୁକ ମିଳିଥିବା ଗଛ ନିକଟରୁ ଆଉ ୨ଟି ଜୀବନ୍ତ ଗୁଳି ଉଦ୍ଧାର କରିଥିବା ସରପଞ୍ଚ ସୂଚନା ଦେଇଛନ୍ତି। ତେବେ କିଏ କେଉଁ ଉଦ୍ଦେଶ୍ୟରେ ଏଠାରେ ବନ୍ଧୁକ ଛାଡ଼ି ପଳାଇଲା ତାହା ଚର୍ଚ୍ଚାର ବିଷୟ ହୋଇଛି।


## GOVERNMENT OF ODISHA
## DEPARTMENT OF WATER RESOURCES
Office of the Additional Chief Engineer, Drainage Circle, Balasore

No.A-611

Email id : sedcbls@yahoo.com

"e" PROCUREMENT NOTICE NO. ACEDCBLS-11/2025-26

| | | | |
|---|---|---|---|
| 1 | Name of work | : | Drainage works (Under D.I.P. Scheme) |
| 2 | Nature of Work | : | i) Earth Work<br>ii) Concrete Work<br>iii) Stone Work<br>iv) Dredging Work |
| 3 | Total No. of Project | : | 1 No of Individual Work |
| 4 | Estimated cost of individual works | : | Rs.7,25,24,787/- (Excluding G.S.T.) |
| 5 | Period of completion | : | 18 (Eighteen) Calendar months |
| 6 | Bid Identification Number | : | ACEDCBLS/DDJPR-01-11/2025-26 |
| 7 | Date & Time of availability of Bid document in the Portal | : | From Dt.16.09.2025 at 10.00 hours to Dt.03.10.2025 at 17.00 hours |
| 8 | Date of Opening of technical bid | : | Dt.04.10.2025 at 11.30 hours in the Office of the Additional Chief Engineer, Drainage Circle, Balasore |
| 9 | Date of Opening of Financial bid | : | To be uploaded in portal |
| 10 | Class of Contractor | : | 'A' & 'Special' Class |
| 11 | Bid Security/EMD | : | Rs.7,25,248.00 |
| 12 | Cost of Tender paper | : | Rs.10,000.00 |
| 13 | Date of Lottery (if required) | : | To be notified |
| 14 | Procurement Officer/ Name & address of the officer inviting Bids | : | Additional Chief Engineer, Drainage Circle, Balasore |

Further details can be seen from the Govt. Website www.tendersorissa.gov.in

Sd./- Additional Chief Engineer
Drainage Circle, Balasore

OIPR-32190/11/0027/2526



## OFFICE OF THE SORO MUNICIPALITY, SORO, BALASORE

No.4176 Date : 11.09.2025

'e' Procurement Notice

Bid Identification No. SOROM_02_2025-26

No.C-1049 : Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

1. Name of the Work : Construction of Civil work as mentioned in DTCN
2. No. of works : 01 no.
3. Estimated Cost : As per Work List
4. Period of Completion : 90 days
5. Date & Time of availability of Bid documents in the Portal : 12.09.25 at 10.00 A.M. to 22.09.25 up to 5.00 P.M.
6. Last date & time for receipt of bids in the portal : 22.09.25 up to 05.00 P.M.
7. Bid received online shall be opened on : 23.09.25 at 10.00 A.M.
8. Name and address of the officer inviting Bid : Executive Officer, Soro Municipality

Further details can be seen from the procurement portal i.e. www.tendersodisha.gov.in

Sd./- Executive Officer
Soro Municipality

OIPR-13166/11/0015/2526



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ
### (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ଇସ୍ତାହାର ସଂଖ୍ୟା: ୫୬୦ ତା: ୦୯।୦୯।୨୦୨୫

No. ց-୫୫: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିମ୍ନଲିଖିତ ଅଜଣା ଶିଶୁଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଅନୁଗୋଳଙ୍କ ନିର୍ଦ୍ଦେଶରେ ଅନୁଗୋଳ ପଞ୍ଚମହଲା ସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନରେ ରଖାଯାଇଅଛି। ଉକ୍ତ ଶିଶୁର ଯଦି କେହି ପିତାମାତା/ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ ଫୋନ ନମ୍ବର: ୦୬୭୬୪-୨୩୦୩୨୯କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ଉକ୍ତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁର କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ର ଧାରା ୩୮ (ଉପଧାରା-୧) ଓ ପୋଷ୍ୟ ସନ୍ତାନ ନିୟମାବଳୀ-୨୦୨୨ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ।

| କ୍ର.ସଂ. | ଶିଶୁ ନାମ | ପୁଅ/ଝିଅ | ଜନ୍ମ ତାରିଖ | କେଉଁ ସ୍ଥାନରୁ ଉଦ୍ଧାର | ଶିଶୁ ମଙ୍ଗଳ କମିଟି କେସ୍ ନମ୍ବର | ବର୍ତ୍ତମାନର ଠିକଣା | ଫଟୋ |
|---|---|---|---|---|---|---|---|
| ୧ | ଶ୍ରୀହରି | ପୁଅ | ୨୨।୦୮।୨୦୨୫ | ସା: ବାଘୁଆବଳ, ତାଳଚେର<br>ଥାନା: ତାଳଚେର<br>ଜିଲ୍ଲା: ଅନୁଗୋଳ | ୩୬୮/<br>୦୧।୦୯।୨୦୨୫ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |

OIPR-33032/11/0008/2526

ସ୍ୱା./- ଜିଲ୍ଲାପାଳ, ଅନୁଗୋଳ



## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ଉପ ମହାପ୍ରବନ୍ଧକ (ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ପ୍ରକଳ୍ପ ବିଭାଗ,ଜୟପୁର
CIN-U40102OR2004SGC007553

OPTCL Lifeline of Odisha

No. CAD-1740 **ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାଛକୁଣ୍ଡ ତହସିଲ ଅଧୀନରେ ଥିବା ବୁରୁଡେଲ (R.I Circle-ଗୁନେଇପଡା), ଖରସାପଡା (R.I Circle-ଗୁନେଇପଡା),କୁଜାମ୍ବ (R.I Circle-ଗୁନେଇପଡା), ମନ୍ତ୍ରୀପୁଟ (R.I Circle-ଗୁନେଇପଡା), ଗୋଡାବେଡା (R.I Circle-ଗୁନେଇପଡା), ବନ୍ତଲବିରି (R.I Circle-ଗୁନେଇପଡା), ଲୁଗୁମ(R.I Circle-ତୁଷୁବା), ମାଟାମପୁଟ (R.I Circle-ଗୁନେଇପଡା), ବାୟାପୁଟ (R.I Circle-ଗୁନେଇପଡା),ଗୁନେଇପଡା (R.I Circle-ଗୁନେଇପଡା),ସଇଲପଡା (R.I Circle-ଗୁନେଇପଡା), ଦାସିରିପୁଟ (R.I Circle-ତୁଷୁବା) ଏବଂ ବୈପାରୀଗୁଡା ତହସିଲ ଅଧୀନରେ ଥିବା ବାରଙ୍ଗପାଲି (R.I Circle-ବୈପାରୀଗୁଡା) ଆଦି ଗ୍ରାମ ଦେଇ ଯାଉଥିବା ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍) ଦ୍ୱାରା ନିର୍ମିତ ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ୧୩୨ କେ.ଭି. ମାଛକୁଣ୍ଡ ପାୱାର ହାଉସ-ଲମତାପୁଟ ଏସ.ସି. ଲାଇନ ତା. ୧୨.୦୯.୨୦୨୫ ରିଖ ପରେ ଯେକୌଣସି ସମୟରେ ସଂଚାରଣ କରାଯାଇ ବିଦ୍ୟୁତ ପ୍ରବାହ କରାଯିବ।

ଏହା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ୧୯୫୬ ଅର୍ନ୍ତଗତ ଧାରା ୭୯,୮୦ ଓ ୮୨(କ) ଅନୁଯାୟୀ ଉପରୋକ୍ତ ସଂଚାରଣ ଲାଇନ୍ ଗୁଡିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ। ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍। ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଘର ତୋଳିବା, ଗଛ ଲଗାଇବା, ଟାୱାରରେ ଚଢିବା କିମ୍ବା ତହିଁରେ ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି। ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ। ଯଦି ଏଥିରେ ବ୍ୟତିକ୍ରମ ହେତୁ କିଛି ଅଘଟଣ ହୁଏ, ସେଥିପାଇଁ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ।

FIPR-42/2025-26

OIPR-04011/11/0216/2526

ସ୍ୱା/- ଉପ ମହାପ୍ରବନ୍ଧକ (ବିଦ୍ୟୁତ)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ପ୍ରକଳ୍ପ ବିଭାଗ,ଜୟପୁର

/optcl.odisha /optcl_odisha



Government of Odisha

No.B-516

Corrigendum to Bid Identification No. CCE.Ctc.(R&B) 5/2025-26
Tender Reference - CCE.Ctc.(R&B) 5/2025-26

E-mail ID - sectcrb_2006@yahoo.co.in, Tel/Fax - 0671-2301751/2302751

The Bid availabilty period and Date of opening of the tenders have been modified as follows :-

| Sl. No. | Bid Identification No. | Bid Availability period as per Tender Notice | Revised Bid Availability period | Bid opening Date as per Tender Notice | Revised opening Date |
|---|---|---|---|---|---|
| 1 | CCE.Ctc. (R&B)5/2025-26 | 01.09.2025 to 5.30 Hours of 15.09.2025 | 10.09.2025 to 5.30 Hours of 19.09.2025 | 16.09.2025 at 11.00 Hours | 20.09.2025 at 11.00 Hours |

Further details can be seen from the website htpp://tendersodisha.gov.in.

Sd./- Chief Construction Engineer
Cuttack (R&B) Circle

OIPR-34012/11/0045/2526



## ODISHA MINING CORPORATION LIMITED
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in

OMC ODISHA NEW OPPORTUNITIES — Mining Happiness

No.CAD-1744 **E-PROCUREMENT NOTICE**

| Sl. No. | Notice No. | Work Description | Availability | Bid due date |
|---|---|---|---|---|
| 1 | OMC/E-PROC/C&P/016/2025-26, Dtd : 26/08/2025 | Design, Manufacturing, Supply, Installation, Testing and Commissioning of Capacitor Bank with APFC panel at Ferro Chrome plant, OMC | 12.09.2025 | 15.10.2025 at 3.00 PM |
| 2 | OMC/E-PROC/C&P/018/2025-26, Dtd : 11/09/2025 | Diamond core drilling and allied work for South Kaliapani and Sukrangi Mining lease under JK road Region of OMC | 15.09.2025 | 16.10.2025 at 3.00 PM |
| 3 | OMC/E-PROC/C&P/019/2025-26, Dtd : 11/09/2025 | Engagement of Agencies for Inventorization of Green House Gas (GHG), Capacity Building Training Program for certification of Lead Carbon Verifiers and Verification of GHG Inventories through Accredited Verification & Validation Body (VVB) across various locations of OMC | 15.09.2025 | 17.10.2025 At 3.00 PM |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR-30005/11/0260/2526 Sd./- GM (C&P)



## NOTICE INVITING BID
## Odisha State Medical Corporation Limited (OSMCL)
Infront of Ram Mandir, Convent Square, Unit - III, Bhubaneswar - 751001
Tel. : (0674) 2380950, Website : www.osmcl.nic.in, Email : drugs-osmcl@od.gov.in

**Bid Ref. No. : OSMCL/2025-26/Hydroxyurea/05 Date : 12.09.2025**

No.CAD-1741 : Online Bids through e-Tender portal (https://tendersodisha.gov.in) are invited from eligible bidders for supply of Cap. Hydroxyurea for the year 2025-26 as per the particulars mentioned below :

| Sl. No. | Particulars | Date and Time | |
|---|---|---|---|
| 1. | Date & Time of relase of bid | 12/09/2025, 3 P.M. | |
| 2. | Date & time for submission of queries by E-mail id : drugs-osmcl@od.gov.in | 17/09/2025, up to 5:00 P.M. | |
| 3. | Date & time of Online bid submission | Start Date & Time<br>19/09/2025, 3 P.M. | End Date & Time<br>15/10/2025, 6.00 P.M. |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time<br>16/10/2025, 10 A.M. | End Date & Time<br>23/10/2025, 11.00 A.M. |
| 5. | Date & time of online Technical bid opening | 23/10/2025, 11:30 A.M. | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites : www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof. All notice will be published in the OSMCL website www.osmcl.nic.in. Hence the bidders are requested to visit OSMCL website www.osmcl.nic.in time to time for any published notice against the tender.

OIPR-10112/11/0032/2526 Sd./- Managing Director, OSMC Ltd., Odisha



## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

ସଂଖ୍ୟା: ୧୬୮୨୭/IND-II-PH-୧୨୮୩ **ବିଜ୍ଞାପନ** ତାରିଖ: ୧୦।୦୯।୨୦୨୫

No. CAD-1742: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଫ୍ଲକ୍ସ ମିନେରାଲ୍ସ, କେନ୍ଦୁଝର ଜିଲ୍ଲାର ଚମ୍ପୁଆ ତହସିଲ ଅନ୍ତର୍ଗତ ରରୁଆଁଗୁଡା ଗ୍ରାମଠାରେ ୨୫.୪୦୬ ହେକ୍ଟର ଖଣିଲିଜ୍ କ୍ଷେତ୍ରରେ ଅବସ୍ଥିତ ରରୁଆଁଗୁଡା କ୍ୱାର୍ଟଜାଇଟ ବ୍ଲକରେ ବାର୍ଷିକ ୦.୫୫୧ ମିଲିୟନ ଟନ୍ କ୍ୱାର୍ଟଜାଇଟ ଉତ୍ତୋଳନ ସହିତ ଘଣ୍ଟାପ୍ରତି ୫୦ ଟନ୍ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA)), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।

(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତାହା ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।

(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।

(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୫।୧୦।୨୦୨୫ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲାର ରରୁଆଁଗୁଡାଠାରେ ଖାତା ନଂ. ୧୩୩ (ରୟତି), ୮୫ (ରୟତି), ପ୍ଲଟ ନଂ. ୭୮୯, ୭୮୮ (୦.୮୮ ଏକର), କିସମ: ବିଆଲିଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, କେନ୍ଦୁଝର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦୁଝର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, କେନ୍ଦୁଝର।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **https://ospcboard.odisha.gov.in**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସଦସ୍ୟ ସଚିବଙ୍କ ଆଦେଶଅନୁଯାୟୀ
ସ୍ୱା./- ଅତିରିକ୍ତ ମୁଖ୍ୟ ପରିବେଶ ଯନ୍ତ୍ରୀ

OIPR-08012/11/0345/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗଠନ ହେଲା ଓଡ଼ିଶା ଡେଭଲପର୍ସ ଫେଡେରେଶନ

ଭୁବନେଶ୍ୱର,୧୨।୯(ଅନୁରାଧା ମହାରଣା)

ଓଡ଼ିଶା ରିଅଲ ଇଷ୍ଟେଟ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ନେଇ ଓଡ଼ିଶା ଡେଭଲପର୍ସ ଫେଡେରେଶନ (ଓଡିଫେଡ୍)ର ଗଠନ କରାଯାଇଛି। ସମ୍ପତ୍ତି କ୍ରେତାଙ୍କ ବିଶ୍ୱାସ ଜିତିବା ପାଇଁ ବ୍ୟବସାୟ ଏବଂ ସଦସ୍ୟମାନଙ୍କ ମଧ୍ୟରେ ନୈତିକ ଅଭ୍ୟାସ ପ୍ରଚାର ଜାରି ରଖିବାକୁ ଏହି ସଂଗଠନ ଲକ୍ଷ୍ୟ ରଖିଛି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡିଫେଡ୍‌ର ସଭାପତି ପ୍ରଦୀପ୍ତ କୁମାର ବିଶ୍ୱାସରାୟ, ଉପସଭାପତି ପାର୍ଥଜିତ ପଟ୍ଟନାୟକ, ସମ୍ପାଦକ ଉମେଶ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର କୁମାର ପାତ୍ର ଓ ସତ୍ୟଜ୍ୟୋତି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିଳ୍ପପତି, ସରକାରୀ ଅଧିକାରୀ, ସ୍ଥପତି, ସହରୀ ଯୋଜନାକାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଫେଡେରେଶନର ଅଫିସିଆଲ ଲୋଗୋ ଉନ୍ମୋଚନ କରାଯାଇଥିଲା।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
B.Ed. Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522


# 'କାମ୍ପା' ନିବେଶ କରିଛି ୫,୫୬୬ କୋଟି

ଭୁବନେଶ୍ୱର,୧୨।୯
(ରବିନାରାୟଣ ଜେନା)

ପ୍ରତିକ୍ଷେପିତ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା କର୍ତ୍ତୃପକ୍ଷ(ସିଏଏମ୍‌ପିଏ) ତଥା 'କାମ୍ପା'୫୫୬୬.୮୮କୋଟି ଟଙ୍କା ନିବେଶ କରିଛି ତଥା ରାଜ୍ୟ ସରକାରଙ୍କୁ ଋଣ ଦେଇଛି ବୋଲି ଚଳିତମାସ ୨୧ରେ ଅନୁଷ୍ଠିତ ୨୩ତମ କାର୍ଯ୍ୟନିର୍ବାହୀ କମିଟି ବୈଠକରୁ ଜଣାଯାଇଛି।

ବୈଠକର ସୂଚନା ଅନୁଯାୟୀ, କାମ୍ପା ଚଳିତବର୍ଷ ଜୁନ୍ ସୁଦ୍ଧା ୫୫୬୬.୮୮କୋଟି ଟଙ୍କା ନିବେଶ ତଥା ସରକାରଙ୍କୁ ଋଣ ଦେଇଥିବାବେଳେ ହାତରେ ୬୬୫୮.୮୩କୋଟି ଟଙ୍କା ଗଚ୍ଛିତ ରହିଛି। ତେବେ ଏଥିମଧ୍ୟରେ କେବଳ ପ୍ରତିକ୍ଷେପିତ ବନୀକରଣ ପାଣ୍ଠିରେ ୧୦୪୩.୦୭କୋଟି ଟଙ୍କା ରହିଥିବାବେଳେ କ୍ୟାଚ୍‌ମେଣ୍ଟ ଏରିଆ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟେଶନ ପାଣ୍ଠିରେ ୧୦୩.୮୧କୋଟି, ବନ୍ୟଜନ୍ତୁ ପରିଚାଳନା ପାଣ୍ଠିରେ ୯୮୯.୨୬କୋଟି, ନେଟ୍ ପ୍ରେଜେଣ୍ଟ ଭ୍ୟାଲୁ(ଏନ୍‌ପିଭି)ରେ ୨୮୨୯.୫ କୋଟି, ସୁଧ ବାବଦ ପାଣ୍ଠିରେ ୧୧୧୧.୬୬କୋଟି ଏବଂ ଅନ୍ୟାନ୍ୟ ବାବଦରେ ୫୮୧.୫୩କୋଟି ଟଙ୍କା ରହିଛି। ତେବେ ଏହି ୬ଟି କ୍ଷେତ୍ରରେ ଜାତୀୟ କର୍ତ୍ତୃପକ୍ଷଙ୍କଠାରୁ ୧୨ହଜାର ୪୫୬ କୋଟି ଟଙ୍କା ଗ୍ରହଣ ହୋଇଥିବାବେଳେ ମାର୍ଚ୍ଚ ସୁଦ୍ଧା ଏହି କ୍ଷେତ୍ରରେ ୪୭୧୯.୮୨କୋଟି ଟଙ୍କା ବିନିଯୋଗ ହୋଇଛି। ଏହାବାଦ୍ କାର୍ଯ୍ୟ ଚାଲୁ ରଖିବା ଲାଗି ଅତିରିକ୍ତ ପ୍ରସ୍ତାବ(ଏପିଓ) ବାବଦରେ ୧୦୭୮କୋଟି ଟଙ୍କା ରହିଛି ବୋଲି ବୈଠକରୁ ଜଣାଯାଇଛି।

ସେହିପରି ବନ୍ୟପ୍ରାଣୀ ସଂରକ୍ଷଣ ଲାଗି ୬୧.୨୦କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ରହିଛି। ସେଥିମଧ୍ୟରେ ଅନୁଗୋଳରେ ୨୯ଟି ପ୍ରକଳ୍ପରେ ୪୧.୮୦କୋଟି ଟଙ୍କା ଖର୍ଚ୍ଚ ହେବାକୁ ରହିଥିବାବେଳେ କେନ୍ଦୁଝରରେ ୫୪ଟି ପ୍ରକଳ୍ପ ଲାଗି ୭.୪୬କୋଟି ଟଙ୍କା ଖର୍ଚ୍ଚ ହେବାକୁ ରହିଛି। ଏହାବାଦ୍ ଢେଙ୍କାନାଳରେ ୩ଟି ପ୍ରକଳ୍ପରେ ୪.୭୦କୋଟି, ଦେବଗଡ଼, ବରଗଡ଼, ହୀରାକୁଦ(ବନ୍ୟପ୍ରାଣୀ), ସମ୍ବଲପୁର, ରେଢ଼ାଖୋଲ, ବାମରାରେ ଗୋଟିଏ ଲେଖାଏ ପ୍ରକଳ୍ପ ବାବଦରେ ଅବଶିଷ୍ଟ ଅର୍ଥ ଖର୍ଚ୍ଚ ହେବ ବୋଲି ବୈଠକରୁ ଜଣାଯାଇଛି। ଏହାବାଦ୍ ଚଳିତବର୍ଷ ୬୩୭୧.୧୪୮ହେକ୍ଟର ଅଞ୍ଚଳରେ ନୂତନ ବନୀକରଣ ଲାଗି ୧.୬୭କୋଟି ଟଙ୍କା ଖର୍ଚ୍ଚ କରିବାକୁ ଅତିରିକ୍ତ ପ୍ରସ୍ତାବ ରହିଥିବା ଜଣାଯାଇଛି।

# ରାଜ୍ ଇଲେକ୍‌ଟ୍ରୋନିକ୍ସର ପ୍ରି-ବୁକିଂ ପୂଜା ସେଲ୍

ଭୁବନେଶ୍ୱର,୧୨।୯

ଦେଶର ନୂତନ ଜିଏସ୍‌ଟି ସଂଶୋଧନ ବ୍ୟବସ୍ଥାରେ ଚଳିତ ମାସ ୨୨ ତାରିଖ ପରେ ଅନେକ କଞ୍ଜୁମର ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟର ମୂଲ୍ୟରେ ହ୍ରାସ ହେବାକୁ ଯାଉଛି। ଏହି ଅବସରରେ ରାଜ୍ ଇଲେକ୍‌ଟ୍ରୋନିକ୍ସ ପକ୍ଷରୁ ପ୍ରି-ବୁକିଂ ସେଲ୍ ଘୋଷଣା କରାଯାଇଛି। ଗ୍ରାହକଙ୍କୁ ଆକର୍ଷଣୀୟ ମୂଲ୍ୟରେ ଏବଂ ଅଫର ମାଧ୍ୟମରେ ପ୍ରଡକ୍ଟ ଯୋଗାଇଦେବା ପାଇଁ ପ୍ରି-ବୁକିଂ ସେଲ୍ ଘୋଷଣା କରିଛି। ଗ୍ରାହକ ବର୍ତ୍ତମାନ ପ୍ରଡକ୍ଟ ପସନ୍ଦକରି ବୁକିଂକଲେ ୨୨ ତାରିଖ ପରେ ଜିଏସ୍‌ଟି ପରବର୍ତ୍ତୀ ମୂଲ୍ୟରେ ନେବା ସହ ପୂଜାର ସମସ୍ତ ଅଫର ପାଇପାରିବେ। ସହଜ କିସ୍ତିରେ ପ୍ରଡକ୍ଟ ନେବା ସହ ୪୦% ପର୍ଯ୍ୟନ୍ତ ରିହାତି, ୨୫୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଅଫର, ବିଭିନ୍ନ ପ୍ରଡକ୍ଟ ସହ ୨ କିମ୍ବା ୩ ବର୍ଷର ୱାରେଣ୍ଟି ଏବଂ ଫାଇନାନ୍ସ କମ୍ପାନୀ ପକ୍ଷରୁ ୨୫୦୦ ରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଅଫର ସାଙ୍ଗକୁ ଗୋଟିଏ ଇଏମ୍‌ଆଇ ଫ୍ରି ରହିଛି। ଏଲ୍‌ଜି, ସାମ୍‌ସଙ୍ଗ, ସୋନୀ, ପାନାସୋନିକ୍, ବ୍ଲୁଷ୍ଟାର, କ୍ୟାରିଅର, ଭୋଲ୍‌ଟାସ, ହ୍ୱିର୍ଲପୁଲ୍, ହାୟର, ଗୋଦ୍‌ରେଜ୍, ହିଟାଚି, ଆଇଏଫ୍ ଏବଂ ଲୟଡ୍ କମ୍ପାନୀର ବିଭିନ୍ନ ବର୍ଗର ପ୍ରଡକ୍ଟରେ ଭରପୂର ଶୋ'ରୁମ୍‌ରୁ ଗ୍ରାହକମାନେ ଏହି ଅଫର ମାଧ୍ୟମରେ କିଣିବାର ସୁଯୋଗ ପାଇବେ ବୋଲି ରାଜ୍ ଇଲେକ୍ଟ୍ରୋନିକ୍ସର ମ୍ୟାନେଜିଂ ପାର୍ଟନର ପ୍ରକାଶ କୁମାର ବିଶ୍ୱାଳ କହିଛନ୍ତି।


THINK BIG THINK RAJ
RAJ ELECTRONICS
The one and only house hold name in every family of Odisha since 46 years.


# ତନେଇରାର ଫେଷ୍ଟିଭ୍ କଲେକ୍ସନ 'ମିଆରା'



ଭୁବନେଶ୍ୱର,୧୨।୯(ଅନୁରାଧା ମହାରଣା)

ହାଉସ୍ ଅଫ୍ ଟାଟାର ମହିଳା ଏଥେନିକ୍ ୱେର୍ ବ୍ରାଣ୍ଡ ତନେଇରା ପକ୍ଷରୁ ଏହାର ଫେଷ୍ଟିଭ୍ କଲେକ୍ସନ 'ମିଆରା' ଶୁଭାରମ୍ଭ କରାଯାଇଛି। ସଂସ୍କୃତ ଶବ୍ଦ 'ମାୟା'ରୁ ଅନୁପ୍ରାଣିତ ଯାହାର ଅର୍ଥ ଭ୍ରମ ତଥା ଯାଦୁଗରୀ। ତେବେ ରେଶମ, ସୂତା, ଟସର ଏବଂ ବିଭିନ୍ନ ବୟନ ପରମ୍ପରାର ମିଶ୍ରଣରେ ଏହି କଲେକ୍ସନ ପ୍ରସ୍ତୁତ ହୋଇଛି। ସୁଲଭ ମୂଲ୍ୟରେ ଏହି କଲେକ୍ସସନ ଉପଲବ୍ଧ ହେଉଥିବା ତନେଇରା ପକ୍ଷରୁ କୁହାଯାଇଛି। ଶୁକ୍ରବାର ତନେଇରାର ମାଷ୍ଟରକ୍ୟାଣ୍ଟିନସ୍ଥିତ ଷ୍ଟୋରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ତନେଇରାର ବିଜ୍‌ନେସ୍ ଆସୋସିଏଟ୍ ଯୋଗେନ୍ଦ୍ର ହଂସ ଏବଂ ଟାଇଟନ କମ୍ପାନୀ ଲିମିଟେଡ୍‌ର ରିଜିଓନାଲ ବିଜ୍‌ନେସ୍ ହେଡ୍ ଶାହ ଗୌରବ ଶାହା ଯୋଗଦେଇ କଲେକ୍ସନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ଏହି ଅବସରରେ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରାଯାଇଛି। ଗୋଲ୍‌ଡେନ୍ କୋକୁନ୍ ପର୍ଚେଜ୍ ପ୍ଲାନ୍ ସହ ଗ୍ରାହକଙ୍କ ଚାହିଦା ପୂରଣରେ ଷ୍ଟୋର ସକ୍ଷମ ହେବ ବୋଲି ଯୋଗେନ୍ଦ୍ର ଆଶାବାଦୀ ଥିବା କହିଛନ୍ତି। ଷ୍ଟୋରରୁ ୧୦ ହଜାର ଟଙ୍କା ବା ଅଧିକ ଟଙ୍କାର କ୍ରୟ କରୁଥିବା ଗ୍ରାହକ ପ୍ରତି ୧୦ ହଜାର ଟଙ୍କାର କ୍ରୟ ଉପରେ ୧ ହଜାର ଟଙ୍କାର ଗିଫ୍ଟ ଭାଉଚର ପାଇବେ। ଏହାସହ ୫୦,୦୦୦ ଟଙ୍କା କିମ୍ବା ଅଧିକ ମୂଲ୍ୟର କ୍ରୟ କରୁଥିବା ଗ୍ରାହକ ୦.୨ ଗ୍ରାମ୍‌ର ଏକ ତନିସ୍କ ଗୋଲ୍‌ଡ କଏନ୍ ପାଇପାରିବେ। ସେପ୍ଟେମ୍ବର ୫ରୁ ଆରମ୍ଭ ହୋଇଥିବା ଏହି ଅଫର ଅକ୍ଟୋବର ୨୦ ପର୍ଯ୍ୟନ୍ତ ବୈଧ ରହିବ। ଆଗାମୀ ଦିନରେ ଚନ୍ଦ୍ରଶେଖରପୁରରେ ତନେଇରାର ଆଉ ଏକ ଷ୍ଟୋର ଖୋଲାଯିବା ଯୋଜନା ରହିଥିବା ସୂଚନା ଦିଆଯାଇଛି।

# ଓଡ଼ିଶାରେ ବ୍ୟବସାୟ ଦ୍ୱିଗୁଣିତ କରିବ ଆମାଜନ୍




ଭୁବନେଶ୍ୱର,୧୨।୯(ଅନୁରାଧା ମହାରଣା)

ଆମାଜନ୍ ଇଣ୍ଡିଆ ଓଡ଼ିଶାରେ ଏକ ନୂତନ ଫୁଲ୍‌ଫିଲ୍‌ମେଣ୍ଟ ସେଣ୍ଟର ଖୋଲିବା ପରେ ରାଜ୍ୟରେ ନିଜର ବ୍ୟବସାୟ ବିସ୍ତୃତିକୁ ୨ଗୁଣରୁ ଅଧିକ ବଢ଼ାଇବାକୁ ଲକ୍ଷ୍ୟ ରଖିଛି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆମାଜନ୍ ପେ'ର ନିର୍ଦ୍ଦେଶକ (କ୍ରେଡିଟ୍ ଓ ଲେଣ୍ଡିଂ) ମୟଙ୍କ ଜୈନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, କମ୍ପାନୀର ଓଡ଼ିଶାରେ ଥିବା କାର୍ଯ୍ୟ ନେଟ୍‌ୱର୍କରେ ବର୍ତ୍ତମାନ ଗୋଟିଏ ଫୁଲ୍‌ଫିଲ୍‌ମେଣ୍ଟ ସେଣ୍ଟର, ଗୋଟିଏ ସର୍ଟେସନ ସେଣ୍ଟର, ୨୫୦ରୁ ଅଧିକ ଆଇ ହାଭ ସ୍ପେସ୍ (ଆଇଏଚ୍‌ଏସ୍) ଷ୍ଟୋର ଏବଂ ୬୦ରୁ ଅଧିକ ଡେଲିଭରି ଷ୍ଟେଶନ ରହିଛି। ଓଡ଼ିଶାରେ ଆମାଜନ୍‌ର ନିବେଶ, ନୂତନ ଫୁଲ୍‌ଫିଲ୍‌ମେଣ୍ଟ ସେଣ୍ଟର ଖୋଲିବା ସହ ଆମର ବିତରଣ ନେଟ୍‌ୱର୍କକୁ ମଜଭୁତ କରିଛି ଏବଂ ସେମାନଙ୍କ ସମେ-ଡେ ଓ ନେକ୍ସଟ-ଡେ ଡେଲିଭରି ଗତିକୁ ଉନ୍ନତ କରିଥିବା ସେ ପ୍ରକାଶ କରିଛନ୍ତି। ଏହା ସହ ଗ୍ରାହକଙ୍କ ସମେତ ପ୍ରାଇମ ସଦସ୍ୟମାନେ ଏବେ ସେମାନଙ୍କର ପସନ୍ଦର ଉତ୍ପାଦଗୁଡ଼ିକୁ ପୂର୍ବାପେକ୍ଷା ଅଧିକ ତୀବ୍ରଗତିରେ ପାଇପାରୁଛନ୍ତି। ଅନ୍ୟପଟେ ଆମାଜନ୍‌ର ପ୍ରାଇମର ସିନିୟର ମ୍ୟାନେଜର ପଲ୍ଲବୀ ସିଂହ କହିଛନ୍ତି, ଗତ ୬ ମାସରେ ରାଜ୍ୟରେ ଉପଭୋକ୍ତା ବୃଦ୍ଧି ଜାତୀୟ ହାରଠାରୁ ୧୦% ଅଧିକ ରହିଛି ଏବଂ ପ୍ରାୟ ୨୦ ପ୍ରତିଶତ ସମସ୍ତ କାରବାର ଅଫ୍‌ଲାଇନ ବ୍ୟବସାୟୀଙ୍କ ମାଧ୍ୟମରେ ହେଉଛି। ରାଜ୍ୟରୁ ୧୭,୦୦୦ରୁ ଅଧିକ ବିକ୍ରେତା ଏହି ଇ-କମର୍ସ ପ୍ଲାଟ୍‌ଫର୍ମରେ ଯୋଗଦେଇ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛନ୍ତି ଏବଂ ଏହାସହ ଅଞ୍ଚଳରେ ଶହ ଶହ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିବା ବୋଲି ପଲ୍ଲବୀ ସିଂହ କହିଛନ୍ତି। ଆମାଜନ୍ ପେ' ବ୍ୟବହାର କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠ ୧୦ ରାଜ୍ୟ ମଧ୍ୟରେ ସେ ସୂଚନା ଦେଇଛନ୍ତି। ଅର୍ଡର ଦିନ କିମ୍ବା ପରଦିନ ଡେଲିଭରି ଦେଇପାରୁଛି। ତେବେ ପାର୍ବଣଋତୁରେ ଗ୍ରାହକଙ୍କ ଚାହିଦା ପୂରଣ ପାଇଁ ୨୨ରୁ ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲର ପରିକଳ୍ପନା କରାଯାଇଥିବା ସେ କହିଛନ୍ତି।


# Classified Everyday
0674-2580101, 9692975378


REAL ESTATE
SALE

ସିନ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/-. 7978551614. D-1872

2047sqft. commercial (NH-57) boundarywall land sale at Pitapalli, Bhubaneswar- 7008634668. D-1877

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ଭୁବନେଶ୍ୱର ନଖରାଛକରୁ 9 K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

ଭୁବନେଶ୍ୱର AIIMS Medical ପାଖରେ B.D.A. Town Planning Road 30ft., Electricity, Yellowzone ଘରବାଡ଼ି ପାଚେରି ସହ ପ୍ଲଟ୍ ମିଳୁଅଛି। (No broker). 9437537549, 7735595306. D-1966




Newly open Jyoti SPA positively health benefits (expert therapist). 8458067955. D-76936

Newly open health benefits spa by experts therapist con 8658088274. D-1866

The massage felt totally professional! & comfortable at all times- 7978109255. D-76492

AFFIDAVIT

I Siddharth Sankar Jena, S/o. Amareswar Jena, R/o. Qrs No.L 2/136, Kalinga Vihar Chhend colony, Rourkela-15, P.S.- Chhend, Dist.- Sundargarh, Odisha, hereby declare by this affidavit No.- A/85 dated 10.09.25 that now onwards I shall be known as Siddharth S Jena, for all future purposes. D-1961

By virtue of an affidavit sworn before Executive Magistrate, Jajpur Road, Jajpur dated- 19.08.2025. I, Makara Ojha of Vill- Jalanda, P.O.- Kantar, P.S.- Korai, Dist.- Jajpur, Odisha, I declare that I have changed my name from Makaradhwaj Ojha to Markara Ojha. Henceforth, I shall be known as Makara Ojha for all purposes.
Makara Ojha D-1960

By virtue of an affidavit sworn before Executive Magistrate, Bhubaneswar Vide CF. No.- 54, dated- 12.09.2025. I, Subhashree Satpathy, D/o- Smruti Ranjan Satpathy, Plot No.- 1870, Sriram Nagar, lane-7, P.O.- Old town, P.S.- Shree Lingaraj, Bhubaneswar, Dist.- Khordha, Odisha, PIN- 751002 declare that I have changed my name from Subhasree Satpathy to Subhashree Satpathy. Henceforth, I shall be known as Subhashree Satpathy for all purposes.
Subhashree Satpathy. D- 1946

By virtue of an affidavit before the Executive Magistrate, Puri I have changed my name from Lina Kumari Sahoo, to Meena Kumari Sahoo, wife of Arjun Sahoo At- Chudanga Sahi, Puri. Henceforth, I shall be known as Meena Kumari Sahoo for all purposes. D-1959

Adarsh Raj Sahu (old name) Residing at flat No.- 305, Mj Vinayak Enclave, Kantilo, Sundarpada, Khorda, Odisha- 751002, hereby declare that I have changed my name as Adarsh Raj Sahoo (new name) (Aadhaar Card), S/o- Nihar Ranjan Sahoo. D-1963

By virtue of an affidavit Sworn before Executive Magistrate Patrapur, Dated 10.07.2024, I Bibek Badatya, S/o- Abhimanyu Badatya, At- B Nuagam Sasan, P.O.- B Nuagam, P.S.- Jarada, Dist.- Ganjam, Odisha, 761006, Declare that I have Changed my name from Ganesh Badatya to Bibek Badatya. Henceforth I Shall be known as Bibek Badatya for all purposes. D-1964

ମୁଁ, ଗୋକୁଳ ଚନ୍ଦ୍ର ଦୁଆରୀ, ବୟସ- ୪୯, ପିତା- କପିଳ ଦୁଆରୀ, ସା/ପୋ- ଦୁରୁଦୁରା, ଥାନା- ନୟାଗଡ଼ ସଦର, ବ୍ଲକ- ନୂଆଗାଁ, ଜିଲ୍ଲା- ନୟାଗଡ଼ ଘୋଷଣା କରୁଅଛି କି ଯେ ମୋର ହାଇସ୍କୁଲ ପ୍ରମାଣପତ୍ର ଓ ଆଧାର କାର୍ଡରେ ଜନ୍ମ ତାରିଖ- ୨୮।୦୬।୧୯୭୬ ରହିଅଛି। ତେବେ ଡ୍ରାଇଭିଂ ଲାଇସେନ୍ସରେ ଭୁଲବଶତଃ ୨୮।୦୬।୧୯୬୬ ହୋଇଯାଇଛି। ଏଣୁ ଡ୍ରାଇଭିଂ ଲାଇସେନ୍ସରେ ଥିବା ତ୍ରୁଟିପୂର୍ଣ୍ଣ ଜନ୍ମ ତାରିଖ ବଦଳରେ ହାଇସ୍କୁଲ ପ୍ରମାଣପତ୍ର ଓ ଆଧାର କାର୍ଡରେ ଜନ୍ମ ତାରିଖ- ୨୮।୦୬।୧୯୭୬ ଗ୍ରହଣ କରିବାକୁ ନୟାଗଡ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ପାଖରେ ୨୦।୦୮।୨୦୨୫ରେ ଆଫିଡ଼ାଭିଟ୍‌ରେ ଘୋଷଣା କରୁଅଛି।
ଧ-୧୯୬୨

By virtue of an affidavit sworn before the Executive Magistrate, Barbil, Vide Sl. No.- 4955, dt 12.09.2025, I, Mahavir Singh Kalkandha, S/o- Shriram Singh Kalkandha, resident At- Ward No.- 12, Station Road, Maa Parbati Enclave, Block-C, Room No.- 303, Barbil, P.O./P.S.- Barbil, Dist.- Keonjhar, Odisha, 758035, declares that, both the names "Mahavir Singh Kalkandha" and "Mahavir Singh" are one and same person to the deponent of the affidavit & both the names "Jaiwanti Kalkandha" and "Jaya Singh" are one and same person to the wife of the deponent of the affidavit. D-1958

I, Mohd Tauheed Alam, R/o- Razanagar, P.S.- Dhanupali, Dist.- Sambalpur- 768001, declare by this affidavit-74AA400036, dtd-01.09.25 sworn before the Executive Magistrate, Sambalpur, I shall be known as Mohd Tauheed Alam instead of Mohammad Tauheed Alam, my father/mother will be known as Mohd Tahir Husain/Shaheed Khatoon instead of Mohammad Tahir Hussain/Sahida Khatun, as per my documents for all future purposes. D-1967

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି
ଏକାଦଶାହ କ୍ରିୟା ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଶଶିକାନ୍ତ ଶଙ୍ଖୁଆ
ଗ୍ରାମ- ଭଗବାନପୁର, ଧାମନଗର, ଭଦ୍ରକ
ଆବିର୍ଭାବ: ତା୧୨।୦୩।୧୯୭୭ରିଖ
ତିରୋଧାନ: ତା୦୩।୦୯।୨୦୨୫ରିଖ
ଭାଇ, ଆପଣଙ୍କ ଅବର୍ତ୍ତମାନରେ ଆଜକୁ ଏଗାର ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ହତଭାଗ୍ୟ ଭାଇ ସୋମନାଥ ଶଙ୍ଖୁଆ, ସାନବାପା ପଦ୍ମନାଭ ଶଙ୍ଖୁଆ, ପୁଅ ପାର୍ଥସାରଥୀ ଶଙ୍ଖୁଆ, ସଂଗୀତା ଶଙ୍ଖୁଆ, ବନ୍ଧୁ ସ୍ୱଜନ ଏବଂ ଶଙ୍ଖୁଆ ପରିବାର ବର୍ଗ।
ଧ-୧୯୬୫


# ବଢ଼ିଲା ସୁନା ଦର



ଭୁବନେଶ୍ୱର,୧୨।୯

ନିୟମିତ ଭାବେ ବଢ଼ିଥିବା ସୁନା ଦର ଗ୍ରାହକଙ୍କ ଚିନ୍ତା ବଢ଼ାଇଛି। ଶୁକ୍ରବାର ପୁଣି ସୁନା ଦର ବଢ଼ିଛି। ୨୪ କ୍ୟାରେଟ୍ ସୁନା ଦାମ ୧୦ ଗ୍ରାମକୁ ୧,୧୧,୨୮୦ ଟଙ୍କା ରହିଛି। ଗୁରୁବାର ଏହା ୧,୧୦,୫୦୯ ଟଙ୍କା ଥିବାବେଳେ ଏଥିରେ ୭୭୧ ଟଙ୍କା ବୃଦ୍ଧି ହୋଇଛି। ସେହିବର୍ଷ ୨୨ କ୍ୟାରେଟ୍ ୧୦ ଗ୍ରାମ ସୁନା ଦାମ ୧,୦୨,୦୦୦ ଟଙ୍କା ରହିଛି। ଗୁରୁବାର ଏହା ୧,୦୧,୩୦୦ ଟଙ୍କା ଥିବାବେଳେ ଏଥିରେ ୭୦୦ ଟଙ୍କା ବୃଦ୍ଧି ହୋଇଛି। ୧୮ କ୍ୟାରେଟ୍ ୧୦ ଗ୍ରାମ ସୁନା ଦାମ ୮୩,୪୬୦ ଟଙ୍କା ରହିଛି। ଗୁରୁବାର ଏହା ୮୨,୮୮୦ ଟଙ୍କା ଥିବାବେଳେ ଏଥିରେ ୫୮୦ ଟଙ୍କା ବଢ଼ିଛି। ଅନ୍ୟପଟେ ୧୦୦ ଗ୍ରାମ୍ ରୁପା ଦର ୨୦୦ ଟଙ୍କା ବୃଦ୍ଧି ହୋଇ ୧୪,୦୦୦ ଟଙ୍କାରୁ ୧୪,୨୦୦ରେ ପହଞ୍ଚିଛି।

# ଭିନ୍ନ ଏକ ମାଗୁଣି

ଗଳ୍ପ

ସୁଜିତ କୁମାର ମହାପାତ୍ର

ମାଗୁଣି ଜେନାର ନାଁ ଆଜି ସାରା ଓଡ଼ିଶାରେ ପ୍ରଚାର ହେଇଯାଇଥିଲା। ଟିଭି ଆଉ ଖବରକାଗଜର ସାମ୍ବାଦିକମାନେ ସବୁ ମାଳତୀପୁର ନାମକ ଅଖ୍ୟାତ ଗାଁକୁ ମାଡ଼ି ଚାଲିଥିଲେ ମାଗୁଣିର ପରିଚୟ ଜାଣିବା ପାଇଁ। ନାମରୁ ତ ଲାଗୁନାହିଁ କୋଉ ଗୋଟେ ରାଜନେତା ଅବା ଅଭିନେତା ହେଇଥିବ। 'ମାଗୁଣିର ଶଗଡ଼' ଗପର ନାୟକ ଖଲ୍ଲିକୋଟର ମାଗୁଣି ତ ନିଶ୍ଚିତ ନୁହେଁ। ତେବେ କିଏ ଏଇ ମାଗୁଣି, ଯାହା ବିଷୟରେ ଜାଣିବା ପାଇଁ ସମସ୍ତେ ଆଜି ଉତ୍ସୁକ।

ହଁ, ଏକବିଂଶ ଶତାବ୍ଦୀର ମାଗୁଣି ଜେନା ଆଜି ଇହଧାମ ଛାଡ଼ି ଚାଲିଯାଇଛି। ପଛରେ ଛାଡ଼ି ଦେଇଯାଇଛି କିଛି ପ୍ରଶ୍ନ। ଅଙ୍ଗୁଳି ଦେଖେଇଯାଇଛି ଏ ସମାଜରେ ଅବହେଳିତ ଅସହାୟମାନଙ୍କୁ କେବେ କ୍ୱଚିତ୍ ସାହାଯ୍ୟ ମିଳେ। ସମାଜର ବିବର୍ତ୍ତନବାଦରେ ବଞ୍ଚିବା ପାଇଁ ସଂଗ୍ରାମ କରୁକରୁ କେବଳ ସବୁଠୁ ବଳଶାଳୀ ତଥା ପ୍ରତିପତ୍ତିଶାଳୀମାନେ ହିଁ ତିଷ୍ଠିପାରନ୍ତି।



ମାଗୁଣି ଜେନା, ବାଲେଶ୍ୱରର ଅଖ୍ୟାତ ମାଳତୀପୁର ଗାଁର ଏକ ସାଧାରଣ ଚାଷୀ। ବାପା ଅଜା ଅମଳରୁ ଜେନା ଘର କୌଳିକ ବୃତ୍ତି ଥିଲା ଚାଷ। ଚଉଦବର୍ଷରୁ ସେ ବାପା ସହ କାନ୍ଧରେ ଲଙ୍ଗଳ ପକାଇ ବିଲକୁ ଯିବା ଆରମ୍ଭ କଲା। ଚଷାପୁଅ ଚାଷୀ ନିୟମରେ ତା' ବାପା ବି ଖୁସି ଥିଲା। କିଛି ଦିନ ମଧ୍ୟରେ ଭେଣ୍ଡିଆ ମାଗୁଣି ଗୋଟେ ପୋଖତ ଚାଷୀ ଭାବେ ଗଣା ହେଇଗଲା। ମାଗୁଣିର ଆଉ ଗୋଟେ ବିଶେଷତ୍ୱ ଥିଲା ତା'ର ଦୂରଦର୍ଶିତା। ତା'ର ଦୁଇ ଏକର ଚାଷ ପାଇଁ ଦୁଇଟି ଲଙ୍ଗଳ ଯଥେଷ୍ଟ ଥିଲା। ବର୍ଷା ଦିନେ ସମସ୍ତେ ଲଙ୍ଗଳ ଭଡ଼ାକୁ ମାଗନ୍ତି। ଦରକାର ପଡ଼ିଲେ ସେ ଅନ୍ୟମାନଙ୍କୁ ତା' ଲଙ୍ଗଳ ଭଡ଼ାରେ ଦେଉଥିଲା। ଆସ୍ତେ ଆସ୍ତେ ସେ ଆଉ ତିନିଟି ଲଙ୍ଗଳ କରି ମାଳତୀପୁରର ସବୁ ଚାଷୀଙ୍କୁ ଭଡ଼ାରେ ଦେବାକୁ ଲାଗିଲା। ବେପାର ଖୁବ୍ ଭଲ ଚାଲୁଥିଲା। ଜେନାବୁଢ଼ା ମାଗୁଣିର ହାତକୁ ଦି' ହାତ କରି ବୋହୂ ରୂପେ ନେଇ ଆସିଲା ଚମ୍ପା ଫୁଲ ପରି ଗୋରୀ କମଳୀକୁ। ମୋଟ ଉପରେ ମାଗୁଣି ଆଉ ତା' ପରିବାର ଖୁସିରେ ସମୟ କାଟୁଥିଲେ।

ସମୟ ଗଡ଼ିଚାଲେ ତା' ବାଟରେ। ମାଗୁଣି ଏବେ ଲକ୍ଷ୍ୟ କରୁଥିଲା ଚାଷ ଆଉ ଭଲ ହେଉନି। କାରଣ ତା' ଗାଁମୁଣ୍ଡରେ ଥିବା ଜଳକା ନଦୀ। କାହିଁ କେତେକାଳରୁ ଜଳକା ନଦୀ ପୋତି ହୋଇ ଏବେ ଏକ ଖାଇ ରୂପେ ଛିଡ଼ା ହେଇଚି। ବେଙ୍ଗ ମୂତିଲେ ବନ୍ୟା ପରି ଅସରାଏ ବର୍ଷା ହେଲେ ବନ୍ୟା ଆସି ଫସଲ ଧୋଇ ନେଉଛି। ଲୋକେ ଏବେ ଚାଷ ପ୍ରତି ବୀତସ୍ପୃହ। ତା' ବଳଦ ସବୁ ଗୁହାଳରେ ଛିଡ଼ା ହେଇଛନ୍ତି। ଚାଷ ହେଉନି, ଲଙ୍ଗଳ ଭଡ଼ାରେ ନେବ କିଏ? ଆର୍ଥିକ ଚିନ୍ତା ଧୀରେ ଧୀରେ ତାକୁ ଗ୍ରାସୁଥିଲା। ଏତେ ସବୁ ସମସ୍ୟା ଭିତରେ ସେ ଭାଙ୍ଗି ପଡ଼ିଲା ସେହିଦିନ, ଯେଉଁ ଦିନ ଗାଁ ସରପଞ୍ଚ କଳଲଙ୍ଗଳ ଦୁଇଟି ନେଇ ଆସିଲେ। କଳଲଙ୍ଗଳ ଦ୍ୱାରା ଅଳ୍ପ ଖର୍ଚ୍ଚ ଆଉ କମ୍ ସମୟରେ କାମକୁ ଲୋକେ ପସନ୍ଦ କଲେ। ତା'ର ଲଙ୍ଗଳ ବେପାର ସମ୍ପୂର୍ଣ୍ଣ ବନ୍ଦ ହେଇଗଲା। ତା' ବଳଦ ସବୁ ଗୁହାଳରେ ବନ୍ଧା ହେଇ ମାଗୁଣିକୁ ଅସହାୟ ହୋଇ ଅନେଇଥା'ନ୍ତି। ମାଗୁଣି ବି ଛାଡ଼ିବାର ପିଲା ନ ଥିଲା। ସିଏ ମଧ୍ୟ ଅଣ୍ଟା ଭିଡ଼ିଲା କଳଲଙ୍ଗଳ କିଣିବ। ନିଜ ବଳଦ ସବୁକୁ ବିକି ତଥା ଜମିକୁ ବ୍ୟାଙ୍କରେ ବନ୍ଧକ ରଖି ମାଗୁଣି ଦୁଇଟି କଳଲଙ୍ଗଳ ଆଣିଲା। ଗାଁ ଲୋକେ କୁହାକୁହି ହେଲେ, ଯାହା ହେଉ ଏତେଦିନ ପରେ ସରପଞ୍ଚ ବାବୁଙ୍କୁ କେହି ଟକ୍କର ଦେବା ପାଇଁ ବାହାରିଛି। ହେଲେ ମାଗୁଣି ପରିବର୍ତ୍ତିତ ସମାଜର ଚଳଣିକୁ ବୁଝିବାରେ ଏଇଠି ବଡ଼ ଭୁଲ୍ କଲା।

ପରିବର୍ତ୍ତିତ ସମାଜରେ ଚାଷ ପାଇଁ ଲୋକମାନଙ୍କ ମଧ୍ୟରେ ଏକ ପ୍ରକାର ବିତୃଷ୍ଣା ଆସିଯାଇଥିଲା। କାରଣ ଅସ୍ଥିର ଜଳବାୟୁ, ଝଡ଼ବର୍ଷା, ମହାବାତ୍ୟା ଆଉ ବନ୍ୟା। ସରକାରଙ୍କର ଲୋକହିତକାରୀ ଯୋଜନା ମଧ୍ୟ ଏକ ସୂକ୍ଷ୍ମ କାରଣ ଥିଲା। ସରକାରଙ୍କର ଲୋକହିତକାରୀ ଯୋଜନା ସବୁର ଭୁଲ୍ ଉପଯୋଗିତା ଲୋକମାନଙ୍କୁ ଅଳସୁଆ ଆଉ ପଙ୍ଗୁ କରିବା ଆରମ୍ଭ କରି ଦେଇଥିଲା। ଟଙ୍କିକିଆ ଚାଉଳ, ପାଞ୍ଚଟଙ୍କିଆ ଆହାର ଭଳି ଯୋଜନା ସହ ମାଗଣା ଜିଓ ଫୋନ୍ ଲୋକମାନଙ୍କୁ ସତରେ ଏକପ୍ରକାର ଆଳସ୍ୟ ଆଡ଼କୁ ଟାଣିନେଉଥିଲା। କିଛି ବେକାର ଯୁବପିଢ଼ି ଏବେ ସ୍ମାର୍ଟ ଫୋନ୍‌ର ମାୟାରେ ପାଗଳ ତ ଆଉ କିଛି ପରିଶ୍ରମୀ ମୂଲିଆ ଶ୍ରେଣୀ ଗାଁ ଲୋକ ଚାଷ ପରିବର୍ତ୍ତେ ସହରର କଂକ୍ରିଟ କାମ ଆଡ଼କୁ ଆକୃଷ୍ଟ ହେଉଥିଲେ। ଚାଷ ନ ହେବାରୁ ମାଗୁଣିର କଳଲଙ୍ଗଳ ସେମିତି ବାଡ଼ିରେ ପଡ଼ିରହିଲା। ଧନୀ ସରପଞ୍ଚ ବାବୁଙ୍କର ଅମାପ ସମ୍ପତ୍ତି। ସେ କୌଣସି ପ୍ରକାରେ କ୍ଷତିକୁ ସହିନେଲେ। ହେଲେ ମାଗୁଣି ଆସ୍ତେ ଆସ୍ତେ ଋଣ ଯନ୍ତାରେ ବୁଡ଼ୁଥିଲା। ବେଡ଼ି ଉପରେ କୋରଡ଼ା ମାଡ଼ ଭଳି ଜେନାବୁଢ଼ା ଆଉ ବୁଢ଼ୀ ଆଗପଛ ହେଇ ଚାଲିଗଲେ। ସବୁ ସଞ୍ଚିତ ଅର୍ଥ ତଥା କମଳୀର ଗହଣା ବିକି ବ୍ୟାଙ୍କର କିସ୍ତି କିଛିଦିନ ଦେଲା। ଶେଷରେ ଏମିତି ଦିନ ଆସିଲା ଋଣ କିସ୍ତି ଦେଇ ନ ପାରିବାରୁ ବ୍ୟାଙ୍କ ତା'ର କଳଲଙ୍ଗଳ ସହ ଜମିତକ ବାଜ୍ୟାପ୍ତ କଲା।

ଏବେ ସମ୍ପତ୍ତି କହିଲେ ତା' ପାଖରେ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡେ ବ୍ୟତୀତ ଆଉ କିଛି ନ ଥିଲା। ଏତେ ସବୁ ଦୁଃଖ ଭିତରେ ମାଗୁଣି ଯାହା ମୁହଁ ଚାହିଁ ସବୁ ଭୁଲିଯାଉଥିଲା ସେ ଥିଲା ତା' ପ୍ରାଣପ୍ରିୟା କମଳୀ। ହେଲେ ହାୟ! ଜନମ କରିବାକୁ ଯାଇ ଡାକ୍ତରଖାନାରୁ ସେ ବି ଫେରିଲା ନାହିଁ। କୁପୋଷଣ ହେତୁ ମଲା ପିଲାକୁ ଜନ୍ମ କରିବା ବେଳେ ସେ ବି ଚାଲିଗଲା। ମାଗୁଣି ଏବେ ପୂରା ଭାଙ୍ଗିପଡ଼ିଥିଲା। ତଥାପି ସମସ୍ତଙ୍କୁ କହୁଥିଲା ଆସ ଚାଷ କରିବା। ଆଜିର ଯୁବସମାଜକୁ ସେ ବୁଝେଇବାକୁ ଚାହୁଁଥିଲା ଚାଷର ମହତ୍ତ୍ୱ। ହେଲେ ଟିକ୍‌ଟକ୍ ଆଉ ପବ୍‌ଜି ମାୟାରେ ବୁଡ଼ି ରହିଥିବା ଯୁବସମାଜ ପରିହାସ କଲେ ଯେ ତା'ର ମତିଭ୍ରମ ହେଇଯାଇଛି। ମାଗୁଣି ଜାଣିପାରିଲା ଆଜି ଆଉ କେହି ପରିଶ୍ରମ କରିବାକୁ ରାଜି ନୁହନ୍ତି। ଶସ୍ତା ରାଜନୀତି ଆଉ ଟାଉଟରିରେ ବହୁତ ଲାଭ। ତେଣୁ ସେ ଆସ୍ତେ ଆସ୍ତେ ଚୁପ୍ ହେଇଗଲା। ଏବେ ଆଉ କେହି ମାଗୁଣିକୁ ବାଟଘାଟରେ ଦେଖୁ ନ ଥିଲେ। ସକାଳୁ ମାଗୁଣିର ଘର ଆଖପାଖରେ ଉତ୍କଟ ଗନ୍ଧ ବାହାରୁଥିଲା। କିଛି ଲୋକ କବାଟ ଭାଙ୍ଗି ଦେଖିଲେ ମାଗୁଣି ଶୋଇଥିବା ଅବସ୍ଥାରେ ମରିଯାଇଛି କାହିଁ କେତେ ଦିନ ପୂର୍ବରୁ। ଶବ ତା'ର ପଚି ଉତ୍କଟ ଗନ୍ଧ ବାହାରୁଥିଲା। ଭିଡ଼ ମଧ୍ୟରୁ କେହି ଜଣେ ଫଟୋ ଉଠେଇ ସୋସିଆଲ ମିଡିଆରେ ପ୍ରଚାର କରିଦେଲା ଯେ ମାଳତୀପୁରରେ ଅନାହାର ମୃତ୍ୟୁ।

ବାସ୍ ସମସ୍ତେ ଆଜି ମାଳତୀପୁରମୁହାଁ। ଏବେ ମାଗୁଣିର ଶବକୁ ନେଇ ରାଜନୀତି ଆରମ୍ଭ। କିଏ କହୁଥିଲା ଋଣ ବୋଝ ସହି ନ ପାରି ସେ ଆତ୍ମହତ୍ୟା କରିଛି, କିଏ କହୁଥିଲା ଅନାହାର ମୃତ୍ୟୁ। କିଛି ବୁଦ୍ଧିଜୀବୀ ଭାବୁଥିଲେ ଏହା ଏକ ସାମାଜିକ ହତ୍ୟା। ମାଗୁଣିର ମୃତ୍ୟୁର କାରଣ ଯାହା ହେଉନା କାହିଁକି, ଗୋଟେ କଥା ସତ ଯେ ମୁଣ୍ଡର ଝାଳ ତୁଣ୍ଡରେ ମାରୁଥିବା ଖଟିଖିଆ ଲୋକମାନେ ଏ ଦୁନିଆରେ ବଞ୍ଚିବା ପାଇଁ ସର୍ବଦା ସଂଗ୍ରାମ କରିଚାଲନ୍ତି। କିଛି ସଫଳ ହୁଅନ୍ତି, ବାକି ସବୁ ମାଗୁଣି ଭଳି ଜୀବନ ଯୁଦ୍ଧରେ ହାରିଯା'ନ୍ତି। ଯୁଗଯୁଗ ଧରି ଅବହେଳିତ ଖଟିଖିଆ ପରିଶ୍ରମୀ ମାଗୁଣିମାନେ କେବେ ଜୀବନ ଯୁଦ୍ଧରେ ଜିତିବେ, ତାହା ଆଜି ବି ଏକ ବିରାଟ ପ୍ରଶ୍ନବାଚୀ।

ମୋ: ୯୪୩୯୦୬୭୪୩

# କେଉଁ ବାମାବାଦ (୨)

ସମ୍ପ୍ରତି ନାରୀ ସ୍ୱାଧୀନତା ଉପରେ ଭାରତରେ ଯଥେଷ୍ଟ ଆଲୋଚନା, ସମ୍ମାନ, ଗବେଷଣା ଏବଂ କିଛିକିଛି ବୈପ୍ଳବିକ ସାମାଜିକ କାର୍ଯ୍ୟକ୍ରମ ଚାଲୁରହିବା ଏକ ଶୁଭ ସୂଚନା। ଏ ଦିଗରେ ବୃନ୍ଦା କରାଟ, ଅରୁନ୍ଧତୀ ରାୟ, ବନ୍ଦନା ଶିବା, ସୁବାସିନୀ ଅଲ୍ଲୀ ପ୍ରମୁଖଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଭିନନ୍ଦନୀୟ। ଯେଉଁ ଲେଖିକାମାନେ ଏହି ନାରୀ ସ୍ୱାଧୀନତା ସମ୍ପର୍କରେ ଲେଖାଲେଖି ବଜାୟ ରଖିଛନ୍ତି, ସେମାନେ ଏହାର ମର୍ମକୁ କେତେଦୂର ଆପଣାର ଜୀବନଚର୍ଯ୍ୟାରେ ରୂପାୟିତ କରିଛନ୍ତି? ପୁଣି ସେମାନେ ଯାହା ଲେଖୁଛନ୍ତି ତାହା କେବଳ ଏକ ସୌଖୀନ ବ୍ୟାପାର କି? ଏଥିପାଇଁ ସେମାନଙ୍କ ପ୍ରତିବଦ୍ଧତା କେତେ?



ବ୍ରଜମୋହନ ମିଶ୍ର

ଏକ ଆଦର୍ଶ ପ୍ରତିବଦ୍ଧତା ତୁଚ୍ଛାରେ ଭାଷଣ କି କବିତାରେ ପ୍ରକାଶିତ ହୁଏନି। ଦେଶପ୍ରେମୀଙ୍କ ଉପରେ କ୍ଷୁଦ୍ର କି ଦୀର୍ଘ କବିତା ହୁଏତ ଜଣେ ରଚନା କରି ବାହାବା ପାଇପାରେ, ହେଲେ ଦେଶପ୍ରେମ ଯେ ଏକ ନିରୁତା ଜୀବନଚର୍ଯ୍ୟା; ତାହା ଭୁଲିଗଲେ ହେବନାହିଁ। ସେଇଥିପାଇଁ ବିପ୍ଳବୀ କବିର ପ୍ରତ୍ୟକ୍ଷ ସାମାଜିକ ଅଙ୍ଗୀକାରବଦ୍ଧତା ଥିବା ଦରକାର।

ସର୍ବଭାରତୀୟ ସ୍ତରରେ ଏବଂ ସେହି କ୍ରମରେ ଆମ ରାଜ୍ୟରେ ଅନେକ ବାମାବାଦୀ ବାମା ଅଛନ୍ତି। ସେମାନେ ବିଶ୍ୱବିଦ୍ୟାଳୟରେ ଅଛନ୍ତି, ମହାବିଦ୍ୟାଳୟରେ ଅଛନ୍ତି, କିଛିକିଛି ସାମାଜିକ ସଂଗଠନରେ ଅଛନ୍ତି, ରାଜନୈତିକ ଦଳରେ ଥାଇ ବେଳେବେଳେ ଏଥିପାଇଁ ପାଟିତୁଣ୍ଡ କରୁଛନ୍ତି। ଆମ ରାଜ୍ୟର ଅପର୍ଣ୍ଣା, ସରୋଜିନୀ ''ନାରୀର ବହୁବିଧ ସମସ୍ୟା, ମାନସିକ ଦ୍ୱନ୍ଦ୍ୱ, ଇନ୍ଦ୍ରିୟ ସମ୍ବେଦନଶୀଳତା, ଯୌନ ଚେତନାକୁ ନିର୍ଭୀକ ଓ ନିଆରା ଢଙ୍ଗରେ ବଖାଣି ପାରୁଥିବା ସ୍ରଷ୍ଟା ଦୁଇଜଣ''(ଅନ୍ୟା-ପୃଷ୍ଠା-୯୦)। ସେମାନଙ୍କ ଲେଖାରେ ବାମାବାଦୀ ଚିନ୍ତାଧାରା ପ୍ରତୁଳ। ହେଲେ କାହିଁ ସେମାନଙ୍କୁ ତ ଦେଖିବାକୁ ମିଳେନି ନନ୍ଦିଗ୍ରାମର କି ସିଙ୍ଗୁର ଧର୍ଷିତା ପାଇଁ ଅବା ବାଲେଶ୍ୱରକୁ ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ବଳାତ୍କାରର ଶିକାର ହୋଇ ଟ୍ରେନ୍‌ରୁ ଡେଇଁପଡ଼ି ଆଜୀବନ ପଙ୍ଗୁ ହୋଇଥିବା ଗବେଷିକା ଛାତ୍ରୀ ପାଇଁ ସ୍ୱର ଉଠାଇବାର? କେବେ କ'ଣ ସେମାନେ ପାଟି ଖୋଲିଛନ୍ତି କି କଳିଙ୍ଗନଗରରେ ଆଦିବାସୀ ମହିଳାଙ୍କ ଉପରେ ପୋଲିସର ଅତ୍ୟାଚାର ବିରୁଦ୍ଧରେ? କେତେଥର ସେମାନେ ବାହାରି ପଡ଼ିଛନ୍ତି ରାଜରାସ୍ତାକୁ ବନ୍ୟା ବାତ୍ୟାରେ ପ୍ରପୀଡ଼ିତଙ୍କ ପାଇଁ ମା' ରମାଦେବୀ, ଅଗ୍ନିମୟୀ ମାଳତୀ ଚୌଧୁରୀ, ସରଳା ଦେବୀ, ତୁଳସୀ ମୁଣ୍ଡା, ପାର୍ବତୀ ଗିରି, ଅନ୍ନପୂର୍ଣ୍ଣା ମହାରଣା ପ୍ରମୁଖ ଅସଲ ନାରୀବାଦୀଙ୍କ ପରି?

ପ୍ରଚଳିତ ଅର୍ଥରେ ମୋ' ଦେଖିବାର ଉଲ୍ଲିଖିତ ପ୍ରତିଭାମାନେ ଅସଲ ବାମାବାଦୀ। ଅନ୍ୟଜଣେ ନାରୀବାଦୀଙ୍କୁ ପ୍ରତ୍ୟକ୍ଷ କରି ତାଙ୍କ ସହ କିଛିବର୍ଷ ପାଇଁ କିଛିକିଛି ସାମାଜିକ କାର୍ଯ୍ୟରେ ସାମିଲ ହେବାର ସୌଭାଗ୍ୟ ଏ ଲେଖକଙ୍କୁ ମିଳିଛି। ସେ ଥିଲେ ଆଚାର୍ଯ୍ୟ ବିନୋବାଙ୍କ ମାନସକନ୍ୟା, ଚିରକୁମାରୀ, କବି ଅନ୍ନପୂର୍ଣ୍ଣା ଦାସ (ବୁଢ଼ୀ ଅପା)। ଭଦ୍ରକରେ ଜନ୍ମିତ ଏହି ମହୀୟସୀ ସମାଜସେବା ଓ ସାହିତ୍ୟକୁ ଜୀବନର ବ୍ରତ କରି ଚାଲିଥିଲେ। କବିତାରେ ଯେପରି ନିର୍ଭେଜାଲ, ସେପରି ତ୍ୟାଗଦୀପ୍ତ ଥିଲେ ସମାଜ ସେବାରେ। ସେ କେବଳ ବିଶ୍ୱାସ କରୁ ନ ଥିଲେ ନାରୀଶକ୍ତିରେ, ଅବା କେବେ କବିତାରେ ଓ ଭାଷଣରେ ସେଇ କଥା କେବଳ ବଖାଣୁ ନ ଥିଲେ। ଜୀବନର ପ୍ରତି ମୁହୂର୍ତ୍ତରେ ସେ ସକ୍ରିୟ ଥିଲେ ଏ ବିଷୟରେ। ତାଙ୍କ ପରି ଅସଲ ବାମାବୋଧର ବାମାବାଦୀଙ୍କୁ କେବଳ କବି ଲେଖିକା ବାମାବାଦୀଙ୍କ ସହ ତୁଳନା କଲେ ଘୋର ନିରାଶ ହେବାକୁ ହେବ।

ଅବଲୋକନ

ଆଜି ମନରେ ପ୍ରଶ୍ନ ଉଠେ, ବାମାବାଦୀ ହେବା ଅର୍ଥ କ'ଣ ନିହାତି ଯୌନଚେତନାକୁ ନିର୍ଭୀକ ଓ ନିଆରା ଢଙ୍ଗରେ ବଖାଣିବା? ତାହାହେଲେ ତ ଏତାଦୃଶ ବାମାବାଦୀମାନଙ୍କୁ ଉତ୍ତର ଆଧୁନିକ 'ନାରୀ ଉପେନ୍ଦ୍ର ଭଞ୍ଜ' କୁହାଯିବ। କେବଳ ନାରୀ କାହିଁକି, ପୁରୁଷ ମଧ୍ୟ ସ୍ୱାଧୀନତା ନାଁରେ ଆପଣାର ଅତୃପ୍ତ କାମବିକାରକୁ ଶବ୍ଦାୟିତ କଲେ କ'ଣ ତାହା ସ୍ୱାଧୀନତା ବୋଲି ବୁଝାଯିବ? ପୃଥିବୀ ଇତିହାସରେ ପ୍ରେମ ଓ ଶୃଙ୍ଗାର ଉର୍ଜସ୍ୱଳ, ବିକୃତ କାମ ବିକାର ନୁହଁ। ସେଇଥିପାଇଁ ସେକ୍ସପିୟରଙ୍କ କ୍ଲିଓପାଟ୍ରା ଚିର ବନ୍ଦନୀୟା। କୌଣସି ସ୍ଥାନରେ ତ ଏହି କାଳଜୟୀ ନାଟ୍ୟକାର କାମ ବନ୍ଦନା କରିନାହାନ୍ତି। କଳା ଯଦି ଜୀବନର ଅନୁକୃତି (ଯଦିଓ ଅବିକଳ ନୁହଁ) ତା'ହେଲେ ତାହା ନିର୍ଲଜ କାହିଁକି ହେବ? ହେଲେ ନାନ୍ଦନିକତା ରହିବଟି? କଳାରେ ଯେପରି ନାନ୍ଦନିକତା ଜୀବନରେ ସେହିପରି ନାନ୍ଦନିକତା, ଅର୍ଥାତ୍ କାମରେ ମଧ୍ୟ ନାନ୍ଦନିକତା ରହିବ। ଏହା ଶୋଚନୀୟ ଭାବେ ଅନୁପସ୍ଥିତ ବୋଲି କାମ ଆଜିଅକାମୀ (କାମ ଯାନ୍ତ୍ରିକତା ନୁହଁ, କାମ ଅହଂବିସ୍ମୃତିର ଏକ ମୁଗ୍ଧକର ଆବେଗ)।

ବାମାବାଦୀ ନାରୀ ପ୍ରତିଭାମାନେ ଯଦି ସତରେ ବାମାବାଦୀ, ତାହାହେଲେ ସେମାନେ ମା' ରମାଦେବୀଙ୍କୁ, ମାଳତୀ ଚୌଧୁରୀଙ୍କୁ ଭୁଲିଯାଉଛନ୍ତି କିପରି? ଏମାନଙ୍କଠାରୁ ସେମାନେ କ'ଣ ଅଧିକ ବାମାବାଦୀ? ବାମାବୋଧ ସଂଜାତ ବାମାବାଦ କ୍ରାନ୍ତି ଆଣେ। ବାମାବୋଧ ବିଯୁକ୍ତ ବାମାବାଦ କେବଳ ଗୁଡ଼ାଏ ଭ୍ରାନ୍ତି ସୃଷ୍ଟିକରି ସଂସାର ନାଶକରେ। ଦେବୀ ଭାଗବତରେ ଦୁର୍ଗାଙ୍କ ଭୂମିକା, ନାରୀର ଯେଉଁ ଶ୍ରଦ୍ଧାମୟ ଶକ୍ତିର ରୂପଟି ପ୍ରକଟିତ କରେ, ତାହା ହୁଏତ 'ବାମାବାଦ'ର ପାରମ୍ପରିକ ସଂଜ୍ଞା ସହ ଖାପ ଖାଇ ନ ପାରେ। ହେଲେ ତାହା ଚିରନ୍ତନ ନାରୀର ବିପ୍ଳବିଣୀ ସ୍ୱରୂପ ଉଦ୍‌ଘାଟନ କରେ ନାହିଁକି? ପୌରାଣିକ ଦୃଷ୍ଟିକୋଣରୁ ଏହାକୁ ହୁଏତ ଅନେକ ଗ୍ରହଣ କରି ନ ପାରନ୍ତି (ବାସ୍ତବ ନୁହେଁ ବୋଲି)। ହେଲେ କବି ଦୃଷ୍ଟିରେ ନାରୀ ଯେ କେତେ ସକ୍ରିୟ, ସଚଳ, ସଶକ୍ତ, ସଂସ୍କୃତ, ସଭ୍ୟ ହୋଇପାରେ (ବିଶେଷତଃ ସମାଜରେ ଘଟୁଥିବା ଅନେକ ଅନୌଚିତ୍ୟ ବିରୁଦ୍ଧରେ), ତାହା ଏଠାରେ ଲକ୍ଷଣୀୟ। ବାମାବାଦ ନାରୀର ଅଧିକାର ସକାଶେ ସଂଗ୍ରାମ କଲାବେଳେ କ'ଣ ସମାଜରେ ଅନ୍ୟବର୍ଗ ଉପରେ ବର୍ବରତା ବିରୁଦ୍ଧରେ ପାଟି ଫିଟାଇବ ନାହିଁ? (ଯାହା ବିରୁଦ୍ଧରେ ମା' ରମାଦେବୀ, ମାଳତୀ ଚୌଧୁରୀ, ସରଳାଦେବୀ ପ୍ରମୁଖ ସଂଗ୍ରାମ କରିଥିଲେ)। ସମାଜ ସଚେତନତା ସହ ସାମାଜିକ ସଂଗ୍ରାମ ପାଇଁ ସଦା ସଚେଷ୍ଟ ହେଉଛି ଅସଲ ବାମାବାଦ। ହେଲେ ଆମ ବାମାବାଦୀମାନେ ଏହାକୁ କେବଳ ଲେଖାରେ ଓ ସଭାରେ ସୀମିତ କରିଦେଇ ଧର୍ମକୁ ଆଖିଠାର ପରି ଆଚରଣ କରୁଥିବାରୁ ଏହି 'ବାଦ'ଟି ଅର୍ଥହୀନ ମନେହେଉଛି।

– ଭଦ୍ରକ, ମୋ: ୮୦୧୮୦୮୭୮୩୧

## କବିତା

### ଯଦି କେବେ ପଚାରିବସ

ଦୀପ୍ତି ମିଶ୍ର

ଯଦି କେବେ ପଚାରିବସ ରାତ୍ରିକୁ,
ସେ କହିବ ତୁମକୁ
ମୋର ସ୍ୱପ୍ନ ସବୁ କେମିତି
ତୁମ ସ୍ମୃତିର ଚାରିପାଖେ
ଚକାଭଉଁରି ଖେଳୁଥାଆନ୍ତି।

ଯଦି କେବେ ପଚାରିବସ ସକାଳକୁ,
ସେ କହିବ ତୁମକୁ
କେମିତି ଏକ ଆକୁଳତା
ମୁଣ୍ଡ ପିଟୁଥାଏ ଭେଟିବାକୁ
ପ୍ରତୀକ୍ଷାର ବେଳାଭୂମି ପରେ,
ଗୋପନରେ ନୀଳ ନୀଳ
ଜ୍ୟୋତ୍ସ୍ନାଭିଜା ସ୍ୱର୍ଗର
ପାରିଜାତ ମେଳେ।

ଯଦି କେବେ ପଚାରିବସ
ଅଳସ ଅପରାହ୍ଣକୁ...
କେମିତି ଅଛି ମୁଁ
ସେ କହିବ ତୁମକୁ
ମୋର ଆବେଗଭରା
ଆହ୍ୱାନ କେମିତି ବାଦଲଘେରା
ଅସ୍ତଗାମୀ ରବିଙ୍କୁ ବି
ବିଚଳିତ କରିଦିଏ...

ଯଦି କେବେ ପଚାରିବସ ସଞ୍ଜକୁ
ମୋ' ପ୍ରୀତିର ଗୋପନ କଥା,
ସେ କହିଦେବ...
ତାରାମେଳେ କେମିତି ହସୁଥାଏ ଜହ୍ନ
ଆଉ ସଞ୍ଜବତି ସକେଇ କାନ୍ଦେ
ମୋ' ମୁଦା ଆଖିପତାକୁ
ଅନେଇ ଅନେଇ।

ବାରିପଦା
ମୋ: ୯୪୩୮୪୦୪୩୦୮

### ଠିକ୍ ତୁମ ପରି

ଆନନ୍ଦ କୁମାର ମାଇତି

ଠିକ୍ ତୁମ ପରି
ସେଦିନ କାଠହଣା ଚଢ଼େଇଟି ଆସି
କେତେକାଳୁ ଠିଆ ହୋଇଥିବା
ନିଃସଙ୍ଗ ଝଙ୍କାଳିଆ ଗଛକୁ କହିଲା
ତୋତେ ନା ମୁଁ ଭାରି ଭଲପାଏ!
ଗଛଟି ତାକୁ ରହିବାକୁ ଜାଗା ଦେଲା
ତା' ଦେହକୁ କାଟି
ବସା ତିଆରିଲା ଚଢ଼େଇ।

କିଛିଦିନ ପରେ
ଚଢ଼େଇଟି ପୁଣି ଗଛକୁ କହିଲା
ଜାଣିଛୁ ନା ଗଛ!
ଆକାଶଟା ନା ଭାରି ସୁନ୍ଦର,
ଭାରି ବିଶାଳ ତା' ଛାତି
ଭାରି ଭଲପାଏ ମୋତେ
ସେ ମୋତେ ଡାକୁଛି ବାରମ୍ବାର
ମୁଁ ଏଥର ତା' ପାଖକୁ ଯାଏ!

ଗଛଟି ନିଜ ଭିତରେ ନିଜେ ଭାଙ୍ଗିଗଲା
ଚଢ଼େଇ ସେ କଥା ବୁଝିପାରିଲେ ବି
ଆକାଶ ପ୍ରେମରେ ସେ ପାଗଳ ହେଲା।
ଗଛ ଏ କଥା ବୁଝିପାରି କହିଲା,
ଏତେ ବିଶାଳ ଛାତିରେ ତୁ ଉଡ଼ୁଉଡ଼ୁ
ତୋ' ଡେଣା ଭାଙ୍ଗିଯାଏ ଯଦି
ନିଶ୍ଚୟ ଫେରିଆସିବୁ ମୋ' ପାଖକୁ
ମୁଁ ଏଇଠି ଥିବି, ଏମିତି ଥିବି।

– ବଗଡ଼ା, କେନ୍ଦ୍ରାପଡ଼ା
ମୋ: ୯୪୩୯୦୭୭୩୯୫

### ବର୍ଷା

ବନ୍ଦନା ପଣ୍ଡା

ଝର୍କା ସେପାଖେ ବର୍ଷା
ଅଧୀର କରୁଛି ତା'ର ଡାକିବାର ଭାଷା
ଗୁଣୁଗୁଣୁ ସୁର ତାଳେ
ଟାଣି ଆଣେ ଭୁଲିଥିବା ଆଶା
ମିଳନର ରାଗ ଉର୍ମିମାରେ
ସେ କି ଜାଣେ
ପ୍ରେମରେ କ୍ଷତାକ୍ତ ଛାତିରୁ
ରକ୍ତ କେବେ ଝରେ କି ନ ଝରେ!
କେବଳ ଜାଣେ ସେ ଜାଳିଦେବା
ଝରିଯିବା ଝର ଝର...
ବନ୍ଦି କରି ସମସ୍ତଙ୍କୁ ଭେଟିଦେବା
ହାହାକାର ଅନ୍ଧକାର।

ବର୍ଷା କେବେ ଦେଖିଛି କି
ପ୍ରେମିକାର ଖୋଲା କେଶ
ଭିଜେ ନା ବତୁରେ
କେବେ ଦେଖିଛି କି
ଚଉଁରାରେ ଦିକିଦିକି ସଳିତା
ଅଭିମାନେ ମରେ ଅବା
ଆତ୍ମହତ୍ୟା କରେ!

ବର୍ଷା ଆଖିରେ ଲୁହ
ଦୋଷୀ ସାଜେ ଦୁନିଆ ଆଖିରେ
କେହି ହେଲେ ବୁଝିପାରନ୍ତା ତାକୁ,
କାହା ଛାତିରେ କଷ୍ଟ ଦେବାକୁ ନୁହେଁ
ବାଦଲକୁ ଛାଡ଼ି ସେ ଆସିଛି
ମାଟିର କବିତା ଗାଇବାକୁ ଆପଣାର ସୁରେ।

ଲୁମ୍ବିନୀ ବିହାର, ଭୁବନେଶ୍ୱର
ମୋ: ୯୩୪୮୧ ୬୨୮୦୧

ଗୀତି-କବିତା

### ଜୋଛନା ପଖଳା

ପୀତାମ୍ବର ମହାପାତ୍ର

ଜୋଛନା ପଖଳା ଏଇ ରାତି ମୋର
ମନେ ଭରିଦିଏ ପ୍ରୀତି
ଅଦୂରରୁ ଶୁଭେ ପ୍ରିୟା କଣ୍ଠସ୍ୱର
ମନଭୁଲା ପ୍ରେମ ଗୀତି।

ଏମିତି ରାତିରେ କେତେଥର ଆମେ
ଜୋଛନାରେ ଭିଜିଅଛେଁ
ବିରହୀ ଚକୋର ବେଦନାର ଗାଥା
ଏଇ କାନେ ଶୁଣିଅଛେଁ
ଆଜି ଆମେ ଦୁହେଁ ଅଲଗା ଥିଲେ ବି
ଭୁଲିନାହେଁ ସେଇ ରାତି।


ବିରହିଣୀ ପ୍ରିୟା ଦୂରରେ ଥିଲେ ବି
ମୋ' ପାଇଁ ଗାଉଛି ଗୀତ
ଆଉ କା'ର ରଙ୍କ ରତନ ହେଲେ ବି
ଏବେ ତ ମୁଁ ତା'ର ମିତ
ମୋ' ପାଇଁ ତା'ର ଦିନରାତି ସବୁ
ଛାଏଁ ଛାଏଁ ଯାଏ ବିତି।

ସମ୍ପାଦକ- ଆଷାଢ଼,
ମଧ୍ୟଶାସନ, ଜଗତ୍‌ସିଂହପୁର
ମୋ: ୯୯୩୭୬୩୧୫୪୪

## କାଳକାଳକୁ

''ଦୁର୍ଭାଗ୍ୟ ଯେତେ ଦୁର୍ବାର ହେଉ,
ଅବିଚଳ ସାମର୍ଥ୍ୟ ଦ୍ୱାରା
ତାକୁ ଜୟ କରିହୁଏ।''

– ଭିର୍ଜିଲ୍



**ଭିର୍ଜିଲ୍‌**ଙ୍କ ଜନ୍ମ ଖ୍ରୀ.ପୂ. ୭୦ରେ ଓ ପରଲୋକ ଖ୍ରୀ.ପୂ. ୧୯ରେ। ମାତ୍ର ୫୧ ବର୍ଷର ଆୟୁଷ୍କାଳରେ ସେ ରୋମୀୟ ସାହିତ୍ୟକୁ ଅକଳ୍ପନୀୟ ସମୃଦ୍ଧି ପ୍ରଦାନ କରିଯାଇଛନ୍ତି। 'ଏକ୍‌ଲଗ୍‌ସ'(Eclogues), 'ଜିଓରଗିକ୍‌ସ'(Georgics) ଓ 'ଇନିୟସ୍'(Aeneid) ତାଙ୍କର ପ୍ରସିଦ୍ଧ ରଚନା, ଯଦିଓ ଅକାଳ ବିୟୋଗ ଯୋଗୁଁ ଶେଷ ରଚନାଟି ଅସମାପ୍ତ। ଏଇନିଡ୍‌ରେ ଗ୍ରୀକ୍ କବି ହୋମରଙ୍କ କବିତାର ପ୍ରତିପକ୍ଷତାକୁ ଲକ୍ଷ୍ୟ କରିହୁଏ। ପ୍ରଥମ ରଚନାରେ ରୋମ୍‌ର ଗ୍ରାମ୍ୟଜୀବନ ଓ ପ୍ରକୃତିର ଅତୁଳନୀୟ ଚିତ୍ର ରୂପାୟିତ ଓ ଦ୍ୱିତୀୟ ରଚନାରେ ରୋମ୍‌ର କୃଷକ ଜୀବନ ସଂଦୀପିତ। ଭିର୍ଜିଲ୍‌ଙ୍କ ସାହିତ୍ୟ ହେଉଛି ମାନବୀୟ ଆଶା ଓ ନିରାଶାର ଛାଇ-ଆଲୁଅ ଖେଳ। ଶେଷ କାବ୍ୟର ୧୦ ହଜାର ଧାଡ଼ି ଲେଖିବାକୁ ତାଙ୍କୁ ୧୦ ବର୍ଷ ସମୟ ଲାଗିଥିଲା। ସେ କହନ୍ତି: ''ଯେଉଁ ଲୋକ ସାହସୀ, ଭାଗ୍ୟ ସର୍ବଦା ତାଙ୍କର ପକ୍ଷ ନେଇଥାଏ।''

## ପୁସ୍ତକ ପରିଚୟ

### ସାନ୍ନିଧ୍ୟ ଶତକ


**କବି:** ଧୀରେନ୍ ଆଚାର୍ଯ୍ୟ
**ପ୍ରକାଶକ:** ଲେଖାଲେଖି, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୮୦/-




ମୋଟ ଶହେଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। ଏହା ହେଉଛି କବିଙ୍କର ନବମ କବିତା ସଂକଳନ। 'ନିଜକଥା'ରେ କବି ସ୍ୱ ସୃଜନପ୍ରକ୍ରିୟା ସମ୍ପର୍କରେ କହନ୍ତି: ''କବିତା ରଚନା କ୍ଷେତ୍ରରେ କେବେ ବି ପାଠକର ବୌଦ୍ଧିକ ପରୀକ୍ଷା ନେବାକୁ ଚାହିଁନି। ମସ୍ତିଷ୍କକୁ ଛୁଇଁବାକୁ ଚେଷ୍ଟା ନ କରି ସ୍ପର୍ଶ କରିବାକୁ ଚାହିଁଛି ହୃଦୟକୁ। କାରଣ ମୋ' ବୁଝିବାରେ କବିତା ହୃଦୟର ଏକ ସକରୁଣ ଅଭିବ୍ୟକ୍ତି, ହୃଦୟକୁ ହୃଦୟ ସହିତ ଯୋଡ଼ିବାର ଏକ ଅନନ୍ୟ ପ୍ରକ୍ରିୟା, ଆପୋସ ଆତ୍ମତୃପ୍ତିର ସେତୁ।'' ବହିର କବିତାଗୁଡ଼ିକ ମଧ୍ୟରୁ କେତୋଟି ଦୃଷ୍ଟାନ୍ତ ନିଆଯାଉ: ୧. ''ନା, ମନେରଖି ପାରିଲି.../ ମାଛରୁ କଣ୍ଟାବାଛି ଖୁଆଇଦେବା/ କି ଅମାନିଆ ଅଝଟପଣରୁ/ ଚାପୁଡ଼ା ଖାଇବା ବେଳର/ ତୋ' ହାତ ପାଣିକାଚ ମୁଠାକର/ ଗୁଣୁଗୁଣୁ ଗୀତ x x କାହିଁକି ଲୋ ହେଲୁନାହିଁ/ ଆଖପାଖ ଦେଖା/ ମାଆମାନଙ୍କ ପରି/ ପାନପିକ ଓଠଭରା ହସହସ ମୁହଁଟିଏ?/ କାହିଁକି ପାଲଟିଗଲୁ/ ସଫେଦୀ ଉଦାସର ସ୍ଥାୟୀଚିତ୍ର/ ମୋ ଆଖିଡୋଳାରେ?'' (ମୋ' ମାଆ, ପୃ:୧୨୬)। କବିଙ୍କର ମାଆ ବିବାହ କରନ୍ତି ମାତ୍ର ତେରବର୍ଷ ବୟସରେ ଓ ବିଧବା ହୁଅନ୍ତି ପଇଁତିରିଶ ବର୍ଷରେ। ଏହି ମାଆର ଚିତ୍ର ''ମୋ ମାଆ'' କବିତା। ୨. ''ସବୁ ନିନ୍ଦା, ଅପବାଦ ମୁଣ୍ଡରେ ମୁଣ୍ଡାଇ/ ଶେଷହୀନ ପ୍ରେମଟିଏ/ ବନ୍ଧାହୋଇ ରହେ ସେଇଠାରେ,/ କିଛି ପାଇ, କିଛି ପାଇହୁଏନା ଯୋଉଠି/ ଗୋଟିଏ ଜନ୍ମରେ।'' (କବୁଲନାମା- ପୃ: ୧୪୭)। କିଛି ପ୍ରାପ୍ତି, ପୁଣି କିଛି ଅପ୍ରାପ୍ତି- ଏହାରି ନାଁ ପ୍ରେମ କବିଙ୍କ ପରିଭାଷାରେ। ବହିର ତମାମ କବିତା ଏକ ପ୍ରତ୍ୟାଶିତ ସରଳତାରେ ଭରା; ପ୍ରତ୍ୟେକ ଶବ୍ଦ, ପ୍ରତ୍ୟେକ ଧାଡ଼ି ସମ୍ବେଦନାରେ ଲୁତୁପୁତୁ। କବି ଅନ୍ୟତ୍ର କହନ୍ତି: ''ଜୀବନ କ୍ଷେତର ସନାତନୀ ଶସ୍ୟ ଅନୁଭୂତି ଓ ସ୍ମୃତି। ଫସଲକଟାର ଗାନ ହିଁ କବିତା।'' ଜୀବନକୁ ବୁଝି ବୁଝାଇବାରେ କବି ନିଜ କବିତାଗୁଡ଼ିକରେ ବେଶ୍ ସଯତ୍ନ। ଆଶା, ପୁସ୍ତକଟି ଆଶାନୁରୂପ ଭାବେ ପାଠକୀୟ ଆଦୃତି ଲାଭକରିବ।

### ଶାଣିତ ବିଚାର

**ଲେଖିକା:** ଡ. ବିଧୁପ୍ରଭା ରଥ
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୨୦/-




୧୯ଟି ପ୍ରବନ୍ଧକୁ ନେଇ ଆଲୋକ ଦେଖିଛି 'ଶାଣିତ ବିଚାର'। କଳା, ସଂସ୍କୃତି ଓ ସାହିତ୍ୟର ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରବନ୍ଧଗୁଡ଼ିକର ପରିକଳ୍ପନା କରିଛନ୍ତି ଲେଖିକା। ଅବିଭକ୍ତ ଗଞ୍ଜାମର ଜଗନ୍ନାଥ ମନ୍ଦିର, ଗଞ୍ଜାମର ଦଣ୍ଡଯାତ୍ରା, ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ନୀତି ଓ ବେଶ, ଗଞ୍ଜାମର ଶକ୍ତିପୂଜା, ବ୍ରହ୍ମପୁରର ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ଭଳି ପ୍ରବନ୍ଧ ଗଞ୍ଜାମର କଳା ଓ ସଂସ୍କୃତିର ବୈଭବକୁ ପାଠକଙ୍କ ସମକ୍ଷରେ ଯେପରି ତୋଳିଧରନ୍ତି; ସନ୍ଥକବି ଅଭିରାମ ପରମହଂସଙ୍କ 'କଳି ଭାଗବତ', ସନ୍ଥକବି କବୀରଙ୍କ କାବ୍ୟ, ତସ୍‌ଲିମା ନସରିନ୍‌ଙ୍କ ପୁସ୍ତକ 'ଦ୍ୱିଖଣ୍ଡିତ', ଶିବରାମ ରଥଙ୍କ ବ୍ୟକ୍ତିତ୍ୱ ବିଶ୍ଳେଷଣ, ଓଡ଼ିଆ ପ୍ରଗତିବାଦୀ ଓ ପ୍ରୟୋଗବାଦୀ ଧାରା ବିଚାର, ଆଧୁନିକ ଓଡ଼ିଆ କବିତାରେ ଅତୀନ୍ଦ୍ରିୟ ଚେତନା, ସୀତାକାନ୍ତଙ୍କ କାବ୍ୟମାନସ, ରବିନାରାୟଣ ସେନାପତିଙ୍କ 'ଶୋଭାଯାତ୍ରା'ର ଆକଳନ, ସଦାଶିବ ଦାଶଙ୍କ 'ନିତ୍ୟ ପଦ୍ମତୋଳା'ରେ ପ୍ରେମ ଓ ବିଷାଦର ଚିହ୍ନଟ, ଉତ୍ତର ଅଶୀ ଓଡ଼ିଆ କବିତାର ବୈଶିଷ୍ଟ୍ୟ ଓ କବି ଦିଲୀପ ଦାସଙ୍କ 'ନୀଳମାଧବ'ର ଆଲୋଚନା, ନାଟ୍ୟକାର ପ୍ରଦୀପ ରଥଙ୍କର 'ତିନୋଟି ନାଟକ' ଓ 'ଭିନ୍ନ ଏକ ବୁଦ୍ଧ'ର ବିଶେଷତ୍ୱ ନିରୂପଣ ଆଦି ପ୍ରବନ୍ଧ ସେହିପରି ଲେଖିକାଙ୍କ ସ୍ୱତନ୍ତ୍ର ସମୀକ୍ଷାଦୃଷ୍ଟିର ପରିଚୟ ପ୍ରଦାନ କରନ୍ତି। ପ୍ରବନ୍ଧ ରଚନା ପ୍ରତି ନିଜର ରୁଚି ଉଦୟ ସମ୍ପର୍କରେ ସୂଚନା ଦେଇ ଲେଖିକା କହନ୍ତି: ''ପ୍ରବନ୍ଧ ରଚନା ପ୍ରତି ମୋର ଆକର୍ଷଣ ସର୍ବଦା ଦୁର୍ବାର ଥିଲା। ତତ୍ତ୍ୱନିଷ୍ଠ ବସ୍ତୁନିଷ୍ଠ ବିଷୟବସ୍ତୁଗୁଡ଼ିକର ତାତ୍ତ୍ୱିକ ଯୁକ୍ତିବାଦୀ ଆଲୋଚନା ମତେ ପ୍ରବନ୍ଧ, ସମାଲୋଚନା, ଲଳିତ ନିବନ୍ଧ ରଚନା ଦିଗରେ ବିଶେଷଭାବେ ଉତ୍ସାହିତ କରିଥିଲା।'' (ମନର କଥା)। ପ୍ରବନ୍ଧଗୁଡ଼ିକର ଭାଷା ସରଳ, ପ୍ରଜ୍ଞାନିଷ୍ଠ ଓ ଆବେଦନରେ ପ୍ରାଞ୍ଜଳ। ବହିଟିର ଜନାଦୃତି ଆଶା କରାଯାଏ।

# ସ୍ୱର୍ଣ୍ଣ ବଜାୟ ଲକ୍ଷ୍ୟରେ ନୀରଜ

**ଟୋକିଓ, ୧୨।୯ (ତପନ ସ୍ୱାଇଁ)**


ନୀରଜ ଚୋପ୍ରା

ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଶନିବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ଭାରତର ୧୯ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ପୁରୁଷ ଜାଭେଲିନ୍ ଥ୍ରୋ'ରେ ଡିଫେଣ୍ଡିଂ ଚାମ୍ପିୟନ ନୀରଜ ଚୋପ୍ରା ଏଥର ସ୍ୱର୍ଣ୍ଣ ପଦକ ବଜାୟ ରଖିବା ଲକ୍ଷ୍ୟରେ ରହିଛନ୍ତି। ନୀରଜ ୨୦୨୩ରେ ବୁଦାପେଷ୍ଟରେ ଅନୁଷ୍ଠିତ ଗତ ସଂସ୍କରଣରେ ୮୮.୧୭ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅଲିମ୍ପିକ୍ ଚାମ୍ପିୟନ ପାକିସ୍ତାନର ଅର୍ଶଦ ନଦୀମ ୮୭.୮୨ ଓ ଚେକ୍ ରିପବ୍ଲିକର ଜାକୁବ ଭାଡଲେଚ୍ ୮୬.୬୭ ମିଟର ଥ୍ରୋ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ଦୁଇଥର ଅଲିମ୍ପିକ୍ ମେଡାଲିଷ୍ଟ ନୀରଜ ଯଦି ଏଥର ସ୍ୱର୍ଣ୍ଣ ପଦକ ଜିତିବେ ତେବେ ବିଶ୍ୱ ଚାମ୍ପିୟନଶିପ୍ ଇତିହାସରେ ତୃତୀୟ ପୁରୁଷ ଜାଭେଲିନ୍ ଥ୍ରୋୟରଭାବେ ଏହି ସଫଳତା ଲାଭ କରିବେ। ପୂର୍ବରୁ ଚେକ୍ ଥ୍ରୋୟର ଜନ୍ ଜେଲେଜ୍ନୀ ୧୯୮୩ ଓ ୧୯୮୫ ଏବଂ ଗ୍ରେନାଡାର ଆଣ୍ଡରସନ ପିଟର୍ସ ୨୦୧୯ ଓ ୨୦୨୨ରେ ଚାମ୍ପିୟନ ହୋଇ ଏହି କ୍ଲବର ସଦସ୍ୟ ଅଛନ୍ତି। ଜାନ୍ ଜେଲେଜ୍ନି ଏବେ ନୀରଜଙ୍କ କୋଚ୍‌ଭାବେ ଟୋକିଓରେ ଉପସ୍ଥିତ ଅଛନ୍ତି। ପାଖାପାଖି ୧ ବର୍ଷ ବ୍ୟବଧାନରେ ପ୍ୟାରିସ ଅଲିମ୍ପିକ୍ସ ପରେ ନଦୀମଙ୍କୁ ଭେଟିବାକୁ ଯାଉଛନ୍ତି ନୀରଜ। ପ୍ୟାରିସରେ ନୀରଜଙ୍କୁ ପଛରେ ପକାଇ ନଦୀମ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେଣୁ ଏବେ ନୀରଜଙ୍କ ପାଇଁ ମଧୁପର ପ୍ରତିଶୋଧର ସୁଯୋଗ ରହିଛି। ତେବେ ନଦୀମ ଏବଂ ଡାଇମଣ୍ଡ ଲିଗ୍‌ର ନୂଆ ଚାମ୍ପିୟନ ଜର୍ମାନୀର ଜୁଲିଆନ ୱେବରଙ୍କ ଉପସ୍ଥିତିରେ ଏହା ସହଜ ହେବନାହିଁ ନିଶ୍ଚିତ। ପିଟର୍ସଙ୍କ ପରି କେନିୟାର ୨୦୧୫ ୱାର୍ଲ୍ଡ ଚାମ୍ପିୟନ ଜୁଲିଅସ ୟେଗୋ, ୨୦୧୨ ଅଲିମ୍ପିକ୍ ଚାମ୍ପିୟନ ତ୍ରିନିଦାଦ ଆଣ୍ଡ ଟବାଗୋର କେସହୋମ ୱାଲକଟ, ଭେଟେରାନ ଭାଡଲେଚ୍ ଏବଂ ଗତ ମାସରେ ୯୧ ମିଟର ଥ୍ରୋ କରିଥିବା ବ୍ରାଜିଲର ଲୁଇଜ୍ ଡା ସିଲ୍‌ଭା ମଧ୍ୟରେ ଆହ୍ୱାନରେ ଦେଖିବାକୁ ମିଳିବ। ପୁରୁଷ ଜାଭେଲିନ୍ ଥ୍ରୋର ଯୋଗ୍ୟତା ପର୍ଯ୍ୟାୟ ଆସନ୍ତା ୧୭ ତାରିଖରେ ହେବ।

ଫର୍ମ ଦୃଷ୍ଟିରୁ ଚଳିତ ସିଜନରେ ୩ ଥର ୯୦ ମିଟରରୁ ଊର୍ଦ୍ଧ୍ୱ

**ଆଜିଠୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

ଦୂରତା ଥ୍ରୋ କରି ସାରିଥିବା ୱେବର ଫେଭରାଇଟ ରହିବେ। ଅନ୍ୟପକ୍ଷରେ ଗତ ମେ'ରେ ଦୋହା ଡାଇମଣ୍ଡ ଲିଗ୍‌ରେ ନୀରଜ ଯଦିଓ ୯୦ ମିଟର ଅତିକ୍ରମ କରିଛନ୍ତି ତେବେ ସିଜନରେ ତାଙ୍କର ଅନ୍ୟ ଥ୍ରୋଗୁଡ଼ିକ ନିରାଶାଜନକ ରହିଛି। ୨ଟି ପ୍ରତିଯୋଗିତାରେ ସେ ୮୫ ମିଟରରୁ ଅଧିକ ଥ୍ରୋ କରିପାରି ନାହାନ୍ତି। ଅନ୍ୟ ୨ଟିରେ ୮୫ ମିଟରରୁ ସାମାନ୍ୟ ଅଧିକ ଥ୍ରୋ କରିଥିବାବେଳେ ଅନ୍ୟ ଏକ ଇଭେଣ୍ଟରେ ୮୬ ମିଟରରୁ ଊର୍ଦ୍ଧ୍ୱ ପକାଇବାକୁ ସକ୍ଷମ ହୋଇଛନ୍ତି। ଚଳିତ ସିଜନରେ ତାଙ୍କର ଦ୍ୱିତୀୟ ସର୍ବାଧିକ ଥ୍ରୋ ହେଉଛି ୮୮.୧୬ ମିଟର। ଭାରତର ଅନ୍ୟ ୩ ଜଣ ସଚିନ ଯାଦବ, ଯଶବୀର ସିଂ ଓ ରୋହିତ ଯାଦବ ମଧ୍ୟ ପୁରୁଷ ଜାଭେଲିନ୍ ଥ୍ରୋରେ ଭାଗ ପରୀକ୍ଷା କରିବେ।

ଏହା ବ୍ୟତୀତ ଅନୁ ରାଣୀ (ମହିଳା ଜାଭେଲିନ୍ ଥ୍ରୋ), ପାରୁଲ ଚୌଧାରୀ (ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍), ମୁରଲୀ ଶ୍ରୀଶଙ୍କର (ପୁରୁଷ ଲଙ୍ଗଜମ୍ପ), ଗୁଲବୀର ସିଂ (ପୁରୁଷ ୫୦୦୦ ମିଟର) ଓ ପ୍ରବୀଣ ଚିତ୍ରାଭେଲ (ପୁରୁଷ ଟ୍ରିପଲ ଜମ୍ପ) ଫାଇନାଲ ରାଉଣ୍ଡରେ ପହଞ୍ଚିବା ଆଶା ରହିଛି। ସେହିପରି ଜାତୀୟ ରେକର୍ଡଧାରୀ ଅନିମେଶ କୁଜୁର ପୁରୁଷ ୨୦୦ ମିଟର ଏବଂ ତେଜାସ ଶୀର୍ସେ ପୁରୁଷ ୧୧୦ ମିଟର ହର୍ଡଲ୍ସରେ ଭାଗନେବେ। ତେବେ ଏ ଦୁହେଁ କେତେଦୂର ଅଗ୍ରଗତି କରିପାରୁଛନ୍ତି ତା' ଉପରେ ନଜର ରହିବ। ଭାରତର ଆହ୍ୱାନ ଶନିବାର ପୁରୁଷ ଓ ମହିଳା ୩୫ କିଲୋମିଟର ଚାଲିରୁ ଆରମ୍ଭ ହେବ। ପୁରୁଷ ବିଭାଗରେ ରାମ ବାବୁ ଓ ସନ୍ଦୀପ କୁମାର ଏବଂ ମହିଳା ଇଭେଣ୍ଟରେ ପ୍ରିୟଙ୍କା ଗୋସ୍ୱାମୀ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିଦିନ ପୂଜା ୧୫୦୦ ମିଟର ହିଟ୍ ରେସ୍‌ରେ ଭାଗନେବେ।

# ଭାରତୀୟ ରଗ୍‌ବୀ ଦଳରେ ଓଡ଼ିଶାରୁ ୪

**ଭୁବନେଶ୍ୱର, ୧୨।୯ (ତପନ ସ୍ୱାଇଁ)**

ଏସିଆ ରଗ୍‌ବୀ ଏମିରେଟ୍ସ ମହିଳା ସେଭେନ୍ସ ସିରିଜ-୨୦୨୫ ଚଳିତ ମାସ ୨୦ ଓ ୨୧ ତାରିଖରେ ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ଭାରତୀୟ ଦଳରେ ଓଡ଼ିଶାର ୪ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୁମୁନି ମାର୍ଣ୍ଡି, ନିର୍ମାଲ୍ୟା ରାଉତ, ମାମା ନାଏକ ଓ ସନ୍ଧ୍ୟା ଟୁଡୁ। ନିକଟ ଅତୀତରେ ଭାରତୀୟ ଦଳରେ ଓଡ଼ିଶା ରଗ୍‌ବୀ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରି ଆସିଛନ୍ତି। ଆଗାମୀ ଟୁର୍ନାମେଣ୍ଟରେ ମଧ୍ୟ ଓଡ଼ିଶାର ଏହି ୪ ଖେଳାଳି ପ୍ରଦର୍ଶନର ଛାପ ଛାଡ଼ିବେ ବୋଲି ଆଶା କରାଯାଉଛି।


ଭାରତୀୟ ଦଳରେ ମନୋନୀତ ଓଡ଼ିଶାର ୪ ଖେଳାଳି।

## କିଟ୍‌ରେ ସିବିଏସ୍‌ଇ ବାଳିକା ହକି ଉଦ୍‌ଘାଟିତ



ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଅଚ୍ୟୁତ ସାମନ୍ତ ।

**ଭୁବନେଶ୍ୱର, ୧୨।୯ (ତପନ ସ୍ୱାଇଁ)**


କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଦିଲୀପ ତିର୍କୀ ହକି ଷ୍ଟାଡିୟମରେ ଶୁକ୍ରବାର ସିବିଏସ୍‌ଇ ଜାତୀୟ ହକି ଚାମ୍ପିୟନଶିପ୍ (ମହିଳା) ଉଦ୍‌ଘାଟିତ ହୋଇଛି। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଆନୁକୂଲ୍ୟରେ ହେଉଥିବା ଏହି ପ୍ରତିଯୋଗିତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ମୋଟ ୨୬ଟି ଦଳର ୪୪୦ରୁ ଊର୍ଦ୍ଧ୍ୱ ଆଥଲେଟ୍, କୋଚ୍, ମ୍ୟାନେଜର ଓ ଅଫିସିଆଲ୍ସ ଯୋଗ ଦେଇଛନ୍ତି। ୧୪ ଓ ୧୭ ବର୍ଷରୁ କମ୍ ବର୍ଗରେ ୯ଟି ଲେଖାଏ ଏବଂ ୧୯ ବର୍ଷରୁ କମ୍ ବର୍ଗରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଅଲିମ୍ପିଆନ ତଥା ନିକଟରେ ଏସିଆ କପ୍ ହକି ଚାମ୍ପିୟନ ଦଳର ସଦସ୍ୟ ଅମିତ ରୋହିଦାସ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ସିବିଏସ୍‌ଇ ପର୍ଯ୍ୟବେକ୍ଷକ ଭୀମ୍ ସିଂ ତ୍ୟାଗୀ ଓ ରିଣ୍ଟୋ ଟି.କେ., କିଟ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଏବଂ କିଟ୍ ଇଣ୍ଟରନ୍ୟାଶନାଲର ପ୍ରିନ୍ସିପାଲ ସଞ୍ଜୟ ସୁଆର ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅମିତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ଆହାନ: କ୍ୱାଲିଫାୟରରୁ ଚାମ୍ପିୟନ

**ଭୁବନେଶ୍ୱର, ୧୨।୯ (ତପନ ସ୍ୱାଇଁ)**

**ବେଙ୍ଗାଲୁରୁ ଏଆଇଟିଏ ଟେନିସ**

ବେଙ୍ଗାଲୁରୁରେ ଅନୁଷ୍ଠିତ ୧ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ଚାମ୍ପିୟନଶିପ୍‌ରେ ଓଡ଼ିଶାର ଆହାନ ଡବଲ ଟାଇଟଲ ହାସଲ କରିଛନ୍ତି। ରାଜ୍ୟର ଏହି ପ୍ରତିଭା ସମ୍ପନ୍ନ ଖେଳାଳି ଉଭୟ ମହିଳା ସିଙ୍ଗଲ୍ସ ଓ ଡବଲ୍ସରେ ଦକ୍ଷତା ଦେଖାଇଛନ୍ତି। ମହିଳା ବିଭାଗରେ ପ୍ରଥମଥର ପାଇଁ ଭାଗ ନେଇଥିବା ଆହାନ ଟୁର୍ନାମେଣ୍ଟରେ ଜଣେ କ୍ୱାଲିଫାୟର ଭାବେ ପ୍ରବେଶ କରିଥିଲେ। ସିଙ୍ଗଲ୍ସର ଫାଇନାଲରେ ସେ କର୍ଣାଟକର ହୃଦୟେଶିଙ୍କୁ ୬-୦, ୬-୦ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ଡବଲ୍ସରେ ସେ ତାମିଲନାଡୁର ସବିତା ଭୁବନେଶ୍ୱରନଙ୍କୁ ପାର୍ଟନର କରି ଫାଇନାଲରେ ଗୁଜରାଟ ଯୋଡ଼ି ରିୟା ଭୁର୍ଜା ଓ ସୌମ୍ୟା ରୋଣ୍ଡେଙ୍କୁ ୭-୫, ୬-୨ ସେଟ୍‌ରେ ହରାଇଛନ୍ତି। ଆହାନଙ୍କର ଏହି ପ୍ରଦର୍ଶନରେ କୋଚ୍ ସନ୍ତୋଷ କୁମାର ମଲିକ ଓ ମେଣ୍ଟର ଚିନ୍ମୟ ପ୍ରଧାନ ଖୁବ୍ ଆନନ୍ଦ ପ୍ରକାଶ କରିଛନ୍ତି। କଠିନ ପରିଶ୍ରମ ଏବଂ ତ୍ୟାଗର ଏହା ଫଳ। ତାଙ୍କ ପ୍ରଦର୍ଶନରେ ଆମେ ଗର୍ବିତ ବୋଲି ଚିନ୍ମୟ କହିଛନ୍ତି। ଆହାନଙ୍କ ପ୍ରତି ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନର ସମର୍ଥନ ରହିଛି। ଦକ୍ଷତା ପ୍ରଦର୍ଶନ କରି ଆହାନ ଏବେ ଟେନିସକୁ କ୍ୟାରିୟର କରିବାକୁ ଚାହୁଁଥିବା ଯୁବ ପ୍ରତିଭାଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।


ବେଙ୍ଗାଲୁରୁ ଏଆଇଟିଏ ଟେନିସ୍ ଟୁର୍ନାମେଣ୍ଟ ଟ୍ରଫି ସହ ଆହାନ।

# ଦକ୍ଷିଣେଶ୍ୱର, ନାଗାଲଙ୍କ ବଳରେ ଭାରତ ଅଗ୍ରଣୀ


ଦକ୍ଷିଣେଶ୍ୱର ସୁରେଶ

**ବିଲ୍ (ସୁଇଜରଲାଣ୍ଡ), ୧୨।୯ (ପି.ଟି.)**

ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଡେଭିସ୍ କପ୍ ବିଶ୍ୱ ଗ୍ରୁପ୍-୧ ମୁକାବିଲାରେ ଦକ୍ଷିଣେଶ୍ୱର ସୁରେଶ ଓ ସୁମିତ ନାଗାଲ ଚମତ୍କାର ପ୍ରଦର୍ଶନ କରି ସୁଇଜରଲାଣ୍ଡ ବିପକ୍ଷରେ ଭାରତକୁ ୨-୦ରେ ଅଗ୍ରଣୀ କରିଛନ୍ତି। ଦକ୍ଷିଣେଶ୍ୱର ତାଙ୍କଠାରୁ ଉଚ୍ଚ ର୍‍ୟାଙ୍କପ୍ରାପ୍ତ ଜେରୋମି କିମ୍‌ଙ୍କୁ ୭-୬ (୪), ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ଆର୍ଯ୍ୟନ ଶାହାଙ୍କୁ ବାହାରେ ରଖି କ୍ୟାପ୍‌ଟେନ ରୋହିତ ରାଜପାଲ ରିଜର୍ଭ ଖେଳାଳି ଦକ୍ଷିଣେଶ୍ୱରଙ୍କ ଉପରେ ଅଧିକ ଆସ୍ଥା ଦେଖାଇଥିଲେ। ଚେନ୍ନାଇର ଏହି ଡେଙ୍ଗା ଖେଳାଳି ନିରାଶ ନ କରି ୧୫୫ତମ ର୍‍ୟାଙ୍କ୍‌ରେ ଥିବା କିମ୍‌ଙ୍କୁ ହରାଇ ଦେଇଛନ୍ତି। ଏଟିପି ର୍‍ୟାଙ୍କିଙ୍ଗ୍‌ରେ ଦକ୍ଷିଣେଶ୍ୱର ବର୍ତ୍ତମାନ ୬୨୬ତମ ସ୍ଥାନରେ ଅଛନ୍ତି। ଅନ୍ୟପକ୍ଷରେ ନାଗାଲ ବିଜୟ ସହ ଡେଭିସ କପ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗତବର୍ଷ ଟପ୍ ୧୦୦

**ଡେଭିସ୍ କପ୍ ବିଶ୍ୱ ଗ୍ରୁପ୍-୧ ଟେନିସ**

ମଧ୍ୟରେ ରହିଥିବା ନାଗାଲ ଦ୍ୱିତୀୟ ସିଙ୍ଗଲ୍ସରେ ମାକ୍ର-ଆନ୍ଦ୍ରିଆ ହୁସ୍ଲେରଙ୍କୁ ୬-୩, ୭-୬ (୪)ରେ ପରାସ୍ତ କରିଛନ୍ତି। ଏଥିସହ ୟୁରୋପ ମାଟିରେ ଭାରତ ଏକ ସ୍ମରଣୀୟ ଡେଭିସ୍ କପ୍ ମୁକାବିଲା ବିଜୟର ଦ୍ୱାରରେ ପହଞ୍ଚି ଯାଇଛି। ଶନିବାର ହେବାକୁଥିବା ୩ ମୁକାବିଲା ମଧ୍ୟରୁ ଅତିକମ୍‌ରେ ଗୋଟିଏରେ ବିଜୟୀ ହେଲେ ଭାରତ ବାଜି ମାରିବ। ରିଭର୍ସ ସିଙ୍ଗଲ୍ସ ପୂର୍ବରୁ ଡବଲ୍ସରେ ଭାରତର ଏନ. ଶ୍ରୀରାମ ବାଲାଜୀ ଓ ରିତଭିକ ବୋଲିପାଲ୍ଲୀ ଯୋଡ଼ି ବିପକ୍ଷ ଜାକୁବ ପଲ୍ ଓ ଡୋମିନିକ ଷ୍ଟ୍ରିକରଙ୍କୁ ଭେଟିବେ।

# ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗ ସେମିରେ

**ହଂକଂ, ୧୨।୯ (ପି.ଟି.)**

ହଂକଂ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତର ଲକ୍ଷ୍ୟ ସେନ୍ ଏବଂ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ସେମାନଙ୍କ ଭଲ ପ୍ରଦର୍ଶନ ଜାରି ରଖି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେନ୍ ଏକ ସଂଘର୍ଷପୂର୍ଣ୍ଣ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ନିଜ ଦେଶର ଆୟୁଷଙ୍କୁ ୨୧-୧୬, ୧୭-୨୧, ୨୧-୧୩ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୬ ମିନିଟ ଧରି ଚାଲିଥିଲା। ଭାରତର ଉଦୀୟମାନ ଖେଳାଳି ଆୟୁଷ ଗୁରୁବାର ଏକ ୩ ଗେମ୍ ବିଶିଷ୍ଟ ମୁକାବିଲାରେ ୨୦୧୩ ବିଶ୍ୱଚାମ୍ପିୟନଶିପ୍ ରୌପ୍ୟ ବିଜେତା କୋଡାଇ ନାରାଓକାଙ୍କୁ ପରାସ୍ତ କରି ଟୁର୍ନାମେଣ୍ଟରେ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ପୂର୍ବରୁ ଭାରତର ପୁରୁଷ ଡବଲ୍ସ ଯୋଡ଼ି କ୍ୱାର୍ଟରଫାଇନାଲରେ ମାଲେସିଆର ଆରିଫ ଜୁନେଦ ଓ ରୟ କିଙ୍ଗ୍ ୟାପ୍‌ଙ୍କୁ ୨୧-୧୪, ୨୦-୨୨, ୨୧-୧୬ରେ ହରାଇ ଦେଇଥିଲେ।

# ବାଦ୍ ପଡ଼ିଲେ ୱେଲ୍‌ଟେଜି

**ଲାଉସାନେ, ୧୨।୯ (ଏପି)**

ଇଥିଓପିଆର ମିଡଲ ଡିଷ୍ଟାନ୍ସ ଧାବିକା ଡିର୍ବି ୱେଲ୍‌ଟେଜି ୱାର୍ଲ୍ଡ ଟ୍ରାକ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣରୁ ବଞ୍ଚିତ ହୋଇଛନ୍ତି। ଏକ ଡ୍ରଗ୍ ଟେଷ୍ଟକୁ ଏଡାଇ ସେ ଏକ ଆଇନଗତ ସମସ୍ୟାରେ ଫସିଯାଇଥିବାରୁ ତାଙ୍କୁ ଏହି ଦଶା ଭୋଗିବାକୁ ପଡ଼ିଛି। ୨୦୨୩ରେ ଅନୁଷ୍ଠିତ ଗତ ବିଶ୍ୱ ଚାମ୍ପିୟନଶିପ୍‌ର ୧,୫୦୦ ମିଟର ଦୌଡ଼ରେ ୱେଲ୍‌ଟେଜି ରୌପ୍ୟ ପଦକ ହାସଲ କରିଥିଲେ। ଶନିବାର ସେ ୧,୫୦୦ ମିଟର ହିଟ୍‌ରେ ଭାଗ ନେଇଥାନ୍ତେ, ମାତ୍ର କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍) ଦ୍ୱାରା ସେ ଅଯୋଗ୍ୟ ଘୋଷିତ ହୋଇଛନ୍ତି। 'କାସ' କହିଛି ଗତ ମେ ମାସରେ ଏକ ଡୋପିଙ୍ଗ ଟେଷ୍ଟ ପାଇଁ ନମୁନା ସଂଗ୍ରହ ବେଳେ ୱେଲ୍‌ଟେଜି କୌଣସି ଯଥାର୍ଥ କାରଣ ନ ଦର୍ଶାଇ ଡୋପ୍ ଟେଷ୍ଟ ପାଇଁ ସାମ୍ପଲ ଦେବାକୁ ମନା କରି ଦେଇଥିଲେ।




# ଓଡ଼ିଶା ମହିଳା ଦଳ ବିଜୟୀ


ଦ୍ୱିତୀୟ ଦିବସରେ ଶୁକ୍ରବାର ମହିଳା ବିଭାଗରେ ଅନୁଷ୍ଠିତ ଏକ ମ୍ୟାଚ୍। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

**ପୁରୀ, ୧୨।୯ (ଅଜିତ୍ କୁମାର ମହାନ୍ତି)**

**ତୃତୀୟ ସର୍ବଭାରତୀୟ ଟି୧୦ ଟେନିସ୍ ବଲ କ୍ରିକେଟ**

ଟି୧୦ ଟେନିସ୍ ବଲ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ (ଟିବିସିଏଆଇ) ଆନୁକୂଲ୍ୟରେ ଓଡ଼ିଶା ଟି୧୦ ଟେନିସ କ୍ରିକେଟ୍ ଆସୋସିଏସନ ଏବଂ ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ଗୁରୁବାରଠାରୁ ତୃତୀୟ ସର୍ବଭାରତୀୟ ଟି୧୦ ଟେନିସ ବଲ କ୍ରିକେଟ ଚାମ୍ପିୟନଶିପ୍ ପେଣ୍ଠକଟା ସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଦ୍ୱିତୀୟ ଦିବସରେ ଓଡ଼ିଶା ମହିଳା ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଚାମ୍ପିୟନଶିପ୍‌ର ପ୍ରଥମ ଦିନର ପଞ୍ଚମ ମ୍ୟାଚ ଓଡିଶା ଏବଂ ସିକିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଓଡିଶା ବିଜୟୀ ହୋଇଥିଲା। ପ୍ରେତିଯୋଗିତାର ଦ୍ୱିତୀୟ ଦିନ ଶୁକ୍ରବାର ଉଭୟ ପୁରୁଷ ଏବଂ ମହିଳା ବିଭାଗର ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମେ ପୁରୁଷ ବିଭାର ୩ ଗୋଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ୍ ତ୍ରିପୁରା ଏବଂ ହିମାଚଳ ପ୍ରଦେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହିମାଚଳ ପ୍ରଦେଶ ୬ ଉଇକେଟ୍‌ରେ ବିଜୟୀ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚ କର୍ନାଟକ ଏବଂ ମଧ୍ୟ ଭାରତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ମ୍ୟାଚ୍‌ରେ ମଧ୍ୟ ଭାରତ ୮ ଉଇକେଟ୍‌ରେ ବିଜୟଲାଭ କରିଥିଲା। ସେହିପରି ତୃତୀୟ ମାଚ୍ ବିହାର ଏବଂ ଛତିଶଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ଛତିଶଗଡ ୬ ଉଇକେଟ୍‌ରେ ବିଜୟୀ ଲାଭ କରିଥିଲା। ପୁରୁଷ ବିଭାଗର ମ୍ୟାଚ୍ ସରିବା ପରେ ଅପରାହ୍ନରେ ମହିଳା ବିଭାଗର ମ୍ୟାଚ୍ ଆରମ୍ଭ ହୋଇଥିଲା। ମହିଳା ବିଭାଗର ପ୍ରଥମ ମ୍ୟାଚ୍ ଉତ୍ତର ପ୍ରଦେଶ ଏବଂ ଗୋଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଉକ୍ତ ମ୍ୟାଚ୍‌ରେ ଗୋଆ ୬ ଉଇକେଟ୍‌ରେ ବିଜୟୀ ଲାଭ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ୍ କର୍ନାଟକ ଏବଂ ବିହାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ନାଟକ ୭ରନ୍ ବିଜୟୀ ଲାଭ କରିଥିଲା। ତୃତୀୟ ମ୍ୟାଚ ଆୟୋଜକ ଓଡିଶା ଦଳ ଏବଂ ଝାଡଖଣ୍ଡ ମଧ୍ୟରେ ଖେଳାଯାଇଥିଲା। ଯେଉଁଥିରେ ଓଡ଼ିଶା ୭ ଉଇକେଟ୍‌ରେ ବିଜୟ ଲାଭ କରିଥିଲା। ଚତୁର୍ଥ ମ୍ୟାଚ୍ ଉତ୍ତର ପ୍ରଦେଶ ଏବଂ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଖେଳାଯାଇଥିବା ବେଳେ ଉତ୍ତର ପ୍ରଦେଶ ୫୧ ରନରେ ବିଜୟୀ ଲାଭ କରିଛି। ସେହିପରି ଖବରଲେଖା ହେବା ବେଳକୁ ପୁରୁଷ ବିଭାଗର ଏଆଇଆଇବି ଝାଡଖଣ୍ଡ ଏବଂ ବିହାର ମଧ୍ୟରେ ମ୍ୟାଚ୍ ଜାରି ରହିଥିଲା। ତେବେ ଲିଗ୍ ମ୍ୟାଚ୍‌ରେ ପ୍ରତ୍ୟେକ ଟିମ୍ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳିବେ। ଲିଗରେ ଭଲ ପ୍ରଦର୍ଶନ କରିଥିବା ଟିମ୍ ପଏଣ୍ଟ ହିସାବରେ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଶନିବାର ପୂର୍ବାହ୍ନରେ ସମସ୍ତ ଲିଗ ମ୍ୟାଚ ଶେଷ ହୋଇ ଅପରାହ୍ନରେ କ୍ୱାର୍ଟର ଫାଇନାଲ ମ୍ୟାଚ ଆରମ୍ଭ ହେବ ବୋଲି ସଂସ୍ଥା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିପରି ୧୪ ତାରିଖ ଦିନ ସନ୍ଧ୍ୟାରେ ଉଭୟ ପୁରୁଷ ଓ ମହିଳା ଫାଇନାଲ ଖେଳାଯିବ। ବିଜେତା, ଉପ ବିଜେତା, ମ୍ୟାନ ଅଫ ଦି ମ୍ୟାଚ, ମ୍ୟାନ ଅଫ ଦି ଟୁର୍ନାମେଣ୍ଟ, ବେଷ୍ଟ ବୋଲର, ବ୍ୟାଟର ଓ ଫିଲଡରଙ୍କୁ ଟ୍ରଫି ସହ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ